ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୮/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 18/2026 Page 14 ₹ 7.00 | SAMBALPUR
www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul
୫୨ଶ ଭାଗ ୧୪୩ ସଂଖ୍ୟା VOLUME 52 ISSUE 143 ମୂଲ୍ୟ₹୭/-

# ଇରାନ୍ ଖୋଲିଲା ହର୍ମୁଜ୍ ଜଳପଥ

## କ୍ରୁଡ୍ ମୂଲ୍ୟରେ ୧୦% ହ୍ରାସ

ଫେବୃଆରୀ ୨୮ରେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍ ପରଠୁ ବନ୍ଦ ଥିବା ବିଶ୍ୱର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଶୁକ୍ରବାର ତେହରାନ୍ ଖୋଲିଦେଇଛି। ଏନେଇ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ସୟେଦ ଅବ୍ବାସ ଆରାଘଚି Xରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ଅସ୍ତ୍ରବିରତି ଅବଧିର ଅବଶିଷ୍ଟ ସମୟ ପର୍ଯ୍ୟନ୍ତ ହର୍ମୁଜ୍‌ରେ ସମସ୍ତ ବ୍ୟବସାୟିକ ଜାହାଜ ସମ୍ପୂର୍ଣ୍ଣ ରୂପେ ଖୋଲାଯାଇଥିବା ଆରାଘଚି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା କରିବାର ଦିନକ ପରେ ତେହରାନ୍ ପକ୍ଷରୁ ଏହି ସକାରାତ୍ମକ ପଦକ୍ଷେପ ନିଆଯାଇଛି। ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ କୂଟନୈତିକ ଉଦ୍ୟମ ଜୋର୍ ଧରିଥିବାବେଳେ ସଦ୍ୟ ଘଟଣାକ୍ରମ ଭୂରାଜନୈତିକ ଉତ୍ତେଜନା ହ୍ରାସ ଦିଗରେ ସହାୟକ ହୋଇଛି। ହର୍ମୁଜ୍ ଖୋଲିବା ଖବର ପ୍ରସାରିତ ହେବା ପରେ ଅଶୋଧିତ ତୈଳ ଦର ୧୦% ହ୍ରାସ ପାଇଛି।



ତେହରାନ୍/ ୱାଶିଂଟନ୍ /ଇସ୍‌ଲାମାବାଦ, ୧୭।୪(ଏ.ପି./ରଏଟର୍ସ)

ମଧ୍ୟପ୍ରାଚ୍ୟ ଯୁଦ୍ଧର ୪୯ ଦିନ ପରେ ବିଶ୍ୱବାସୀଙ୍କୁ ଆଶ୍ୱସ୍ତି କରିବା ଭଳି ଖବର ଆସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଏବଂ ଲେବାନନ୍ ପକ୍ଷରୁ ୧୦ ଦିନିଆ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରାଯାଇଥିବାବେଳେ ତେହରାନ୍ ଆଉ ପାଦେ ଆଗେଇ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ନେଇ ସୂଚନା ଦେଇଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି ସୋସିଆଲ ମିଡିଆରେ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ କରିପାରିବ। ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲୀ ବଳ ଓ ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ମଧ୍ୟରେ ୧୦ ଦିନିଆ ସନ୍ଧି ପାଇଁ ଇସ୍ରାଏଲ୍ ଏବଂ ଲେବାନନ୍ ସହମତି ପ୍ରକାଶ କରିଛନ୍ତି। ତେବେ ଇରାନ୍‌ର ପୋର୍ଟ୍ସ ଆଣ୍ଡ୍ ମାରିଟାଇମ୍ ଅର୍ଗାନାଇଜେଶନ୍ ଘୋଷଣା କରିଥିବା ଜଳପଥ ଦେଇ କମର୍ସିଆଲ ଜାହାଜଗୁଡ଼ିକ ଯାତାୟାତ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହାର କିଛି ସମୟ ପରେ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ମଧ୍ୟ ଏହି ବିଷୟ ଘୋଷଣା କରିଛନ୍ତି। ଇରାନ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ରୂପେ ଖୋଲିବା ନେଇ ଘୋଷଣା କରିଥିବାରୁ ଧନ୍ୟବାଦ ବୋଲି ଉକ୍ତ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି। ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ୍ କହିଛନ୍ତି, ଚଳିତ ସପ୍ତାହର ଶେଷ ଆଡ଼କୁ ଇରାନ୍ ସହ ଶାନ୍ତି ଆଲୋଚନା ହେବା ଉଚିତ। ସେପଟେ ଇସ୍‌ଲାମାବାଦରେ ଆଲୋଚନା ପାଇଁ ପାକିସ୍ତାନ ସରକାର ଓ ସେନା ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା ପରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟରେ ୧୦% ହ୍ରାସ ଘଟିଛି।

ଏହା ପୂର୍ବରୁ ପ୍ୟାରିସ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟେଲ ମାକ୍ରଁ ଓ ବ୍ରିଟେନ୍ ନେତୃତ୍ୱାଧୀନ ରାଷ୍ଟ୍ରଗୁଡ଼ିକର ପ୍ରତିନିଧି ଦଳ ଶୁକ୍ରବାର ହର୍ମୁଜ୍ ପ୍ରଣାଳୀକୁ ଖୋଲିବା ଉପରେ ଜୋର୍ ଦେଇଥିଲେ। ଏଥିରେ ଜର୍ମାନୀ ଚାନ୍‌ସେଲର ଫ୍ରେଡ଼ରିକ୍ ମର୍ଜ ଓ ଇଟାଲୀୟ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟ ସାମିଲ ହୋଇଥିଲେ।

ପ୍ରକାଶ ଯେ, ହର୍ମୁଜ୍ ପ୍ରଣାଳୀ ହେଉଛି ଆରବ ସାଗରରେ ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଗଲ୍ଫ ଅଫ୍ ଓମାନ୍ ସହ ଯୋଡୁଥିବା ଜଳପଥ। ବ୍ୟବସାୟିକ ତଥା ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସାମୁଦ୍ରିକ ପଥ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୨୫ରୁ ୩୦% ତୈଳ ପରିବହନ ହୋଇଥାଏ। ଇସ୍‌ଲାମାବାଦରେ ୨୧ ଘଣ୍ଟିଆ ଶାନ୍ତି ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବାରୁ ହର୍ମୁଜ ପ୍ରଣାଳୀରେ ଆମେରିକା ଓ ଇରାନ୍ ମୁହାଁମୁହିଁ ହୋଇଥିଲେ। ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଆମେରିକାର ସ୍ଥାନୀୟ ସମୟ ସୋମବାର ପୂର୍ବାହ୍ନ ୧୦ଟା (ଇଡିଟି)/ଇରାନୀୟ ସମୟ ୫ଟା ୩୦ରୁ ବଳପ୍ରୟୋଗ ପୂର୍ବକ ଆରବୀୟ ଉପସାଗରୀୟ ଏବଂ ଓମାନ ଉପସାଗରୀୟ ଅଞ୍ଚଳରେ ଥିବା ଇରାନୀୟ ବନ୍ଦରଗୁଡ଼ିକରେ ବ୍ଲକେଡ୍ ଆରମ୍ଭ କରିବା ପରେ ହର୍ମୁଜ୍‌ରେ ଛକାପଞ୍ଝା ଲାଗି ରହିଥିଲା। ଏହି ଅଚଳାବସ୍ଥା ଏବେ ଦୂର ହୋଇଛି।

ଆଜିର ସମ୍ପାଦକୀୟ
ନିର୍ଦ୍ଦେଶରେ ଦ୍ୱନ୍ଦ୍ୱ








ବ୍ୟବସ୍ଥାପିକାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ୨୦୨୯ରୁ ଲାଗୁ କରିବା ପାଇଁ ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ଶୁକ୍ରବାର ଲୋକ ସଭାରେ ନାକଚ ହେବା ପରେ ଏନ୍‌ଡିଏର ମହିଳା ଏମ୍‌ପିମାନେ ବର୍ଷା ସତ୍ତ୍ୱେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

# ଦୁର୍ଘଟଣାରେ କାର୍ ଜଳିଗଲା: ପରିବାରର ୯ ମୃତ

ୟାଦ୍‌ଗିର (କର୍ଣାଟକ),୧୭।୪(ପି.ଟି.)

କର୍ଣାଟକର ସୁରପୁର ତାଲୁକ୍‌ରେ ଶୁକ୍ରବାର ଏକ କାର୍ ଘରୋଇ ବସ୍‌କୁ ମୁହାଁମୁହିଁ ଧକ୍କା ଦେବା ପରେ ଜଳିଯିବାରୁ ସେଥିରେ ଥିବା ଗୋଟିଏ ପରିବାରର ୯ ଜଣ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ଶନ୍ତପୁରା କ୍ରସ୍ ନିକଟରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ମୃତକମାନେ ହେଲେ କ୍ରିଷ୍ଣା ନାୟକ (୫୨), ସ୍ତ୍ରୀ ଅନନ୍ତକଳା(୪୫), ଶରନପ୍ପା(୩୬) ଏବଂ ସ୍ତ୍ରୀ ନିସର୍ଗ(୩୦), ସେମାନଙ୍କ ପିଲା ସିଦ୍ଧାର୍ଥ (୩), ଆଦଭିକ(୫) ଏବଂ ଶ୍ରୀନିଧି (ଦେଢ଼ବର୍ଷ), ଶଶୀକଳା (୩୦) ଓ ତାଙ୍କ ପୁଅ ଚନ୍ଦନ(୮)। ଶଶୀକଳାଙ୍କ ଅନ୍ୟ ଏକ ପୁଅ ବିରାଟ(୧୦) ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାକୁ ଆଧାର କରି ଏସ୍‌ପି ପୃଥ୍ୱିକ୍ ଶଙ୍କର କହିଛନ୍ତି, କାର୍‌ର ଚକ ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ବିପରୀତ ଦିଗରୁ ଆସୁଥିବା ବସ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ କାର୍ ଜଳିଯିବାରୁ ସେଥିରେ ଥିବା ୯ ଜଣଙ୍କର ମୃତ୍ୟୁ ଘଟିଥିଲା। କାର୍‌ରେ ମୋଟ ୧୦ ଜଣ ଯାତ୍ରା କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଛୋଟ ପିଲା। ସମସ୍ତ ଯାତ୍ରୀଙ୍କୁ ୟାଦ୍‌ଗିର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ୯ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏକମାତ୍ର ଜୀବିତ ଥିବା ବିରାଟଙ୍କୁ ସେଠାରେ ଚିକିତ୍ସା କରାଯାଉଛି। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ, ଉଭୟ କାର୍ ଓ ବସ୍ ସମ୍ପୂର୍ଣ୍ଣ ଜଳିଯାଇଥିଲେ। ତେବେ ବସ୍‌ରେ ଥିବା ୨୦ ଜଣ ଯାତ୍ରୀଙ୍କୁ ଠିକ୍ ସମୟରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

# ଖେରାଙ୍କ ଆଗୁଆ ଜାମିନ ଅବଧି ବଢ଼ାଇବା ଆବେଦନ ଖାରଜ

ନୂଆଦିଲ୍ଲୀ,୧୭।୪(ପି.ଟି.)

## ପାସ୍‌ପୋର୍ଟ ବିବାଦ

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ଏକାଧିକ ପାସ୍‌ପୋର୍ଟ ରଖିଥିବା ନେଇ କଂଗ୍ରେସ ନେତା ପଓ୍ୱନ ଖେରା ଅଭିଯୋଗ କରିଥିଲେ। ଏହା ବିରୋଧରେ ଦାଏର ମାମଲାରେ ଏପ୍ରିଲ ୨୦ ପର୍ଯ୍ୟନ୍ତ ଗିରଫଦାରିରୁ ବର୍ତ୍ତିବା ପାଇଁ ଖେରା ଆଗୁଆ ଜାମିନ ଅବଧି ବଢ଼ାଇବା ନିମନ୍ତେ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଉକ୍ତ ମାମଲାରେ ଆଗୁଆ ଜାମିନ ପାଇବା ପାଇଁ ଆସାମର କୌଣସି ଅଦାଲତକୁ ଯିବା ଲାଗି ସୁପ୍ରିମକୋର୍ଟ ଖେରାଙ୍କୁ କହିଛନ୍ତି। ଏହି ଅଦାଲତ ତଥା ତେଲଙ୍ଗାନା ହାଇକୋର୍ଟ ଯଦି କୌଣସି ପ୍ରତିକୂଳ ମନ୍ତବ୍ୟ ଦେଇଥାନ୍ତି, ତେବେ ତାହାକୁ ଦୃଷ୍ଟିରେ ନ ରଖି ସେଠାର ଅଦାଲତ ବିଚାର କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଆସାମ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ରିକିକି ଭୂୟାଁ ଶର୍ମାଙ୍କର ଏକାଧିକ ପାସ୍‌ପୋର୍ଟ ଏବଂ ବିଦେଶରେ ସମ୍ପତ୍ତି ଥିବା ନେଇ ଗତ ୫ ତାରିଖରେ ଖେରା ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ହିମନ୍ତ ବିଶ୍ୱଶର୍ମା ଗତ ୯ ତାରିଖରେ ବିଧାନସଭା ନିର୍ବାଚନ ପାଇଁ ସତ୍ୟପାଠ ଦାଖଲ ବେଳେ ତାହା ଘୋଷଣା କରି ନ ଥିଲେ ବୋଲି ଖେରା କହିଥିଲେ। ଉକ୍ତ ଅଭିଯୋଗକୁ ହିମନ୍ତ ଓ ତାଙ୍କ ସ୍ତ୍ରୀ ମିଥ୍ୟା ଓ ମନଗଢ଼ା କହି ଖଣ୍ଡନ କରିଥିଲେ। ତେଲଙ୍ଗାନା ହାଇକୋର୍ଟ ଖେରାଙ୍କୁ ଗୋଟିଏ ସପ୍ତାହ ଆଗୁଆ ଜାମିନ ପ୍ରଦାନ କରିଥିବାବେଳେ ଗତ ୧୫ରେ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ଆସାମ ସରକାରଙ୍କ ଆବେଦନକୁ ବିଚାରକୁ ନେଇ ଏହା ଉପରେ ସ୍ଥଗିତାଦେଶ ଲଗାଇଥିଲେ।

# ହରିବଂଶ ୩ୟ ଥର ରାଜ୍ୟ ସଭା ଉପାଧ୍ୟକ୍ଷ



ହରିବଂଶ ନାରାୟଣ ସିଂ

ନୂଆଦିଲ୍ଲୀ,୧୭।୪(ପି.ଟି.)

ହରିବଂଶ ନାରାୟଣ ସିଂ ଶୁକ୍ରବାର ତୃତୀୟ ଥର ପାଇଁ ରାଜ୍ୟ ସଭା ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗତ ୯ ତାରିଖରେ ହରିବଂଶଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ରାଜ୍ୟ ସଭାର ଉପାଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ହରିବଂଶଙ୍କୁ ଉପାଧ୍ୟକ୍ଷ ନିର୍ବାଚିତ କରାଇବା ଲାଗି କେନ୍ଦ୍ରମନ୍ତ୍ରୀ ତଥା ଗୃହର ନେତା ଜେ.ପି. ନଡ୍ଡା ପ୍ରସ୍ତାବ ଆଣିଥିଲେ। ହରିବଂଶ ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମ ଥର ପାଇଁ ଜଣେ ମନୋନୀତ ସଦସ୍ୟ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ନବନିର୍ବାଚିତ ଉପାଧ୍ୟକ୍ଷ ହରିବଂଶଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲାବେଳେ ଦଳମତ ନିର୍ବିଶେଷରେ ସବୁ ସଦସ୍ୟ ତାଙ୍କର ତୃତୀୟ ଥର ନିର୍ବାଚନକୁ ନେଇ ଅଭିନନ୍ଦନ ଜଣାଇଛନ୍ତି।

# ରାହୁଲଙ୍କ ବିରୋଧରେ ମାମଲା ନିର୍ଦ୍ଦେଶ

ଲକ୍ଷ୍ନୌ,୧୭।୪

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କର ୨ଟି ନାଗରିକତ୍ୱ ରହିଥିବା ଅଭିଯୋଗ ଉପରେ ତଦନ୍ତ ପାଇଁ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଶୁକ୍ରବାର ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ନିଜେ ଏହାର ତଦନ୍ତ କରିବେ କିମ୍ବା ଏହାକୁ କୌଣସି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପାଖକୁ ପଠାଇବେ। କଂଗ୍ରେସ ନେତାଙ୍କ ବିରୋଧରେ ଏତଲା ଦାଏର ପାଇଁ ଭାଜପା କର୍ମୀ ଏସ୍. ବିଗ୍ନେଶ ଶିଶିର କରିଥିବା ଆବେଦନକୁ ଗତ ଜାନୁଆରୀ ୨୮ରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଖାରଜ କରିଦେବା ପରେ ସେ ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ।



ରାହୁଲ ଗାନ୍ଧୀ

## ହାଇକୋର୍ଟରେ ଦ୍ୱୈତ ନାଗରିକତ୍ୱ ବିବାଦ

ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ସରକାରୀ ଗୋପନୀୟତା ଆଇନ, ବିଦେଶୀ ଆଇନ ଏବଂ ପାସ୍‌ପୋର୍ଟ ଆକ୍ଟର ବ୍ୟବସ୍ଥା ଅନୁଯାୟୀ ରାହୁଲଙ୍କ ବିରୋଧରେ ଏତଲା ଦାଏର କରାଯିବା ସହ ସବିଶେଷ ତଦନ୍ତ ପାଇଁ କର୍ଣାଟକର ଆବେଦନକାରୀ ଅଦାଲତଙ୍କୁ ନିବେଦନ କରିଥିଲେ। ପିଟିଶନରଙ୍କ ଅଭିଯୋଗ ଅନୁଯାୟୀ, ବ୍ରିଟେନ୍ କମ୍ପାନୀ 'ବ୍ୟାକପ୍ସ ଲିମିଟେଡ୍' ସହ ସମ୍ପର୍କିତ ଦସ୍ତାବିଜ୍‌ରେ ରାହୁଲ ନିଜକୁ ବ୍ରିଟେନ୍ ନାଗରିକ ବୋଲି ଘୋଷଣା କରିଥିଲେ। ହାଇକୋର୍ଟ ଆବେଦନକୁ ବିଚାରକୁ ନେଇ ରାଏବରେଲିର କୋତ୍ୱାଲି ଥାନାକୁ ଏତଲା ଦାଏର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆସାମ ଫରେଷ୍ଟ ଅଫିସରେ ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା: ୩୦ ଆହତ

ଗୁଆହାଟୀ,୧୭।୪

ଆସାମ ବନ ବିଭାଗର ଚିରାଙ୍ଗ ଜିଲା ଅନ୍ତର୍ଗତ ରୁନିଖାତା ରେଞ୍ଜ ଅଫିସ୍‌ରେ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିବାରୁ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଜଙ୍ଗଲ ଜମି ଜବରଦଖଲ ଅଭିଯୋଗରେ କେତେଜଣ ସ୍ଥାନୀୟ ଲୋକଙ୍କୁ ବନବିଭାଗ ଅଟକ ରଖିଥିବାରୁ ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରେଞ୍ଜ୍ ଅଫିସ୍‌ରେ ପ୍ରବେଶ କରି ପାଟିତୁଣ୍ଡ କରିବା ସହ ଭଙ୍ଗାରୁଜା କରିଥିଲେ। ଏଥିସହିତ ସେମାନେ କର୍ମଚାରୀଙ୍କ ଆବାସିକ କ୍ୱାର୍ଟର୍ସଗୁଡ଼ିକୁ ଭାଙ୍ଗିବା ସହ ୮ଟି ସରକାରୀ ଗାଡ଼ି ପୋଡ଼ିଦେଇଛନ୍ତି। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିଥିଲେ ମଧ୍ୟ ହିଂସା ଜାରି ରହିଥିଲା। ପୋଲିସ ଅନ୍ୟୂନ ୪ ଜଣ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି।

ଆଦିବାସୀ ସମ୍ପ୍ରଦାୟର କେତେଜଣ ଲୋକ ଭୁଟାନ ସୀମାବର୍ତ୍ତୀ ରିପୁ-ଚିରାଙ୍ଗ ସଂରକ୍ଷିତ ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗରେ ସେମାନଙ୍କୁ ଗୁରୁବାର ଅଟକ ରଖାଯାଇଥିଲା। ଏହାକୁ ନେଇ ଗୁରୁବାର ରାତିରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ଗୁରୁବାର ରାତିରେ ମହିଳାଙ୍କ ସମେତ ସ୍ଥାନୀୟ ଲୋକେ ଫରେଷ୍ଟ ଅଫିସ୍ ଘେରାଉ କରି ଅଟକ ଥିବା ଲୋକମାନଙ୍କୁ ମୁକ୍ତ କରିଦେବାକୁ ଦାବି କରିଥିଲେ। ଜଙ୍ଗଲ ବିଭାଗ ଅଧିକାରୀ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ସକାଳେ ଠେଙ୍ଗାବାଡ଼ି ଧରି ରେଞ୍ଜ ଅଫିସ୍‌ରେ ଆକ୍ରମଣ ଆରମ୍ଭ କରିଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲାଠିଚାଳନା କରିଥିବାବେଳେ ଏହାର ଜବାବରେ ଉତ୍ତ୍ୟକ୍ତ ଲୋକେ ଟେକାମାଡ଼ କରିଥିଲେ। ପୂର୍ବ ରାତିରେ ବନ କର୍ମଚାରୀ ମହିଳାଙ୍କ ସମେତ କେତେଜଣ ସ୍ଥାନୀୟ ଲୋକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।



ରେଞ୍ଜ ଅଫିସ୍ ନିକଟରେ ଏକ ସରକାରୀ ଗାଡ଼ିକୁ ବିକ୍ଷୋଭକାରୀ ଜାଳିଦେଇଛନ୍ତି।

# ପଶ୍ଚିମବଙ୍ଗରେ ଅତିରିକ୍ତ ଭୋଟର ତାଲିକା ଜାରି ହେବ

ନୂଆଦିଲ୍ଲୀ,୧୭।୪

ପଶ୍ଚିମବଙ୍ଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ଯେଉଁ ଭୋଟରଙ୍କ ନାମ କଟିଯାଇଛି, ସେମାନଙ୍କ ନାମ ପୁନର୍ବାର ତାଲିକାରେ ସାମିଲ କରାଯିବା ସହ ସେମାନେ ଭୋଟ ଦେବେ, ଯଦି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆପିଲେଟ୍ ଟ୍ରିବ୍ୟୁନାଲ ଏଥିପାଇଁ ମଞ୍ଜୁରୀ ଦିଅନ୍ତି। ସୁପ୍ରିମକୋର୍ଟ ଗୁରୁବାର ଏହା କହିଛନ୍ତି। ଯଦି ଆପିଲେଟ୍ ଟ୍ରିବ୍ୟୁନାଲ ଆବେଦନକାରୀଙ୍କ ପିଟିଶନ୍‌କୁ ଗ୍ରହଣ କରି ତାଙ୍କ ନାମ ଭୋଟର ତାଲିକାରେ ସାମିଲ କିମ୍ବା କାଟିବା ପାଇଁ ଚୂଡ଼ାନ୍ତ ନିର୍ଦ୍ଦେଶ ଦିଅନ୍ତି, ତେବେ ମତଦାନ ପୂର୍ବରୁ ତାହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଯୋଗ୍ୟ ଭୋଟର ଯେପରି ମତଦାନରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସ୍ୱତନ୍ତ୍ର କ୍ଷମତା ବଳରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲାରେ ଏକ ଅତିରିକ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ କୁହାଯାଇଛି।

# ୟୁରାନିୟମ୍ ହସ୍ତାନ୍ତର ପାଇଁ ଇରାନ ରାଜି: ଟ୍ରମ୍ପ୍

ୱାଶିଂଟନ,୧୭।୪



ଡୋନାଲ୍ଡ ଟ୍ରମ୍ପ୍

ଇରାନ ନିଜ ପାଖରେ ଗଚ୍ଛିତ ରଖିଥିବା ସମୃଦ୍ଧ ୟୁରାନିୟମ୍ ହସ୍ତାନ୍ତର କରିବାକୁ ସହମତ ହୋଇଥିବା ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଉଭୟ ପକ୍ଷ ଡିଲ୍‌ର ଖୁବ୍ ନିକଟତର ହୋଇଛନ୍ତି, ଯାହା ୬ ସପ୍ତାହ ଧରି ଚାଲିଥିବା ଯୁଦ୍ଧର ଅବସାନ ଘଟାଇପାରେ ବୋଲି ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ୨ ଦେଶ ମଧ୍ୟରେ ଜାରି ରହିଥିବା ବୁଝାମଣାରେ ଅଗ୍ରଗତି ଏକ ବଡ଼ ସଫଳତା। ସେମାନେ ଆମକୁ ଆଣବିକ ଉପାଦାନ ପ୍ରଦାନ ପାଇଁ ରାଜି ହୋଇଛନ୍ତି। ଉକ୍ତ ସମୃଦ୍ଧ ୟୁରାନିୟମ ଅଣୁଅସ୍ତ୍ର ନିର୍ମାଣରେ ବ୍ୟବହୃତ ହୋଇପାରିଥାନ୍ତା ବୋଲି ୱାଶିଂଟନ ବିଶ୍ୱାସ କରୁଛି।

ଚଳିତ ସପ୍ତାହାନ୍ତରେ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଅନୁଷ୍ଠିତ ହେବାକୁ ଯାଉଛି। ଟ୍ରମ୍ପ୍ କହିଛନ୍ତି, ଏବେ ଆମର ଇରାନ ସହ ଖୁବ୍ ଭଲ ସମ୍ପର୍କ ହୋଇଛି। ୪ ସପ୍ତାହର ବୋମାମାଡ଼ ଏବଂ ଶକ୍ତିଶାଳୀ ଅବରୋଧ ଯୋଗୁ ଏହା ହୋଇଥିବା ସେ ବିଶ୍ୱାସ କରନ୍ତି ବୋଲି କହିଛନ୍ତି। ଇରାନ ସମସ୍ତ ଆଣବିକ କାର୍ଯ୍ୟକ୍ରମକୁ ୨୦ ବର୍ଷ ବନ୍ଦ ରଖିବା ପାଇଁ ଆମେରିକା ପ୍ରସ୍ତାବ ଦେଇଥିଲା। ଅନ୍ୟପକ୍ଷରେ ତେହରାନ୍ ଆଣବିକ କାର୍ଯ୍ୟକ୍ରମ ୩ରୁ ୫ ବର୍ଷ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ୟୁରାନିୟମ ହସ୍ତାନ୍ତର ପାଇଁ ୱାଶିଂଟନ ତେହରାନ୍‌କୁ କହିଥିବାବେଳେ ଏହା ବଦଳରେ ସମସ୍ତ ଅନ୍ତର୍ଜାତୀୟ କଟକଣା ହଟାଇବାକୁ ଇରାନ ଦାବି କରିଥିଲା।

# ହତ୍ୟା ମାମଲାରେ କଂଗ୍ରେସ ବିଧାୟକଙ୍କୁ ଆଜୀବନ ଜେଲ



ବିନୟ କୁଲକର୍ନୀ

ବେଙ୍ଗାଲୁରୁ,୧୭।୪(ପି.ଟି.)

ଭାଜପା ନେତା ୟୋଗେଶଗୌଡ଼ ଗୌଡାରଙ୍କୁ ହତ୍ୟା ମାମଲାରେ ବେଙ୍ଗାଲୁରୁର ଏକ ଅଦାଲତ ଶୁକ୍ରବାର କଂଗ୍ରେସ ବିଧାୟକ ବିନୟ କୁଲକର୍ନୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ଦୋଷୀସାବ୍ୟସ୍ତ ଅନ୍ୟ ୧୬ ଜଣଙ୍କୁ ମଧ୍ୟ ଆଜୀବନ ଜେଲ ଦଣ୍ଡାଦେଶ ମିଳିଛି। ସ୍ୱତନ୍ତ୍ର କୋର୍ଟ ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ବୁଧବାର ଉକ୍ତ ମାମଲାରେ କୁଲକର୍ନୀ ଓ ଅନ୍ୟମାନଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଓ ହତ୍ୟା ଏବଂ ଆଇପିସିର ଅନ୍ୟାନ୍ୟ ଧାରାରେ ଦୋଷୀସାବ୍ୟସ୍ତ କରିଥିଲେ। ୨୦୧୬ ଜୁନ୍ ୧୫ରେ ଧରୱାଦର ଭାଜପା ଜିଲା ପଞ୍ଚାୟତ ସଦସ୍ୟ ଗୌଡାରଙ୍କୁ ସପ୍ତପୁରସ୍ଥିତ ଏକ ଜିମ୍‌ରେ ସୁପାରି କିଲର ସହାୟତାରେ ହତ୍ୟା କରାଯାଇଥିଲା। ସେତେବେଳେ କୁଲକର୍ନୀ ମନ୍ତ୍ରୀ ଥିଲେ।

# ୨୩% ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା

ନୂଆଦିଲ୍ଲୀ,୧୭।୪(ପି.ଟି.)

## ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୩ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତି ୪ ପ୍ରାର୍ଥୀଙ୍କ ମଧ୍ୟରୁ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବା ସେମାନେ ନାମାଙ୍କନପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରୁ ଏହା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ରହିଥିବା ୧,୪୭୫ ପ୍ରାର୍ଥୀଙ୍କ ମଧ୍ୟରୁ ୩୪୫ ଜଣ(୨୩%)ଙ୍କ ନାମରେ ଆପରାଧିକ ମାମଲା ଥିବାବେଳେ ୨୯୪ ଜଣ (୨୦%)ଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହିଛି। ୧୯ ପ୍ରାର୍ଥୀଙ୍କ ନାମରେ ହତ୍ୟା ମାମଲା ଥିବାବେଳେ ୧୦୫ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା, ୯୮ ଜଣଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ଏବଂ ୬ ପ୍ରାର୍ଥୀଙ୍କ ନାମରେ ବଳାତ୍କାର ମାମଲା ରହିଛି। ଭଜପାର ୧୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୬ ଜଣ (୭୦%)ଙ୍କ ନାମରେ ଆପରାଧିକ ମାମଲା ଥିବା ସେମାନେ ଘୋଷଣା କରିଥିବାବେଳେ ଟିଏମ୍‌ସିର ୬୩ ପ୍ରାର୍ଥୀ (୪୩%), ସିପିଆଇ(ଏମ୍)ର ୪୩ ପ୍ରାର୍ଥୀ (୪୪%) ଏବଂ କଂଗ୍ରେସର ୩୯ ପ୍ରାର୍ଥୀ (୨୬%) ନାମରେ ଅପରାଧ ମାମଲା ରହିଛି। ସେହିପରି ଭାଜପାର ସର୍ବାଧିକ ୬୩% ପ୍ରାର୍ଥୀ, ଟିଏମ୍‌ସିର ୩୨%, ସିପିଆଇ(ଏମ୍)ର ୩୭% ଏବଂ କଂଗ୍ରେସର ୨୨% ପ୍ରାର୍ଥୀଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହିଥିବା ରିପୋର୍ଟରୁ ଜଣାପଡ଼ିଛି।

ପ୍ରଥମ ପର୍ଯ୍ୟାୟର ୩୦୯ ପ୍ରାର୍ଥୀ (୨୧%) କୋଟିପତି ହୋଇଥିବାବେଳେ ସେମାନଙ୍କ ହାରାହାରି ସମ୍ପତ୍ତି ପରିମାଣ୧.୪୩ କୋଟି ଟଙ୍କା। ସମ୍ପତ୍ତି ଦୃଷ୍ଟିରୁ ଦେଖିଲେ ଟିଏମ୍‌ସି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୫.୭୦ କୋଟି ଟଙ୍କା। ଭାଜପା ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨.୫୭ କୋଟି ହୋଇଥିବାବେଳେ କଂଗ୍ରେସର ୨.୦୬ କୋଟି ଏବଂ ସିପିଆଇ(ଏମ୍) ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୯୨.୪୨ ଟଙ୍କା ଥିବା ଏଡିଆର୍ ରିପୋର୍ଟରେ ପ୍ରକାଶ ପାଇଛି।



ଧରିତ୍ରୀ 52 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୮/୨୦୨୬ | Bhubaneswar, Saturday, April 18/2026 | ପୃଷ୍ଠା-୩



ଅନୁଗୋଳ ସହରସ୍ଥିତ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଘାଟନ କରୁଛନ୍ତି।

# ସଂଖ୍ୟା ଅଭାବରୁ ମହିଳା ବିଲ୍ ନାକଚ

## ସପକ୍ଷରେ ୨୯୮, ବିରୋଧରେ ୨୩୦

**ବ୍ୟବସ୍ଥାପିକାରେ ମହିଳାଙ୍କୁ ୨୦୨୯ ମସିହାରୁ ୩୩% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ୨୦୨୩ର ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକ, ୨୦୨୬ ଶୁକ୍ରବାର ଲୋକ ସଭାରେ ନାକଚ ହୋଇଯାଇଛି। ବିଲ୍ ପାରିତ କରିବା ପାଇଁ ଆବଶ୍ୟକ ଦୁଇତୃତୀୟାଂଶ ସମର୍ଥନ ଯୋଗାଡ଼ କରିବାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିଫଳ ହୋଇଛି। ପ୍ରସ୍ତାବିତ ଆଇନକୁ ଗୃହୀତ କରାଇବା ସକାଶେ ୩୨୬ ଏମ୍‌ପିଙ୍କ ସମର୍ଥନ ଜରୁରୀ ଥିଲା। କିନ୍ତୁ ଗୃହରେ ଉପସ୍ଥିତ ଥିବା ୫୨୮ ସଦସ୍ୟଙ୍କ ମଧ୍ୟରୁ ୨୯୮ ଜଣ ବିଲ୍ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ବିରୋଧରେ କଂଗ୍ରେସ ସମେତ ବିପକ୍ଷର ୨୩୦ ସଦସ୍ୟ ମତଦାନ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉକ୍ତ ବିଲ୍‌କୁ ସମ୍ବିଧାନ ବିରୋଧରେ ଏକ ଆକ୍ରମଣ ଦର୍ଶାଇ ଆମେ ଏହାକୁ ହରାଇଦେଇଛୁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଭାଜପା ଏମ୍‌ପିମାନେ ଏହାର ପ୍ରତିବାଦରେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।**

**ନୂଆଦିଲ୍ଲୀ,୧୭।୪(ପି.ଟି)**

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କୁ ୩୩% ପ୍ରତିନିଧିତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ୨୦୨୩ ସେପ୍ଟେମ୍ବରରେ ଏକ ବିଧେୟକ (ମହିଳା ସଂରକ୍ଷଣ ବିଲ୍) ଆଣିଥିଲେ। ସଂସଦର ଉଭୟ ଗୃହରେ ପାରିତ ହେବା ପରେ ତାହା ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ନାମରେ ପରିଚିତ ହେଲା। କିନ୍ତୁ ତାକୁ କାର୍ଯ୍ୟକାରୀ କରାଇବା ପାଇଁ ସେତେବେଳେ ସରକାର ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ୨୦୨୭ରେ ହେବାକୁ ଥିବା ଜନଗଣନା ଆଧାରିତ ତଥ୍ୟକୁ ଭିତ୍ତିକରି ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ପ୍ରକ୍ରିୟା ଶେଷ ହେବା ପରେ ଏହାକୁ କାର୍ଯ୍ୟକାରୀ କରାଇବାକୁ ସ୍ଥିର ହୋଇଥିଲା। ଏହାର ଅଢ଼େଇ ବର୍ଷ ପରେ ଉକ୍ତ ଆଇନରେ ସଂଶୋଧନ ଆଣିବା ପାଇଁ ସରକାର ବଜେଟ ଅଧିବେଶନ ଶେଷରେ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ଉକ୍ତ ଅଧିବେଶନ ଗୁରୁବାର ଆରମ୍ଭ ହୋଇଥିଲା, ଯାହାକି ଶନିବାର ଶେଷ ହେବାକୁ ଯାଉଛି। ଅଧିବେଶନର ପ୍ରଥମ ଦିନରେ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକ ସଭାରେ ୩ଟି ବିଲ୍ ଆଗତ କରିଥିଲେ। ସେଗୁଡ଼ିକ ହେଲା ୧୩୧ତମ ସଂଶୋଧନ ବିଧେୟକ, ସୀମା ପୁନଃ ନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ସଂଶୋଧନ ବିଧେୟକ। ଏହି ୩ ବିଲ୍ ସଂସଦର ଉଭୟ ଗୃହରେ ପାରିତ ହୋଇ ଆଇନରେ ପରିଣତ ହୋଇଥିଲେ ୨୦୧୧ ଜନଗଣନା ଆଧାରରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବା ସହ ମହିଳାଙ୍କୁ ୨୦୨୯ ମସିହାରୁ ୩୩% ସଂରକ୍ଷଣ ମିଳିଥାଆନ୍ତା। କିନ୍ତୁ ବିରୋଧୀ ଦଳଗୁଡ଼ିକ ପୁରୁଣା ତଥ୍ୟ ପରିବର୍ତ୍ତେ ୨୦୨୭ ଜନଗଣନା ଆଧାରରେ ବ୍ୟବସ୍ଥା କରିବାକୁ ଅଡ଼ିବସିଥିଲେ। ଏପରି କି ତାମିଲନାଡୁ, କର୍ଣ୍ଣାଟକ, କେରଳ ଓ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ଦକ୍ଷିଣ ଭାରତୀୟ ରାଜ୍ୟର ସରକାର ଆନୁପାତିକ ହାରରେ ସେମାନଙ୍କ ଆସନ ସଂଖ୍ୟା ହରାଇବେ ବୋଲି ଆଶଙ୍କା କରି ବିଲ୍‌କୁ ଜୋର୍‌ଦାର ବିରୋଧ କରିଥିଲେ। ଲୋକ ସଭାରେ ଏନେଇ ବିତର୍କ ଜାରି ରହିଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ର ନାରୀ ଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରୀ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ୨୦୨୩ର ୧୦୬ତମ ସମ୍ବିଧାନ ସଂଶୋଧନ ଆଇନ ସେକ୍ସନ-୧ର ସବ୍‌ସେକ୍ସନ-୨ ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି କେନ୍ଦ୍ର ସରକାର ୨୦୨୬ ଏପ୍ରିଲ ୧୬ରେ ମହିଳା ସଂରକ୍ଷଣ ଆଇନକୁ ତତ୍କାଳ କାର୍ଯ୍ୟକାରୀ କରିଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ୨୦୨୩ ଆଇନ ଅଧୀନରେ ୨୦୩୪ ମସିହା ପୂର୍ବରୁ ଏହି ସଂରକ୍ଷଣ କାର୍ଯ୍ୟକାରୀ ହୋଇପାରିବ ନାହିଁ। କାରଣ ୨୦୨୩ର ଆଇନ ଅନୁଯାୟୀ, ସଂରକ୍ଷଣ ବ୍ୟବସ୍ଥା ୨୦୨୭ ଜନଗଣନା ଆଧାରରେ କରାଯିବ।

ନିମ୍ନ ସଦନରେ ଶୁକ୍ରବାର ଏହା ଉପରେ ପୁଣି ବିତର୍କ ହେବା ପରେ ରାତିରେ ବିଲ୍ କାଟ୍ ଖାଇଯାଇଛି। ୨୦୨୯ରେ ମହିଳାଙ୍କୁ ୩୩% ସଂରକ୍ଷଣ ପ୍ରଦାନ ପାଇଁ ଡିଲିମିଟେଶନ୍‌କୁ ଆଳ କରାଯିବା ଅନୁଚିତ ବୋଲି ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଲୋକ ସଭାର ମୋଟ ଆସନ ସଂଖ୍ୟା ୫୪୩ ଥିବାବେଳେ ବର୍ତ୍ତମାନ ୩ ଆସନ ଖାଲିପଡ଼ିଥିବାରୁ ଏହା ୫୪୦କୁ ଖସିଛି। ଶୁକ୍ରବାର ରାତିରେ ବିଲ୍ ପାଇଁ ଭୋଟିଂ କରାଯାଇଥିଲା। ମତଦାନ ବେଳେ ୫୨୮ ସଦସ୍ୟ ଉପସ୍ଥିତ ଥିଲେ। ତେଣୁ ବିଲ୍ ପାରିତ କରାଇବା ପାଇଁ ସେମାନଙ୍କ ମଧ୍ୟରୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଅର୍ଥାତ୍ ୩୫୨ ସଦସ୍ୟଙ୍କ ସମର୍ଥନ ଜରୁରୀ ଥିଲା। ବିଲ୍ ସପକ୍ଷରେ ୨୯୮ ଏମ୍‌ପି ଭୋଟ ଦେଇଥିବାବେଳେ ବିରୋଧରେ ୨୩୦ ଜଣ ମତଦାନ କରିଛନ୍ତି। ଫଳରେ ନୂଆ ଓମେନ୍ ରିଜର୍ଭେଶନ୍ ବିଲ୍ ନାକଚ ହୋଇଯାଇଛି। ଏନେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ମହିଳାଙ୍କ କୋଟା ସହ ଡିଲିମିଟେଶନକୁ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ☞ପୃଷ୍ଠା-୫

# ପରିସଂଖ୍ୟାନରେ ସୀମିତ ନ ରହୁ ସାର ବଣ୍ଟନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୪(ସୁନିତ୍ ମିଶ୍ର)**

କ୍ଷୁଦ୍ର ବା ନାମମାତ୍ର ହୁଅନ୍ତୁ ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବା ଦରକାର। ପରିସଂଖ୍ୟାନରେ ସୀମିତ ନ ରହି ଶେଷ ପର୍ଯ୍ୟନ୍ତ ସାର ବଣ୍ଟନ ଉପରେ ଗୁରୁତ୍ୱ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗୀୟ ଅଧିକାରୀ ଓ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଲୋକସେବା ଭବନଠାରେ ଜିଲାପାଳମାନଙ୍କ ସହ ଶୁକ୍ରବାର ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଏବଂ ସୁଷମ ବଣ୍ଟନ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଶେଷ ପର୍ଯ୍ୟନ୍ତ କିପରି ଠିକ୍ ଭାବେ ସାର ବଣ୍ଟନ କରାଯିବ ତାକୁ ସୁନିଶ୍ଚିତ କରାଇବାକୁ ମଧ୍ୟ କହିଛନ୍ତି।

ଏହି ଅବସରରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ରାମଚନ୍ଦ୍ର ଯାଦବ ପ୍ରଥମେ ରାଜ୍ୟର ବିଭିନ୍ନ ଜିଲାରେ ସାରର ଉପଲବ୍ଧତା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଚଳିତ ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ ମେଟ୍ରିକ ଟନ୍ ସାର ଯୋଗାଇଦେବେ। ଏପ୍ରିଲ ପାଇଁ ୭୯,୬୩୦ ମେଟ୍ରିକ ଟନ୍ ସାର ଆବଶ୍ୟକ ଥିବାବେଳେ ଗତ ୧୫ ତାରିଖ ସୁଦ୍ଧା ୩,୬୧,୪୯୦ ମେଟ୍ରିକ ଟନ୍ ସାର ଉପଲବ୍ଧ ରହିଛି। ରାଜ୍ୟରେ ସାର ହୋଲ୍‌ସେଲର ବିକ୍ରେତାମାନଙ୍କ ସଂଖ୍ୟା ୧୦୨୯ ଥିବାବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩ ଅଛି। ବିଭିନ୍ନ ସାର ଯୋଗାଣ କମ୍ପାନୀ ପକ୍ଷରୁ ସାର ଯୋଗାଣ ମଧ୍ୟ ଠିକ୍ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଡିଲର ପଏଣ୍ଟ ଯାଞ୍ଚ କରାଯାଇ ୬ଟି ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ସୂଚନା ଦିଆଯାଇଥିଲା, କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ସିଷ୍ଟମ(ଆଇଏଫ୍‌ଏମ୍‌ଏସ୍) ଆରମ୍ଭ କରାଯାଇଛି। ଏଥିରେ ପ୍ରତ୍ୟେକ ଜିଲାର ଦୈନିକ ସାର ଉପଲବ୍ଧତା ଓ ଆବଣ୍ଟନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି।

ଜିଲାପାଳମାନଙ୍କ ସାଙ୍ଗରେ ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଲୋଚନାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ୧.୭୭ ଲକ୍ଷ ମେଟ୍ରିକ ଟନ୍ ୟୁରିଆ ଓ ୬୦ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଡିଏପି ସାର ମହଜୁଦ ରହିଛି। ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ ସେନେଇ ଜିଲାପାଳମାନେ ସୁନିଶ୍ଚିତ କରିବା ଦରକାର। ଏଥିଲାଗି ୬ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। କଳାବଜାରୀ ଏବଂ ସାର ମହଜୁଦକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କର। ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କ ଦୋକାନ ଉପରେ ସମୟ ସମୟରେ ଯାଞ୍ଚ କରାଯାଉ। ଜିଲାପାଳମାନେ ହଠାତ୍ ଯାଇ ଯାଞ୍ଚ କରିବା ସହ ବେନିୟମ ଭାବେ ସାର ମହଜୁଦକାରୀଙ୍କ ବିରୋଧରେ ମାମଲା କରନ୍ତୁ। ସେମାନଙ୍କ ଲାଇସେନ୍ସ ମଧ୍ୟ ବାତିଲ କରାଯାଉ। ପଡ଼ୋଶୀ ରାଜ୍ୟକୁ ଯେପରି ସାର ଚୋରାଚାଲାଣ ନ ହେବ ସେଥିଲାଗି ପୋଲିସ ଏବଂ କୃଷି ବିଭାଗ ମିଳିତ ଭାବେ ସୀମାନ୍ତ ଅଞ୍ଚଳରେ ଚେକ୍‌ପୋଷ୍ଟ ଉପରେ ନଜର ରଖନ୍ତୁ। ପ୍ରତ୍ୟେକ ସନ୍ଦେହଜନକ ଗାଡ଼ିକୁ ଯାଞ୍ଚ କରାଯାଉ। ☞ପୃଷ୍ଠା-୫

# ସୁବର୍ଣ୍ଣପୁର, ବଲାଙ୍ଗୀରରେ ଶିକ୍ଷାନୁଷ୍ଠାନ ଛୁଟି

## ତାତି ଅସମ୍ଭାଳ

**ସୋନପୁର/ବଲାଙ୍ଗୀର,୧୭।୪ (ମୃତ୍ୟୁଞ୍ଜୟ ଶତପଥୀ/ବୀରେନ୍ଦ୍ର କୁମାର ଝାଙ୍କର)**

ସୁବର୍ଣ୍ଣପୁର, ବଲାଙ୍ଗୀର ଜିଲାରେ ତାତି ଅସମ୍ଭାଳ। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ୧୮ତାରିଖ ଶନିବାରଠାରୁ ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରଠାରୁ ଆରମ୍ଭକରି ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଛୁଟି ରହିବ ବୋଲି ଜିଲାପାଳ ଡ. ସାହୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ପରୀକ୍ଷା ଥିଲେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ସକାଳୁଆ କରିବା ସହ ଆବଶ୍ୟକ ସୁରକ୍ଷା ଓ ପାନୀୟଜଳ ବ୍ୟବସ୍ଥା ସହିତ ସମ୍ପନ୍ନ କରିବାକୁ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ପ୍ରଶାସନିକ ନିଷ୍ପତ୍ତି ଅନୁସାରେ ବଲାଙ୍ଗୀର ଜିଲାର ଅଙ୍ଗନୱାଡି କେନ୍ଦ୍ର, ସମସ୍ତ ସ୍କୁଲ, କଲେଜ ଓ ବୈଷୟିକ ପ୍ରତିଷ୍ଠାନଗୁଡିକୁ ଶନିବାରଠାରୁ ଆସନ୍ତା ୨୧ ତାରିଖ ଯାଏ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ସମସ୍ତ ଶିକ୍ଷାନୁଷ୍ଠାନର ☞ପୃଷ୍ଠା-୫

# ଡାକ୍ତରଙ୍କୁ ସୁରକ୍ଷା ଦେବେ ସିକ୍ୟୁରିଟି ଅଫିସର

**ଭୁବନେଶ୍ୱର,୧୭।୪(ବନ୍ଦନା ସେଠୀ)**

ଡାକ୍ତରଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି ସରକାର। ଏଣିକି ଡାକ୍ତରମାନେ ଆଉ ଭୟର ସହିତ ରୋଗୀ ସେବା କରିବେ ନାହିଁ। ଡାକ୍ତରଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ଭାବେ ନିୟୋଜିତ ହେବେ ସିକ୍ୟୁରିଟି ଅଫିସର। ଏଥିପାଇଁ ରାଜ୍ୟର ୧୪ଟି ମେଡିକାଲ କଲେଜରେ ଅତିରିକ୍ତ ଏସ୍‌ପି, ଡିଏସପି କିମ୍ବା ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କର ଅଫିସରଙ୍କୁ ନିଯୁକ୍ତି ମିଳିବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଇନ୍‌ସପେକ୍ଟର ର୍‍ୟାଙ୍କର ଅଫିସରଙ୍କୁ ଦାୟିତ୍ୱ ମିଳିବା ସହିତ ସମସ୍ତ ମେଡିକାଲ କଲେଜ କ୍ୟାମ୍ପସରେ ସ୍ୱତନ୍ତ୍ର ପୋଲିସ ଆଉଟ୍‌ପୋଷ୍ଟ ରହିବ। ଏନେଇ ଗତ ୧୨ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ଡାକ୍ତରଙ୍କ ସୁରକ୍ଷା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧିକାରୀମାନଙ୍କୁ

### ■ ମେଡିକାଲ କଲେଜରେ ରହିବ ସ୍ୱତନ୍ତ୍ର ପୋଲିସ ଫାଣ୍ଡି

ପ୍ରତିଷ୍ଠାନଗତ ଏଫ୍‌ଆଇଆର୍ ଦାଖଲ ସମ୍ପର୍କରେ ଏକ ଅନ୍‌ଲାଇନ ତାଲିମ ଅନୁଷ୍ଠିତ ହେବ। ଏଡିଜି (ଆଇନ ଏବଂ ଶୃଙ୍ଖଳା) ଏଥିପାଇଁ ବ୍ୟବସ୍ଥା କରିବେ। ଚିକିତ୍ସା ଅଧିକାରୀଙ୍କ ଏହି ତାଲିମ ଏପ୍ରିଲ ୩୦ ସୁଦ୍ଧା ଶେଷହେବ। ସମସ୍ତ ମେଡିକାଲ କଲେଜରେ ପୋଲିସ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରାଯିବ। ଆଉଟ୍‌ପୋଷ୍ଟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ କୋଠରି ଆବଣ୍ଟନ କରିବେ। ତେବେ ନୂଆ ମେଡିକାଲ କଲେଜଗୁଡ଼ିକରେ ଆଉଟ୍‌ପୋଷ୍ଟ ବ୍ୟବସ୍ଥାକୁ ମାଷ୍ଟର ପ୍ଲାନ୍‌ରେ ଅନ୍ତର୍ଭୁକ୍ତ କରାଯିବ।

ଏହାସହିତ ଭିଭିଆଇପିଙ୍କ ଗସ୍ତ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଆମ୍ବୁଲାନ୍ସର ଆବଶ୍ୟକତା ପାଇଁ ଏକ ପ୍ରୋଟୋକଲ ବିକଶିତ କରାଯିବ। ଏହି ପରିପ୍ରେକ୍ଷୀରେ ଏଡିଜି (ଆଇନ ଏବଂ ଶୃଙ୍ଖଳା)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିରେ ଆଇଜି (ଅଗ୍ନିଶମ ସେବା) ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସଦସ୍ୟ ରହିବେ। ସେମାନେ ଗୋଟିଏ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବେ। ବର୍ତ୍ତମାନ କେବଳ ଭିଭିଆଇପି କାର୍ଯ୍ୟ ପାଇଁ ୧୫ଟି ଆମ୍ବୁଲାନ୍ସ କିଣାଯିବ ଏବଂ ସଂରକ୍ଷିତ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଗୃହ ବିଭାଗର ଅତିରିକ୍ତ ସଚିବ, ପୋଲିସି ଡିଜି, ଅଗ୍ନିଶମ ବାହିନୀ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର କମ୍ ସେକ୍ରେଟାରି, ଅତିରିକ୍ତ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅନେକ ସମୟରେ ଡାକ୍ତର ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅପ୍ରୀତିକାର ପରିସ୍ଥିତି ସୃଷ୍ଟି ହୋଇଥାଏ। ଅନ୍ୟପକ୍ଷରେ କର୍ମକ୍ଷେତ୍ରରେ ନିଜ ସୁରକ୍ଷା ଦାବି କରି ବହୁ ସମୟରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଉଥିବାରୁ ରୋଗୀ ସେବା ବ୍ୟାହତ ହୋଇଥାଏ। ତେଣୁ ଡାକ୍ତରଙ୍କ ସୁରକ୍ଷା ପ୍ରସଙ୍ଗକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇ ଏଭଳି ପଦକ୍ଷେପ ନେଇଛନ୍ତି।

# ଇଣ୍ଡୋନେସିଆରେ ହେଲିକପ୍ଟର ଦୁର୍ଘଟଣା: ୮ ମୃତ

**ଜାକର୍ତ୍ତା,୧୭।୪**

ଇଣ୍ଡୋନେସିଆର ବୋର୍ଣ୍ଣିଓ ଦ୍ୱୀପରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ଏୟାରବସ୍ ଏଚ୍୧୩୦ ହେଲିକପ୍ଟର ଗୁରୁବାର ୱେଷ୍ଟ କାଲିମାଣ୍ଟାନ ପ୍ରଦେଶର ମେଲାୱି ଜିଲାରୁ ଉଡ଼ାଣ ଆରମ୍ଭ କରିବାର ୫ ମିନିଟ୍ ପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଖୋଜାଖୋଜି ପରେ ସେକାଡାଉ ଜିଲାର ଘଞ୍ଚ ଜଙ୍ଗଲ ମଧ୍ୟରୁ ହେଲିକପ୍ଟରର ଭଗ୍ନାବଶେଷ ଏବଂ ୮ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ୬ ଜଣ ଯାତ୍ରୀ ଥିବାବେଳେ ୨ ଜଣ କ୍ରିଉ ସଦସ୍ୟ ଅଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ମାଲେସିଆ ନାଗରିକ ବୋଲି ଜଣାପଡ଼ିଛି।

# ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ'କୁ ଜାତୀୟ ଚଳଚ୍ଚିତ୍ର ସମ୍ମାନ



ଇନ୍‌କା ଆୱାର୍ଡ୍ସ ଉତ୍ସବରେ ଅର୍ଚ୍ଚିତା ସାହୁ ଶ୍ରେଷ୍ଠ ଅଭିନେତ୍ରୀ ଓ ବାବୁସାନ ମହାନ୍ତି ଶ୍ରେଷ୍ଠ ଅଭିନେତା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୧୭।୪(ବନ୍ଦନା ସେଠୀ)**

ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗର୍ବ ଆଣି ଦେଇଛି ଓଡ଼ିଆ ଚଳଚ୍ଚିତ୍ର 'ବୋଉ ବୁଟୁ ଭୂତ'। ମୁମ୍ବାଇରେ ଆୟୋଜିତ ଇନ୍‌କା (ଆଇଏନ୍‌ସିଏ) ଆୱାର୍ଡ୍ସ ଉତ୍ସବରେ ଏହାକୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ୨୦୨୫ରେ ମୁକ୍ତିଲାଭ କରିଥିବା ଦେଶର ଶ୍ରେଷ୍ଠ ୧୦ଟି ଚଳଚ୍ଚିତ୍ର ମଧ୍ୟରୁ 'ବୋଉ ବୁଟୁ ଭୂତ'କୁ ଶ୍ରେଷ୍ଠ ପୁରସ୍କାର ପାଇଁ ବିଚାରକମାନେ ଚୟନ କରିଥିଲେ। ଏଥିସହ ଶ୍ରେଷ୍ଠ ଅଭିନେତା ଭାବେ ଏହି ଚଳଚ୍ଚିତ୍ରର ନାୟକ ବାବୁସାନ ମହାନ୍ତି ଓ ଶ୍ରେଷ୍ଠ ଅଭିନେତ୍ରୀ ନାୟିକା ଅର୍ଚ୍ଚିତା ସାହୁ ମଧ୍ୟ ସମ୍ମାନିତ ହୋଇଛନ୍ତି।

ପ୍ରଡ୍ୟୁସର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଇନ୍‌କା ଉତ୍ସବରେ ବଲିଉଡ୍ ଏବଂ ଟଲିଓଡ଼ର ତାରକାଙ୍କ ମେଳରେ 'ବୋଉ ବୁଟୁ ଭୂତ'କୁ ଏହି ଜାତୀୟ ପୁରସ୍କାର ମିଳିଥିବାରୁ ଓଡ଼ିଶାର ଚଳଚ୍ଚିତ୍ର ଶିଳ୍ପ ପାଇଁ ଆଉଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଫିଲ୍ମର ପ୍ରଯୋଜିକା ତଥା ବାବୁସାନଙ୍କ ସ୍ତ୍ରୀ ତୃପ୍ତି ଶତପଥୀ ଏହି ସମ୍ମାନ ଗ୍ରହଣ କରିବା ସମୟରେ ମଞ୍ଚରେ ବେଶ ଭାବବିହ୍ୱଳ ହୋଇପଡିଥିଲେ। ତୃପ୍ତି କହିଥିଲେ, ଏହା ମୋର ପ୍ରଥମ ଫିଲ୍ମ। ଜଣେ ଗଣିତ ଶିକ୍ଷକ ଆଜି ପ୍ରଯୋଜକ ଭାବେ ପ୍ରଥମଥର ଷ୍ଟେଜ୍‌ରେ ଛିଡା ହୋଇ ପୁରସ୍କାର ଗ୍ରହଣ କରୁଛନ୍ତି। ସ୍ୱାମୀଙ୍କ ପାଇଁ ପ୍ରଯୋଜକ ଭାବେ କାମ କରିବା ☞ପୃଷ୍ଠା-୫

# ୪ ବର୍ଷରେ ଭିତରକନିକା ଲୁଣା ଜଙ୍ଗଲ ୯.୪୩ ବର୍ଗ କି.ମି.ବଢ଼ିଲା

**କେନ୍ଦ୍ରାପଡ଼ା,୧୭।୪(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ଲୁଣା ଜଙ୍ଗଲର ଅଭିବୃଦ୍ଧି ଘଟିଛି। ଗତ ୪ ବର୍ଷମଧ୍ୟରେ ଏଠାରେ ୯.୪୩ ବର୍ଗ କିଲୋମିଟରର ପରିସୀମା ବୃଦ୍ଧି ଘଟିଛି। ଏଥିସହ ପ୍ରାୟ ୧୦୦ ହେକ୍ଟର ଲୁଣା ଜଙ୍ଗଲକୁ ସଫଳତାର ସହ ପୁନରୁଦ୍ଧାର କରାଯାଇଛି ବୋଲି ଏସିଏଫ୍ ମାନସ କୁମାର ଦାଶ କହିଛନ୍ତି। ଏସିଏଫ୍ ଦାଶଙ୍କ ସୂଚନା ଅନୁଯାୟୀ ବିଶ୍ୱତାପନ ଓ ଋତୁଚକ୍ରର ଅନିୟମିତତାରୁ ସମୁଦ୍ରର ଜଳପତନ ବୃଦ୍ଧି ପାଉଛି। ଫଳରେ ତଟବର୍ତ୍ତୀ ଅଞ୍ଚଳ ନଷ୍ଟ ହେଉଛି। ଏହାର ନିରାକରଣ ପାଇଁ ବନ ବିଭାଗ ଲୁଣା ଜଙ୍ଗଲ ବୃଦ୍ଧିକୁ ଗୁରୁତ୍ୱ ଦେଇଛି। ସମୁଦ୍ର ଜୁଆର ପାଣି ଲୁଣା ଜଙ୍ଗଲରେ ପହଞ୍ଚିବା ପାଇଁ ନାଳକୁ ଗଭୀର କରାଯିବା ସହ ସଫେଇ ହେଉଛି। କେତେକ ସ୍ଥାନରେ ଜଙ୍ଗଲ ସୁରକ୍ଷା ପାଇଁ ତାରବାଡ଼ ଦିଆଯାଇଛି। ସେହିପରି ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଅବକ୍ଷୟ ହେଉଥିବା ଅଞ୍ଚଳର ଫିସ୍ ବୋନ ଚ୍ୟାନେଲ ବା ମାଛ କଣ୍ଟା ଆକୃତିରେ ଲୁଣା ଜଙ୍ଗଲ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଅଭିନବ ଉପାୟ ଅବଲମ୍ବନ ପରେ ଭିତରକନିକାର ପ୍ରାୟ ୧୦୦ ହେକ୍ଟର ଜମିରେ ଲୁଣା ଜଙ୍ଗଲର ପନରୁଦ୍ଧାର ହୋଇଛି। ସ୍ଥାନୀୟ ଲୋକଙ୍କ ସହଭାଗିତା ଏଥିରେ ଅଛି। କାମ୍ପା ପାଣ୍ଠି ସହାୟତାରେ ସ୍ଥାନୀୟ ଲୋକ ନର୍ସରି ମାଧ୍ୟମରେ ଚାରା ସୃଷ୍ଟି ଓ ରୋପଣ କରିବା ସହିତ ଜଙ୍ଗଲର ଅଭିବୃଦ୍ଧି ଓ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ରାପଡା ଜିଲା ସର୍ବଦା ସାମୁଦ୍ରିକ ଝଡ, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଲୁଣା ଜଙ୍ଗଲ ତଟାଞ୍ଚଳରେ ସାମୁଦ୍ରିକ ପ୍ରାଚୀର ଭାବେ କାର୍ଯ୍ୟ କରୁଛି। ରାଜ୍ୟର ୫ଟି ଉପକୂଳବର୍ତ୍ତୀ ଜିଲାରେ ବର୍ତ୍ତମାନ ପ୍ରାୟ ☞ପୃଷ୍ଠା-୫

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶତାବ୍ଦୀର କଳାକାର ୫୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ପତ୍ରିକା 'ଅପୂର୍ବା' ପକ୍ଷରୁ ବିଷୁବ ମିଳନ ଏବଂ କବିତା ଆସର, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାଦୀପାଲା ପରିବେଷଣ, ସ୍ଥାନ: ସୁନ୍ଦରାପାଟଣା-ରୁଦ୍ରପୁର ଗ୍ରାମର ମା'ଗେହ୍ଲା ଦେବୀଙ୍କ ପୀଠସ୍ଥଳୀ, ସମୟ: ରାତି ୭ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ମହାନ୍ତି ପାଟଣାସ୍ଥିତ ମା'ବନଦୁର୍ଗାଙ୍କ ପୀଠ ନିକଟ ପାଲା ମଣ୍ଡପ, ସମୟ: ରାତି ୭ଟା।

## କଟକ
- ବିଶ୍ୱବିଦ୍ୟାଳୟରେ ଆଦର୍ଶ ଆଚରଣ ସଂହିତା ଲାଗୁ କରିବା ବିରୋଧରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଜରିଆରେ ଦାବିପତ୍ର ପ୍ରଦାନ, ସ୍ଥାନ: କୁଳପତିଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ପାରାୟଣ ପ୍ରବଚନ ଓ ମହାଯଜ୍ଞ, ସ୍ଥାନ: ତନ୍ତମୁଣ୍ଡିଆ ଜରିପୁଟ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଭାଗବତ ସପ୍ତାହର ତୃତୀୟ ଦିବସ, ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ: ସକାଳ ୬ଟା।
- ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ : ଜହତା ଚଉଦମାଦଳ ପଡ଼ିଆ, ରୂପସା, ସମୟ : ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆସାହି, ମହତିପୁର, ଖଇରା, ସମୟ: ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ସମାପନ ଓ ପ୍ରସାଦ ସେବନ, ସ୍ଥାନ : ସୁଙ୍ଗମୁହଁ ବାସୁଳୀ ମଣ୍ଡପ, ବାଲିଆପାଳ, ସମୟ : ଅପରାହ୍ନ ୧ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ନବମ ସନ୍ଧ୍ୟା, ସ୍ଥାନ : ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ
- ନାରୀଶକ୍ତି ବନ୍ଦନ ଦୌଡ଼, ସ୍ଥାନ: ଅସୁରାଳି, ଧାମନଗର, ସମୟ: ସକାଳ ୭ଟା ୩୦।
- ଗରଡେଇ ପୀଠର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବାଲିଗଡିଆ, ବନ୍ତ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଚବିଶ ପ୍ରହର ଅଖଣ୍ଡ ମହାଯଜ୍ଞ, ସ୍ଥାନ: ବରିଆପାଟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ବିଜେଡିର ୧୨ ଘଣ୍ଟିଆ ହରତାଳ, ସ୍ଥାନ:ପାଲବଣୀ,ହାରଗାଡାହି, ମୁର୍ଗାବାଡି, କୃଷ୍ଣଚନ୍ଦ୍ର ଗୋଲେଇ ଓ ତେନ୍ତୁଳିଡିଙ୍ଗା, ବାରିପଦା,ସମୟ: ସକାଳ ୬ଟା।
- ରସିକରାୟ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ:ମାନଗୋବିନ୍ଦପୁର, ବଡ଼ସାହି ବ୍ଲକ,ସମୟ:ଅପରାହ୍ନ ୧ଟା।
- ଆମେ- ୮୦ପକ୍ଷରୁ ଜଳଛତ୍ର,ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ଭଜନ ସନ୍ଧ୍ୟା ଓ ଫାଇନାଲ ନୃତ୍ୟ ପ୍ରତିଯୋଗିତା, ସ୍ଥାନ:ବୁଢ଼ାବଳଙ୍ଗ,ଚିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମ ସ୍ଥଳ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଏମଜିଏନଆରଜିଏସ ଓ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ: ସାନଖେମୁଣ୍ଡି ପଞ୍ଚାୟତ ସମିତି ସଭାଗୃହ, ସାନଖେମୁଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ବାର୍ଷିକୋତ୍ସବ, ସ୍ଥାନ: ନିୟନ୍ତ୍ରିତ ବଜାର କମିଟି ସଭାଗୃହ, ସମୟ: ସକାଳ ୧୦ ଟା ।

## ଢେଙ୍କାନାଳ
- ଜିଲାସ୍ତରୀୟ ସିଏମ୍ ଟ୍ରଫି ଉଦ୍‌ଘାଟନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମହିମା ବହିମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ରଥକୁ ସ୍ୱାଗତ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ଜଗନ୍ନାଥ ଓ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାହାଡ଼ାସୁନ୍ଦୀରୀ ମନ୍ଦିର ପରିସର, ନୂଆଗାଁ, ଡେରାବିଶ, ସମୟ: ସକାଳ ୬ଟା।
- ଗିରିଗୋବର୍ଦ୍ଧନଧାରୀ ଯାଦବ ସଂଘ ପକ୍ଷରୁ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜିଗରଣ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା ।
- ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଜଳଛତ୍ର, ସ୍ଥାନ: ଚାନ୍ଦୋଳ ବଜାର, ଡେରାବିଶ, ସମୟ: ସକାଳ ୭ଟା ।
- ଫକୀରାବାଦର ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।
- ଜମ୍ବୁ ଦ୍ୱୀପ ମହୋତ୍ସବ, ସ୍ଥାନ: ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।
- ମା' ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା ।

## ଯାଜପୁର
- ବୈଶାଖ ମାସ ଶନିଶ୍ଚର ମେଳା ଆରମ୍ଭ, ସ୍ଥାନ: ବ୍ୟାସନଗର ଝାଟିଆସାହି ଓ ରାଛିପୁର ଶନିଦେବ ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାବନୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମଚରିତ ମାନସର ୪ର୍ଥ ଦିନ, ସ୍ଥାନ: ବ୍ୟାସନଗର ଗୋଶାଳା ମହତାବନଗର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ୫ମ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ଭୋର ୫ଟା୩୦ରୁ ରାତ୍ର ୧୧।
- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ନୟାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ବିଦୁର ବେହେରା ପାଟରା, ସମୟ:ସକାଳ ୮ଟା ।
- ନୀଳମାଧବ ମହାବିଦ୍ୟାଳୟର ପ୍ରତିଷ୍ଠାତା ସତ୍ୟ ସୁନ୍ଦର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୯ଟା ।
- ରାତ୍ରକାଳିନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା ବାପୁଜୀ ବିଦ୍ୟାଳୟ ଖେଳପଡିଆ, ସମୟ:ସନ୍ଧ୍ୟା ୭ଟା ।

## ନବରଙ୍ଗପୁର
- ପିଲାମାନଙ୍କ ପାଇଁ ଗୋଟିଏ ଦିନ, ଟାସ୍କ ଫୋର୍ସ ବୈଠକ, ସ୍ଥାନ:ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ : ସକାଳ ୯ଟା।
- ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ, ସ୍ଥାନ: ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ନବରଙ୍ଗପୁର, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଚାଷୀ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆତ୍ମା କାର୍ଯ୍ୟାଳୟ କାଳିଆକାଦ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ପକ୍ଷରୁ ନାରୀ ଶକ୍ତିବନ୍ଦନ ଦୌଡ, ସ୍ଥାନ: ଜିଲାସ୍କୁଲ ପରିସର, ସମୟ: ସକାଳ ୬ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୪ଟା।
- ବୁଢ଼ାରଜା ଭକ୍ତଙ୍କ ପକ୍ଷରୁ ୧୬ପ୍ରହରୀ ନାମଯଜ୍ଞରେ ବୈଠକୀ, ସ୍ଥାନ: ବୁଢ଼ାରଜା ରାମଗଡପଡା, ସମୟ: ଅପରାହ୍ନ ୫ଟା।
- ସାଓଲିନ କୁଂଫୁ ଉସୁ ଏସୋସିଏଶନ ପକ୍ଷରୁ ଗ୍ରୀଷ୍ମକାଳୀନ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ : ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ସିଏମ୍ ଟ୍ରଫିର ଫାଇନାଲ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ନାଟକର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ସରୋବର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଇବାବା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଓଏସ୍‌ଆର୍‌ଟିସି କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଅବସରରେ ଅଙ୍କୁରାରୋପଣ,
- ସ୍ଥାନ: ମନ୍ଦିର ପରିସର, କଲେଜ ରୋଡ୍, ବରଗଡ଼, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି
- ଗ୍ରୀଷ୍ମପ୍ରବାହ ଉପରେ ଜରୁରିକାଳୀନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପର୍ଶୁରାମ ଜୟନ୍ତୀ ଶୋଭାଯାତ୍ରା ପାଇଁ ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଶରଧାପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶରଧାପୁର ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।

## ଦେବଗଡ଼
- ଜଗନ୍ନାଥଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାରକୋଟ ବ୍ଲକ୍ ଓଉଁରା ଗ୍ରାମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଦେବଗଡ଼ କଲେକ୍ଟରେଟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ନୂଆପଡ଼ା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡା ଶନିଶ୍ୱର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ବାନର ସେନା ସାମାଜିକ ଅନୁଷ୍ଠାନ ପକ୍ଷରୁ ଗ୍ରାମ ଉଦୟ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ, ସମୟ: ସକାଳ ୮ଟାରୁ ଅପରାହ୍ନ ୪ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ଅପରାହ୍ନ ୪ଟା ୧୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ଡୁଆଝର (ସାଲେପଡ଼ା), ସମୟ: ସକାଳ ୯ଟା।

## ଝାରସୁଗୁଡ଼ା
- ଝାରସୁଗୁଡା :ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ କାର୍ଯ୍ୟକ୍ରମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ,ସ୍ଥାନ: ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍‌ଏପି ଖେଳପଡ଼ିଆ, ସମୟ: ସକାଳ ୮ଟା।

# ପିଲାଦିନର ବାନ୍ଧବୀଙ୍କୁ ବିବାହ କରିଛନ୍ତି ଜୁବିନ୍

ମୁମ୍ବାଇ: ଜଣାଶୁଣା ଗାୟକ ଜୁବିନ୍ ନୌଟିୟାଲ ବିବାହ କରିଛନ୍ତି। କେବଳ ପରିବାର ଓ ହାତ ଗଣତି ନିକଟ ସମ୍ପର୍କୀୟ ସେହି ବିବାହ ଉତ୍ସବରେ ସାମିଲ ଥିଲେ। ଏହି ପ୍ରସଙ୍ଗ ଉପରୁ ନିଜେ ପରଦା ଉଠାଇଛନ୍ତି ଜୁବିନଙ୍କ ପିତା ରାମଶରଣ ନୌଟିୟାଲ। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରରୁ ଏକଥା ସାମ୍ନାକୁ ଆସିଛି। ନିଜର ସୁମଧୁର ସ୍ୱର ପାଇଁ ଚର୍ଚ୍ଚିତ ଗାୟକ ଜୁବିନ୍ କିନ୍ତୁ ନିଜ ବ୍ୟକ୍ତିଗତ ଜୀବନକୁ ସବୁବେଳେ ଲାଇମ୍‌ଲାଇଟ୍‌ରୁ ଦୂରେଇ ରଖିବାକୁ ପସନ୍ଦ କରିଥାନ୍ତି। ମାତ୍ର ତାଙ୍କ ବିବାହକୁ ନେଇ ଏବେ ସବୁଠି ଚର୍ଚ୍ଚା। ସୂଚନାଅନୁସାରେ ଜୁବିନ୍ ନିଜ ପିଲାଦିନର ବାନ୍ଧବୀଙ୍କୁ ବିବାହ କରିଛନ୍ତି। ନିଜ ହୋମଟାଉନ୍ ଡେରାଡୁନ୍‌ରେ ସମ୍ପୂର୍ଣ୍ଣ ପାରମ୍ପରିକ ଶୈଳୀରେ ଅନୁଷ୍ଠିତ ଏହି



ବିବାହ ସମାରୋହରେ ପରିବାର ଓ ନିକଟତର ସମ୍ପର୍କୀୟଙ୍କ ଯୋଗ ଦେଇଥିଲେ। ଜୁବିନ ନିଜ ଜୀବନସାଥୀଙ୍କୁ ଗଣମାଧ୍ୟମର ନଜରରୁ ଦୂରେଇ ରଖିବାକୁ ଚାହୁଁଛନ୍ତି। ଗତ ଭାଲେଣ୍ଟାଇନ୍ସ ଡେ' ଅବସରରେ ସେ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ନିଜ ବାନ୍ଧବୀଙ୍କର ଏକ ଝଲକ ଦେଖାଇଥିଲେ। ସେବେଠାରୁ ପ୍ରଶଂସକମାନେ ତାଙ୍କ ସମ୍ପର୍କକୁ ନେଇ କଳ୍ପନାଜଳ୍ପନା କରୁଥିଲେ। ବର୍ତ୍ତମାନ ସୁଦ୍ଧା ଜୁବିନ୍ ନୌଟିଆଲ ଏପ୍ରସଙ୍ଗରେ ମୁହଁ ଖୋଲିନାହାନ୍ତି। ମାତ୍ର ଏପ୍ରସଙ୍ଗକୁ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକା ପଚାରଇ ବେକାରେ**
**ତୁ କୋଉ ମଣିଷରେ ଲେଖାରେ ?**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ିମା ଦେଖାଇ ବସିଲେ ପରିହାସ ର ପାତ୍ର ହେବାକୁ ପଡିଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠେଙ୍ଗାଠେଙ୍ଗି, ହାତାହାତି, ଗୋଡ଼ାଗୋଡ଼ି**
**କେଉଁଠିକି ସିଏ ପାରେନା ବୋଲି**
**ନାଁ ତା'ର କୋକିଶିଆଳି।**

କୋକିଶିଆଳି ସାଧାରଣତଃ ଡରକୁଳା ଜୀବ ଭାବେ ଜଣାଯାଉଥିବାବେଳେ ତା'ଠାରେ ଶିକାର କରିବାର ମନୋବୃତ୍ତି କମ୍ ରହିଥାଏ। ଠିକ୍ ସେହିପରି ନିହାତି ସରଳ, ସାଧାରଣ ଏବଂ ଅପାରଗ ଲୋକଙ୍କର ଚରିତ୍ର ଏହିଭଳି ହୋଇଥାଏ। ସେମାନେ ସର୍ବଦା ଛନ୍ଦକପଟ ତଥା କଳହଠାରୁ ଦୂରେଇ ରହୁଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୪ ମାଓବାଦୀ ନିହତ

- **ମୃତକଙ୍କ ମଧ୍ୟରେ ସବ୍‌ଜୋନାଲ କମାଣ୍ଡର ଓ ଜଣେ ମହିଳା ମାଓବାଦୀ**
- **୨ ମାଓବାଦୀଙ୍କ ପରିଚୟ ଅସ୍ପଷ୍ଟ**

ବଣାଇଁ,୧୭।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ବଳିବାଠାରେ ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗତ ବୁଧବାରଠାରୁ ଗୁଳି ବିନିମୟ ଚାଲିଥିବା ବେଳେ ଉଭୟ ରାଜ୍ୟର ସୀମାନ୍ତରେ ହାଇଆଲର୍ଟ ଜାରି କରାଯାଇଛି । ଏହି କ୍ରମରେ ଝାଡ଼ଖଣ୍ଡ ରାଜ୍ୟର ଚତରା ଓ ହଜାରିବାଗ ଜିଲା ସୀମାରେ ଶୁକ୍ରବାର ସୁରକ୍ଷା ବଳ ଓ ସିପିଆଇ ମାଓବାଦୀ ସଙ୍ଗଠନର ସଦସ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୪ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଥିବା ସବ୍‌ଜୋନାଲ କମାଣ୍ଡର ସହଦେବ ମହତୋ ଓ ଜଣେ ମହିଳା ମାଓବାଦୀ ନତାଶା ରହିଥିବା ଜଣାପଡ଼ିଛି। ୨ ଜଣଙ୍କ ପରିଚୟ ଅସ୍ପଷ୍ଟ ରହିଛି। ମୁକାବିଲା ପରେ ସୁରକ୍ଷା ବଳଙ୍କ ଦ୍ୱାରା ଅଞ୍ଚଳରେ ସର୍ଚ୍ଚ ଅଭିଯାନ ଚାଲିଥିଲା। ଘଟଣାସ୍ଥଳରୁ ୪ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି। ସେଠାରୁ ୨ଟି ଏକେ-୪୭ ରାଇଫଲ, ବହୁ ପରିମାଣର ଜୀବନ୍ତ ଗୁଳି, ମାଓବାଦୀ ସାହିତ୍ୟ ଓ ଦୈନିକ ବ୍ୟବହାରର ସାମଗ୍ରୀ ଜବତ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନ ପୋଲିସ ଓ କୋବ୍ରା ବାଟାଲିୟନର ମିଳିତ ଅଭିଯାନରେ ହୋଇଥିଲା। ଏହି ମୁକାବିଲା ସକାଳେ ଚତରା ଜିଲାର ପିପରୱାର ଥାନା ଅଞ୍ଚଳ ଅନ୍ତର୍ଗତ 'ବଟୁକା' ଘନଜଙ୍ଗଲରେ ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ, ମାଓବାଦୀଙ୍କ ଏକ ବଡ଼ ଦଳ ଏହି ଅଞ୍ଚଳରେ କୌଣସି ବଡ଼ ଘଟଣା କରିବା ପାଇଁ ଯୋଜନା କରୁଥିଲେ। ଯାହାକୁ ଆଧାର କରି ପୋଲିସ ଓ କୋବ୍ରା ବାଟାଲିୟନ ଘେରାବନ୍ଦୀ ଅଭିଯାନ ଆରମ୍ଭ କରିଥିଲେ। ମାଓବାଦୀମାନେ ଏହା ଜାଣିପାରି ପୋଲିସ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ, ଯାହାର ଜବାବରେ ସୁରକ୍ଷା ବଳ ମଧ୍ୟ ଗୁଳି ଚଳାଇଥିଲା। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଗୋଟିଏ ଘଣ୍ଟା ଧରି ଗୁଳିବର୍ଷା ଚାଲିଥିଲା।

ପୋଲିସ ସୂତ୍ର ଅନୁସାରେ, ସହଦେବ ମହତୋ ଦୀର୍ଘ ସମୟ ଧରି ଚତରା, ହଜାରିବାଗ ଓ ଲାତେହାର ଯାହା ବିହାର ସୀମାଞ୍ଚଳରେ ସକ୍ରିୟ ରହି ଆସୁଥିଲେ। ଚତରା ଏସ୍‌ପି ସୁମିତ କୁମାର ଅଗ୍ରୱାଲ ୪ ମାଓବାଦୀଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମୃତକମାନଙ୍କ ନାମ ଓ ପରିଚୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଅଧିକାରିକ ଭାବେ ଘୋଷଣା କରାଯିବ।

# ୩୦ ସୁଦ୍ଧା ନଦୀବନ୍ଧ ସ୍ଥିତାବସ୍ଥା ଜଣାଅ

**ବିଭାଗୀୟ ଅଧିକାରୀଙ୍କୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୧୭।୪ (ରବିନାରାୟଣ ଜେନା)

ଚଳିତବର୍ଷ ମୌସୁମୀ ପୂର୍ବରୁ ରାଜ୍ୟର ସମସ୍ତ ନଦୀବନ୍ଧଗୁଡ଼ିକର ସ୍ଥିତାବସ୍ଥା କିଭଳି ରହିଛି ସେନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କଠାରୁ ରିପୋର୍ଟ ଲୋଡ଼ାଯାଇଛି। ଏ ସଂକ୍ରାନ୍ତରେ ଏପ୍ରିଲ ୧୫ରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେ ଦର୍ଶାଇଛନ୍ତି, ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟରେ କେଉଁସବୁ ନଦୀବନ୍ଧ ଦୁର୍ବଳ ରହିଛି ତା'ର ରିପୋର୍ଟ ଏପ୍ରିଲ ୩୦ ସୁଦ୍ଧା ଜଣାଇବାକୁ ହେବ। ଏଥିପାଇଁ କେଉଁ ଅଧିକାରୀ କେତେ ପ୍ରତିଶତ ନିଜେ ତଦାରଖ କରିବେ ତାହା ମଧ୍ୟ ସେ ନିର୍ଦ୍ଦେଶନାମାରେ ଟିକିନିଖି ଭାବେ ଉଲ୍ଲେଖ କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ସର୍କୁଲାରରେ ସୁପରିଣ୍ଟେଣ୍ଡେଣ୍ଟ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କହିଛନ୍ତି, ସ୍ଥାନୀୟ ଜିଲାପାଳ, ଉପଜିଲାପାଳ, ଏସ୍‌ପି, ବିଡିଓ ଏବଂ ତହସିଲଦାରଙ୍କ ସହିତ ସମନ୍ୱୟ ରକ୍ଷାକରି ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବାକୁ ହେବ। କେଉଁଦିନ ମିଳିତ ଅନୁଧ୍ୟାନ ହେବ ତା'ର ରିପୋର୍ଟ ସରକାରଙ୍କୁ ଅବଗତ କରାଇବାକୁ ପଡ଼ିବ। ଏହାସହିତ ତଦାରଖ ସମୟରେ ସ୍ଥାନୀୟ ଆର୍‌ଆଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମପଞ୍ଚାୟତ ସେକ୍ରେଟାରୀଙ୍କୁ ମଧ୍ୟ ସାଙ୍ଗରେ ନେବାକୁ ହେବ। ଏହି କାର୍ଯ୍ୟ ସୁପରିଣ୍ଟେଣ୍ଡେଣ୍ଟ ଏବଂ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନେ ନିଜ ନିଜ ସ୍ତରରେ ଅନୁଧ୍ୟାନ କରିବେ। ତେବେ ତଦାରଖ ସମୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ୫୦ ପ୍ରତିଶତ କାର୍ଯ୍ୟ ଦେଖିବେ ଏବଂ ମୁଖ୍ୟଯନ୍ତ୍ରୀ ୨୫ ପ୍ରତିଶତ କାର୍ଯ୍ୟ ନିଜେ ଦେଖିବା ପାଇଁ ସର୍ବୋଚ୍ଚ ଯନ୍ତ୍ରୀ ସର୍କୁଲାରରେ କହିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁ ସ୍ଥାନକୁ ଗାଡ଼ି ଯିବାର ସୁବିଧା ନ ଥିବ ସେଠାକୁ ଦୁଇଚକିଆ କିମ୍ବା ପାଦରେ ଚାଲି କରି ଅନୁଧ୍ୟାନ କରି ୧୦୦ ପ୍ରତିଶତ ତଦାରଖ କରି ରିପୋର୍ଟ ଦେବାକୁ ହେବ। ମେ' ୫ ତାରିଖ ସୁଦ୍ଧା ନିର୍ଦ୍ଦିଷ୍ଟ ଫର୍ମାଟରେ ସର୍ବୋଚ୍ଚ ଯନ୍ତ୍ରୀ, ଏଚ୍‌ଏଚ୍, ଜିଆଇଏସ୍ ଏବଂ ସିଇଏମ୍‌ଙ୍କ ଦ୍ୱାରା କାଉଣ୍ଟର ଦସ୍ତଖତ କରାଇ ରିପୋର୍ଟ ଦେବାକୁ ସର୍ବୋଚ୍ଚଯନ୍ତ୍ରୀ ସାଗର ପତ୍ରରେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ରର ଯାତ୍ରା ସୁଗମ, ବନ୍ଧୁପ୍ରୀତି, ଭ୍ରାତୃସ୍ନେହ ଲାଭପୂର୍ବକ କାର୍ଯ୍ୟ ହାସଲରୁ ଖୁସି ରହିବେ। ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ଚେଷ୍ଟା କରୁଥିବା କାମ ହାସଲର ସୁଯୋଗ ପ୍ରାପ୍ତ ହେବ। ଆଶା କରୁଥିବା ଦିଗରୁ ଅର୍ଥ ମିଳିବ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ନିଜ ଲୋକଙ୍କ ପ୍ରତିରୋଧ ବ୍ୟବସାୟକୁ ବିଶୃଙ୍ଖଳିତ କରିବ।

**ବୃଷ** କୃତ୍ତିକା ନକ୍ଷତ୍ରାଧିପ ରବି ଉଚ୍ଚ ରାଶିରେ ଅବସ୍ଥାନ କରିଥିବାରୁ ନିର୍ଭୀକତାର ସହ ପ୍ରତ୍ୟେକ କାର୍ଯ୍ୟରେ ଅଗ୍ରଣୀ ରହିବେ। ତଥାପି ଚତୁର୍ଥଭାବସ୍ଥ କେତୁଙ୍କ କୁପ୍ରଭାବରୁ ପରିବାରରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। କୃଷି, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପ୍, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସୁଫଳ ମିଳିବ।

**ମିଥୁନ** ମୃଗଶିରା ରାଶ୍ୟାଧିପତି କର୍ମସ୍ଥାନରେ ଅବସ୍ଥାନ କରି ଚାକିରି ଅଫର୍ ସହ ବୈଷୟିକ ଅଭିବୃଦ୍ଧି କରିପାରନ୍ତି। ବୃହସ୍ପତିଙ୍କ ସୁପ୍ରଭାବରୁ ପାରିବାରିକ ଏବଂ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସ୍ୱସ୍ଥାନ ହନ୍ତା ବୃହସ୍ପତିଙ୍କ ପ୍ରଭାବରୁ ଦୈହିକ ସୁସ୍ଥତା ଆଜି ବିଶେଷ ଭଲ ରହି ନ ପାରେ।

**କର୍କଟ** କର୍ମସ୍ଥାନରେ ରବି ଏବଂ ଶୁକ୍ର କର୍ମକ୍ଷେତ୍ର ଏବଂ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବ। ସହକର୍ମୀମାନଙ୍କ ସହାୟତାରେ କର୍ମପ୍ରବାହକୁ ଆଗକୁ ନେଇପାରନ୍ତି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରା ସନ୍ତୋଷଜନକ ରହିବ। ତଥାପି କେତେକ ଅପୂରଣୀୟ ଆଶା ମନକୁ ବ୍ୟଥିତ କାରିବାର ସୂଚନା ମଧ୍ୟ ରହିଛି।

**ସିଂହ** ଆଜି ପୂର୍ବାଫାଲଗୁନୀ ନକ୍ଷତ୍ର ସକାଶେ ଭୁଲ୍ ବୁଝାମଣାଜନିତ ପାରିବାରିକ ଶାନ୍ତି ଭଗ୍ନ ହେବ। କାମ ବିଳମ୍ବରେ ଆରମ୍ଭ କରି ଶୀଘ୍ର ସାରିବା କାରଣରୁ ସନ୍ଦେହରେ ପଡିପାରନ୍ତି। ଆର୍ଥିକ ଅନଟନ ସାଙ୍ଗକୁ କର୍ମକ୍ଷେତ୍ରରେ ବ୍ୟତିକ୍ରମରୁ ଶାନ୍ତି ବ୍ୟାହତ ହେବ। ସରକାରୀ ସ୍ତରରେ ଥିବା ସମସ୍ୟା ସମାଧାନ ଦିଗରେ ସଫଳ ହେବେ।

**କନ୍ୟା** ଆଜି ହସ୍ତା ନକ୍ଷତ୍ରର ସ୍ୱାସ୍ଥ୍ୟ ନିରାମୟ ରହିବା ସାଙ୍ଗକୁ ଅର୍ଥ ସମ୍ପଦ, ବିଳାସ, ସାମଗ୍ରୀ ଓ ମନୋରଞ୍ଜନର ସୁଯୋଗ ପାଇବେ। ନିଜ ସପକ୍ଷରେ ଲଢ଼ିବା ସକାଶେ ଆତ୍ମୀୟସ୍ୱଜନଙ୍କୁ ମନାଇବାର ପ୍ରୟାସ କରିପାରନ୍ତି। ଆଇନ ଓ ଅଦାଲତରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଉଚ୍ଚସ୍ଥ ରବି ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଭାରାକ୍ରାନ୍ତ ମନ ନେଇ କାମ କରିବେ କିନ୍ତୁ ବିଫଳତା ବଦଳରେ ସଫଳତାରୁ ବିସ୍ମୟାନ୍ୱିତ ହେବେ। ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବାରୁ ନୀରବତାକୁ ପ୍ରାଥମିକତା ଦେବେ। ଅସ୍ତଗତ ଶୁକ୍ରଙ୍କ ଯୋଗୁ ଦୈହିକ ଦୁର୍ବଳତା ଦେଖାଦେବ।

**ବିଛା** ଅନୁରାଧା ନକ୍ଷତ୍ରର ଆଜି ଇଚ୍ଛା ଓ ଅଭିଳାଷ ପୂରଣ ହେବାରେ ବିଳମ୍ବ ହେବନାହିଁ। ବିବାଦୀୟ ପରିସ୍ଥିତିରୁ ସହସା ମୁକ୍ତି ମିଳିଯାଇପାରେ । ଅଭାବକୁ ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା ଜାରି ରଖିବା ଠିକ୍ ହେବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ପାଇଁ ବନ୍ଧୁଙ୍କ ପରାମର୍ଶକୁ ପ୍ରାଧାନ୍ୟ ଦେଇପାରନ୍ତି।

**ଧନୁ** ଆନୁଷଙ୍ଗିକ ସାହାଯ୍ୟ ସୁବିଧା ଲାଭକରି ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ବିଜୟୀ ହେବେ। ଦେହ ଭଲ ରହିଲେ ମଧ୍ୟ ରୋଗଯନ୍ତ୍ରଣାରେ କଷ୍ଟ ପାଇବେ। ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧା ହେବ ନାହିଁ। ପ୍ଲଟିଂ କାରବାର, ଆଲୋଚନା, ପ୍ରେସ୍ ଓ ପବ୍ଲିକେଶନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ମକର** ସମସ୍ତ ସୁବିଧା ସୁଯୋଗ ଥିଲେ ମଧ୍ୟ ଶ୍ରବଣା ନକ୍ଷତ୍ର ସକାଶେ କାର୍ଯ୍ୟଶୈଳୀ ବିଶୃଙ୍ଖଳିତ ରହିବ। ଚେଷ୍ଟା କରି ମଧ୍ୟ ଆଶା ପୂରଣ କଷ୍ଟକର ହେବ। ସାମୟିକ ଶାରୀରିକ ଅସୁସ୍ଥତା ହେତୁ ପ୍ରତ୍ୟେକ କାମରେ ପଛୁଆ ରହିବେ। ଅବଶ୍ୟ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବା ସକାଶେ ମନ ବଳାଇ ଖୁସି ହୋଇପାରନ୍ତି।

**କୁମ୍ଭ** ଶତଭିଷା ନକ୍ଷତ୍ର ଆଜି ଯାହା କଲେ ମଧ୍ୟ ବହୁତ ଶ୍ରମ ଓ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁ ଓ ପରିଜନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଆତ୍ମୀୟଙ୍କ ସହଯୋଗରେ ସମସ୍ୟାର କିଛିଟା ପରିବର୍ତ୍ତନ ଘଟିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଚତୁଃଗ୍ରହ ରାଶିରେ ଅବସ୍ଥାନ କରି ଆପଣଙ୍କୁ ସବୁ ପ୍ରକାରର ସୁଖ ସୁବିଧା ପ୍ରଦାନ କରିବେ। ତଥାପି ପୂର୍ବଭାଦ୍ର ନକ୍ଷତ୍ର ସକାଶେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଦିନଟି ଅତିବାହିତ ହେବ। ମନର ଭାବକୁ ଗୋପନରଖି ବନ୍ଧୁଙ୍କ ସହ ଭାବବିନିମୟ କରିବାକୁ ମନସ୍ଥ କରିପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଏପ୍ରିଲ ୧୮ ତାରିଖ, ଶନିବାର, ବିଶ୍ୱ ଐତିହ୍ୟ ଦିବସ, ବୈଶାଖ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା, ଶନିବାର, ରାଶିନକ୍ଷତ୍ର-ଦିବା ଘ.୦୯।୪୨ ମି. ଗତେ ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୧ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୧୨ ମଧ୍ୟେ ରାହୁକାଳ।




# ୟୁଆନ୍‌ରେ ତୈଳ କିଣିଲେ ଭାରତୀୟ ରିଫାଇନର୍ସ

ନୂଆଦିଲ୍ଲୀ/ମୁମ୍ବାଇ,୧୭।୪(ରଏଟର୍ସ)

ଭାରତୀୟ ତୈଳ ବିପଣନ କମ୍ପାନୀଗୁଡ଼ିକ ପୂର୍ବରୁ କ୍ରୁଡ୍ କ୍ରୟ ବେଳେ ଆମେରିକୀୟ ଡଲାରରେ ଅର୍ଥ ପଇଠ କରୁଥିଲେ। କିନ୍ତୁ ଆମେରିକା ପକ୍ଷରୁ ଇରାନୀୟ ତୈଳ କ୍ରୟ କ୍ଷେତ୍ରରେ ପୂର୍ବ କଟକଣାରେ ସାମୟିକ କୋହଳ କରାଯାଇଥିବାବେଳେ ଇରାନୀୟ କ୍ରୁଡ୍ କିଣିବାରେ ରିଫାଇନର୍ସ ଚାଇନା ମୁଦ୍ରା ୟୁଆନ୍ ବ୍ୟବହାର କରୁଛନ୍ତି। ମୁମ୍ବାଇସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ମାଧ୍ୟମରେ ଏହି ଦେୟ ପଇଠ କରାଯାଉଥିବା ରଏଟର୍ସ ସୂତ୍ରରୁ ପ୍ରକାଶ। ଭାରତୀୟ ତୈଳ ବିଶୋଧକଙ୍କ ଏହି ପଦକ୍ଷେପ ଆମେରିକୀୟ ପେଟ୍ରୋଡଲାର ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ।

ଆମେରିକା-ଇରାନ୍ ଯୁଦ୍ଧ ଯୋଗୁ ଫେବୃଆରୀ ୨୮ ପରଠୁ ତୈଳ ଦର ବୃଦ୍ଧି ପାଇଥିଲା। ଗତମାସରେ କ୍ରୁଡ୍ ଅଏଲ୍ ମୂଲ୍ୟ ହ୍ରାସ କରାଇବା ପାଇଁ ରୁଷୀୟ ଓ ଇରାନୀୟ ତୈଳ କ୍ରୟ ଉପରୁ ୱାଶିଂଟନ୍ ୩୦ ଦିନ ଲାଗି କଟକଣା ହଟାଇଥିଲା। ସେହି ସମୟରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସି) ୨ ନିୟୁତ ବ୍ୟାରେଲ ଇରାନୀୟ ତୈଳ କିଣିଥିଲା। ଏହାର ମୂଲ୍ୟ ପ୍ରାୟ ୨୦୦ ନିୟୁତ ଡଲାର ଥିଲା ବୋଲି ରଏଟର୍ସ ପକ୍ଷରୁ ରିପୋର୍ଟ କରାଯାଇଛି। ସେହିପରି ଇରାନୀୟ ତୈଳବାହୀ ୪ ଜାହାଜରୁ କ୍ରୁଡ୍ ନେବା ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌କୁ ମଧ୍ୟ ଭାରତ ଅନୁମତି ଦେଇଥିଲା। ସାଂଘାଇରେ ଥିବା ଆଇସିଆଇସିଆଇ ବ୍ରାଞ୍ଚରେ ଆଇଓସି ଏବଂ ରିଲାଏନ୍ସ ୟୁଆନ୍‌ରେ ଏହି ଦେୟ ପଇଠ କରିଥିବା ଜଣାପଡ଼ିଛି।

# ବେଲୁ ନାହିଁ, ବେଲେଇ ହଉଛନ୍ତି

ଭୁବନେଶ୍ୱର,୧୭।୪(ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ନେଇ କିଛିଦିନ ହେବ ରାଜ୍ୟ ରାଜନୀତିରେ ଅନେକ ବିତର୍କ ଚାଲିଛି। କିଏ ବିଜୁଙ୍କୁ ସିଆଇଏ ଏଜେଣ୍ଟ କହିଲାଣି ତ, ଆଉ କେତେଜଣ ପ୍ରତ୍ୟାଖ୍ୟାତ ନେତା ବିଜୁ ଲିଗାସି ନାଁରେ ମଞ୍ଚ ବାନ୍ଧୁଛନ୍ତି। ମଞ୍ଚ ସୃଷ୍ଟି ଆଳରେ ବିଜୁବାବୁ କେତେଜଣ ନିହିତ ସ୍ୱାର୍ଥ ଗୋଷ୍ଠୀଙ୍କ ପଶାପାଳିର ଗୋଟି ପାଲଟିଲା ଭଳି ଦେଖାଯାଉଛି। ଯେଉଁ କେତେଜଣ ବିଜୁ ଲିଗାସି ନାଁରେ ଅନେକ ବର୍ଷର ବ୍ୟବଧାନ ପରେ କିଛି ଫାଇଦା ପାଇଯିବେ ବୋଲି ଚିନ୍ତା କରିଛନ୍ତି, ସେମାନଙ୍କର ନିଜସ୍ୱ ରାଜନୈତିକ ପରିଚୟର ସଙ୍କଟ ରହିଥିବା ଦୀର୍ଘବର୍ଷ ଭିତରେ ବାରମ୍ବାର ପ୍ରମାଣିତ ହୋଇଛି। ବିଜୁବାବୁଙ୍କ ଜୀବନ୍ତ ଅବସ୍ଥାରେ ସେ ଅନେକ ଅନ୍ତର୍ଘାତିକ ସ୍ଥିତିର ସମ୍ମୁଖୀନ ହୋଇ ନିଜ ରାଜନୈତିକ ଜୀବନରେ ଏକାଧିକ ଥର ଝୁଣ୍ଟିଥିବା ବିଷୟ ବାରମ୍ବାର ଆଲୋଚନା ହୋଇଥାଏ। ସେହି ପୁରୁଣା କଥା ବିଷୟରେ ଜାଣି ନ ଥିବା ଅଧିକାଂଶ ଲୋକଙ୍କୁ ମଞ୍ଚ ଆଗରେ ବସାଇ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଇତିହାସକୁ ବିକୃତ କରି ମିଛ ପ୍ରଚାର ଆରମ୍ଭ କରିଦେଇଛନ୍ତି। ସେହି ଗୋଷ୍ଠୀ ପକ୍ଷରୁ ପରୀକ୍ଷାମୂଳକ ଭାବେ ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରାଇ କେତେଜଣ ନବନିର୍ବାଚିତ ବିଧାୟକଙ୍କୁ ଆଜିର ଡିଜିଟାଲ ଯୁଗରେ ନିନ୍ଦିତ ଓ ଅପମାନିତ କରାଇବାରେ ସଫଳ ମଧ୍ୟ ହୋଇଛନ୍ତି। ସେଥିରେ କେତେଜଣ ନିଜ ଝିଅ ଓ ପୁଅଙ୍କୁ ମଧ୍ୟ ବାଦ୍ ଦେଇନାହାନ୍ତି।

ଏଭଳି ସ୍ଥିତିରେ ଅନେକ ଲୋକ ନିଜ ସାମାଜିକ ଗଣମାଧ୍ୟମ ଜରିଆରେ ଓଡ଼ିଶା ରାଜନୈତିକ ଇତିହାସ ବିଷୟରେ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ, ୧୯୯୫ରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଏକ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ସେହି ମାମଲା ବିଜୁବାବୁଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ବର୍ତ୍ତମାନର ଡିଜିଟାଲ ଯୁଗରେ ସବୁ ତଥ୍ୟ ଉପଲବ୍ଧ ରହିଛି। ବିଜୁବାବୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା କରାଇବା ଲାଗି ତାଙ୍କ ସହଯୋଗୀମାନଙ୍କ ମଧ୍ୟରୁ ଜଣେ, ଦଳର ଭିତିରି ତଥ୍ୟ ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ହାତରେ ଧରାଇ ଦେଇଥିଲେ। ଫଳରେ ଜାନକୀ ସରକାର ଉକ୍ତ ବ୍ୟକ୍ତିଙ୍କୁ ଭୁବନେଶ୍ୱରର ଏକ ମୁଖ୍ୟ ସ୍ଥାନରେ ସେହି ସମୟରେ ପୁରସ୍କାର ସ୍ୱରୂପ ହୋଟେଲ କରିବାକୁ ଅନେକ ଏକର ଜମି ସାଙ୍ଗକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ବିଜୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା କରିଥିବା ବ୍ୟକ୍ତିଙ୍କ ପାଇଁ ହୋଟେଲ ମାଲିକଙ୍କ ମନରେ କେତେ ଶ୍ରଦ୍ଧା ଥିଲା ସେକଥା ମଧ୍ୟ ବିଜୁ ମଞ୍ଚ ଉପରୁ ସେହି ବ୍ୟକ୍ତି ବଖାଣିଛନ୍ତି।

ବିଜୁବାବୁଙ୍କ ମଥାରେ କଳଙ୍କର ଟିକା ଲଗାଇଥିବା ପରିବାର ଭିତରୁ ଏବେ ବିଜୁ ଲିଗାସି କଥା କୁହାଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଛି। ଇତିହାସର ଆଉ ଗୋଟିଏ କଥା ମଧ୍ୟ ଏବେ ବହୁ ଆଲୋଚନା ହେଉଛି। ସେତେବେଳେ ବିଜୁ ନିଜ ଭାବମୂର୍ତ୍ତିକୁ ବାଜି ପକାଇ କଟକ ମଦମୃତ୍ୟୁ ଘଟଣାରେ ଯେଉଁ କେତେଜଣ ନେତାଙ୍କୁ ସୁରକ୍ଷା ଦେଇଥିଲେ, ତାହା ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ପ୍ରଚାରର ସାମଗ୍ରୀ ପାଲଟିଥିଲା। ମାତ୍ର ସୁରକ୍ଷା ପାଇଥିବା ନେତାମାନେ ବିଜୁଙ୍କୁ ପଛରୁ ଛୁରା ମାରିବା ଭଳି କାର୍ଯ୍ୟ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ୧୯୯୫ରେ ରାଜ୍ୟରୁ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାର କ୍ଷମତାଚ୍ୟୁତ ହୋଇଥିଲା। ସେହି ସମୟରେ ବିଜୁଙ୍କ ସରକାରରେ ନିଜକୁ ସୁପର ସିଏମ୍ ବୋଲି ଆତ୍ମପ୍ରଚାର କରୁଥିବା ବ୍ୟକ୍ତି ଏକାଧିକ ବିଧାନସଭା ଆସନରେ ଜନତା ଦଳର ଅସନ୍ତୁଷ୍ଟ


ବିଜୁ ପଟ୍ଟନାୟକ

ନେତାମାନଙ୍କୁ କିଛି ଆର୍ଥିକ ସହାୟତା ଦେଇ ଠିଆ କରାଇ ଦେଇଥିଲେ। ସେହି ବ୍ୟକ୍ତି ବିଜୁଙ୍କ ସରକାରରେ ଗୃହ ବିଭାଗ ଦାୟିତ୍ୱରେ ନ ଥାଇ ମଧ୍ୟ ଜିଲାଗୁଡ଼ିକରେ ଏସ୍‌ପି, ଇନ୍ସପେକ୍ଟରଙ୍କୁ ପୋଷ୍ଟିଂ କରାଇବା ଆଳରେ ବିଜୁଙ୍କ ଟିକେଟ ନେଇ ଲଢୁଥିବା ବିଧାୟକମାନଙ୍କୁ ପୋଲିସ ଆକ୍ରୋଶର ଶିକାର କରାଇଥିଲେ। ବିଜୁଙ୍କୁ ହଟାଇ ନିଜେ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ଏହି ବ୍ୟକ୍ତି ଅଳ୍ପ କେତେଜଣ ବିଧାୟକଙ୍କୁ ହରାଇବାକୁ ଯାଇ ସରକାରକୁ ବିଦା କରିଦେଲେ। ଏକାଧିକ ଆସନରେ ଜନତା ଦଳ ପ୍ରାର୍ଥୀମାନେ ଅଳ୍ପ କିଛି କିଛି ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଫଳରେ ୧୯୯୦ରୁ ୫ ବର୍ଷ ଶାସନ କରିବା ପରେ ରାଜ୍ୟରୁ ବିଜୁ ସରକାର କ୍ଷମତାଚ୍ୟୁତ ହୋଇଥିଲା। ସେହି ସମୟରେ ଯେତେବେଳେ ବିଜୁ ପଟ୍ଟନାୟକ ନିର୍ବାଚନ ପରାଜୟର କାରଣ ପାଇଁ ଅନୁଶୋଚନା କରିବା ଆରମ୍ଭ କଲେ, ଏହାପରେ ସେହି କଥାକୁ ଘୋଡ଼ାଇବାକୁ ଯାଇ ହୋଟେଲ ବ୍ୟବସାୟୀଙ୍କ ସହଯୋଗରେ କଂଗ୍ରେସ ସରକାରକୁ ଭିଜିଲାନ୍ସ ମାମଲା କରାଇବା ପାଇଁ ଯେଉଁସବୁ ତଥ୍ୟ ଆବଶ୍ୟକ ଥିଲା ତାହା ଧରାଇ ଦିଆଗଲା। ସେହି ଭିଜିଲାନ୍ସ ମାମଲା ଯୋଗୁ ବିଜୁ ପଟ୍ଟନାୟକଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ମିଳି ନ ଥିଲା। ତତ୍କାଳୀନ ୟୁନାଇଟେଡ୍ ଫ୍ରଣ୍ଟ ସରକାରରେ ଚାର୍ଜଶିଟ୍ ହୋଇଥିବା କୌଣସି ନେତାଙ୍କୁ ମନ୍ତ୍ରୀ କରା ନ ଯିବା ଲାଗି ନିଷ୍ପତ୍ତି ହୋଇଥିଲା। ସେଥିଲାଗି କେବଳ ବିଜୁ ପଟ୍ଟନାୟକ ନୁହନ୍ତି, ମାଧବରାଓ ସିନ୍ଧିଆ, ଶରଦ ଯାଦବ ପ୍ରମୁଖ ବହୁ ବଡ଼ ବଡ଼ ନେତା ମଧ୍ୟ ମନ୍ତ୍ରୀ ପଦ ପାଇ ନ ଥିଲେ। ଏହାର ପରବର୍ତ୍ତୀ ଅବସ୍ଥାରେ ୧୯୯୭ ଏପ୍ରିଲ ୧୭ରେ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ହୋଇଥିଲା।

ବିଜୁଙ୍କ ଦେହାନ୍ତ ପରେ ଯେତେବେଳେ ବିଜେଡି(ବିଜୁ ଜନତା ଦଳ) ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ହୋଇଥିଲା ସେହି ସମୟରେ, ସେହି କୁଚକ୍ରି ନେତାମାନେ ପୁନର୍ବାର ସକ୍ରିୟ ହୋଇଥିଲେ। ୧୯୯୭ ଡିସେମ୍ବର ୨୬ରେ ଯେତେବେଳେ ବିଜେଡି ଗଠନ ହେଲା, ସେତେବେଳେ ଉକ୍ତ ନେତାମାନେ ଜନତା ଦଳକୁ ଭାଙ୍ଗିବାକୁ ସବୁ କୌଶଳ ଆପଣାଇଥିଲେ। ସେଥିରେ ସଫଳ ମଧ୍ୟ ହୋଇଥିଲେ। ଜନତା ଦଳରୁ ପାଖାପାଖି ୨୯ ଜଣ ବିଧାୟକ ସେହି ସମୟରେ ବିଜେଡିରେ ପ୍ରଥମେ ଯୋଗଦେଲେ। ମାତ୍ର ୧୯୯୮ରେ ଯେତେବେଳେ ବିଜେଡି ଅନଙ୍ଗ ଉଦୟ ସିଂଦେଓଙ୍କୁ ରାଜ୍ୟ ସଭା ପଠାଇବାକୁ ଘୋଷଣା କଲା, ଏହାପରେ ଜନତା ଦଳ ଭାଙ୍ଗିଥିବା ନେତାମାନେ କ୍ରସ୍ ଭୋଟିଂ କରିଥିଲେ। ଯେଉଁଥିପାଇଁ ଅନଙ୍ଗ ଉଦୟଙ୍କୁ ପରାଜୟ ବରଣ କରିବାକୁ ପଡ଼ିଥିଲା। ଯାହା ବୁଦ୍ଧିରେ ଦଳକୁ ରାଜ୍ୟ ସଭା ନିର୍ବାଚନରେ ସେତେବେଳେ ପରାଜୟ ବରଣ କରିବାକୁ ପଡ଼ିଥିଲା ପରବର୍ତ୍ତୀ ସମୟରେ ସେ ବିଜେଡିରୁ ଟିକେଟ ପାଇଲେନି ଏବଂ ବିଦା ହେଲେ। ତାଙ୍କ ପୁଅ ୩୦ ବର୍ଷ ପରେ ସମାନ କାମ ପାଇଁ (ଦଳ ବିରୋଧୀ କାର୍ଯ୍ୟ) ପାଇଁ ନିଲମ୍ବିତ ହୋଇ ନିଜ ପିତାଙ୍କ ସହ ବିଜୁ ଲିଗାସି ମଞ୍ଚରେ ବସିବାର ସୌଭାଗ୍ୟ ପାଇଛନ୍ତି।

# ଟ୍ରକ୍ ଧକ୍କାରେ ଯାତ୍ରା ଅଭିନେତା ଗୁରୁତର

ଭଦ୍ରକ,୧୭।୪(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ନଳାଙ୍ଗ କୋର୍ଟ ଛକ ନିକଟରେ ଶୁକ୍ରବାର ସକାଳେ ଦୁର୍ଘଟଣାରେ ଜଣେ ଯାତ୍ରା କଳାକାର ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ଧଉଳି ଗଣନାଟ୍ୟର ଅଭିନେତା ରୁଦ୍ରନାରାୟଣ ମିଶ୍ର। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ତିହିଡ଼ି ବ୍ଲକର ପୀରହାଟ ନିକଟରେ ଧଉଳି ଗଣନାଟ୍ୟର ଯାତ୍ରା ଚାଲିଛି। ଗୁରୁବାର ରାତିରେ ଯାତ୍ରା ସରିବା ପରେ ଶୁକ୍ରବାର ସକାଳେ ରୁଦ୍ରନାରାୟଣ କାର୍ (ଓଡି ୦୨ ସିୟୁ ୯୮୫୯)ରେ ନିଜ ଘର ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ନିଦ ଆସିବାରୁ ସେ ନଳାଙ୍ଗ କୋର୍ଟ ଛକ ନିକଟରେ ଗାଡ଼ି ସାଇଡ୍ କରି ଶୋଇପଡ଼ିଥିଲେ। ତାଙ୍କ କାର୍ ଛିଡ଼ା ହୋଇଥିବା ବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ପଛପଟୁ ଧକ୍କା ଦେଇଥିଲା। ଖବର ପାଇ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ରୁଦ୍ରଙ୍କୁ ଉଦ୍ଧାର କରି ଭଦ୍ରକ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତାଙ୍କ ହାତ, ବେକ ଓ ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଧକ୍କା ଦେଇଥିବା ଟ୍ରକ୍ ଓ ଚାଳକଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଗ୍ରାମାଞ୍ଚଳ ଥାନାଧିକାରୀ ସୁବ୍ରତ ଦାସ କହିଛନ୍ତି।

# ଖରାପ ଡ୍ରେନେଜ୍, କଲଭର୍ଟ ଅବରୋଧରୁ ଗର୍ତ୍ତ: ଏମ୍‌ସିଏଲ୍

ତାଳଚେର,୧୭।୪(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ହାଣ୍ଡିଧୂଆଁ ଡେରା ରାସ୍ତାରେ ଗତ ୧୫ ତାରିଖରେ ସୃଷ୍ଟି ହୋଇଥିବା ଏକ ଗର୍ତ୍ତ 'ଭୂସ୍ଖଳନ' ଘଟଣା ନୁହେଁ ବୋଲି ଏମ୍‌ସିଏଲ୍ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ଉକ୍ତ ସ୍ଥାନରେ ଖରାପ ଡ୍ରେନେଜ ବ୍ୟବସ୍ଥା ଏବଂ ନିକଟସ୍ଥ କଲଭର୍ଟରେ ଅବରୋଧ କାରଣରୁ ପାଣି ଜମି ରହିବା ଫଳରେ ରାସ୍ତା ତଳ ମାଟି ଧୋଇ ହୋଇଯାଇଥିଲା। ଫଳରେ ରାସ୍ତା ଉପରେ ପ୍ରାୟ ୧ ଫୁଟ ବ୍ୟାସ ଏବଂ ୧ ଫୁଟ ଗଭୀର ଗର୍ତ୍ତ ଦେଖିବାକୁ ମିଳିଥିଲା ବୋଲି ବୈଷୟିକ ଆକଳନରୁ ଜଣାପଡ଼ିଛି। ତଥାପି ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏମ୍‌ସିଏଲ୍ ତୁରନ୍ତ ପଦକ୍ଷେପ ନେଇଥିଲା ଏବଂ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲା। ଉକ୍ତ ସ୍ଥାନ ତଳେ ଥିବା ଭୂଗର୍ଭସ୍ଥ ଖଣିର ଗଭୀରତା ୮୦ ମିଟରରୁ ଅଧିକ, ଯାହା ଭୂପୃଷ୍ଠର ସ୍ଥିରତା ଉପରେ ପ୍ରଭାବ ପକାଇବା ସ୍ତରଠାରୁ ବହୁତ ତଳେ ରହିଛି। ଏହି ଅଞ୍ଚଳର ମାଟି ବା ଭୂସ୍ତର ଦୃଢ଼ ଏବଂ ସ୍ଥିର ଥିବାବେଳେ ସୃଷ୍ଟି ହୋଇଥିବା ଭୂଗର୍ଭସ୍ଥ ଖଣି ଖନନ କାର୍ଯ୍ୟ ସହିତ ଗାତର କୌଣସି ସମ୍ପର୍କ ନାହିଁ ବୋଲି ଏମ୍‌ସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଟିଏ ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

ଠାକୁରମୁଣ୍ଡା,୧୭।୪(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ତାଳପଦା ପଞ୍ଚାୟତର କାଳିଆପୋଷି ଗ୍ରାମରେ ପ୍ରେମ ବ୍ୟାପାରକୁ ନେଇ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପ୍ରେମରେ ବିଫଳହୋଇ ପ୍ରେମୀ ଯୁଗଳ ଗୋଟିଏ ଗଛରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପ୍ରେମିକ ଜଣକ କରଞ୍ଜିଆ ଥାନା ଅଧୀନ କୁଳିପୋଷି ଗ୍ରାମପଞ୍ଚାୟତ ସୁନାପୋଷି ଗ୍ରାମର ଶ୍ରୀଧର ମୁର୍ମୁଙ୍କ ପୁଅ ପଞ୍ଚୁ (୧୯) ହୋଇଥିବାବେଳେ ପ୍ରେମିକା କାଳିଆପୋଷି ଗ୍ରାମର ଜଣେ ୧୫ବର୍ଷୀୟା ନାବାଳିକା ବୋଲି ଜଣାପଡ଼ିଛି।

ପଞ୍ଚୁ ଛୋଟବେଳୁ କାଳିଆପୋଷି ଗ୍ରାମରେ ଥିବା ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଥିଲେ। ସେ ଭଦ୍ରକର ଏକ ମହାବିଦ୍ୟାଳୟରେ +୨ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗୁରୁବାର ସେ ଭଦ୍ରକରୁ କାଳିଆପୋଷି ଆସିଥିଲେ। ନାବାଳିକା ଜଣକ ରାତିରେ ଖାଇସାରି ତାଙ୍କ ବଡ଼ ବାପାଙ୍କ ଘରକୁ ଶୋଇବା ପାଇଁ ଯାଇଥିଲେ। ଶୁକ୍ରବାର ସକାଳେ ଏକ କରଞ୍ଜଗଛରେ ପଞ୍ଚୁ ଓ ଉକ୍ତ ନାବାଳିକାଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ।

ତୃତୀୟ ପୃଷ୍ଠାରୁ...

## ସଂଖ୍ୟା ଅଭାବରୁ...

କୁଟିଳ ଉଦ୍ୟମ ବିଫଳ ହୋଇଛି। ମୋଦି ଓ ଶାହା ଏକ ବିପଜ୍ଜନକ ଡିଲିମିଟେଶନ୍ ପ୍ରସ୍ତାବ ଆଣିଥିଲେ, ଯାହାକୁ ଲୋକ ସଭା ହରାଇଦେଇଛି। ଏହା ଗଣତନ୍ତ୍ର ଓ ସମ୍ବିଧାନର ବିଜୟ ବୋଲି ରାହୁଲ କହିଛନ୍ତି। ସେହିପରି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଏହା ହେଉଛି ଆମ ଗଣତନ୍ତ୍ର, ସମ୍ବିଧାନ ଓ ଫେଡେରାଲିଜମ୍ (ସଂଘୀୟ ରାଷ୍ଟ୍ରବାଦ) ର ବିଜୟ। ବର୍ତ୍ତମାନ ସେମାନେ ୨୦୨୯ ଲୋକ ସଭା ନିର୍ବାଚନରେ ୩୩% ସଂରକ୍ଷଣ ଲାଗୁ କରାଇବା ଉଚିତ। ଏହା ହିଁ ମୋଦି ସରକାରଙ୍କ ପଦକ୍ଷେପ ହେବା ଉଚିତ।

ଅନ୍ୟପକ୍ଷେ ଶାହା କହିଛନ୍ତି, ଟିଏମ୍‌ସି, ଡିଏମ୍‌କେ ଏବଂ ସମାଜବାଦୀ ପାର୍ଟି ମହିଳା ସଂରକ୍ଷଣ ବିଲ୍ ଉପରେ ସମ୍ବିଧାନ ସଂଶୋଧନ କରାଇବାକୁ ଦେଲେନାହିଁ। ବର୍ତ୍ତମାନ ମହିଳାମାନେ ବ୍ୟବସ୍ଥାପିକାରେ ୩୩% ସଂରକ୍ଷଣ ପାଇବେ ନାହିଁ। କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ପୂର୍ବରୁ ମଧ୍ୟ ଏପରି କରିଛନ୍ତି। ସେମାନଙ୍କ ମାନସିକତା ମହିଳା ଓ ଦେଶ ବିରୋଧୀ। ବିରୋଧୀ ଦଳଗୁଡ଼ିକ ମହିଳାଙ୍କ ଅଭିଶାପ ପାଇବେ ବୋଲି ଶାହା କହିଛନ୍ତି। ଇତିମଧ୍ୟରେ ଦେଶବ୍ୟାପୀ ବିକ୍ଷୋଭ କରିବା ପାଇଁ ଏନ୍‌ଡିଏ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ଲାଗି ସଂସଦ ପରିସରରେ ଭାଜପା ଏବଂ ସହଯୋଗୀ ଦଳଗୁଡ଼ିକର ଅନେକ ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଶାହାଙ୍କୁ ଭେଟିବାରେ ଲାଗିଛନ୍ତି।

## ଓଡ଼ିଆ ସିନେମା...

ଆରମ୍ଭ କରିଛି। ଓଡିଶାବାସୀଙ୍କ ଭଲ ପାଇବା ଆଉ ସିନେମା ପ୍ରତି ଥିବା ସେମାନଙ୍କର ବିଶ୍ୱାସ ପାଇଁ ଏହି ସମ୍ମାନ ମିଳିଛି ବୋଲି ତୃପ୍ତି କହିଛନ୍ତି। ଏହି ସମୟରେ ବଲିଉଡ ଫିଲ୍ମ ନିର୍ମାତା କରଣ ଜୋହର ତାଙ୍କ ପାଖରେ ପହଞ୍ଚି ତୃପ୍ତିଙ୍କୁ ସାଧୁବାଦ ଦେବା ସହ ଅଭିନନ୍ଦନ ମଧ୍ୟ ଜଣାଇଥିଲେ। ସେହିପରି ଚଳଚ୍ଚିତ୍ର 'ଅନନ୍ତା'ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ତାଙ୍କ ପୁଅ ନିର୍ଦ୍ଦେଶକ କୁମାର ସି ଦେବ ମହାପାତ୍ରଙ୍କୁ ଶ୍ରେଷ୍ଠ ଓଡ଼ିଆ ସିନେ ନିର୍ଦ୍ଦେଶକ ଭାବେ ସମ୍ମାନିତ କରାଯାଇଥିଲା।

## ୪ ବର୍ଷରେ...

୨୫୯.୦୬ ବର୍ଗ କି.ମି. ପରିମିତ ଲୁଣା ଜଙ୍ଗଲ ଅଛି। ଏଥିମଧ୍ୟରୁ କେବଳ କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନରେ ୨୧୨ ବର୍ଗ କିଲୋମିଟରରୁ ଅଧିକ ଲୁଣା ଜଙ୍ଗଲ ଅଛି। ଏହା ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ଭାବେ ପରିଚୟ ପାଇଥିବା ଏସିଏଫ୍ ଦାଶ ଶୁକ୍ରବାର ସୂଚନା ଦେଇଛନ୍ତି।

## ପରିସଂଖ୍ୟାନରେ ସୀମିତ...

ସବ୍‌ସିଡି ଯୁକ୍ତ ସାର ଚୋରାଚାଲାଣର ଆଶଙ୍କା ଥାଏ। ଜିଲାସ୍ତରୀୟ ଟାସ୍କଫୋର୍ସ ଏହାର ଯାଞ୍ଚ କରନ୍ତୁ। ୬୨୨୯ଟି ପଞ୍ଚାୟତରେ ନିରୀକ୍ଷଣ ସମିତି ଗଠନ କରାଯାଇଛି। ୫୬୫ଟି ପଞ୍ଚାୟତରେ ଏହା ଗଠନ ହୋଇନାହିଁ, ୨ରୁ ୩ ଦିନ ମଧ୍ୟରେ ଏହା କରାଯାଉ। ୧୫ ଲକ୍ଷ ଚାଷୀ ଡିଜିଟାଲ ମୋଡ୍‌ରେ ପଞ୍ଜୀକରଣ କରିଛନ୍ତି। ସମସ୍ତ ୪୪ ଲକ୍ଷ ଚାଷୀଙ୍କର ଏହା କରିବା ଦରକାର। ଚାଷୀମାନେ ଯେପରି କେମିକାଲ ସାର ବ୍ୟବହାର କମ୍ କରିବେ ସେନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ବିଭିନ୍ନ ସାର ବିକ୍ରୟ କେନ୍ଦ୍ରରେ ସାରର ଷ୍ଟକ୍ ପରିମାଣ ଓ ଏହାର ଦାମ୍ ସମ୍ପର୍କରେ ତଥ୍ୟ ପ୍ରଦର୍ଶନ କରାଯାଉ। ଚାଷୀମାନେ ଯେପରି ବୁଝିପାରିବେ, ତାକୁ ଧ୍ୟାନରେ ରଖି ଓଡ଼ିଆ ଭାଷାରେ ଏହି ତଥ୍ୟ ପ୍ରଦର୍ଶନ କର। ରାଜ୍ୟର ପ୍ରତ୍ୟେକ ସବ୍ ଡିଭିଜନରେ ଥିବା ଇଲେକ୍ଟ୍ରୋନିକ୍ ଡିସ୍‌ପ୍ଲେ ବୋର୍ଡରେ ମଧ୍ୟ ଏହି ତଥ୍ୟ ପ୍ରଦର୍ଶନ କରିବାକୁ କୁହାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ମଝିରେ ମଝିରେ ସାର ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସାର ବଣ୍ଟନ ବ୍ୟବସ୍ଥା ସୁନିୟନ୍ତ୍ରିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସମବାୟ ବିଭାଗ କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ କୃଷି ଓ ସମବାୟ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର, ବଲାଙ୍ଗୀରରେ...

ମୁଖ୍ୟମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଏସ୍‌ଓପି ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି। ପରୀକ୍ଷା ପରିଚାଳନା ସମୟରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ସହ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସମରସତା ଓ ସାମାଜିକ ନ୍ୟାୟର ନୂତନ ସୂର୍ଯ୍ୟୋଦୟ

ଆମ ସମାଜକୁ ଏକତାର ସୂତ୍ରରେ ସୁସଂଗଠିତ କରିବା ସହ ସୁସ୍ଥ ଓ ସମୃଦ୍ଧ ବିକାଶ ପାଇଁ ଦୁଇଟି ଅତ୍ୟନ୍ତ ଆବଶ୍ୟକ ମୂଳତତ୍ତ୍ୱ ହେଉଛି ସମରସତା ଓ ସାମାଜିକ ନ୍ୟାୟ। ଜାତିଗତ, ଭାଷାଗତ, ବର୍ଣ୍ଣଗତ, ଲିଙ୍ଗଗତ ବିବିଧତାରେ ପୂର୍ଣ୍ଣ ସମାଜରେ, ବିବିଧତା ଆମର ଶକ୍ତି ହେଲେ ମଧ୍ୟ ଯଦି ସମରସତା ନ ଥାଏ ତେବେ ଏହା ଦ୍ୱନ୍ଦ୍ୱ ଓ ଅସମ୍ମତିର କାରଣ ହୋଇପାରେ। ସେହିପରି ସମସ୍ତଙ୍କୁ ସମାନ ଅଧିକାର ଓ ସୁଯୋଗ ଦେବା ହେଉଛି ସାମାଜିକ ନ୍ୟାୟ। ଶିକ୍ଷା, ନିଯୁକ୍ତି ଓ ସ୍ୱାସ୍ଥ୍ୟସେବାରେ ସମାନ ଅବସର ସାମାଜିକ ବ୍ୟବସ୍ଥାକୁ ସୁଦୃଢ କରେ। ଏହା ଆର୍ଥିକ ସ୍ଥିତି ଆଧାରରେ ମଧ୍ୟ ସମାଜର ଭେଦଭାବକୁ ଦୂର କରିଥାଏ। ଏହି ବ୍ୟବଧାନକୁ ଦୂର କରି ସମାଜର ଅବହେଳିତ ଓ ନିଷ୍ପେଷିତ ବର୍ଗକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ସାମାଜିକ ନ୍ୟାୟର ମୂଳ ଲକ୍ଷ୍ୟ। ଯେତେବେଳେ ସାମାଜିକ ନ୍ୟାୟ ପ୍ରତିଷ୍ଠା ହୁଏ, ସେତେବେଳେ 'ସମରସତା' ବା ସାମାଜିକ ଏକତା ଓ ସଦ୍ଭାବନାର ଏକ ନୂଆ ଅଧ୍ୟାୟ ଆରମ୍ଭ ହୁଏ। ଯେଉଁଠାରେ ସାମାଜିକ ନ୍ୟାୟ ରହେ, ସେଠାରେ ସମରସତା ସ୍ୱତଃସ୍ଫୂର୍ତ୍ତ ଭାବେ ବିକଶିତ ହୁଏ ଏବଂ ଯେଉଁଠାରେ ସମରସତା ରହେ, ସେଠାରେ ନ୍ୟାୟ ସ୍ଥାପିତ କରିବା ସହଜ ହୁଏ। ଏହି ଦୁଇଟି ମଳ ତତ୍ତ୍ୱ ମିଶି ଏକ ରାଷ୍ଟ୍ରକୁ ଶାନ୍ତିପୂର୍ଣ୍ଣ ଓ ଶକ୍ତିଶାଳୀ କରନ୍ତି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ଏହାକୁ ଅନୁଭବ କରି ଓଡ଼ିଶାରେ ସମରସତା ଓ ସାମାଜିକ ନ୍ୟାୟକୁ ନବ ଦିଗନ୍ତ ଦେବାକୁ ଯାଉଛନ୍ତି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ ଶ୍ରେଣୀରେ ଥିବା କୌଣସି ଛାତ୍ରୀଛାତ୍ର ମେଡିକାଲ ଓ ଇଞ୍ଜିନିୟରିଂ ପରି ବୃତ୍ତିଗତରୁ ବଞ୍ଚିତ ହେବେ ନାହିଁ, ତାହାକୁ ସୁନିଶ୍ଚିତ କରିବାକୁ ଯାଇ ପ୍ରଥମ ଥର ପାଇଁ ୧୧.୨୫% ଏସ୍‌ଇବିସି ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ଗତ ଏପ୍ରିଲ ୪ ତାରିଖରେ ଏହାକୁ ରାଜ୍ୟ କ୍ୟାବିନେଟର ସ୍ୱୀକୃତି ମିଳିଛି। ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଯାଇ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି (ଏସ୍‌ଟି) ସଂରକ୍ଷଣ ସୀମାକୁ


**ଡ. ମୁକେଶ ମହାଲିଙ୍ଗ**
(କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର)

୧୨%ରୁ ୨୨.୫୦%, ଅନୁସୂଚିତ ଜାତି (ଏସ୍‌ସି) ସଂରକ୍ଷଣ ସୀମାକୁ ୮%ରୁ ୧୬.୨୫% ବୃଦ୍ଧି କରାଯାଇଛି। ଆଇଟିଆଇ, ପଲିଟେକ୍‌ନିକ୍, ଇଞ୍ଜିନିୟରିଂ, ମେଡିକାଲ, ସର୍ଜରି, ଡେଣ୍ଟାଲ, ନର୍ସିଂ, ଫାର୍ମାସୀ, ଆୟୁର୍ବେଦିକ ଓ ହୋମିଓପାଥି ପାଠ୍ୟକ୍ରମରେ ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସହ କୃଷି ବିଜ୍ଞାନ, ମ୍ୟାନେଜମେଣ୍ଟ, ଆର୍କିଟେକ୍ଟର୍ ଓ ସିନେମାଟିକ୍ ଆର୍ଟସ କ୍ଷେତ୍ରରେ ମଧ୍ୟ ଏହା ଅନୁରୂପ ଭାବେ ଲାଗୁ ହେବ। ତେବେ ଗତବର୍ଷ ୧୪ ମେ ୨୦୨୫ରେ କେବଳ ଉଚ୍ଚଶିକ୍ଷା ପାଇଁ ସରକାରୀ ବିଶ୍ୱବିଦ୍ୟାଳୟ, ସ୍ନାତକ ଓ ସ୍ନାତକୋତ୍ତର ମହାବିଦ୍ୟାଳୟ, ଆଇନ ଏବଂ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ପ୍ରଥମ ଥର ପାଇଁ ୧୧.୨୫% ଏସ୍‌ଇବିସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲା।

ଶିକ୍ଷକ କ୍ୟାଡର ସଂରକ୍ଷଣ କ୍ଷେତ୍ରରେ ଦୂରଦର୍ଶୀ ପଦକ୍ଷେପ ନେଇ ଆମ ସରକାର ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୨୬ କାର୍ଯ୍ୟକାରୀ କରିଛନ୍ତି। ଏହା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସ୍‌ଇବିସି ବର୍ଗ ଓ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବ। ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ଉଚ୍ଛେଦ କରାଯାଇ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରାଯିବ। ପୂର୍ବରୁ କୌଣସି ବିଭାଗରେ ଯଦି ଗୋଟିଏ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯାଏ ତେବେ ସେଥିରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନ ଥିଲା, ଯାହାକି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଏସ୍‌ଇବିସି ବର୍ଗ ଓ ମହିଳାଙ୍କ ପାଇଁ ବଡ ଅସଙ୍ଗତି ରହିଥିଲା। କିନ୍ତୁ ଏବେ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କଲେ ସମାନ ସୁଯୋଗର ପରିବେଶ ସୃଷ୍ଟି ହେବ। ଗତ ୩୧ ମାର୍ଚ୍ଚରେ ଏହି ବିଧେୟକ ଉପରେ ବିଧାନସଭାରେ ମଧ୍ୟରାତ୍ର ପର୍ଯ୍ୟନ୍ତ ବ୍ୟାପକ ଆଲୋଚନା ହୋଇ ଗୃହରେ ପାରିତ ହୋଇଥିଲା। ଏହି ଅଧିନିୟମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଅବହେଳିତ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦେବ।

ମହିଳାମାନଙ୍କୁ ସମାଜର ଶୀର୍ଷ ସ୍ଥାନ ଦେବା ଆମ ପରମ୍ପରା ଓ ସଂସ୍କୃତିରେ ରହିଛି। ଆମେରିକା ସ୍ୱାଧୀନତାର ବହୁ ଦଶନ୍ଧି ପରେ ୧୯୨୦ରେ ଯାଇ ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ଦେଲା। ହେଲେ ଆମ ଦେଶରେ ସ୍ୱାଧୀନତା ପୂର୍ବରୁ ମଧ୍ୟ ରାଣୀ ଲକ୍ଷ୍ମୀବାଈ, ରାଣୀ ପଦ୍ମିନୀ, ରାଣୀ ଦୁର୍ଗାବତୀ, ଅହଲ୍ୟାବାଈ ହୋଲକରଙ୍କ ପରି ମହୀୟସୀମାନେ ଶାସନ ଗାଦିରେ ଅଭିଷିକ୍ତ ହୋଇ ଦେଶ ଓ ଧର୍ମର ରକ୍ଷା ପାଇଁ ସଂଘର୍ଷ କରିଛନ୍ତି। ତାହାକୁ ପାଥେୟ ଶାସନତନ୍ତ୍ରରେ ମହିଳାଙ୍କ ସହଭାଗିତାକୁ ସମ୍ମାନ ଦେବାପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଗଦର୍ଶନରେ କେନ୍ଦ୍ର ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ୨୦ ସେପ୍ଟେମ୍ବର ୨୦୨୩ରେ ଲୋକ ସଭା ଏବଂ ୨୧ ସେପ୍ଟେମ୍ବର ୨୦୨୩ରେ ରାଜ୍ୟ ସଭାରେ ସର୍ବସମ୍ମତି କ୍ରମେ ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ୧୦୬ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଭାବରେ ସରକାରୀ ଗେଜେଟ୍ ପ୍ରକାଶିତ ହୋଇଥିଲା। ଏହା ଉପରେ ଆହୁରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ଏବେ ୧୬ ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ଅନୁସାରେ ଭାରତର ମୋଟ ମତଦାତାମାନଙ୍କ ମଧ୍ୟରେ ୪୮.୬୨% ମହିଳା ମତଦାତା ଅଛନ୍ତି। ଦେଶରେ ମହିଳା ମତଦାତାଙ୍କ ସଂଖ୍ୟା ପ୍ରାୟ ୪୭ କୋଟିରୁ ଅଧିକ। ଲିଙ୍ଗ ଭିନ୍ନତା ଧୀରେ ଧୀରେ କମୁଥିବାରୁ ପ୍ରତି ୧୦୦୦ ପୁରୁଷ ମତଦାତା ଅନୁପାତରେ ୯୪୬ ମହିଳା ଅଛନ୍ତି। ଭୋଟଦାନ ହାର ମଧ୍ୟ ଏହି ବୃଦ୍ଧିଶୀଳ ସଂଲଗ୍ନତାକୁ ପ୍ରତିଫଳିତ କରୁଛି। ୨୦୨୪ରେ ୬୫.୭୮% ମହିଳା ଭୋଟ ଦେଇଥିଲେ, ଯାହା ପୁରୁଷମାନଙ୍କଠାରୁ ଅଧିକ। ୧୯୫୨ ମସିହାରେ ଲୋକ ସଭାରେ ୨୨ ଜଣ ମହିଳା ସାଂସଦ ଥିଲେ, ଯାହା ୨୦୨୪ରେ ୭୫କୁ ବଢ଼ିଛି। ରାଜ୍ୟ ସଭାରେ ମହିଳାମାନେ ଏବେ ମୋଟ ସଦସ୍ୟଙ୍କ ପ୍ରାୟ ୧୭% ଅଂଶର ଦାବିଦାର। ପଞ୍ଚାୟତିରାଜ ବ୍ୟବସ୍ଥାରେ ବର୍ତ୍ତମାନ ୪୬% ଅର୍ଥାତ୍ ୧୪.୫ ଲକ୍ଷରୁ ଅଧିକ ମହିଳା ନିର୍ବାଚିତ ପ୍ରତିନିଧି ସ୍ଥାନୀୟ ଶାସନରେ ଅଂଶଗ୍ରହଣ କରୁଛନ୍ତି। ଏହି ତଥ୍ୟ ଏହା ଦର୍ଶାଉଛି ଯେ ମହିଳାମାନେ କିପରି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ସକ୍ରିୟ ହେଉଛନ୍ତି, କିନ୍ତୁ ସେହି ପରିମାଣରେ ତାଙ୍କୁ ସୁଯୋଗ ମିଳି ପାରୁ ନ ଥିବା ବେଳେ ନାରୀଶକ୍ତି ବନ୍ଦନ ଅଧିନିୟମ ମହିଳା ମାନଙ୍କୁ ଶାସନ କ୍ଷମତାରେ ପର୍ଯ୍ୟାପ୍ତ ସୁଯୋଗ ଦେବ। ଏହି ଅଧିନିୟମ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ଏକ-ତୃତୀୟାଂଶ (୩୩%) ସ୍ଥାନ ମହିଳାଙ୍କ ପାଇଁ ସୁରକ୍ଷିତ କରିବ। ଏହା ମହିଳାମାନଙ୍କୁ କେବଳ ମତଦାତା ଭାବେ ନୁହେଁ, ବରଂ ଦେଶର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ନିଷ୍ପତ୍ତି ଗ୍ରହଣକାରୀ ଭାବେ ଗଢ଼ି ତୋଳିବାରେ ସହାୟକ ହେବ।

'ବିଭିନ୍ନତାରେ ଏକତା ଭାରତର ବିଶେଷତା' ସମରସତା ଓ ସାମାଜିକ ନ୍ୟାୟର ନୂତନ ସୂର୍ଯ୍ୟୋଦୟ କେବଳ ସରକାରଙ୍କ ଦ୍ୱାରା ସମ୍ଭବ ନୁହେଁ। ଏହାର ପରିଭାଷା ବଦଳିଛି, ଏଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିର ମାନସିକତା ପରିବର୍ତ୍ତନ ଆବଶ୍ୟକତା ଅଛି। ବର୍ତ୍ତମାନ ଏହା କେବଳ ଆଇନଗତ ଅଧିକାର ନୁହେଁ ବରଂ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସଶକ୍ତୀକରଣ, ରୋଜଗାର, ପ୍ରତିନିଧିତ୍ୱ ସମସ୍ତ କ୍ଷେତ୍ରରେ ସବୁ ବର୍ଗର ଲୋକମାନଙ୍କୁ ଯୋଡ଼ିବାର ମାଧ୍ୟମ। ଯେଉଁଦିନ ଆମେ ସମସ୍ତେ ମାନବ ସମ୍ବଳର ବିକାଶ ପାଇଁ ଏକାଠି କାମ କରିବା, ସେହିଦିନ ହିଁ ସମରସତା ଓ ସାମାଜିକ ନ୍ୟାୟର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେବ।

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ– ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ– ଏହା ହେଉଛି ବିଶ୍ୱଜନୀକ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ– ତେବେ ତାହା ସନାତନ ହୋଇ ପାରେନା।–ଶ୍ରୀଅରବିନ୍ଦ



# ନିର୍ଦ୍ଦେଶରେ ଦ୍ୱନ୍ଦ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଯଦି ଆପଣ ଭାବୁଛନ୍ତି ଯେ ଦିଲ୍ଲୀରେ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ଦ୍ୱନ୍ଦ୍ୱାତ୍ମକ ଥିଲା ତାହା ନୁହେଁ। ଏବେ ତାମିଲନାଡୁରେ ସମାନ ପ୍ରକାର କାହାଣୀ ଦେଖିବାକୁ ମିଳିଛି; ଯେଉଁଥିରେ ଦୁଇ କର୍ତ୍ତୃପକ୍ଷ ଗୋଟିଏ ପଦବୀରେ ଜଡ଼ିତ ହୋଇ ବିବାଦୀୟ ହୋଇଛନ୍ତି ଏବଂ ସେଥିରେ କୌଣସି ସ୍ପଷ୍ଟତା ବି ନାହିଁ। ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଜଣେ ନୂତନ ଡିଜିପି ଦାୟିତ୍ୱ ଗ୍ରହଣ କଲେ ଏବଂ ତୁରନ୍ତ ଜଣେ ଆଇପିଏସ୍ ଅଧିକାରୀଙ୍କୁ ଡାଇରେକ୍ଟୋରେଟ ଅଫ୍ ଭିଜିଲାନ୍ସ ଆଣ୍ଡ ଆଣ୍ଟିକରପ୍ସନ(ଡିଭିଏସି)ର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କଲେ। କିଛି ଘଣ୍ଟା ପରେ ସ୍ୱରାଷ୍ଟ୍ର ସଚିବ ହସ୍ତକ୍ଷେପ କରି ସମାନ ଦାୟିତ୍ୱରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେଲେ। ସେହିଦିନ ତାମିଲନାଡୁ ସରକାର ଦୁଇଟି ନିର୍ଦ୍ଦେଶ ଦେଇଥିଲେ। ନିଶ୍ଚିତ ଭାବରେ ନିର୍ବାଚନ କମିଶନଙ୍କ ପ୍ରାରମ୍ଭିକ ବଦଳି ଅଧ୍ୟାଦେଶକୁ ଏପାଖସେପାଖ କରିଦେଇଥିଲା। ସମାନ ଦାୟିତ୍ୱ ପାଇଁ ନିଯୁକ୍ତି ଦେବା ଏବଂ ତା'ପରେ ପ୍ରତ୍ୟାହାର କରିବା ଦେଖାଯାଇଛି। ଡିଜିପି ସମ୍ଭବତଃ ପ୍ରଥମ ଚିଠି ପଢ଼ିଥିବେ; ଗୃହ ସଚିବ ବି ଦେଖିଥିବେ। ଏହା କୌଣସି ବିବାଦର କଥା ନୁହେଁ, ବରଂ ଏହା ଅମଲାତାନ୍ତ୍ରିକ ଦ୍ୱନ୍ଦ୍ୱ। ଡିଭିଏସି କୌଣସି ଏକ ଭିନ୍ନ ବିଭାଗ ନୁହେଁ; ଏହା ରାଜ୍ୟର ଦୁର୍ନୀତି ବିରୋଧୀ କେନ୍ଦ୍ର। ଏହା ଉପରେ ନିୟନ୍ତ୍ରଣ କରିବା ଅର୍ଥ ଏହାର ରଣନୀତିକ ଲାଭ ଉପରେ ଗୁରୁତ୍ୱ ଦେବା। ଆମେ ପୂର୍ବରୁ ବିଶେଷକରି ନିର୍ବାଚନ ସମୟରେ ଏହି ପ୍ରକାରର ଘଟଣା ବି ଦେଖିଛୁ, ଯେଉଁଥିରେ କର୍ତ୍ତୃପକ୍ଷ ପୂର୍ବସ୍ଥିତିକୁ ଫେରିଯାଆନ୍ତି, ବ୍ୟବସ୍ଥା ନୂଆ ପଦକ୍ଷେପ ନେଇଥାଏ। ଏହାକୁ ଏକ ଦୁଇ ପକ୍ଷର ବିବାଦ କୁହନ୍ତୁ କିମ୍ବା ଏକ ପ୍ରକ୍ରିୟାଗତ ତ୍ରୁଟି କୁହନ୍ତୁ ବା ଏକ ପ୍ରଶାସନିକ ରଙ୍ଗମଞ୍ଚ କୁହନ୍ତୁ, ଯାହା ବି ହେଉ କୌଣସି ପ୍ରକାରେ ଏହା ସୂଚିତ କରିଦିଏ ଯେ, ଭାରତୀୟ ବ୍ୟବସ୍ଥାରେ ଅବ୍ୟବସ୍ଥା ବା ଦ୍ୱନ୍ଦ୍ୱ ଚିନ୍ତାର ବିଷୟ ନୁହେଁ, ବରଂ ଏହା ପ୍ରାୟତଃ ତାହାର ଏକ ବୈଶିଷ୍ଟ୍ୟ ବା ପ୍ରମୁଖ ଗୁଣ।

### ଆଇଏଏସ୍ ଛାଡ଼ିବା କଷ୍ଟକର

ଆମକୁ ପ୍ରାୟତଃ କୁହାଯାଏ ଯେ ଆଇଏଏସ୍ ଛାଡ଼ିବା ଏକ ସାହସିକ କାର୍ଯ୍ୟ। ହେଲେ ଅଖିଳ ଭାରତୀୟ ସେବା ନିୟମ ଅନୁଯାୟୀ, ସରକାର ଜଣେ ଆଇଏଏସ୍ ଅଧିକାରୀଙ୍କ ଇସ୍ତଫାକୁ ଗ୍ରହଣ ନ କରିବା ପର୍ଯ୍ୟନ୍ତ ତାହା କେବଳ ଏକ ପ୍ରସ୍ତାବ ରୂପେ ବିବେଚିତ ହୋଇଥାଏ। ଇସ୍ତଫା ଗ୍ରହଣ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଅର୍ଥାତ୍ ଜଣେ ଇସ୍ତଫା ଦେଇସାରିବା ପରେ ବି ମାସ ମାସ ବର୍ଷ ବର୍ଷ ଧରି ସେ ସେବାରେ ରହିପାରିବେ। କେନ୍ଦ୍ର ଇସ୍ତଫା ଅନୁରୋଧ ଉପରେ ବିଚାର କରିବା ପୂର୍ବରୁ, ରାଜ୍ୟ କ୍ୟାଡର ବକେୟା ଦେୟ, ଭିଜିଲାନ୍ସ କ୍ଲିୟର ଏବଂ ଶୃଙ୍ଖଳାଗତ ମାମଲା ଉପରେ ଯାଞ୍ଚ ଆରମ୍ଭ କରିବିଏ। ଯଦି ବଳାୟ ହୁଏ, ତେବେ ଇସ୍ତଫାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯାଇପାରିବ। ନଚେତ୍, ଫାଇଲ ଦୀର୍ଘଦିନ ଧରି ଗଡିଜରେ ଏବଂ ଆଇଏଏସ୍ ମାମଲାରେ ପ୍ରଧାନମନ୍ତ୍ରୀ ହିଁ ଚୂଡ଼ାନ୍ତ କର୍ତ୍ତୃପକ୍ଷ। ଯଦି ସରକାର ବିଶ୍ୱାସ କରନ୍ତି ଯେ ଆପଣଙ୍କ ପ୍ରସ୍ଥାନ ଅସୁବିଧାଜନକ କିମ୍ବା କଷ୍ଟକର, ତେବେ ପ୍ରଶାସନିକ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ଇସ୍ତଫା ଗ୍ରହଣ କରିବାରେ ବିଳମ୍ବ କରିପାରିବେ। କାନନ ଗୋପୀନାଥନଙ୍କ ଇସ୍ତଫା ଅନେକ ବର୍ଷ ଧରି ଗ୍ରହଣ କରାଯାଇନଥିଲା ବୋଲି ଜଣାପଡ଼ିଛି। ସେ ଅନିଶ୍ଚିତତାରେ ଅଛନ୍ତି। ଶାହ ଫୈସଲଙ୍କ ଇସ୍ତଫା ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇ ନ ଥିବାରୁ ସେ ଚାକିରିକୁ ଫେରିପାରିଲେ। ଏଥିରେ ଏକ ଆର୍ଥିକ କ୍ଷତି ମଧ୍ୟ ଅଛି। ସ୍ୱେଚ୍ଛାକୃତ ଅବସର ପରି ନୁହେଁ, ଇସ୍ତଫା ଦେବା ଅର୍ଥ ସମ୍ପୂର୍ଣ୍ଣ ଭାବରେ ପେନ୍ସନ ଲାଭ ହରାଇବା। ସରକାର ଅନିଶ୍ଚିତତା ଏବଂ ପ୍ରସ୍ଥାନକୁ ପସନ୍ଦ କରନ୍ତି ନାହିଁ। ଆଇଏଏସ୍‌ରେ ପ୍ରବେଶ କରିବା ବହୁତ କଷ୍ଟକର ଏବଂ ସେଥିରୁ ବାହାରିବା ଅତି କଷ୍ଟକର ହୋଇପାରେ।

### ଦୁର୍ନୀତି ଓ ଅର୍ଥନୀତି

ଯେତେବେଳେ ଏକ ନୂତନ ଦୁର୍ନୀତି ମାମଲା ସାମ୍ନାକୁ ଆସେ ସେତେବେଳେ ସାଧାରଣ ପ୍ରତିକ୍ରିୟା ପ୍ରକାଶ ପାଇଥାଏ। ତା'ପରେ ତଥ୍ୟ ଓ ଆର୍ଥିକ ପରିମାଣ ସାମ୍ନାକୁ ଆସେ। ଜଳ ଜୀବନ ମିଶନ ଦୁର୍ନୀତିରେ ସୁବୋଧ ଅଗ୍ରୱାଲଙ୍କ ମାମଲାରେ ୯୦୦ କୋଟି ଟଙ୍କାରୁ ଅଧିକ ହେବାରେ ଲାଗିଛି। କିନ୍ତୁ ଯେଉଁମାନେ ଏହି ବିଷୟରେ ଜାଣିଛନ୍ତି, ସେମାନେ କହନ୍ତି ଯେ, ଏକ ଘୋଟାଲାର ପ୍ରକୃତ ଆର୍ଥିକ ପରିମାଣ କେବେ ବି ସମ୍ପୂର୍ଣ୍ଣ ଭାବରେ ସୂଚିତ ହୁଏ ନାହିଁ। ଟଙ୍କା ଅଦୃଶ୍ୟ ହୁଏ ନାହିଁ। କିନ୍ତୁ ପ୍ରାୟତଃ ଏକ ଶୃଙ୍ଖଳ ମାଧ୍ୟମରେ ଗତି କରେ ଯାହା ସନ୍ଦେହଜନକ ମନେହୁଏ। ଗୋଟିଏ ସମୟରେ ଆମେ ୯୦୦ କୋଟି ଟଙ୍କା ଠକେଇ କିପରି ହେଲା ତାହା ପଚାରିବା ବନ୍ଦ କରିଦେଉ ଏବଂ ପଚାରିବା ଆରମ୍ଭ କରୁ ଯେ ଏପରି କେତେ ହେଉଛି। ଏ ସମ୍ପର୍କରେ କେବେ କି ଆଉ ଖବର ପ୍ରକାଶ ପାଏନାହିଁ। ଦୁର୍ନୀତିକୁ ନେଇ ଆମେ ଭାବୁ ଯେ, ଏହା ପ୍ରଚ୍ଛଦରେ ଅର୍ଥ ବ୍ୟବସ୍ଥା କ୍ଷତିର କୌଣସି ସମ୍ପର୍କ ନାହିଁ। ପାଣି ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏକ ଯୋଜନାରେ ପାଣ୍ଠି ଶୀଘ୍ର ଯୋଗାଇ ଦିଆଯାଉଛି। ଗାଁଗୁଡ଼ିକରେ ଜଳ ଯୋଗାଣକୁ ଲୋକେ ଚାହିଁ ବସିଛନ୍ତି ହେଲେ ବ୍ୟବସ୍ଥା ତାହା ପୂରଣ କରିପାରୁନାହିଁ। ସ୍ପଷ୍ଟ ଭାବରେ, ଦୁର୍ନୀତି ଅର୍ଥନୀତି ସହିତ ଗଭୀର ଭାବରେ ଜଡ଼ିତ। ମୋଟ ଆର୍ଥିକ ପରିମାଣକୁ ଯେତେବେଳେ ଏକତ୍ରିତ କରାଯାଏ, ସେତେବେଳେ କମ କ୍ଷତି ବୋଲି ମନେକରୁ, କିନ୍ତୁ ଜିଡିପିର କ୍ଷତିକୁ ଗଣନାକୁ ନେଉ ନାହୁଁ, ଯାହା ବାସ୍ତବରେ ଘଟିଥାଏ।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 6 | 5 | | | | |
| | | | | | 2 | 3 | | |
| 5 | | | 1 | 3 | 4 | | | |
| | | 3 | | | 8 | | 4 | |
| | 9 | 8 | | 7 | | | | 1 |
| | | | 2 | | | 8 | | |
| | | | | | | 1 | | 6 |
| | | 9 | | | | | | 8 |
| | 4 | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 6 | 8 | 3 | 9 | 1 | 7 | 4 |
| 3 | 9 | 7 | 4 | 1 | 6 | 2 | 8 | 5 |
| 8 | 1 | 4 | 2 | 7 | 5 | 9 | 6 | 3 |
| 9 | 8 | 1 | 7 | 4 | 3 | 6 | 5 | 2 |
| 6 | 7 | 5 | 9 | 8 | 2 | 3 | 4 | 1 |
| 4 | 2 | 3 | 6 | 5 | 1 | 7 | 9 | 8 |
| 1 | 3 | 9 | 5 | 6 | 4 | 8 | 2 | 7 |
| 5 | 6 | 8 | 3 | 2 | 7 | 4 | 1 | 9 |
| 7 | 4 | 2 | 1 | 9 | 8 | 5 | 3 | 6 |

ଗତକାଲିର ଉତ୍ତର

# ମନମୁଖି ଛଟେଇ



ଡ. ସନ୍ତୋଷ କୁମାର ମହାପାତ୍ର

କିଛିଦିନ ତଳେ ସକାଳେ ଓରାକଲ କମ୍ପାନୀ କୌଣସି ପୂର୍ବ ଆଲୋଚନା ନ କରି ବା ସୂଚନା ବା ଚେତାବନୀ ନ ଦେଇ ସ୍ୱୟଂଚାଳିତ ଇ–ମେଲ୍‌ରେ ଏକା ଥରକେ ମୋଟ କର୍ମଚାରୀର ୧୮% ବା ୩୦,୦୦୦ କର୍ମଚାରୀଙ୍କୁ ଚାକିରିରୁ ଅତ୍ୟନ୍ତ ନିର୍ଦ୍ଦୟ, ନିଷ୍ଠୁର ତଥା ବିବେକହୀନ ଭାବରେ ଛଟେଇ କରିଛି। ଭାରତରେ ପ୍ରାୟ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। କମ୍ପାନୀ ପାଖରେ କ'ଣ ବିକଳ୍ପ ନଥିଲା। ବିକଳ୍ପ ଥିଲା। ଛଟେଇ କରିବା ପରିବର୍ତ୍ତେ ୩୦,୦୦୦ କର୍ମଚାରୀଙ୍କୁ ଛଟେଇ କଲେ ଯେତିକି ଅର୍ଥ ବଞ୍ଚେଇପାରିବ, ସମସ୍ତଙ୍କର ସମାନୁପାତରେ ଦରମା ହ୍ରାସ କରି ସେତିକି ଅର୍ଥ ବଞ୍ଚେଇ ପାରିଥାନ୍ତା। ମନମୁଖି ଛଟେଇ କରିବା କେତେ ଯଥାର୍ଥ। ଏହି କମ୍ପାନୀ ଉପରେ କୌଣସି ନିୟନ୍ତ୍ରଣ କ'ଣ କାହାର ନାହିଁ। ଭାରତରେ ଯେଉଁ ଶ୍ରମ ଆଇନରେ ପରିବର୍ତ୍ତନ କରାଯାଇଛି, ତାହା କମ୍ପାନୀଗୁଡ଼ିକୁ ମନମୁଖି ଛଟେଇ କରିବା ପ୍ରକ୍ରିୟାକୁ ଆହୁରି ସହଜ କରିବ ବୋଲି ଆଶଙ୍କା କରାଯାଉଛି। ସେହିପରି ବେଙ୍ଗାଲୁରୁରେ କାର୍ଯ୍ୟରତ ୩୨ ବର୍ଷୀୟ ଜଣେ ଆଇଟି ପେସାଦାର ଭାନୁ ଚନ୍ଦର ଗୋଟିଏ ଆମେରିକୀୟ କମ୍ପାନୀରେ ପ୍ରଚୁର ଦରମାରେ କାମ କରୁଥିଲେ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବଢ଼ୁଥିବା ବ୍ୟବହାର ଓ ପରିବର୍ତ୍ତନଶୀଳ ପ୍ରଯୁକ୍ତି ପରିବେଶରେ ସେ ଚାକିରି ହରାଇଥିଲେ। ଦୀର୍ଘ ସମୟ ଧରି ନୂତନ ଚାକିରି ନ ମିଳିବାରୁ ସେ ମାନସିକ ଚାପରେ ଥିଲେ ଏବଂ ଦୁଃଖଦ ଭାବେ ନିଜ ଜୀବନ ହାରିଦେଲେ। ସ୍ୱାମୀଙ୍କ ମୃତ୍ୟୁର ଆଘାତ ସହି ନ ପାରି ତାଙ୍କ ସ୍ତ୍ରୀ ବିବି ସାଜିଆ ସିରାଜ ଆପାର୍ଟମେଣ୍ଟର ୧୮ ମହଲାରୁ ଡେଇଁପଡ଼ି ଆତ୍ମହତ୍ୟା କରିଥିଲେ। ଯେଉଁ ଘରେ ଦିନେ ଆନନ୍ଦ ଓ ଉଲ୍ଲାସ ଥିଲା, ସେଠାରେ ଆଜି ଦୁଃଖର ଛାଇ ଗ୍ରାସ କରିଛି। ଅବଶ୍ୟ ଜୀବନ ସଂଘର୍ଷପୂର୍ଣ୍ଣ ହୋଇପାରେ, କିନ୍ତୁ ହାର ମାନିବା କେବେ ସମାଧାନ ନୁହେଁ। ଆତ୍ମହତ୍ୟା ସମାଧାନ ନୁହେଁ।

ସରକାର ଯେତେବେଳେ ବିକଶିତ ଭାରତ ଓ ଅମୃତବେଳା କଥା କହୁଛନ୍ତି, ସେତେବେଳେ ଏପରି ଛଟେଇକୁ ବିରୋଧ କରିବା ସହିତ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତିକୁ ଗୁରୁତ୍ୱଦେବା ଉଚିତ। ଆମେ କାମ ନ କରିବା ବା ଠକିବାକୁ ସମର୍ଥନ କରୁନୁ, କିନ୍ତୁ ମନଇଚ୍ଛା ଛଟେଇ ଉପରେ ଭାରତୀୟ ବା ବିଦେଶୀ କମ୍ପାନୀ ହେଉ ତାଙ୍କ ଉପରେ ଅଙ୍କୁଶ ରହିବା ଉଚିତ। ସରକାରଙ୍କର ନିଯୁକ୍ତି ସୃଷ୍ଟି କରିବା ପାଇଁ ଏକ ନୀତି ରହୁ। ଭାରତ ଆଜି ବେକାରି ସମସ୍ୟାକୁ ନେଇ ସଙ୍କଟର ସୀମାରେ ଦଣ୍ଡାୟମାନ। ଯୁବ ବେକାରି ସମସ୍ୟା ଏହାର ଜନସଂଖ୍ୟାଗତ ଲାଭାଂଶ ଉପରେ କଳା ମେଘ



ପରି ଘନୀଭୂତ ହୋଇଛି। ୨୮ ବର୍ଷର ମଧ୍ୟମ ବୟସ ସହିତ ଭାରତ ପୃଥିବୀର ସବୁଠାରୁ ଯୁବ ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ। ଦୀର୍ଘ ସମୟ ଧରି ଏହି ଯୁବଶକ୍ତିକୁ ଅର୍ଥନୈତିକ ଅଭିବୃଦ୍ଧିର ମୂଳ ଇଞ୍ଜିନ ବୋଲି ପ୍ରଚାର କରାଯାଇଥିଲା। କିନ୍ତୁ ଆଜିର ପରିସ୍ଥିତି ସ୍ପଷ୍ଟ କରୁଛି ଯେ, ଏହି ଲାଭାଂଶ ଧୀରେ ଧୀରେ ଏକ ଜନସଂଖ୍ୟାଗତ ବିପର୍ଯ୍ୟୟରେ ପରିଣତ ହେଉଛି। କ୍ରମବର୍ଦ୍ଧିଷ୍ଣୁ ଯୁବ ବେକାରି, ସ୍ନାତକ ବେକାରି ସାଙ୍ଗକୁ ଅସ୍ପଷ୍ଟ ନିଯୁକ୍ତି ନୀତି ଆଦି ସବୁ ମିଶି ଏକ ଗଭୀର ସାଂରଚନିକ ସଙ୍କଟର ଚିତ୍ର ଆଙ୍କି ଦେଉଛି। ୧୭ ମାର୍ଚ୍ଚ ୨୦୨୬ରେ ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଷ୍ଟେଟ ଅଫ୍ ୱାର୍କିଂ ଇଣ୍ଡିଆ ରିପୋର୍ଟ ଏହି ସତ୍ୟକୁ ଆଉ ଅଧିକ ସ୍ପଷ୍ଟ କରିଛି। ରିପୋର୍ଟରେ କୁହାଯାଇଛି ଯେ, ଶିକ୍ଷା ଓ ନିଯୁକ୍ତି ସୃଷ୍ଟି ମଧ୍ୟରେ ବିରାଟ ଅସମନ୍ୱୟ ଦେଖାଦେଇଛି।

ଆଜି ଅଧିକ ଯୁବପିଢ଼ି ଉଚ୍ଚଶିକ୍ଷାରେ ପ୍ରବେଶ କରୁଛନ୍ତି, କିନ୍ତୁ ଚାକିରି ସୃଷ୍ଟି ସେହି ହାରରେ ବଢୁନାହିଁ। ଏହାର ପରିଣାମରେ ଶିକ୍ଷିତ ବେକାରି ଭୟାବହ ଭାବେ ବଢୁଛି। ଭାରତରେ ବୃତ୍ତିଗତ ଶିକ୍ଷା ଦିନକୁ ଦିନ ବ୍ୟୟସାପେକ୍ଷ ହେଉଛି। ଆୟ ଅପେକ୍ଷା ଖର୍ଚ୍ଚ ଦ୍ରୁତଭାବରେ ବଢୁଥିବାରୁ ଏହା ଅନେକ ପରିବାର ପାଇଁ ଏକ ଭାରସାମ୍ୟହୀନ ଆର୍ଥିକ ବୋଝ ହୋଇପଡ଼ିଛି। ଯେଉଁ ଶିକ୍ଷାକୁ ଏକ ସୁଯୋଗ ଭାବେ ଦେଖାଯାଉଥିଲା, ସେହି ଶିକ୍ଷା ଏବେ ଅନେକଙ୍କ ପାଇଁ ମରୀଚିକା ତଥା ଅନିଶ୍ଚିତତାର ପଥ ହୋଇପଡ଼ିଛି। ୨୦୦୪ ରୁ ୨୦୨୩ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୫୦ ଲକ୍ଷ ସ୍ନାତକ ସୃଷ୍ଟି ହେଉଥିବା ବେଳେ ନିଯୁକ୍ତିପ୍ରାପ୍ତ ସ୍ନାତକଙ୍କ ସଂଖ୍ୟା ପ୍ରାୟ ୨୮ ଲକ୍ଷରେ ସୀମିତ ରହିଛି। ସେମାନଙ୍କ ମଧ୍ୟରୁ କେବଳ ୧୭ ଲକ୍ଷ ବେତନଭୋଗୀ ଚାକିରି ପାଇପାରୁଛନ୍ତି। ଏହି ତଥ୍ୟଗୁଡ଼ିକ ଭାରତର ଶିକ୍ଷା ବ୍ୟବସ୍ଥା ଓ ନିଯୁକ୍ତି ବଜାର ମଧ୍ୟରେ ଗଭୀର ବିଚ୍ଛିନ୍ନତାକୁ ଉଜାଗର କରେ। ୨୦୨୩ ସୁଦ୍ଧା ୧୫ ରୁ ୨୯ ବର୍ଷ ବୟସର ଯୁବପିଢ଼ିଙ୍କ ସଂଖ୍ୟା ୩୬.୭ କୋଟି, ଯାହା କର୍ମଜୀବୀ ଜନସଂଖ୍ୟାର ଏକତୃତୀୟାଂଶ। ଏଥିରୁ ୨୬.୩ କୋଟି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁ ନଥିବା ସହ ଶ୍ରମ ବା କର୍ମଶକ୍ତିର ଅଂଶ ହୋଇଛନ୍ତି। ୨୦–୨୯ ବର୍ଷ ବୟସର ୬.୩ କୋଟି ସ୍ନାତକ ମଧ୍ୟରୁ ପ୍ରାୟ ୬୭% ବେକାର ଅଛନ୍ତି। ଏହା ୨୦୦୪ ର ୩୨% ଠାରୁ ଅଧିକ ବୃଦ୍ଧି। ୧୫–୨୫ ବର୍ଷ ବୟସର ସର୍ବକନିଷ୍ଠ ସ୍ନାତକମାନଙ୍କ ମଧ୍ୟରେ ବେକାରିର ହାର ପ୍ରାୟ ୪୦%। ଯୁବପିଢ଼ି ଚାକିରି ବିନା ଅଛନ୍ତି। ୨୫–୨୯ ବର୍ଷ ବର୍ଗରେ ମଧ ପ୍ରାୟ ୨୦% ବେକାର ଅଛନ୍ତି। ଏହା କେବଳ ଆର୍ଥିକ ସମସ୍ୟା ନୁହେଁ, ବରଂ ଏକ ସାମାଜିକ ସଙ୍କଟ, ଯେଉଁଠାରେ ଯୁବପିଢ଼ି ନିଜର ସମ୍ଭାବନାକୁ ପୂରଣ କରିପାରୁନାହାନ୍ତି।

ଘରୋଇ କ୍ଷେତ୍ରକୁ ଅନେକେ ନିଯୁକ୍ତି ସୃଷ୍ଟିର ପ୍ରମୁଖ ଉତ୍ସ ବୋଲି ଦେଖନ୍ତି। କିନ୍ତୁ ବାସ୍ତବରେ ନିଯୁକ୍ତି ସୃଷ୍ଟିକରିବାରେ ଏହାର କ୍ଷମତା ସୀମିତ। ବେସରକାରୀ କ୍ଷେତ୍ର ଯେତେଟି ଚାକିରି ସୃଷ୍ଟି କରେ, ତାଠାରୁ କେତେକ ସମୟରେ ଅଧିକ ଚାକିରି ସରକାରୀ କ୍ଷେତ୍ରରେ କମିଯାଏ। ବେସରକାରୀ କ୍ଷେତ୍ରର ଚାକିରି ସାଧାରଣତଃ ଅସ୍ଥାୟୀ, ଚୁକ୍ତିଭିତ୍ତିକ ଏବଂ କମ୍ ସୁରକ୍ଷିତ। ଏହା ଯୁବପିଢ଼ିଙ୍କ ଆଶା ଓ ସ୍ଥିର ଜୀବନର ସ୍ୱପ୍ନ ସହ ସାମଞ୍ଜସ୍ୟ ରଖିପାରୁନାହିଁ। ଏହାର ବିପରୀତରେ ସରକାରୀ କ୍ଷେତ୍ର ଏକ ସ୍ଥିର ଓ ସୁରକ୍ଷିତ ନିଯୁକ୍ତି ଦେଇଥାଏ। ତଥାପି ନୀତି ନିର୍ଦ୍ଧାରକମାନେ ଏହାକୁ ଅନେକ ସମୟରେ କେବଳ ଆର୍ଥିକ ବୋଝ ବୋଲି ଦେଖନ୍ତି। ବିତ୍ତୀୟ ନିଅଣ୍ଟ କମାଇବା ପାଇଁ ସରକାରୀ ନିଯୁକ୍ତି କମାଇବାକୁ ସହଜ ଉପାୟ ଭାବେ ଧରାଯାଏ। କିନ୍ତୁ ଏହି ପ୍ରକାରର ନୀତି ଦୀର୍ଘକାଳରେ ଗମ୍ଭୀର ପରିଣାମ ଆଣିପାରେ। ସରକାରୀ କ୍ଷେତ୍ରରେ ନିଯୁକ୍ତି କହିଲେ କେନ୍ଦ୍ର ଏବଂ ରାଜ୍ୟ ସରକାର ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ନିଯୁକ୍ତିକୁ ବୁଝାଏ। ବିଶ୍ୱ ବ୍ୟାଙ୍କର ବ୍ୟୁରୋକ୍ରାସି ଲାବର ତଥ୍ୟ ଓ ଲେଖା ଅନୁଯାୟୀ ସରକାରୀ କ୍ଷେତ୍ରରେ ନିଯୁକ୍ତିକୁ ସଙ୍କୁଚିତ କରିବା ପରିବର୍ତ୍ତେ ବୃଦ୍ଧି କରିବା ସହିତ ସେଥିପାଇଁ ଅଧିକ ନିବେଶ କରିବା ଲାଗି ଅତି କମ୍‌ରେ ତିନୋଟି ଦୃଢ଼ କାରଣ ଉପରେ ଆଲୋକପାତ କରେ। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ ଉଚ୍ଚ–ଆୟକାରୀ ଦେଶଗୁଡ଼ିକ ପ୍ରତି ୧,୦୦୦ ଲୋକଙ୍କ ପାଇଁ ହାରାହାରି ୮୭ଜଣ ସରକାରୀ କ୍ଷେତ୍ରର କର୍ମଚାରୀଙ୍କୁ ନିଯୁକ୍ତି ଦିଅନ୍ତି, ଯାହା ଭାରତ ପରି ନିମ୍ନ–ଆୟକାରୀ ଦେଶଗୁଡ଼ିକରେ ହାରାହାରି ମାତ୍ର ୨୩ଜଣ। ଏହି ଅସମାନତା ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତାକୁ ପ୍ରକାଶ କରେ। ଆର୍ଥିକ ବିକାଶ ସମତୁଲ ହେବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ସାର୍ବଜନୀନ ସୁରକ୍ଷା ଏବଂ ସାମାଜିକ ସୁରକ୍ଷାର ଚାହିଦା ଅଧିକ ଭାବରେ ବୃଦ୍ଧି ପାଏ। ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି ବିନା ଏହି ସେବାଗୁଡ଼ିକର ଗୁଣବତ୍ତା ହ୍ରାସ ପାଏ ଏବଂ ଲୋକଙ୍କ ପାଖରେ ଅପହଞ୍ଚ ହୁଏ। ଯୁବପିଢ଼ି ଯାହା ଚାହୁଁଛନ୍ତି ତାହା ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ କାମ ନୁହେଁ, ବରଂ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି।

ମୋ:୯୪୩୭୨୦୮୭୬୨

# ଭୋଗୁଥିବା ସ୍ୱପ୍ନ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ମଣିଷ ସ୍ୱପ୍ନ ତ ଦେଖେ କିନ୍ତୁ ସବୁ ସ୍ୱପ୍ନ ସତ ହୁଏନା। ଅନେକ ସ୍ୱପ୍ନ ଅଧୁରା ରହେ। ଆଉ କିଛି ସ୍ୱପ୍ନ ପୂରଣ ହୁଏ ସତ। ସ୍ୱପ୍ନ ପୂରଣ ହେଲା ପରେ ତାକୁ ଭୋଗିବାକୁ ପଡ଼େ। ଜୀବନତମାମ ସେଇ ସ୍ୱପ୍ନ ତାକୁ ଛଟପଟ କରେ। ସହଜରେ ବଞ୍ଚିବାକୁ ଦିଏନି। ମାନବ ଜୀବନର ଅବିରତ ଯାତ୍ରାର ଆଧାର ହେଉଛି ଆଶା, ଆକାଂକ୍ଷା ଓ ସ୍ୱପ୍ନ। ଜୀବନରେ ସ୍ୱପ୍ନ କେବଳ ଶୋଇଥିବା ବେଳେ ଦୃଶ୍ୟମାନ ନୁହେଁ, ଏହା ଆଶା, ଆକାଂକ୍ଷା ଓ ଭବିଷ୍ୟତର ଦିଗ୍‌ନିର୍ଦ୍ଦେଶ କରୁଥିବା ଏକ ଗଭୀର ମାନସିକ ପ୍ରକ୍ରିୟା। ସ୍ୱପ୍ନ ମାନବ ମନର ଏକ ସ୍ୱାଭାବିକ ଗୁଣ। ପ୍ରକାର ଭେଦରେ ସ୍ୱପର ବିବିଧତା ରହିଥିଲେ ମଧ୍ୟ ଏହାକୁ ୨ ଭାଗରେ ବିଭକ୍ତ କରିପାରିବା। ଗୋଟିଏ ହେଉଛି ସାଧାରଣ ସ୍ୱପ୍ନ ଓ ଅନ୍ୟଟି ମହାନ୍ ସ୍ୱପ୍ନ। ସାଧାରଣ ସ୍ୱପ୍ନ ସେଗୁଡ଼ିକ ଯାହା ବ୍ୟକ୍ତିଗତ ସୁଖ ସୁବିଧାକୁ ନିମନ୍ତ୍ରଣ କରେ। ଭଲ ଚାକିରି, ଭଲ ଘର, ଭଲ ପାତ୍ର, ଆରାମାଦାୟକ ଓ ସୁବିଧାଜନକ ଜୀବନ ଭଳି କିଛି ସ୍ୱପ୍ନ ପ୍ରାୟ ପ୍ରତ୍ୟେକ ମଣିଷ ବୁଣିଥାଏ। ଏସବୁ ସ୍ୱପ୍ନ ହୁଏତ ସୀମିତ ଓ ସ୍ୱାର୍ଥପର ହୋଇପାରେ। କିନ୍ତୁ କେତେକେ ମହାନ୍ ସ୍ୱପ୍ନ ବି ଦେଖନ୍ତି। ସମାଜ, ଦେଶ ଓ ମାନବଜାତିର କଲ୍ୟାଣ ହେଲା ଭଳି ସ୍ୱପ୍ନ। ଏହି ସ୍ୱପ୍ନଗୁଡ଼ିକର ପରିଣାମ ଅସୀମ। ଏସବୁ ଆଦୌ ବ୍ୟକ୍ତିଗତ ହୋଇପାରେନା। ସମଗ୍ର ସମାଜକୁ ଉନ୍ନତ କରେ ଓ ବିକାଶ ଯାତ୍ରାରେ ସାମିଲକରେ। ଏକଥାକୁ ଅନେକେ ସ୍ୱୀକାର ନ କଲେ ବି କୁହାଯାଇପାରେ ଆଜିକାଲି ନେତାମାନେ ୨ ପ୍ରକାର ସ୍ୱପ୍ନ ଦେଖନ୍ତି। ବେଶି ବ୍ୟକ୍ତିଗତ ଉନ୍ନତି ସମ୍ପର୍କିତ। କମ୍ ସାମାଜିକ କଲ୍ୟାଣ ପାଇଁ ଅଭିପ୍ରେତ। ଏହି କାରଣରୁ ରାଜନୀତି ଭ୍ରଷ୍ଟ ଓ କଳୁଷିତ ହୋଇପଡ଼ିଛି। ଏମାନଙ୍କ ପାଇଁ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡ଼େ।

ଆଜିକାଲିର ସାଧାରଣ ବାପାମାଆମାନେ ସ୍ୱପ୍ନ ଦେଖୁ ଦେଖୁ ଦୁଃଖକୁ କିଣି ଆଣନ୍ତି। ବାଲ୍ୟ ଅପେକ୍ଷା କିଶୋର ବୟସ ମଣିଷକୁ ବେଶି ସ୍ୱପ୍ନଭୁକ୍ କରେ। ଭଲ ଚାକିରି ଓ ଗୋଟେ ସୁଖୀ ପାରିବାରିକ ଜୀବନର ନକ୍ସା ବୁଣେ ସେ। ସେଇ ଦିଗରେ ଅଗ୍ରସର ହୁଏ। ବାହାହୋଇ ଘରସଂସାର କରେ। ନିଜର ପୁଅ ଝିଅକୁ ବଡ଼ କରିବାର ସ୍ୱପ୍ନରେ ମାତିଯାଏ। ଜୀବନର ସମସ୍ତ ଅର୍ଜିତ ଧନ ଓ ସମୟକୁ ପୁଞ୍ଜି ଭାବେ ତା' ପଛରେ ଲଗାଇଦିଏ। ଛୋଟ ମନରେ ବଡ଼ ସ୍ୱପ୍ନ ଦେଖାଇବାକୁ ଆଦୌ ହେଳା କରେନାହିଁ। ନିଜ ପିଲାଙ୍କୁ ତାଙ୍କ ଲକ୍ଷ୍ୟ ଦେଖାଇ ଦିଅନ୍ତି ବାପାମାଆ। ପିଲା ବି କେବେ ଅବହେଳା କରେନି। ସେ ଲାଗିପଡ଼େ। ଶୈଶବକୁ ମାରେ ନିଜ ହାତରେ। କିଶୋର ମନକୁ ସଂଯତ କରେ। ଯୁବ ସୁଲଭ ଉନ୍ମାଦନାକୁ ଚାପିଧରେ। ଗୋଟିଏ ପଥରେ ଆଗୁସାର ହୁଏ। ବାପାମାଆଙ୍କ ସ୍ୱପ୍ନକୁ ପୂରଣକରିବା ଲାଗି ସାଧ୍ୟଠାରୁ ଆହୁରି ଅଧିକ ପ୍ରୟାସକରେ। ସେଇ ପ୍ରୟାସରେ ଅଧିକାଂଶ ସଫଳ ହୋଇଯାନ୍ତି। ପିଲା ଓ ପିତାମାତା ଉଭୟେ ଖୁସି ହୋଇଯାନ୍ତି। ପିଲା ଓ ଅଭିଭାବକ ସ୍ୱପ୍ନ ପୂରଣରେ ବିଭୋର ହୁଅନ୍ତି।



ବାପାମାଆଙ୍କ ପାଇଁ ଏଇ ଖୁସି ଯେମିତି ଅଳିକ ଲାଗେ। ସ୍ୱପ୍ନକୁ ପୂରଣ କରିଥିବା ପିଲାଟି ବାପାମାଆଙ୍କଠାରୁ ଦୂରରେ ଉଚ୍ଚ ପଦବୀରେ କାମ କରିବା ଆରମ୍ଭ କରେ। ସେ ପୁଣି ବାୟା ବସା ବାନ୍ଧିଲା ପରି ସ୍ୱପ୍ନ ବୁଣେ। ସେ ସ୍ୱପ୍ନରେ ହୁଏତ ବାପାମାଆଙ୍କ ସ୍ଥାନ ନ ଥାଏ। ନ ଥିବା ବି ସ୍ୱାଭାବିକ। ମାଟି ଓ ଅଭିଭାବକଙ୍କଠାରୁ ପିଲାଟିର ଦୂରତା ଏତେ ବଢ଼ିଯାଏ ଯେ ପିଲାଟି ଆଉ ପଛକୁ ଫେରିବାକୁ ଚେଷ୍ଟା କରେନାହିଁ। ସେ ଆଗକୁ ହିଁ ବଢ଼େ। ନିଜ ପସନ୍ଦର ବାହାଘର। ଛୋଟ ସଂସାର ଓ ପଦବୀର ଭାର ଭିତରେ ଏମିତି ଧନ୍ଦି ହୁଏ ଯେ ଅଭିଭାବକଙ୍କ ବାସ୍ତବିକ ମନକୁ ପଢ଼ିବାକୁ ସେ ବେଳ ପାଏନାହିଁ। ଶଗଡ଼ଗୁଳାର ଜୀବନ ଭିତରୁ ସେ ବାହାରିପାରେନାହିଁ। ଗୋଟେ ପଟେ ସମସ୍ୟା ଭିତରେ ଥିବା ଆମ ଗାଁ ଓ ବୁଢ଼ା ବାପାମାଆ, ଆରପଟେ ପ୍ରାଚୁର୍ଯ୍ୟ, କ୍ଷମତା ଓ ଆରାମଦାୟକ ଜୀବନ ଭିତରୁ ସମୟ ତାକୁ ବାଛିବାକୁ ସୁଯୋଗ ଦିଏ। ଆଉ ସେ ଦ୍ୱିତୀୟ ଲାଭକୁ ଗ୍ରହଣକରେ। ବାପାମାଆଙ୍କ ଆଡୁ ମୁହଁ ମୋଡ଼ିଦିଏ। ସେଇଠି ବାପାମାଆ ସ୍ୱପ୍ନର ପରିଣାମ ଭୋଗିବାକୁ ଆରମ୍ଭ କରନ୍ତି। ଆଉ ଶେଷ ପର୍ଯ୍ୟନ୍ତ ଭୋଗନ୍ତି। ନିଜ ପାଖରେ ଆଉ କେହି ଥିଲେ କେମିତି କେମିତି ଜୀବନ ସରିଯାଏ। କେହି ଯଦି ନ ଥାନ୍ତି ଜୀବନ ସରେନି। ଦିନ କଟେନି। ସେଇଠି ବାପାମାଆ ପରସ୍ପର ପିଲା ଉପରେ ଦୋଷ ଦେବା ଆରମ୍ଭ କରନ୍ତି। ଅସଲରେ ନିଜର ସ୍ୱପ୍ନ ପାଇଁ ନିଜେ ଭୋଗୁଥିବା କଥାକୁ ଭୁଲିଯାନ୍ତି। ଏକଥା ବି କେହି କହିପାରନ୍ତି ପିଲାଙ୍କୁ ଭଲ ପାଠ ପଢ଼ାଇବା କ'ଣ ସତରେ ଭୁଲ୍? ଉତ୍ତର ତ ବାସ୍ତବରେ ଆଦୌ ନୁହେଁ। କିନ୍ତୁ ସ୍ୱପ୍ନ ବୁଣିବା ଆଗରୁ ତା'ର ପରିଣାମ ବିଷୟରେ ନ ଭାବି ଆଗକୁ ବଢ଼ିବା ନିଶ୍ଚିତ ଭୁଲ୍ ବୋଲି କୁହାଯାଇପାରେ। ଏକଥା ସତ୍ୟ ଯେ ପିଲାମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଭିତରେ ଥିବା ଫରକକୁ ଏତେ ଶିକ୍ଷିତ ହୋଇ ବି ବୁଝି ପାରନ୍ତିନି। ଏଥିପାଇଁ ଆଜିର ଭାରତୀୟ ସଭ୍ୟତାର ବୟସ୍କମାନେ ନିଜର ସ୍ୱପ୍ନର ପରିଣାମକୁ ଭୋଗୁଛନ୍ତି ନିତି ଓ କର୍ମକୁ ନିନ୍ଦୁଛନ୍ତି।

ସ୍ୱପ୍ନର ପରିଣାମ ଓ ବାସ୍ତବତା ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ଯଦି ସ୍ୱପ୍ନ ବାସ୍ତବତାରୁ ଅତ୍ୟଧିକ ଦୂର ହୋଇଯାଏ, ତେବେ ତାହା ନିରାଶାକୁ ଜନ୍ମ ଦେଇପାରେ। ସେଥିପାଇଁ ସ୍ୱପ୍ନ ଦେଖିବା ସହ ସେଗୁଡ଼ିକୁ ପୂରଣ କରିବାର ପ୍ରାରମ୍ଭିକ ଯୋଜନା ଓ ପଦକ୍ଷେପ ଆବଶ୍ୟକ। ସ୍ୱପ୍ନର ସମ୍ଭାବ୍ୟ ପରିଣାମ ଓ ବାସ୍ତବତା ସହ ସମନ୍ୱୟ ନ ରହିଲେ ଏହା ମନୋସାମାଜିକ ଚାପ ଓ ନିରାଶାର କାରଣ ହୋଇପାରେ। ଏତଦ୍‌ଭିନ୍ନ ସବୁ ସ୍ୱପ୍ନର ପରିଣାମ ମନୁଷ୍ୟର ମୂଲ୍ୟବୋଧ ଓ ନୀତିବୋଧ ସହ ଜଡ଼ିତ। ସ୍ୱପ୍ନ ଅନ୍ୟମାନଙ୍କୁ କ୍ଷତିକରି ନିଜକୁ ସଫଳତା ମିଳେ। ତେବେ ସେହି ସ୍ୱପ୍ନର ପରିଣାମ ଯେତେ ବଡ଼ ଦେଖାଯାଉନା କାହିଁକି ତାହା ନୀତିଗତ ଭାବେ ଛୋଟ ହୋଇଯାଏ। କିନ୍ତୁ ଯେଉଁ ସ୍ୱପ୍ନ ମାନବତା, ସହଯୋଗ ଓ ସେବା ଉପରେ ଆଧାରିତ, ସେଗୁଡ଼ିକ ଯଥାର୍ଥରେ ସବୁବେଳେ ବଡ଼ ଓ ମୂଲ୍ୟବାନ୍। ତେଣୁ ସାମାଜିକ ଜୀବନରେ ଖୋଲା ଆଖିରେ ଦେଖୁଥିବା ସ୍ୱପ୍ନ କିମ୍ବା ରାଜନୀତିରେ ଅଧୁରା ସ୍ୱପ୍ନ ପୂରଣର ପରିଣାମ ସମ୍ପର୍କରେ ପ୍ରଥମେ ଅବଗତ ହେବା ଆବଶ୍ୟକ। ସ୍ୱପ୍ନରେ ଭୋଗ ଅପେକ୍ଷା ଭୋଗିବାର ସମ୍ଭାବନା ଅଧିକ ଥିଲେ ସ୍ୱପ୍ନ ପରିହାର୍ଯ୍ୟ। ଏମିତି ସ୍ୱପ୍ନ ଦେଖିବା ଯାହା କେବଳ ନିଜକୁ ନୁହେଁ, ଅନ୍ୟକୁ ବି ଉନ୍ନତ ଓ ସୁଖଦେଇପାରିବ। ସୁତରାଂ ସ୍ୱପ୍ନ ବଡ଼, ଉଦାର ଓ ନୀତିମୂଳକ ହେଲେ ଯାଇ ସ୍ୱପ୍ନ ସତ୍ୟ ଓ ସାର୍ଥକ ହୋଇପାରିବ।

**ଇନ୍ଦିରା ନଗର, ରାୟଗଡା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଭାରତର ଏକ ଗାଁ ସୌରଶକ୍ତି ଉତ୍ପାଦନ କରି ନିଜର ସମସ୍ତ ଆବଶ୍ୟତା ପୂରଣ କରିବା ନିଶ୍ଚିତ ଭାବେ ଏକ ଗୌରବର ବିଷୟ। ଏହି ଗାଁଟିର ନାଁ ଶେଲାକେୱାଡି। ମହାରାଷ୍ଟ୍ରର କୋହ୍ଲାପୁରଠାରୁ ୧୪ କି.ମି. ଦୂରରେ ଅବସ୍ଥିତ ଏହି ଗାଁ ତାହାର ଆବଶ୍ୟକ ବିଦ୍ୟୁତ ସୌରଶକ୍ତିରୁ ପାଉଛି। ଗାଁର ସବୁ ଘର ଛାତ ଉପରେ ସୋଲାର ପ୍ୟାନେଲ ରହିଛି। ସୌର ବିଦ୍ୟୁତ ଉତ୍ପାଦନ ପାଇଁ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଗାଁର ସବୁ ପରିବାରର ସହଯୋଗ ଅଛି। ପ୍ରତ୍ୟେକ ସୋଲାର ସିଷ୍ଟମ ପାଇଁ ୫୦,୦୦୦ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସୋଲାର ବିଦ୍ୟୁତ ବ୍ୟବହାର କରିବା ପୂର୍ବରୁ କେତେକ ପରିବାର ମାସକୁ ପାଖାପାଖି ୨୦୦୦ ଟଙ୍କା ଇଲେକ୍ଟ୍ରି ବିଲ୍ ବାବଦକୁ ଦେଉଥିଲେ। ଏବେ ତାହା ୧୩୦ ଟଙ୍କାକୁ ଖସିଆସିଛି। ଏପରି କି ପରିବାରଗୁଡ଼ିକର ସୋଲାର ସିଷ୍ଟମ ଗ୍ରୀଡ୍ ସହ ସଂଯୋଗ ହୋଇଥିବାରୁ ସେଥିରୁ ସେମାନେ କିଛି ଲାଭ ମଧ୍ୟ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଏପ୍ରିଲ ୧୯୭୭

- ରାଜ୍ୟ କଂଗ୍ରେସ ଦଳର ବିଧାନସଭା ସଦସ୍ୟ ସତ୍ୟାନନ୍ଦ ଚମ୍ପତିରାୟ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଜନତା ଦଳରେ ଯୋଗ ଦେଇଛନ୍ତି।
- ମହାନଦୀ ତ୍ରିକୋଣଭୂମ ଅଞ୍ଚଳରେ ତୈଳ ଓ ବାଷ୍ପର ଅନୁସନ୍ଧାନ ନିମନ୍ତେ ଏକ ସୁବିସ୍ତୃତ ଯୋଜନା କରିବା ପାଇଁ ଅଏଲ ଇଣ୍ଡିଆ ଲିମିଟେଡକୁ ଭାରତ ସରକାରଙ୍କ ଅନୁମତି ପ୍ରଦାନ।
- ମେଦିନପୁର ଜିଲାରେ ହୋଇଥିବା ଝଡ଼ ତୋଫାନରେ ୧୧ ଜଣ ଲୋକଙ୍କ ମୃତ୍ୟୁ।
- ମହାରାଷ୍ଟ୍ରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ବସନ୍ତ ରାଓ ଦାଦା ପାଟିଲଙ୍କ ଶପଥ ଗ୍ରହଣ।

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ–ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ !
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୋସିଆଲ ମିଡିଆରେ ଅଶ୍ଳୀଳତା ରୋକାଯାଉ

**ମହାଶୟ,**

ବର୍ତ୍ତମାନ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ ନାରୀଙ୍କ ନଗ୍ନଚିତ୍ର ଓ ଅଶ୍ଳୀଳ ଭାଷା ବହୁଳ ଭାବରେ ପରିବେଷଣ ହେଉଛି। କିଛି ଟଙ୍କା ପାଇଁ ଏଭଳି କରିବା କେତେଦୂର ଯୁକ୍ତିଯୁକ୍ତ ବିଚାର କରନ୍ତୁ। ଏହା ଆମ ସଂସ୍କୃତି ପ୍ରତି ଅପମାନ ଓ ସମଗ୍ର ନାରୀ ସମାଜ ପ୍ରତି କୁଠାରାଘାତ। ଭାରତୀୟ ବିଧି ବ୍ୟବସ୍ଥା ପ୍ରତି ଉପହାସ ମଧ୍ୟ। ଏହାଯୋଗୁ ଯୁବ ସମାଜ ତଥା କୋମଳମତି ଛାତ୍ରୀଛାତ୍ର ବିପଥଗାମୀ ହେବା ସମ୍ଭାବନା ସୃଷ୍ଟି ହେଲାଣି। ସିନେମା ଅବାଟକୁ ନ ଯିବା ପାଇଁ ଏକ ସେନସର ବୋର୍ଡ ଅଛି। ସେହିପରି ସୋସିଆଲ ମିଡିଆରେ ଅଶ୍ଳୀଳତାକୁ ରୋକିବା ପାଇଁ ଆଇନର କାର୍ଯ୍ୟପନ୍ଥା ରହୁ। ବର୍ତ୍ତମାନ ଦେଶରେ ନାରୀ ବନ୍ଦନ କାର୍ଯ୍ୟକ୍ରମ ଚାଲୁଛି। ୩୩% ସିଟ୍ ନାରୀଙ୍କୁ ଦେବା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ନାରୀମାନେ ସମାଜରେ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା, କାଳୀ ଓ ଜଗଜ୍ଜନନୀ ରୂପେ ପୂଜିତା। ସେ ସୃଷ୍ଟିକର୍ତ୍ତ୍ରୀ ଓ ସଂହାର କାରିଣୀ ମଧ୍ୟ। ସୁତରାଂ, ସେମାନଙ୍କର ସମ୍ମାନ ରକ୍ଷା ଏକ ସାମଗ୍ରିକ ଦାୟିତ୍ୱ। ସାମାଜିକ ସ୍ତରରେ ସଚେତନତା ଜାଗ୍ରତ ହେଲେ ଶାସକ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପର ହେବେ।

**–ନିଶାକର ରାଉତ, ସହିଦନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

# ବେଆଇନ ଲିଙ୍ଗ ନିରୂପଣ, ଗର୍ଭପାତ: ଜେଲ ଗଲେ ହୋମିଓପାଥି ଡାକ୍ତର


ଅଭିଯୁକ୍ତ ଡା. ଜୟନ୍ତ ବହିଆ ।


ସିଲ୍ ହୋଇଥିବା କ୍ଲିନିକ୍ ।

## କ୍ଲିନିକ ସିଲ୍, ବ୍ୟବହୃତ ଯନ୍ତ୍ରପାତି, କାଗଜପତ୍ର ଜବତ

**ବଡ଼ମ୍ବା,୧୭।୪ (ମାୟାଧର ମଲ୍ଲିକ)**

କ୍ଲିନିକରେ ଲିଙ୍ଗ ନିରୂପଣ ଓ ବେଆଇନ ଗର୍ଭପାତ କରିବା ଅଭିଯୋଗରେ ଜଣେ ହୋମିଓପାଥି ଡାକ୍ତରଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ କଟକ ଜିଲା କାନପୁର ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଡା. ଜୟନ୍ତ ବହିଆ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବଡ଼ମ୍ବା ଉପକାରାଗାରକୁ ପଠାଇ ଦିଆଯାଇଛି। ଏନେଇ ବଡ଼ମ୍ବା ଥାନାରେ ମାମଲା (ନଂ.୧୪୧ / ୨୦୨୬) ରୁଜୁ କରାଯାଇଛି। ଏଥିସହ କ୍ଲିନିକ୍‌କୁ ସିଲ୍ କରିଦିଆଯାଇଛି।

ଡା. ବହିଆ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସୁନାପାଳ ଛକ ନିକଟରେ ୩୦ ବର୍ଷ ହେବ ଏକ କ୍ଲିନିକ ଖୋଲି ରୋଗୀ ସେବା କରିଆସୁଥିଲେ। ମାତ୍ର ପରେ ଅର୍ଥ ଲୋଭରେ ପଡ଼ି ରୋଗୀ ସେବା ନାଁରେ ଉପରୋକ୍ତ ବେଆଇନ କାର୍ଯ୍ୟ କରିଆସୁଥିଲେ। ଗୁରୁବାର ଜଣେ ମହିଳାଙ୍କ ଗର୍ଭପାତ କରୁଥିବା ବେଳେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ହୋଇଯାଇଥିଲା। ତୁରନ୍ତ ତାଙ୍କୁ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆଠଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସମ୍ପୃକ୍ତ ମହିଳା ଏନେଇ ଅଭିଯୋଗ କରିଥିଲେ। ଏହାପରେ କଟକ ଗ୍ରାମାଞ୍ଚଳ ଏସ୍‌ପି ଓ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବଡ଼ମ୍ବା ଥାନା ପୋଲିସ ଉକ୍ତ କ୍ଲିନିକ୍‌ରେ ଚଢ଼ାଉ କରିଥିଲା। ଜଣେ ମହିଳା ପୋଲିସ ଅଧିକାରୀ ଛଦ୍ମବେଶରେ ଯାଇ ସମ୍ପୃକ୍ତ ଡାକ୍ତରଙ୍କ ସହ କ୍ଲିନିକ୍‌ରେ ଆଲୋଚନା କରୁଥିବା ବେଳେ ପୋଲିସ ଟିମ୍ ବହିଆଙ୍କୁ ଧରିଥିଲା। ଯାଞ୍ଚ କରିବା ସମୟରେ ସେଠାରୁ ଲିଙ୍ଗ ନିରୂପଣ ଯନ୍ତ୍ର, ଗର୍ଭପାତ କରାଇବାର ବିଭିନ୍ନ ସରଞ୍ଜାମ ଓ କିଛି ଆପତ୍ତିଜନକ ସାମଗ୍ରୀ ଓ କାଗଜପତ୍ର ଜବତ କରାଯାଇଥିବା ବଡ଼ମ୍ବା ଥାନା ଅଧିକାରୀ ପରମାନନ୍ଦ ନାୟକ ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ଲିଙ୍ଗ ନିରୂପଣ ଓ ଗର୍ଭପାତ କରାଇବା ପାଇଁ ବ୍ୟବହାର କରାଯାଏ ବୋଲି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡା. ଦୋଳଗୋବିନ୍ଦ ଜେନା ସୂଚନା ଦେଇଛନ୍ତି। ଏନେଇ ଡା. ବହିଆଙ୍କ ବିରୋଧରେ ବଡ଼ମ୍ବା ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୩୧୯(୨), ୧୨୫, ୮୮ ଏବଂ ୫(୩)(୪) ଏମ୍‌ଟି ଆକ୍ଟରେ ମାମଲା ରୁଜୁ କରାଯାଇଛି।

**ଫାଇନାନ୍ସ ଟଙ୍କା ଆଦାୟକୁ ନେଇ ଗାଡ଼ି ଚଢ଼ାଇ ହତ୍ୟା ଘଟଣା**

# ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡ

**କେନ୍ଦୁଝର,୧୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ଜଜ୍‌ଙ୍କ କୋର୍ଟରେ ଫାଇନାନ୍ସ ଟଙ୍କା ଆଦାୟକୁ ନେଇ ବୋଲେରୋ ଚଢ଼ାଇ ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଛି। ବିଚାରପତି ଗୋପାଳ ଚନ୍ଦ୍ର ବେହେରା ମାମଲାର ବିଚାର କରି ଅଭିଯୁକ୍ତ ରାମସିଂ ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୨୦୨୫ ଜାନୁଆରୀ ୭ରେ କେନ୍ଦୁଝର ସଦର ଥାନା ରାଇକଳାର ମନୋଜ କୁମାର ମହାନ୍ତ(୨୮) ଓ ବନେଇକଳା ଗ୍ରାମର ତାରିଣୀ ପ୍ରସାଦ ମହାନ୍ତ ନୟାକୋଟ ଥାନା ଲୁହାକଳା ଗ୍ରାମର ରାମସିଂ ମୁଣ୍ଡା ପାଖକୁ ଫାଇନାନ୍ସ ବକେୟା ଟଙ୍କା ଆଦାୟ କରିବାକୁ ଯାଇଥିଲେ। ସେଠାରେ ପହଞ୍ଚି ରାମସିଂ ମୁଣ୍ଡାଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ପାଟିତୁଣ୍ଡ ହୋଇଥିଲା। ପରେ ରାମସିଂ ବାଇକରେ ଚାଲ, ଆଗରେ ଥିବା ଜନସେବା କେନ୍ଦ୍ରରୁ ଟଙ୍କା ଉଠାଇ ସେ ଦେବେ ବୋଲି ୨ ଫାଇନାନ୍ସ କର୍ମଚାରୀଙ୍କୁ କହିଥିଲେ। ତେଣୁ ମନୋଜ ଓ ତାରିଣୀ ବାଇକ୍ (ନଂ.ଓଡି଼୦୯–ଏଏ–୦୫୦୪) ଯୋଗେ ଯାଉଥିବା ସମୟରେ ରାମସିଂ ବୋଲେରୋ(ନଂ. ଓଆର୍ ୧୯ ଡି ୫୫୯୯)ରେ ପଛରେ ଦ୍ରୁତଗତିରେ ଆସି ଶୁକ୍ରାମୁଣ୍ଡା ସାହି ପାଖରେ ସେମାନଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଘଟଣାସ୍ଥଳରେ ତାରିଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ମନୋଜ ଗୁରୁତର ହୋଇଥିଲେ। ଘଟଣାକୁ ନେଇ ମନୋଜ ନୟାକୋଟ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା(ନଂ.୪/୨୦୨୫) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାରେ ୧୧ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଦେଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି ପ୍ରଦୀପ କୁମାର ଦାସ ସୂଚନା ଦେଇଛନ୍ତି।

# ବୃଦ୍ଧା ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ବଇଣ୍ଡା,୧୭।୪(ପରିକ୍ଷିତ ସାହୁ)**

ଦାମ୍ପତ୍ୟ କଳହରୁ ଘଟିଛି ହତ୍ୟାକାଣ୍ଡ। ସାମାନ୍ୟ କଥାକୁ ନେଇ ବୃଦ୍ଧା ସ୍ତ୍ରୀଙ୍କ ସହ ଯୁକ୍ତିତର୍କ ପରେ ମଦ୍ୟପାନ କରି ବୃଦ୍ଧ ସ୍ୱାମୀ ନେଇଛନ୍ତି ଜୀବନ। ଘରେ ରଖିଥିବା ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗଦେଇମୁଣ୍ଡା ଗ୍ରାମରେ ଗୁରୁବାର ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତା ହେଲେ ଗଦେଇମୁଣ୍ଡା ଗ୍ରାମର ରଇବାରୀ ଦେହୁରୀ (୭୦)। ଏ ନେଇ ମୃତା ରଇବାରୀଙ୍କ ପୁଅ ସୁରେଶ ଦେହୁରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୧୩୯/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଚକ୍ରଧର ଦେହୁରୀ (୭୬)ଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟଚାଲାଣ କରିଛି।


ଅଭିଯୁକ୍ତ ଚକ୍ରଧର ଦେହୁରୀଙ୍କୁ ପୋଲିସ କୋର୍ଟଚାଲାଣ କରୁଛି।

ପୋଲିସ ସୂତ୍ରରୁ ପ୍ରକାଶ, ଚକ୍ରଧର ଗୁରୁବାର ସନ୍ଧ୍ୟାରେ କାମସାରି ଘରକୁ ଫେରିଥିଲେ। ପରେ କୌଣସି କଥାକୁ

## ଅଭିଯୁକ୍ତ ସ୍ୱାମୀ ଗିରଫ

ନେଇ ସ୍ତ୍ରୀ ରଇବାରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଚକ୍ରଧର ଘରୁ ବାହାରିଯାଇଥିଲେ। କିଛି ସମୟ ପରେ ସେ ପ୍ରଚୁର ମଦ୍ୟପାନ କରି ଘରକୁ ଆସିବା ସହ ରଖିଥିବା ଏକ ଟାଙ୍ଗିଆରେ ରଇବାରୀଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ରଇବାରୀଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ହଣ୍ଡପା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଛୁରି ଭୁସି ହତ୍ୟା: ଦମ୍ପତି ଗିରଫ

**ବ୍ରହ୍ମପୁର,୧୭।୪(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ରେଡିକା ସାହିରେ ଗୁରୁବାର ରାତିରେ ଛୁରାମାଡ଼ରେ ଗୁରୁତର ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ କେ. ଭଗବାନ ରେଡ୍ଡୀ। ଏହି ଘଟଣାରେ ପୋଲିସ ଭଗବାନଙ୍କ ପଡ଼ୋଶୀ କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ସ୍ତ୍ରୀ କେ. ଲକ୍ଷ୍ମୀ ରେଡ୍ଡୀଙ୍କୁ ଗିରଫ କରିଛି।

ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କ ସୂଚନା ଅନୁସାରେ, ରେଡିକା ସାହିରେ କେ. ଲିଙ୍ଗା ସ୍ତ୍ରୀ କେ. ଲକ୍ଷ୍ମୀ, ବୃଦ୍ଧା ମା' ପାରୁ ରେଡ୍ଡୀ ଓ ୩ ଝିଅଙ୍କ ସହ ରହୁଛନ୍ତି। ତାଙ୍କ ପଡୋଶୀ ଭାବେ କେ. ଭଗବାନ ରେଡ୍ଡୀ ଓ ତାଙ୍କ ସ୍ତ୍ରୀ ଜ୍ୟୋତି ରେଡ୍ଡୀ ରହୁଥିଲେ। କେ. ଲିଙ୍ଗା ନିଜ ବୃଦ୍ଧା ମା'ଙ୍କୁ ଅବହେଳା କରୁଥିବାରୁ ପଡ଼ୋଶୀ ଦମ୍ପତି ବିରୋଧ କରିଆସୁଥିଲେ। ଏପରିକି ପାରୁଙ୍କୁ ନିର୍ଯାତନା ଦିଆଯାଉଥିବାର ଭିଡିଓ ଓ ଫଟୋ ଉତ୍ତୋଳନ କରି କେ. ଭଗବାନ ଦୂରରେ ରହୁଥିବା ଲିଙ୍ଗାଙ୍କର ଜଣେ ସମ୍ପର୍କୀୟଙ୍କ ପାଖକୁ ପଠାଇଥିଲେ। ଏହାକୁ ନେଇ ଗୁରୁବାର ମଧ୍ୟରାତ୍ରିରେ ଭଗବାନ ଓ ଲିଙ୍ଗାଙ୍କ ପରିବାର ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ପରେ ଏହା ହିଂସାର ରୂପ ନେଇଥିଲା। ଲିଙ୍ଗା ଉତ୍ତ୍ୟକ୍ତ ହୋଇ ଛୁରି ଆଣି ଭଗବାନଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭଗବାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ବଡ଼ବଜାର ଥାନାରେ ନଂ.୨୫୯/୨୬ରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ସେକ୍ସ ର୍ୟାକେଟ ଠାବ, ମଧ୍ୟସ୍ଥଙ୍କ ସମେତ ୫ ଗିରଫ

**ଭଞ୍ଜନଗର,୧୭।୪(ବାବୁଲା ପ୍ରଧାନ)**

ଆସନ୍ତା ୨୬ ତାରିଖରୁ ଭଞ୍ଜନଗର ଠାକୁରାଣୀ ଯାତ୍ରା ଆରମ୍ଭ ହେବ। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାରେ ପୋଲିସର ମୁଖ୍ୟ ଭୂମିକା ରହିଛି। ତେଣୁ ଏବେଠାରୁ ବିଭିନ୍ନ ବେନିୟମ କାର୍ଯ୍ୟ ଉପରେ ପୋଲିସ ଚଢ଼ାଉକୁ ଜୋରଦାର୍ କରିଛି। ଗତ ୧୫ ତାରିଖ ରାତିରେ ଏସ୍‌ଆଇ ସମୀର ସେଠୀ ଏବଂ ଅନ୍ୟ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଭଞ୍ଜନଗର ଶଙ୍ଖସାହିର ଏକ ଘରେ ସେକ୍ସ ର୍ୟାକେଟ ଚାଲିଥିବା ସୂଚନା ମିଳିଥିଲା। ଏହାପରେ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ଚଢ଼ାଉ କରି ଜଣେ ମଧ୍ୟସ୍ଥ ଓ ୪ ଜଣ ଗ୍ରାହକଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଭଞ୍ଜନଗର ଅତିରିକ୍ତ ତହସିଲଦାର ଅବିନାଶ ମହାର ଥିଲେ। ପୋଲିସ ସୂଚନା ଅନୁସାରେ ଅଭିଯୁକ୍ତ ଅମର ଓରଫ ଗୀତା ନାୟକ ଅନ୍ୟାନ୍ୟ ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ଅବୈଧ କାର୍ଯ୍ୟରେ ଲଗାଉଥିଲେ। ଉକ୍ତ ଘରୁ ଅବ୍ୟବହୃତ କଣ୍ଡୋମ, ମଦ ବୋତଲ ଏବଂ ୫ଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଭଞ୍ଜନଗର ଥାନାରେ ନଂ.୩୨୬/୨୬ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଦରପୋଡ଼ା ମୃତଦେହ ଜବତ, ହତ୍ୟା ଅଭିଯୋଗ

**କଣିହାଁ,୧୭।୪(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ଥାନା କଣିହାଁ ପେଟ୍ରୋଲ ପମ୍ପ ନିକଟ ଏନ୍‌ଟିପିସି ଆଶ୍‌ପଣ୍ଡ ପାଇପ୍‌ଲାଇନ ନିକଟରୁ ଶୁକ୍ରବାର ଏକ ଦରପୋଡ଼ା ମୃତଦେହ ପୋଲିସ ଜବତ କରିଛି। ମୃତକ ମସୁଣିହତା ଗ୍ରାମର ବାରୁ ବେହେରା (୩୩) ବୋଲି ପୋଲିସ ଚିହ୍ନଟ ହୋଇଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲ ପଠାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସକାଳେ ପାଇପ୍‌ଲାଇନ ପାଖରେ ଏକ ଦରପୋଡ଼ା ମୃତଦେହ ପଡ଼ିଥିବା ଖବର ମିଳିଥିଲା। ତଦନ୍ତ ସମୟରେ ତାହା ମସୁଣିହତା ଗ୍ରାମର ବାରୁଙ୍କର ବୋଲି ଜଣାପଡିଥିଲା। ବାରୁ ଅବିବାହିତ ଥିବାବେଳେ ତାଙ୍କର କେବଳ ଜଣେ ସାନ ଭାଇ ଅଛନ୍ତି। ପ୍ରାୟ ୩ବର୍ଷ ହେବ ବାରୁ କଣିହାଁରେ ରହିବା ସହ ଏକ ଦୋକାନରେ କାମ କରୁଥିଲେ। ତାଙ୍କୁ କେହି ହତ୍ୟା କରି ପାଇପ୍‌ଲାଇନ ପାଖରେ ପକାଇ ପୋଡ଼ି ଦେଇଥିବା ପୋଲିସ ଅନୁମାନ ହେଉଛି।


**GOVERNMENT OF ODISHA** No.25001/20/2627
**OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA**
e-mail : eerwsskld@gmail.com, eerwss_kld@nic.in, Phone No. : 06670-230784
**INVITATION OF BID THROUGH e-TENDERING**
**Bid Identification No.-01/SE/RWSS/2026-27/Bpt Dated.13.04.2026**
**1. Name of the Work : As per ANNEXURE-A**

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 01/SE/RWSS/2026-27 /Bpt Dated-13.04.2026 | 21.04.2026 10.00 A.M. | 07.05.2026 05.30 P.M. | 08.05.2026 10.00 A.M. onwards |

**Cost of tender paper to be made online payment system.**
**Further details can be seen from the e-procurement portal http://tenderodisha.gov.in.**
**The original documents should be scanned and uploaded.**
**Sd./- Superintending Engineer, Kalahandi RWS&S Division, Bhawanipatna**
**OIPR-25001/25005/1/26-27/0001**

No.27001/22/2627
# DIRECTORATE OF STATE INSTITUTE OF OPEN SCHOOLING
**"SHIKSHA SOUDHA", UNIT-V, BHUBANESWAR-751001**
**No.120** **Date : 16.04.2026**
## Notice Inviting RfP
**Selection of Agency for Design, Development and Implementation of Chatbot, Mobile App, Web Portal and E-content for SIOS, Odisha**
DIRECTORATE OF SIOS, under the administrative control of the School & Mass Education Department, Government of Odisha, invites sealed proposals from eligible bidders for the Selection of an agency for the design, Development and Implementation of a chatbot, Mobile App, Web-portal and E-content for SIOS, Odisha, during the Financial Year 2026-27.
The RfP document will be available on the OSEPA website at osepa.odisha.gov.in. Bidders meeting the eligibility criteria as prescribed in the RfP can access and download the complete RfP and apply accordingly.
The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of the RfP document in OSEPA website | 18.04.2026 |
| 2 | Last Date for Submission of Bid | By 5 P.M. of 11.05.2026 |
| 3 | Date of Opening of Technical Bid | At 11 A.M. of 12.05.2026 |
| 4 | Date of Opening of Financial Bid | To be communicated to the technically qualified bidder/s later |

The proposal, complete in all respects, must reach the undersigned by **Speed Post/ Registered Post/ Courier** only, latest by 5 PM of 11.05.2026 in a sealed envelope superscribed as **"REQUEST FOR PROPOSAL - Selection of Agency for Design, Development and Implementation of Chatbot, Mobile App, Web Portal and E-content for SIOS, Odisha"**
The proposals received beyond the last date and time will be rejected. The Tender Inviting Authority, i.e. SIOS, reserves the right to accept/ reject any/all BIDs / cancel the entire selection process at any stage without assigning any reason thereof.
Address for Submission of Proposal :
**Director,**
**DIRECTORATE OF SIOS**
**"Shiksha Soudha", Unit-V, Bhubaneswar, Odisha-751001**
**OIPR-27001/27068/1/26-27/0002** **Sd./- DIRECTOR, SIOS**

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT, POST : BALIMELA, DIST. : MALKANGIRI (ODISHA), PIN : 764051
Phones : 06861-232581 (O)/232641 (R), FAX : 06861-232541, E-Mail : unit.head_balimela@yahoo.com
**REGD. OFFICE : ODISHA HYDRO POWER CORPORATION LIMITED**
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR-751022
Tel : 91-0674-2542983, 2542802, 2545526, Fax : 2542102, GRAM HYDROPOWER, E-Mail : ohpc.co@gmail.com/md@ohpcltd.com, Web : www.ohpcltd.com
**CIN:U40101OR1995SGC003963, GSTIN-21AAACO2575P1Z9**
**TENDER CALL NOTICE No. BHEP/TECH/02/2026-27 Dtd.15.04.2026**
**No.4001/26/2627 :** The Sealed tenders are invited in single part bid basis from the Manufacturer / Reputed Suppliers / Authorised Dealers for supply of materials as detailed below.

| Sl No. | Description of Items | Cost of tender paper (In Rs.) |
|---|---|---|
| 1 | Supply, Erection & Commissioning of Shaft Seal Sediment Filter System (15,000 LPH) for BHEP, Balimela. | Rs.7080/- Inclusive of GST @18% |

The Sale of Tender Paper will be from : **18.04.2026 to 30.04.2026 (up to 10:30 hrs.)**
The last date & time of receipt of Tenders : **Up to 11:00 hrs. of 30.04.2026**
Date and time of opening of the Bid : **30.04.2026 at 11:30 hrs.**
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**
**Sd./- C & P Head BHEP, Balimela**
**OIPR-4001/4019/1/26-27/0003**

Government of Odisha "e" procurement Notice
# OFFICE OF THE EXECUTIVE ENGINEER, RURAL WORKS ELECTRICAL DIVISION, SAMBALPUR
No.34001/73/2627
E-mail : eerwelectricaldivn.sambalpur@gmail.com
**Bid Identification No.EE/RWELECT/SBP/04/2026-27**
1. Name of the work : **SHIFTING ESTIMATE FOR IMPROVEMENT OF BANDHAPALI TO SIALBAHALI ROAD UPTO ICHHAPUR UNDER RWES SONEPUR**
2. Estimated Cost : **Rs.37,61,087/-**
3. Availability of bid document in the website : 11.30 Hours of 20.04.2026 to 17:00 Hours of 02.05.2026
4. Date of Opening of Tenders : 11:30 Hours on dt.04.05.2026

Further details and any corrigendum/addendum/cancellation of tender can be seen from the Website **www.tendersodisha.gov.in** only.
**OIPR-34001/34175/1/26-27/0001** **Executive Engineer R.W. Electrical Division, Sambalpur**

# ZILLA SWASTHYA SAMITI, NABARANGPUR
## OFFICE OF CDM & PHO-cum-DISTRICT MISSION DIRECTOR, NABARANGPUR
**No. 3662** **Date: 16.04.2026**
## NOTIFICATION
No. 10001/57/2627: As per the Order No. 11512, Dtd.26.09.2025 of Mission Director, NHM, Odisha, the **Tender Call Notice No. 7851 Dated: 05.08.2025** issued by the Office of the CDM & PHO, Nabarangpur for selection of agency to undertake paramedics, Nursing and other Techno Managerial Services at Government Health Institutions of Nabarangpur is hereby cancelled. Therefore bidders are instructed to collect their bid document from Office of the CDM & PHO, Nabarangpur at earliest.
**Sd./- (Dr. Malay Kumar Pradhan) CDM & PHO-cum-District Mission Director, Nabarangpur**
**OIPR-10001/10081/1/26-27/0002**

# OFFICE OF THE SUPERINTENDING ENGINEER KENDRAPARA (R&B) DIVISION-I, KENDRAPARA
**No. 34001/74/2627** **E-Mail ID: eernbkdp@gmail.com**
**Tel.: (06727) 220268, Fax No.: (06727) 220862**
**GOVERNMENT OF ODISHA "e" Procurement Notice (Short Notice)**
**e-Procurement Notice for Road Works**
**Bid Identification No. S.E., R&B KDP-01/2026-27**
1. No. of Work : 3 Nos. of Electrical Works
2. Estimated Cost : Rs.16.00 lakhs to Rs.39.00 lakhs (Approximately)
3. Period of Completion : 30 days to 45 days
4. Date and time of sale and receipt of bid document : From 11.00 A.M. of 21.04.2026 to 5.30 P.M. of 02.05.2026
5. Last date/time of receipt of bids: 5.30 P.M. of 02.05.2026
6. Date and time of Opening of bids : 11.00 A.M. of 04.05.2026
7. Name and address of the Officer Inviting Bid : Superintending Engineer, Kendrapara (R&B) Division-I, Kendrapara

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in.**
**Sd./- Superintending Engineer Kendrapara (R&B) Division-I**
**OIPR-34001/34097/1/26-27/0001**

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**APPOINTMENT**
**HR AND ADMIN REQUIREMENT**
3 TO 5 YEAR EXPERIENCE IN BHUBANESWAR
**- CONTACT -**
**9938237545 / 7978196346**

**ଜରୁରୀ ନିଯୁକ୍ତି ସୂଚନା**
ଭୁବନେଶ୍ୱରର ଏକ ପ୍ରାଇଭେଟ୍ ହସ୍ପିଟାଲ୍ ପାଇଁ ତୁରନ୍ତ ୧୦୦ଜଣ ସିକ୍ୟୁରିଟି ଗାର୍ଡ ଆବଶ୍ୟକ । ପୁରୁଷ ଓ ମହିଳା ଉଭୟ ଆବେଦନ କରିପାରିବେ । ଫ୍ରେସର ମାନେ ମଧ୍ୟ ସ୍ୱାଗତ ।
ଯୋଗ୍ୟତା ମାତ୍ର ୧୦ମ ଶ୍ରେଣୀ ପାସ୍ ।
**Contact - 9114435575**

See Career Appointment on every Wednesday & Saturday

**WANTED**
**SALES EXECUTIVE**
Location
**Puri & Bhubaneswar**
Having experience of 3 to 5 years (Preferable in Automobile Trade)
Interested candidates may send their resume to Mail ID: tbsa.bbsr@gmail.com.
**Contact - 8117894598**

# ଦିଲ୍ଲୀ ବିଶ୍ୱବିଦ୍ୟାଳୟ
# UNIVERSITY OF DELHI
**ବିଜ୍ଞାପନ ସଂ. ଆର୍ ଆଣ୍ଡ ପି/୩୧୪/୨୦୨୬** **ତାରିଖ: ୧୨.୦୩.୨୦୨୬**
**ହିନ୍ଦୁ ଅଧ୍ୟୟନ କେନ୍ଦ୍ର**, ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୭ମ କେନ୍ଦ୍ରୀୟ ବେତନ ଆୟୋଗ ବେତନ ମାଟ୍ରିକ୍ସର ଶିକ୍ଷାଗତ ବେତନ ସ୍ତର-୧୦ରେ **ଆସିଷ୍ଟାଣ୍ଟ ପ୍ରଫେସର** ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମରେ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ପ୍ରକାଶନଠାରୁ ଦୁଇ ସପ୍ତାହ । ବିବରଣୀ ପାଇଁ ଦୟାକରି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ **www.du.ac.in** ପରିଦର୍ଶନ କରନ୍ତୁ ଏବଂ "Work with DU" ଶୀର୍ଷକ ଅଧୀନସ୍ଥ "Advertisement - Departments" ଉପରେ କ୍ଲିକ୍ କରନ୍ତୁ ।
**ଯେକୌଣସି ଯୋଗପତ୍ର/ଶୁଦ୍ଧିପତ୍ର କେବଳ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।**
**cbc 21231/12/0011/2627** **ନିବନ୍ଧକ**

# पुलिस अधीक्षक का कार्यालय, सरायकेला-खरसावाँ
**आवश्यक सूचना**
सर्वसाधारण को सूचित किया जाता है कि गुमशुदा महिला शीतला देवी, उम्र– करीब 71 वर्ष, पति– स्व0 मनसा राम प्रमाणिक, सा0– चिपड़ी, थाना– ईचागढ़, जिला– सरायकेला–खरसावाँ, जिनका मानसिक स्थिति ठीक नहीं रहने के कारण अपने घर में रखकर ईलाज करवा रहे थे जो दिनांक– 30.03.2026 को समय करीब 11:00 बजे किसी को सूचना दिये बिना कहीं चली गयी है, जो अभी तक घर वापस नहीं आयी है। इस संबंध में पता लगाने का काफी प्रयास किया गया एवं आवेदक अपने रिस्तेदारों एवं परिजनों द्वारा अपने स्तर से काफी खोजबीन किया गया परन्तु गुमशुदा शीतला देवी का पता नहीं चल सका है।

गुमशुदा महिला का हुलिया :–
1. नाम– शीतला देवी,
2. उम्र– करीब 71 वर्ष,
3. रंग– काला,
4. उचाई– 5 फीट लगभग,
5. बाल– सफेद
6. भाषा– बंगला,
7. पहनावा– पैर में हरा रंग का चप्पल।



अत: सभी जन साधरण से अनुरोध है कि यदि उक्त गुमशुदा शीतला देवी, के संबंध में किसी प्रकार की सूचना मिले तो निम्नांकित फोन नम्बर पर संपर्क कर इसकी सूचना दें।
विज्ञापन दाता का नाम–पुलिस अधीक्षक, श्री मुकेश कुमार लुनायत (भा0पु0से0)
पत्र वाहक का नाम एवं पद–338 मिठुन प्रामानिक मो0न0–8210059836
मो0 नं0:– 9431706529–पुलिस अधीक्षक, सरायकेला–खरसावाँ।
9431706530–पुलिस उपाधीक्षक, (मुख्यालय), सरायकेला–खरसावाँ।
9431706532–अनुमण्डल पुलिस पदाधिकारी, चाण्डिल।
9431706544–थाना प्रभारी, चौका।
Email Id sp-seraikela@jhpolice.gov.in
पुलिस अधीक्षक, सरायकेला–खरसावाँ
PR 377744 Police (26-27)_D

# ଚାକିରି ନାଁରେ ଠକେଇ, ଜଣେ ଗିରଫ

## ଗୋଟିଏ କାର, ୮ଟି ମୋବାଇଲ ଫୋନ, ୭ ବ୍ୟାଙ୍କ ପାସବୁକ୍, ୫ ଏଟିଏମ୍ କାର୍ଡ, ୫ ଚେକ୍ ବୁକ୍ ଜବତ

**ସୁନ୍ଦରଗଡ,୧୭।୪(ଜୟ ନାରାୟଣ ମେଣ୍ଡୁଲି)**

ଫେକ ଫେସବୁକ ଖୋଲି ଚାକିରୀ ନାଁରେ ବହୁ ଲକ୍ଷ ଟଙ୍କା ଠକେଇ କରୁଥିବା ବଲାଙ୍ଗୀର ଜିଲାର ଜଣେ ଠକଙ୍କୁ ସୁନ୍ଦରଗଡ ଜିଲା ପୋଲିସ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ପ୍ୟାଲେସ ଲାଇନରେ ରହୁଥିବା ସରୋଜ ନନ୍ଦ। ପୋଲିସ ତାଙ୍କ ନିକଟରୁ ଓଡି୦୩ଏଡି ୩୮୭୭ ନମ୍ବର ବିଶିଷ୍ଟ ଗୋଟିଏ ଦାମୀକାର, ୮ଟି ମୋବାଇଲ ଫୋନ, ଗୋଟିଏ ଟାବଲେଟ, ବିଭିନ୍ନ ବ୍ୟାଙ୍କର ୭ଟି ପାସବୁକ, ୫ଟି ଏଟିଏମ କାର୍ଡ ଓ ୫ଟି ବ୍ୟାଙ୍କ ଚେକ ବହି ଜବତ କରିଥିବା ସୁନ୍ଦରଗଡ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ ମହାପାତ୍ର କହିଛନ୍ତି ଯେ, ସୁନ୍ଦରଗଡ ଭଷ୍ମା ଥାନା ଅନ୍ତର୍ଗତ ଭାଲୁଗାଡ ଗ୍ରାମର ରଞ୍ଜିତା କାଲୋ ଗତ ୨୦୨୫ ଅଗଷ୍ଟ ୨୭ତାରିଖରେ ଏନେଇ ଭଷ୍ମା ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ଅନୁସାରେ ବଲାଙ୍ଗୀର ଜିଲା ଲୋଇସିଂହାର ସରୋଜ ନନ୍ଦ ନାମକ ଜଣେ ବ୍ୟକ୍ତି ରିତେଶ ତ୍ରିପାଠୀ ନାମରେ ଏକ ନକଲି ଫେସବୁକ ଆଇଡି ଖୋଲି ଗତ୨୦୨୪ନଭେମ୍ବର୧୯ତାରିଖରେ ତାଙ୍କ ସହିତ ସମ୍ପର୍କ କରିଥିଲେ। ସେ କହିଥିଲେ ଯେ, କମର୍ସିଆଲ ଅଫିସରେ ପୁଅଝିଅ ମାନଙ୍କୁ ଚାକିରୀ କରାଇ ଦେଇ ପାରିବେ। ତାଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରିଣୀ ତାଙ୍କ ପୁଅ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହାପରେ ଅଭିଯୁକ୍ତ ଜଣକ ଏଥିପାଇଁ ୧୫ଲକ୍ଷ ଟଙ୍କା ଦାବି କରିଥିଲେ। ଅଭିଯୋଗକାରିଣୀ ତାଙ୍କୁ ଫୋନ ପେ' ଓ ବ୍ୟାଙ୍କ ଟ୍ରାନ୍ସଫର ଜରିଆରେ ପ୍ରଥମେ ୧୨ଲକ୍ଷ ୪୫ହଜାର ଏବଂ ପରେ ୨ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମାତ୍ର ପରେ ଅଭିଯୁକ୍ତ ଆହୁରି ଅଧିକ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଚାକିରୀ ବିଷୟରେ ପଚାରିବା ପରେ ଅଭିଯୁକ୍ତ ଜଣକ ନାନା ଆଳ ଦେଖାଇ ଦିନ ଗଡାଇ ଚାଲିବା ସହ ଓଲଟା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକାଉଥିଲେ। ଏହାପରେ ଚାକିରୀ ଦେବାକୁ କିମ୍ବା ଟଙ୍କା ଫେରାଇବାକୁ ମନା କରିଦେଇଥିଲେ। ଶେଷରେ ଅଭିଯୋଗ କାରିଣୀ ଏ ସମ୍ପର୍କରେ ଭଷ୍ମା ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ଭଷ୍ମା ଥାନାର ତତ୍କାଳୀନ ଆଇଆଇସି ସୁଶାନ୍ତ ପରିଡା ଥାନାରେ କେସ୍ ନମ୍ବର ୨୭୨/୨୫ରେ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏହି ମାମଲାର ଗମ୍ଭିରତାକୁ ଦେଖି ସୁନ୍ଦରଗଡ ଏସପି ଅମ୍ରିତ ପାଲ କୌରଙ୍କ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇ ଅଭିଯୁକ୍ତ ସରୋଜ କୁମାର (୩୨)ଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ସ୍ଥାୟୀ ଠିକଣା ବରଗଡ଼ ଜିଲା ଗାଇସିଲେଟ ଥାନା କଣ୍ଡାଗଡ ଗ୍ରାମରେ ବୋଲି ପୋଲିସ ସୂଚନା ଦେଇଛି। ଜନସାଧାରଣ ତଥା ବିଶେଷ କରି ଯୁବ ବର୍ଗ ଚାକିରୀ ପାଇଁ ଏଭଳି ଠକ ମାନଙ୍କ ପ୍ରଲୋଭନରେ ପଡି ଠକାମୀର ଶୀକାର ନ ହେବାକୁ ଅନୁରୋଧ କରିଛନ୍ତି। ଯଦି କୌଣସି ବ୍ୟକ୍ତି ଏଭଳି ପ୍ରଲୋଭନ ଦେଖାଉଥିବା ଖବର ନଜରକୁ ଆସେ ତାହେଲେ ପୋଲିସର ନଜରକୁ ଆଣିବାକୁ ଅନୁରୋଧ କରିଛନ୍ତି।






ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର ସୂଚନା ଦେଉଛନ୍ତି।

# କଳାହାଣ୍ଡିକୁ ଲମ୍ବିଛି ଜାଲ୍ ନୋଟ୍‌ର ରାକେଟ

**ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାକୁ ଜାଲ୍ ନୋଟର ରାକେଟ ଲମ୍ବିଛି। ରାକେଟରେ ସମ୍ପୃକ୍ତ ଅଭିଯୁକ୍ତ ଅନ୍ୟ ଜିଲାରୁ ଧରାପଡୁଥିବାବେଳେ କଳାହାଣ୍ଡି ପୋଲିସ କିଭଳି ଟେର ପାଉ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିବର୍ଷ ତଳେ ଜିଲାର ବୋର୍ଡା ଅଞ୍ଚଳରେ ଏକ ରାକେଟର ପର୍ଦ୍ଦାଫାସ ହୋଇଥିବାବେଳେ ପୋଲିସର ନୀରବତା ସେମାନଙ୍କୁ ସୁହାଉଥିବାରୁ ରାକେଟର ଚେର ଲମ୍ବୁଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଏ ଦିଗରେ ପଦକ୍ଷେପ ନେବାକୁ ଜୁନାଗଡ଼ ବଣିକସଂଘ ପକ୍ଷରୁ ପୋଲିସ ଆଇଆଇସିଙ୍କୁ ଦବିପତ୍ର ଦିଆଯାଇଛି।

କଳାହାଣ୍ଡି ଜିଲାର ବୋର୍ଡା ଅଞ୍ଚଳରେ ୨୦୨୩ ମସିହାରେ ଜାଲ୍ ନୋଟ କାରବାରର ଏକ ବଡ ରାକେଟ କାମ କରୁଥିବା ପୋଲିସ ସୂଚନା ପାଇଥିଲା। ସେ ସମୟରେ ଜାଲ ନୋଟ ଛାପାରେ ବ୍ୟବହୃତ ପ୍ରିଣ୍ଟିଂ ମେଶିନ ଓ କାଗଜ ପୋଲିସ ଜବତ କରିବା ସହ ବୋର୍ଡା କୁସମେଲର ଜଣେ ଯୁବକଙ୍କୁ ଗିରଫ କରିଥିଲା। ବୋର୍ଡାର ବିଭିନ୍ନ ଦୋକାନ ବଜାରରେ ଦୀପାବଳି ସମୟରେ ଜାଲ ନୋଟ କାରବାର ହେବା ପରେ ଏହା ପୋଲିସ ନଜରକୁ ଆସିଥିଲା। ସେହିଭଳି



ବଣିକ ସଂଘ ପକ୍ଷରୁ ଜୁନାଗଡ଼ ଆଇଆଇସିଙ୍କୁ ଦାବିପତ୍ର ଦିଆଯାଉଛି।

### ବଣିକ ସଂଘ ପକ୍ଷରୁ ପୋଲିସକୁ ଦାବିପତ୍ର

ଜୁନାଗଡ ଅଞ୍ଚଳରେ ମଧ୍ୟ ଜାଲ ନୋଟର କାରବାର ନେଇ ଲୋକେ ଭୟଭୀତ ହେବାରେ ଲାଗିଛନ୍ତି। ଜୁନାଗଡ ବଜାରରେ ୫ଶହ ଟଙ୍କିଆ ଜାଲ ନୋଟ ନଜରକୁ ଆସିଥିଲା। ଏ ନେଇ ଜୁନାଗଡ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଆଇଆଇସିଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଛି। ସେହିପରି ବାଂଲାଦେଶରୁ କଳାହାଣ୍ଡିକୁ ଜାଲ୍ ନୋଟ କାରବାରର ଚେର ଲମ୍ବିଥିବା କୁହାଯାଉଛି। ଟିଟିଲାଗଡଠାରେ ପ୍ରାୟ ୩୫ଲକ୍ଷ ଟଙ୍କାର ନକଲି ନୋଟ ପୋଲିସ ଜବତ କରି ଏଥିରେ ସମ୍ପୃକ୍ତ ଗୋଲାମୁଣ୍ଡା ବ୍ଲକର ଜଣେ ଯୁବକଙ୍କୁ ଗିରଫ କରିଥିଲା। ଏବେ କଳାହାଣ୍ଡି ଜିଲାର ଜୁନାଗଡ, ଭବାନୀପାଟଣା, କେସିଙ୍ଗା, ଧର୍ମଗଡ ଅଞ୍ଚଳରେ ନକଲି ନୋଟ କାରବାର ଭୟ ସୃଷ୍ଟି କରିଛି। ପୋଲିସ ପକ୍ଷରୁ ଏ ନେଇ ଖୋଳତାଡ କରାଗଲେ ଏହି କାରବାରର ଗୁମର ଫିଟନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ମାଇକ୍ ସାଉଣ୍ଡ ସାମଗ୍ରୀ ଚୋରି, ୨ ଗିରଫ

**ରାଉରକେଲା,୧୭।୪(ସଙ୍ଗୀତା ଜେନା)**

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲୀ ଅଞ୍ଚଳରେ ମାଇକ୍ ସାଉଣ୍ଡ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗୋପବନ୍ଧୁପାଲୀ ଅଞ୍ଚଳର ମୋନୁ ଶର୍ମା(୨୭) ଓ ପ୍ରବୀଣ ଗିରି(୨୦)। ଅଭିଯୁକ୍ତଙ୍କ ଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୯୫/୨୬) ରୁଜୁ କରିଛି। ସୂଚନା ଅନୁଯାୟୀ, ଗୋପବନ୍ଧୁପାଲୀରେ ସୁନୀଲ କୁମାର ସାଓଙ୍କ ମାଇକ୍ ସାଉଣ୍ଡ ଦୋକାନ ରହିଛି। କିଛିଦିନ ତଳେ ସୁନୀଲ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରିବା ପରେ କେହି ଦୁର୍ବୃତ୍ତ ଦୋକାନରୁ ଆମ୍ପ୍ଲିଫାୟାର, ପୋଡିୟମ୍ ମାଇକ୍, ପେୟାର ଲାଇଟ୍, ଡିଜେ ମକ୍ସର ମେଶିନ ଆଦି ଚୋରି କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ମୋନୁଙ୍କ ନାଁରେ ୬ଟି ଓ ପ୍ରବୀଣଙ୍କ ନାଁରେ ଗୋଟିଏ ଆପରାଧିକ ରେକର୍ଡ ରହିଥିବା ଥାନାଧିକାରୀ ବିବସ୍ୱ ପ୍ରଧାନ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

# ଖାଉଟି ଅଦାଲତରେ ମେକ୍ ମାଇ ଟ୍ରିପ୍ କମ୍ପାନୀ ଦଣ୍ଡିତ

**ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)**

ଆଜିର ଡିଜିଟାଲ ଯୁଗରେ ଅନ୍‌ଲାଇନ ବୁକିଂ ସେବା ଲୋକଙ୍କ ଜୀବନକୁ ସହଜ କରିଥିବା ବେଳେ କେତେକ ସମୟରେ ଏହା ଗୁରୁତର ସମସ୍ୟାର କାରଣ ମଧ୍ୟ ହେଉଛି। ଏପରି ଏକ ଘଟଣାରେ କଳାହାଣ୍ଡି ଜିଲା ଉପଭୋକ୍ତା ବିବାଦ ନିରାକରଣ କମିଶନ (ଖାଉଟି ଅଦାଲତ) ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଅନ୍‌ଲାଇନ ଟ୍ରାଭେଲ କମ୍ପାନୀ ମେକ୍ ମାଇ ଟ୍ରିପ୍‌କୁ ଦଣ୍ଡିତ କରିଛନ୍ତି। ଖାଉଟି ଅଦାଲତରେ ନିହାର ରଞ୍ଜନ ମିଶ୍ର ନାମକ ଯୁବକ ଏକ ଅଭିଯୋଗ ଦାଖଲ କରିଥିଲେ। ସେ ତାଙ୍କ ପରିବାର ସହ କୋଚି ଯିବା ପାଇଁ ୧୧ଟି ବିମାନ ଟିକେଟ ବୁକ କରିଥିଲେ। ଏହି ବୁକିଂ ତାଙ୍କ ମିତ୍ରଙ୍କ 'ଗୋଲ୍ଡ ମେମ୍ବରସିପ' ବ୍ୟବହାର କରି ମେକ୍ ମାଇ ଟ୍ରିପ୍ ପ୍ଲାଟଫର୍ମ ମାଧ୍ୟମରେ କରାଯାଇଥିଲା। ସେପ୍ଟେମ୍ବର ୨୦୨୫ରେ ସମସ୍ତ ଯାତ୍ରୀଙ୍କ ଠିକ ବିବରଣୀ ଇମେଲ ମାଧ୍ୟମରେ ପଠାଇ ପ୍ରାୟ ୧ ଲକ୍ଷ ୩୬ ହଜାର ୪୬୫.୫୦ ଟଙ୍କା ଦେଇଥିଲେ। ତେବେ ଟିକେଟ ମିଳିବା ପରେ ଦେଖାଗଲା ଯେ ଜଣେ ଯାତ୍ରୀ ପ୍ରଦୀପ କୁମାର ମିଶ୍ରଙ୍କ ନାମ ଭୁଲରେ ପ୍ରଦୀପ କୁମାର ଭାବେ ଟାଇପ ହୋଇଛି। ଏହି ଭୁଲ ସମ୍ପର୍କରେ ସେ କମ୍ପାନୀକୁ ଜଣାଇଲେ ମଧ୍ୟ ସେମାନେ ୪୮ ଘଣ୍ଟା ଅପେକ୍ଷା କରନ୍ତୁ କହି ସମାଧାନ କରି ନ ଥିଲେ। ଶେଷରେ କମ୍ପାନୀ ପକ୍ଷରୁ ଏୟାରଲାଇନ ସହ ସମ୍ପର୍କ କରିବାକୁ କୁହାଯାଇଥିଲା। ତେବେ ଏୟାରଲାଇନ ପକ୍ଷରୁ ଭୁଲ ଟିକେଟ କ୍ୟାନ୍‌ସେଲ୍ କରି ନୂତନ ଟିକେଟ ବୁକ କରିବାକୁ ପରାମର୍ଶ ଦିଆଯାଇଥିଲା। କମ୍ପାନୀ ଆଶ୍ୱାସନ ଦେଲେ ଯେ ନୂତନ ଟିକେଟ ନେଲେ ପୁରୁଣା ଓ ନୂତନ ଟିକେଟ ଟଙ୍କା ଫେରସ୍ତ ଦିଆଯିବ। ଏହି ଭରସାରେ ଅଭିଯୋଗକାରୀ ପୁଣି ଥରେ ୨୦ ହଜାର ୭୩ ଟଙ୍କା ଖର୍ଚ୍ଚ କରି ନୂତନ ଟିକେଟ କିଣିଥିଲେ। ହେଲେ କମ୍ପାନୀ ଏହି ଟଙ୍କା ଫେରସ୍ତ ଦେଇ ନ ଥିଲେ। ତେବେ କମିଶନର ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜ୍ୟୋସ୍ନାରାଣୀ ମିଶ୍ର ଏହି ମାମଲାର ବିଚାର କରି ରାୟ ଶୁଣାଇଥିଲେ ଯେ ଅଭିଯୋଗକାରୀ ଠିକ ସୂଚନା ଦେଇଥିଲେ ମଧ୍ୟ ଭୁଲ ଟାଇପିଂ କମ୍ପାନୀ ପକ୍ଷରୁ ହୋଇଛି। ଏହାକୁ ଉପଭୋକ୍ତା ସୁରକ୍ଷା ନିୟମ ୨୦୨୦ ଉଲ୍ଲଂଘନ ବୋଲି ମନେ କରିଥିଲେ। ଏଥିପାଇଁ କମିଶନର ଉପଭୋକ୍ତାଙ୍କ ୧୮ ହଜାର ୮୮୦ ରିଫଣ୍ଡ (୯%ସୁଧ ସହ) ସହିତ ମାନସିକ ଯନ୍ତ୍ରଣା ପାଇଁ ୩୦ ହଜାର, ମାମଲା ଖର୍ଚ୍ଚ ୧୦ ହଜାର ଓ ରାଜ୍ୟ ଉପଭୋକ୍ତା ଖାଉଟି ସୁରକ୍ଷା ପାଣ୍ଠିରେ ୧୦ ହଜାର ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# କୁମାର ଅଭିନାଶ ମିଶ୍ରଙ୍କ ରେକର୍ଡ

**ବଲାଙ୍ଗୀର,୧୭।୪ (ବୀରେନ୍ଦ୍ର କୁମାର ଝାଙ୍କର)**



କୁମାର ଅଭିନାଶ ମିଶ୍ର



ସ୍ୱାଗତ ମହାପାତ୍ର



ଦିବ୍ୟାଂଶୀ ଖତାଇ

### ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ
### କେନ୍ଦ୍ରୀୟ ବିଦ୍ୟାଳୟ-୨ ଛାତ୍ରୀଛାତ୍ରଙ୍କ ସଫଳତା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଶ୍ରେଣୀ ପରୀକ୍ଷାରେ ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ-୨ ଛାତ୍ର କୁମାର ଅଭିନାଶ ମିଶ୍ର ୯୯.୬ ପ୍ରତିଶତ (୪୯୮ )ମାର୍କ ରଖି ରେକର୍ଡ କରିଛନ୍ତି। ଏହାସହିତ ବିଦ୍ୟାଳୟ ଛାତ୍ର ସ୍ୱାଗତ କୁମାର ମହାପାତ୍ର ୯୮ ପ୍ରତିଶତ (୪୯୦) ଓ ଛାତ୍ରୀ ଦିବ୍ୟାଂଶୀ ଖତାଇ ୯୭.୨ ପ୍ରତିଶତ (୪୮୬) ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଏହି କେନ୍ଦ୍ରୀୟ ବିଦ୍ୟାଳୟର ୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ କରିଥିବା ୨୭ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଏହାସହିତ ୩୫ ଜଣ ୭୫ରୁ ୮୯ ପ୍ରତିଶତ ଏବଂ ୨୧ ଜଣ ୬୦ରୁ ୭୪ ପ୍ରତିଶତ ମାର୍କ ରଖି ପାସ୍ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ର ଅଧକ୍ଷ ଗଣେଶ ପ୍ରଧାନ ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟରେ ପାଠପଢ଼ା ପରିବେଶ ସୃଷ୍ଟି ସହ ଏକ ସକରାତ୍ମକ ତଥା ଚାପମୁକ୍ତ ବାତାବରଣ ତିଆରି ପାଇଁ ସବୁବେଳେ ଗୁରୁତ୍ୱ ଦିଆଯାଇଆସୁଛି ଏବଂ ଏହା ଅନେକାଂଶରେ ସଫଳତା ଆଣି ଦେଉଛି ବୋଲି କହିଛନ୍ତି। ଗତବର୍ଷ ମଧ୍ୟ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଥିଲେ। ଚଳିତବର୍ଷ ମଧ ଛାତ୍ରୀଛାତ୍ର ମାନେ ଏହି ସଫଳତା ଦୋହରାଇଛନ୍ତି।

# କଣ୍ଟାବାଞ୍ଜିରେ ଇଞ୍ଜିନିୟରିଂ ଓ କୃଷି ମହାବିଦ୍ୟାଳୟ ସ୍ଥାପନ ଦାବି

**କଣ୍ଟାବାଞ୍ଜି,୧୭।୪(ଗୁରୁ ଦୟାଲ ହଂସ)**

### ୯ ସଙ୍ଗଠନ ଦେଲେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳରେ ପ୍ରସ୍ତାବିତ ଇଞ୍ଜିନିୟରିଂ କଲେଜ ଓ ସରକାରୀ କୃଷି ମହାବିଦ୍ୟାଳୟ ସ୍ଥାପନ ଦାବିରେ ଶୁକ୍ରବାର ଦିନ ସ୍ଥାନୀୟ ତହସିଲଦାର ବିଶ୍ୱନାଥ ଖାଲକୋଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ପ୍ରେସ କ୍ଲବର ନେତୃତ୍ୱରେ ୯ ଗୋଟି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ଏହା ପ୍ରଦାନ କରାଯାଇଛି। ଚଳିତ ରାଜ୍ୟ ବଜେଟରେ ବଲାଙ୍ଗୀର ଜିଲା ପାଇଁ ଇଞ୍ଜିନିୟରିଂ କଲେଜ ଓ ସରକାରୀ କୃଷି ମହାବିଦ୍ୟାଳୟ ଅନୁମୋଦନ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ବଲାଙ୍ଗୀର ଜିଲା ଶିକ୍ଷାକ୍ଷେତ୍ରରେ ଆଉ ଏକ ପାଦ ଆଗକୁ ଯିବ। ତେବେ ପ୍ରେସ କ୍ଲବ ସଦସ୍ୟମାନେ ଏହି ଦୁଇଟି ଶିକ୍ଷାନୁଷ୍ଠାନ କଣ୍ଟାବାଞ୍ଜି ଅଞ୍ଚଳରେ ସ୍ଥାପନ କରିବାକୁ ଦାବି କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି,ଏଠାକାର ଅନେକ ଯୁବକ ଉଚ୍ଚ ଶିକ୍ଷା ଓ ଚାକିରି ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିଥାନ୍ତି। ଯଦି ଏହି ଦୁଇଟି ଶିକ୍ଷାନୁଷ୍ଠାନ କଣ୍ଟାବାଞ୍ଜିରେ ସ୍ଥାପିତ ହୁଏ ତେବେ ସ୍ଥାନୀୟ ଯୁବକମାନେ ଉତ୍ତମ ସୁଯୋଗ ପାଇବେ। କଣ୍ଟାବାଞ୍ଜି ପଶ୍ଚିମ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଓ ପ୍ରମୁଖ ରେଳ ଜଙ୍କସନ୍। ପାର୍ଶ୍ୱବର୍ତ୍ତୀ ଜିଲା ଓ ରାଜ୍ୟ ସହ ଭଲ ସଂଯୋଗ ସୁବିଧା ରହିଛି। ସେହିପରି ଅଞ୍ଚଳ କୃଷି ପ୍ରଧାନ ହୋଇଥିବାରୁ ଏଠାରେ କୃଷି ମହାବିଦ୍ୟାଳୟ ସ୍ଥାପନ ହେଲେ କୃଷକମାନେ ଗବେଷଣା, ଆଧୁନିକ କୃଷି ପ୍ରଣାଳୀ ନେଇ ସିଧାସଳଖ ଲାଭାନ୍ୱିତ ହେବେ। ଦାବିପତ୍ର ଦେବା ସମୟରେ ପ୍ରେସ କ୍ଲବ କଣ୍ଟାବାଞ୍ଜି, ଟ୍ରକ ମାଲିକ ସଂଘ, ରେଲୱେ ଅଟୋ ୟୁନିୟନ, ରାଇଟ ଟୁ ଫାଇଟ କଣ୍ଟାବାଞ୍ଜି, ଶ୍ରୀ ଗୁରୁସିଂହ ସଭା , ରେଲୱେ ଯାତ୍ରୀ ସଂଘ ,ଶ୍ରୀ ଶ୍ରୀ ବୁଢ଼ାଦେଓ ଗଣ୍ଡ ସାଂସ୍କୃତିକ ସମାଜ ଚଟୁଆନକା, କଞ୍ଜୁମର ଫୋରମ କଣ୍ଟାବାଞ୍ଜି, ଜବାହରଲାଲ ନେହେରୁ ଆଦିବାସୀ କ୍ଲବ ଚଟୁଆନକାର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନଙ୍କ ପକ୍ଷରୁ ଦାବିପତ୍ର ଦିଆଯାଉଛି।

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 282 of 2017**

**Odisha Grameen Bank** .....Plaintiff
**Versus**
**Ashwini Kumar Samal & others** .....Defendants

To,
1. **Ashwini Kumar Samal,** aged about 37 years, son of Rahas Bihari Samal, Prop.: M/s Pallai Syndicate-13 Basanti Colony, Rourkela-769012, P.S.: Uditnagar, District: Sundargarh, **PAN-ADJPS5952K.**
2. **Bikas Bal,** aged about 33 years, son of B. Bal resident of E-40, Basanti Colony, Rourkela-769012, P.S.: Uditnagar, District: Sundargarh, Occupation-Service.

Whereas, Utkal Grameen Bank now Odisha Grameen Bank, Koelnagar Branch, Rourkela-769014, has instituted a suit against you for **Rs.98,000/-** (Rupees Ninety Eight Thousand) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **08th day of May, 2026** at **7:00 O'clock** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **07th day of March of 2026.**

Sd/-
**Senior Civil Judge, Rourkela**

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 382 of 2016**

**Odisha Grameen Bank** .....Plaintiff
**Versus**
**Santanu Kumar Barik & others** .....Defendants

To,
1. **Santanu Kumar Barik,** aged about 54 years, son of Sudhir Chandra Barik, Prop.: Simuli Fast Food, At: Hilltop Market, Sector-2, Jhirpani, resident of Plot No.: 107/42, Old Plant Office Line, At/PO/P.S.: Jhirpani, District: Sundargarh.
2. **Usha Rani Barik,** aged about 45 years, Wife of Santanu Kumar Barik, resident of At/PO/P.S.: Jhirpani, District: Sundargarh, Occupation-Business.
3. **Kuntanu Kumar Barik,** son of not known Adult, Occupation-Business, resident of At/PO/P.S.: Jhirpani, resident of Tulsitola, At/PO/P.S.: Jhirpani, District: Sundargarh.

Whereas, Utkal Grameen Bank, Koelnagar Branch (Now Odisha Grameen Bank) At: Koelnagar, Rourkela-14, P.S.: Jhirpani, District: Sundargarh, has instituted a suit against you for **Rs.88,440.00** (Rupees Eighty Eight Thousand Four Hundred Forty) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of July, 2026** at **10:30 O'clock** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **04th day of April of 2026.**

Sd/-
**Senior Civil Judge, Rourkela**

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

24001/38/2627

**ନୋଟିସ୍**

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ
**ଏଲ.ଏ. କେସ୍ ନଂ.୪୯/୨୦୨୩**

**୧. ଭୂମି ଅଧିଗ୍ରହଣ ମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ ବଲାଙ୍ଗୀର ନୂତନ ଓସାରିଆ ରେଳ ଧାରଣା ପ୍ରକଳ୍ପ, ନୟାଗଡ଼**
**୨. ଡେପୁଟି ଚିଫ୍ ଇଞ୍ଜିନିୟର (କନଷ୍ଟ୍ରକସନ), ଇଷ୍ଟ କୋଷ୍ଟ ରେଲୱେ, ରେଳ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର....... ଆବେଦନକାରୀମାନେ ।**

ବନାମ

**୧.କାଏମା ପ୍ରଧାନ, ପିତା-ପାରେଶ୍ୱର ମଲ୍ଲିକ, ୨.ଅଯୋଧ୍ୟା ମଲ୍ଲିକ, ସ୍ୱାମୀ-ଗୋଲେଖ ମଲ୍ଲିକ, ୩. ପିତାମ୍ବର ମଲ୍ଲିକ, ୪.ସାବିତ୍ରୀ ମଲ୍ଲିକ, ୫. ଭାମା ମଲ୍ଲିକ, ପିତା-ଗୋଲେଖ ମଲ୍ଲିକ, ୬. ଦେବରାଜ ମଲ୍ଲିକ, ପିତା-ଧନେଶ୍ୱର ମଲ୍ଲିକ, ୭. ରମେଶ ଚନ୍ଦ୍ର ମଲ୍ଲିକ, ୮. ଶିଶୁଳା ମଲ୍ଲିକ, ପିତା-ଖଗେଶ୍ୱର ମଲ୍ଲିକ, ୯.ଦାମୋଦର ମଲ୍ଲିକ, ସ୍ତ୍ରୀ-ତିଳ ମଲ୍ଲିକ, ଏ ସମସ୍ତଙ୍କ ଗ୍ରାମ/ପୋଷ୍ଟ- ଟାକାରା, ଥାନା-ଦଶପଲ୍ଲା, ଜିଲ୍ଲା-ନୟାଗଡ଼, ପିନ-୭୫୨୦୮୪...... ବିରୋଧୀପକ୍ଷମାନେ ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଖୋର୍ଦ୍ଧାରୋଡ ବଲାଙ୍ଗୀର ନୂତନ ଓସାରିଆ ରେଳ ଧାରଣା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ, ଭୂ-ଅର୍ଜନ, ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.- ୪୯/୨୦୨୩ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା, ଜିଲ୍ଲା-ନୟାଗଡ଼, ତହସିଲ/ଥାନା-ଦଶପଲ୍ଲା, ମୌଜା-ଟାକାରା, ଖାତା ନଂ.-୨୧, ପ୍ଲଟ ନଂ.-୨୭, ରକବା ଏ ୦.୧୫୦ ଡି, କିସମ- ଶାରଦଦୁଇ ଅଟେ । ଉକ୍ତ ବିରୋଧୀପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ । ତେଣୁ ଉପରଲିଖିତ ବିରୋଧୀପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ଧାର୍ଯ୍ୟ ତା.୧୮.୦୬.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧି ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ,କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୬.୦୪.୨୦୨୬ ରିଖ ।

Draft notice is approved. Petitioner to get it published in any of the four most widely circulated odia daily newspapers namely The Samaja, The Sambad, The Prameya and The Dharitri within 15 (fifteen) days of its receipt.

**ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର**
**ଭୂ-ଅର୍ଜନ ଥଇଥାନ ଏବଂ**
**ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

**OIPR-24001/24333/3/26-27/0002**

## ସଂକ୍ଷେପରେ

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ଗାଁ,୧୭।୪( ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗ୍ରାମର ଜଣେ ଯୁବତୀଙ୍କ ଶୁକ୍ରବାର ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ନନ୍ଦିନୀ ମାଝୀ(୨୦)। ଏନେଇ ବଡ଼ଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ନନ୍ଦିନୀଙ୍କ ପରିବାର ଲୋକେ ବଗିଚାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଘରକୁ ଫେରି ନନ୍ଦିନୀଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ତୁରନ୍ତ ତାଙ୍କୁ ତଳକୁ ଓହ୍ଲାଇ ବଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିନୀ + ତିନି ପ୍ରଥମ ବର୍ଷ ଛାତ୍ରୀ ଥିଲେ।

### ପୋଖରୀରେ ବୁଡ଼ି ଛାତ୍ର ମୃତ

ବଡ଼ଗାଁ,୧୭।୪(ଅଶୋକ ଷଡଙ୍ଗୀ)

ବଡ଼ଗାଁ ରଜାବନ୍ଧ ପୋଖରୀରେ ବୁଡି ଶୁକ୍ରବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ମୁସଲମାନପଡ଼ାର କାର୍ତ୍ତିକ ପ୍ରମାଣିକଙ୍କ ପୁଅ ରୋହିତ ପ୍ରମାଣିକ (୧୩)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣା ଅନୁଯାୟୀ, ଶୁକ୍ରବାର ରୋହିତ ସ୍କୁଲରୁ ଫେରି ବଡ଼ଗାଁର ରଜାବନ୍ଧ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ସୂଚନାପାଇ ବଡ଼ଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ସପ୍ତମ ଶ୍ରେଣୀର ଛାତ୍ର। ସୂଚନାଯୋଗ୍ୟ ଯେ, ଗତ ସପ୍ତାହେ ମଧ୍ୟରେ ୩ଜଣଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି।

### ମନ୍ଦିରରୁ ଚୋରି ଅଭିଯୋଗ, ଜଣେ ଗିରଫ

ହେମଗିର,୧୭।୪(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ପୋଲିସ ମନ୍ଦିରରେ ଚୋରି ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ଗତ ଡିସେମ୍ବର ୨୬ ତାରିଖ କନିକା ଗ୍ରାମ ସ୍ଥିତ ମାଣିକେଶ୍ୱରୀ ମନ୍ଦିରରୁ ଚୋରି କରିଥିବା ଅଭିଯୋଗରେ ହେମଗିର ପୋଲିସ କେସ୍ ନଂ. ୫୬୭/୨୦୨୫ ଅନୁଯାୟୀ ବ୍ରାହ୍ମଣୀ ଗ୍ରାମର ଟିକେଶର ପଟେଲଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ବିରୋଧରେ ୨ଟି ବିଭିନ୍ନ ମାମଲାରେ ୱାରେଣ୍ଟ ମଧ୍ୟ ରହିଛି।



ନବଜୀବନର ବସନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ ଭୁଖା ପରିବେଷିତ ହେଉଛି।

## ୩ୟ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ ଭୁଖା ପ୍ରଦର୍ଶିତ

**ବସନ୍ତ ମହୋତ୍ସବ**

ସୁନ୍ଦରଗଡ,୧୭।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ର ଅଗ୍ରଣୀ ଅନୁଷ୍ଠାନ ନବଜୀବନ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ବସନ୍ତ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏହି ତୃତୀୟ ସନ୍ଧ୍ୟାରେ ଡକ୍ଟର ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ରଚିତ ଓ ପ୍ରହଲ୍ଲାଦ ଦର୍ଜୀଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ଭୁଖା ବଲାଙ୍ଗୀର ନଟରାଜ କଳାପରିଷଦର କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ନାଟକର ସଙ୍ଗୀତ ନିର୍ଦ୍ଦେଶକ ଜୟ ପ୍ରକାଶ ପୁଝାରୀ ରହିଥିବା ବେଳେ ସାଗରିକା ରଥ ଓ ଶ୍ରୀରାଧା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ମଞ୍ଚ ସଜ୍ଜା ସଞ୍ଜୀବ ସାହାଣୀ, ସଂଗ୍ରାମ କେଶରୀ ନାଏକ ଏବଂ ଆଲୋକରେ ତ୍ରିନାଥ ଭୋଇ ଓ ସୌମ୍ୟ ରଞ୍ଜନ ସାହୁ ରହିଥିଲେ। ଏକ ଦୁଃଖଦ ଓ ସାମାଜିକ ସତ୍ୟକୁ ପ୍ରକାଶ କରୁଥିବା କାହାଣୀକୁ ନେଇ ପରିବେଷିତ ଏହି ଭୁଖା ନାଟକରେ ଢୋଲ, ନିଶାନ, ମହୁରୀ ଧରି ଜୀବନ ଜିଇବାକୁ ଚେଷ୍ଟା କରୁଥିବା ଗରିବ କଳାକାର ମାନଙ୍କ ବାସ୍ତବ ସଂଘର୍ଷକୁ ସଫଳ ଭାବେ ଫୁଟାଇଥିଲେ ଏହି ଅନୁଷ୍ଠାନର କଳାକାରମାନେ। ତାଙ୍କର କଳା ହିଁ ତାଙ୍କ ଜୀବିକା। କିନ୍ତୁ ସମାଜର ଅବହେଳା ଓ ଅନ୍ୟାୟ ତାଙ୍କୁ ସବୁବେଳେ ଭୁଖା ରଖିଥାଏ। ଏହି ନାଟକ ମାଧ୍ୟମରେ ସମାଜର ଏହି ନିର୍ଦ୍ଦୟ ସତ୍ୟ ତଥା ଗରିବ କଳାକାର ମାନଙ୍କ ଅବସ୍ଥାକୁ ଉଜାଗର କରାଯାଇଛି। ନଟରାଜ କଳାପରିଷଦ ଅନୁଷ୍ଠାନର ରାମ ପ୍ରସାଦ ଦାସ, ଲଳିତ ପୂଜାରୀ, ବିଶ୍ୱଜୀତ ନନ୍ଦ, କିଶୋର କୁମାର ଜାଲ, ହରିଶଙ୍କର ପୁରୋହିତ, ଜିତେନ୍ଦ୍ର ବରିହା, ନୈନିକା ତ୍ରିପାଠୀ, ସଞ୍ଜୀବ କୁମାର ନାଏକ, ଅନଶୀକା ତନ୍ତୀ, ମୌସୁମୀ ସାହୁ ପ୍ରମୁଖ କଳାକାର ମାନେ ବିଭିନ୍ନ ଚରିତ୍ରରେ ନିଖୁଣ ଅଭିନୟ ନାଟକୁ ଜୀବନ୍ତ କରି ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା।

## ରାଜପୁତ କ୍ଷତ୍ରିୟ ସମାଜର ସାମୂହିକ ବ୍ରତୋପନୟନ ପାଇଁ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୧୭।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଡରେ ରାଜପୁତ କ୍ଷତ୍ରିୟ ସମାଜ ପକ୍ଷରୁ ଆସନ୍ତା ୨୦ତାରିଖରେ ଆୟୋଜିତ ହେବାକୁ ଥିବା ସାମୂହିକ ବ୍ରତୋପନୟନ ଓ ସାବିତ୍ରୀ ପ୍ରଦାନ ପୂଜା କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ସହରର ସୁନାରିପଡା ସ୍ଥିତ ଭାଗବତ ମନ୍ଦିର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।
ସମାଜ ସଭାପତି ରାଜୁ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା କାର୍ଯ୍ୟକ୍ରମକୁ କିପରି ସୁଚାରୁ ଭାବେ ସଂପନ୍ନ କରାଯିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବ୍ରତୋପନୟନ ଏକ ପାରମ୍ପରିକ ଓ ଧାର୍ମିକ ଆଚାର ହେବାରୁ ଏହାର ସଫଳ ଆୟୋଜନ ପାଇଁ ସମସ୍ତଙ୍କ ସମନ୍ୱୟ ଓ ସହଯୋଗ ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଯଥାପୂଜା ବିଧିବିଧାନ, ପଣ୍ଡିତ ବ୍ୟବସ୍ଥା, ଯଜ୍ଞମଣ୍ଡପ ସଜାଣା, ଆଗତ ଅତିଥିଙ୍କ ବସିବା ବ୍ୟବସ୍ଥା, ପ୍ରସାଦ ବିତରଣ, ପାନୀୟ ଜଳ, ଶୃଙ୍ଖଳା ବଜାୟ ରଖିବା ଓ ସୁରକ୍ଷା ବ୍ୟବସ୍ଥା ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା। ଏହାସହିତ ସମାଜର ପାରମ୍ପରିକ ମୂଲ୍ୟବୋଧ ଓ ସଂସ୍କୃତିକୁ ଅବିକୃତ ରଖିବା ପାଇଁ ଏପରି ସାମୂହିକ କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୈଠକରେ ଉପସ୍ଥିତ ସଭ୍ୟମାନେ ମତ ପ୍ରକାଶ କରିଥିଲେ। ବିଶେଷକରି ନୂତନ ପିଢ଼ୀଙ୍କୁ ଧାର୍ମିକ ଓ ସାଂସ୍କୃତିକ ପରମ୍ପରା ସହିତ ଜଡିତ କରିବା ପାଇଁ ବ୍ରତୋପନୟନ ଓ ସାବିତ୍ରୀ ପୂଜା ପରି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ବୈଠକରେ ପିତାମ୍ବର ଶେଖର ଦେଓ, ସ୍ୱାଧୀନ ରାୟ, ଦୀପକ ସିଂ, ଦେବେନ୍ଦ୍ର ଶେଖର ଦେଓ, ଅନିଲ ସିଂ, ସୁନୀଲ ସିଂ, ରାଜୁ ଶେଖର ଦେଓ, ପ୍ରଣବ ସିଂ, ଟିଙ୍କୁ ଦାନୀ, ଅଶୋକ ଦେବ, ଆନନ୍ଦ ଠାକୁର, ସୁଧୀର ଦେବ, ବିନୋଦ ସିଂ, ଛବି ଗୁରୁ, ଜୟ ଭୂଷଣ ଶେଖର ଦେଓ, ମିତ୍ର ବିନ୍ଦା ଦେବ, ବବିତା ଠାକୁର, ସୌଦାମିନୀ ବାବୁଙ୍କ ସହ ଅନ୍ୟାନ୍ୟ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବଣାଇଁରେ ବିଜୁବାବୁଙ୍କ ତିରୋଧାନ ଦିବସ




କାର୍ଯ୍ୟକ୍ରମରେ ବିଜେଡି କାର୍ଯ୍ୟକର୍ତ୍ତା।

**ବଣାଇଁ,୧୭।୪(ପ୍ରଦୀପ ତ୍ରିପାଠୀ)**

ପ୍ରବାଦ ପୁରୁଷ ତଥା ନୂତନ ଓଡ଼ିଶା ଗଠନର ପୁରୋଧା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ବାବୁଙ୍କ ୨୯ତମ ଶ୍ରାଦ୍ଧ ଦିବସକୁ ରାଜ୍ୟ ସ୍ତରରେ ଏବଂ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର ବଣାଇଁ ବିଜୁ ଜନତା ଦଳ ପକ୍ଷରୁ ବିଜୁ ବାବୁଙ୍କ ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଜୁ ଜନତା ଦଳ ରାଉରକେଲା ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରାଙ୍କ ନେତୃତ୍ୱରେ ସକାଳୁ ଶହ ଶହ ସଂଖ୍ୟାରେ ବିଜୁପ୍ରେମୀ ଓ ଦଳୀୟ କର୍ମୀମାନେ ବଣାଇଁର ବ୍ରାହ୍ମଣୀ ନଦୀକୂଳରେ ଏକତ୍ରିତ ହୋଇ ତିଳତର୍ପଣ ଅର୍ପଣ କରିଥିଲେ। ପରେ ବିଜୁ ଛକରେ ଏକତ୍ରିତ ହୋଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଧୂପ ଦୀପ ପ୍ରଜ୍ୱଳନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଜୁବାବୁଙ୍କ ସେବା, ତ୍ୟାଗ ଏବଂ ସେ ଉତ୍କଳୀୟ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ସ୍ମୃତିଚାରଣ କରିଥିଲେ। ପରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ଦିବସକୁ ପ୍ରବାଦ ଦିବସ ଭାବେ ପାଳନ କରାଯାଇଥିଲା। ପରେ ବଣାଇଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିସାନ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀର ବିଚିତ୍ର ସେନ ନାୟକ, ବଣାଇଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ, କୋଇଡା ବ୍ଲକ ସଭାପତି କରୁଣାକର ପାତ୍ର, ଗୁରୁଣ୍ଡିଆ ବ୍ଲକ ସଭାପତି ରାସୱାଲ ଓରାମ, ବରିଷ୍ଠ ନେତା ରଘୁନାଥ ସାହୁ, ଅଜୟ କୁମାର ନାଏକ, ଉମେଶ ରାଏ, ଶ୍ୱେତ ବସନ୍ତ ବିଶ୍ୱାଳ, ଯୁବ ନେତା ରୋହିତାଶ୍ୱ ମିଶ୍ର, ସିପୁନ ମିଶ୍ର, ଆଦି ନାରାୟଣ, କୁନା ଭୁକ୍ତା, କେଦାର ମହାନ୍ତ, ଦେବକାନ୍ତ ଜୟସୱାଲ, ମେଘନାଦ ସାଣ୍ଡିଲ, ଲକ୍ଷ୍ମୀ କିସାନ, ଦ୍ରୌପଦୀ କିଷାନ, ସିପୁନ ମିଶ୍ର, ସୁରଜ ସେଠ, ପଙ୍କଜ ଦାସ, ସୁଶାନ୍ତ ମୁଣ୍ଡାରୀ, କାନ୍ଦୁରୁ କିଷାନ, ଦମୟନ୍ତୀ ସାଣ୍ଡିଲ, ଲକ୍ଷ୍ମୀଧର ମହାନ୍ତ, ଲିପୁନ ସାମଲ, ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଆଗାମୀ ନିର୍ବାଚନ ନେଇ ଆଲୋଚନା

ବଡ଼ଗାଁ,୧୭।୪(ଅଶୋକ ଷଡଙ୍ଗୀ)



**ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶୁକ୍ରବାର ତଳସରା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ତଥା ଜିଲା ବିଜେଡି ଉପସଭାପତି ଅମୀୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଶ୍ରାଦ୍ଧ ବାର୍ଷିକୀରେ ବିଜେଡି ଜିଲା ସାଧାରଣ ସମ୍ପାଦକ ଶିଶିର ସାହୁ, ବଡ଼ଗାଁ ଜିଲା ପରିଷଦ 'ଖ' ସଭ୍ୟା ସୋନାଲି ହେସ, ସବଡେଗା ବ୍ଲକ ସଭାପତି ଜମିଲ ହୁସେନ, ବାଲିଶଙ୍କରା ବ୍ଲକ ସଭାପତି ରାଜ କୁମାର ଶତପଥୀ, ବଡ଼ଗାଁ ବ୍ଲକ ସଭାପତି ଯୋଗେନ୍ଦ୍ର କିସାନଙ୍କ ସହିତ ଅନିଲ ବେହେରା, ସତ୍ୟ ନାରାୟନ ନାୟକ, ଧରଣୀଧର ସା, ଦେବାଶିଷ ପୁରୋହିତ, ଉମାକାନ୍ତ ରାଉତ, ବଡ଼ଗାଁ ସମିତି ସଭ୍ୟା ସାରିକା କେରକେଟାଙ୍କ ସହିତ ବହୁ ସଂଖ୍ୟାକ ବିଜେଡି କର୍ମୀ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ କହିଥିଲେ, ବିଜୁ ପଟ୍ଟନାୟକ ଜଣେ ଦକ୍ଷ ରାଜନୈତିକ ଓ ଦୁର୍ଦ୍ଧର୍ଷ ପାଇଲଟ ଥିଲେ। ତାଙ୍କ ସମୟରେ ଓଡ଼ିଶାର ବିକାଶ ଦ୍ରୁତ ଗତିରେ ହୋଇଥିଲା। ସେ ଯେ କେବଳ ଓଡ଼ିଶାରେ ଲୋକପ୍ରିୟ ନେତା ନ ଥିଲେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଧାନ କର୍ମୀମାନଙ୍କୁ ମନୋମାଳିନ୍ୟ ନ ରଖି ସମସ୍ତେ ଏକାଠି ହୋଇ ବିଜୁ ଜନତା ଦଳକୁ ମଜଭୁତ କରିବା ଉପରେ ଜୋର୍ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି ୱାର୍ଡ ମେମ୍ବରଠାରୁ ସରପଞ୍ଚ, ସମିତି ମେମ୍ବର ଏବଂ ୨୦୨୭ରେ ତଳସରା ନିର୍ବାଚନମଣ୍ଡଳୀରେ ବିଧାୟକ ଜିତାଇ ପାରିବା, ସେଥିପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ସତ୍ୟନାରାୟଣ ନାୟକ ବିଜୁ ପଟ୍ଟନାୟକଙ୍କ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରି ବିଜୁବାବୁଙ୍କ ସହିତ ଥିବା ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଇଣ୍ଡୋନେସିଆରେ ଗୃହ ଯୁଦ୍ଧ ସମୟରେ ସେଠାକାର ରାଜାଙ୍କୁ କିପରି ଉଦ୍ଧାର କରି ଭାରତ ଆଣିଥିଲେ ସେ ସମ୍ପର୍କରେ କହିଥିଲେ। ବଡ଼ଗାଁ ବ୍ଲକ ସଭାପତି ଯୋଗେନ୍ଦ୍ର କିସାନ ବିଜୁବାବୁଙ୍କ ସ୍ମୃତି ଚାରଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ପଞ୍ଚାୟତ ସ୍ତରରୁ କର୍ମୀ ମାନେ ଏକତା ବଜାୟ ରଖି ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ୨୦୨୭ରେ ହେବାକୁଥିବା ବିଧାନସଭା ନିର୍ବାଚନରେ କିପରି ବିଧାୟକ ପଦ ହାସଲ କରିପାରିବା ସେ ନେଇ କହିବା ସହ ବର୍ତ୍ତମାନଠାରୁ ସକ୍ରିୟ ରହିବାକୁ ବୁଝାଇଥିଲେ। ବିଜେଡି ଜିଲା କୋଷାଧ୍ୟକ୍ଷ ଅରୁଣ ଦୀକ୍ଷିତ ସଭା ପରିଚାଳନା କରିଥିଲାବେଳେ କେଶବ କର୍ଶେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଖରା ଯୋଗୁ ସ୍କୁଲ ଛୁଟି ଦାବି

କୁଆଁରମୁଣ୍ଡା,୧୭।୪(ମହେନ୍ଦ୍ର କୁମାର ସାହୁ)

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଦିନ ସମୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ରୌଦ୍ରତାପ ସକାଳ ୮ ଟା ନ ହେଉଣୁ ଅସହ୍ୟ ହେବାରେ ଲାଗିଛି। ସୁନ୍ଦରଗଡ ଜିଲାର ତାପମାତ୍ରା ଗତ ୪ ଦିନ ଧରି ୪୦ ଡିଗ୍ରୀ ଛୁଇଁଛି। ଫଳରେ ଘରୁ ବାହାରିବା ମୁସକିଲ ହୋଇପଡିଛି। ଏଭଳି ପରିସ୍ଥିତିରେ ଜିଲାପାଳ ସ୍କୁଲ ଗୁଡିକୁ ଛୁଟି କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

### ହଜିଯାଇଥିବା ପର୍ସ ଫେରାଇଲେ ଅଟୋ ଚାଳକ

**ସୋହେଲା,୧୭।୪ (ଅଶ୍ୱିନୀ କୁମାର ପାତ୍ର )**

ବରଗଡ଼ ଜିଲା ସୋହେଲା ମାଧବନଗରରେ ରହୁଥିବା ସବିତା ସେନାପତି ତାଙ୍କ ମା'ଙ୍କ ଘର ପଦ୍ମପୁରକୁ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେ ତାଙ୍କ ଘରକୁ ଏକ ବସ ଯୋଗ ଆସିଥିଲେ। ପର୍ସରେ ସୁନା ଗହଣା ଓ ୧୦୦୦୦ ଟଙ୍କା ରଖିଥିଲେ। ସେ ସୋହେଲା ଗାନ୍ଧୀ ଛକରେ ଓହ୍ଲାଇ ଥିଲେ। ସେଠାରୁ ଅଟୋରେ ଘରକୁ ପହଞ୍ଚିଥିଲେ। ଘରେ ପହଞ୍ଚି ୨ ଘଣ୍ଟା ପରେ ଜାଣିବାକୁ ପାଇଥିଲେ ଯେ ସେ ତାଙ୍କର ପର୍ସକୁ ଭୁଲରେ ଅଟୋରେ ଛାଡି ଦେଇଛନ୍ତି। ଯେଉଁଥିରେ ତାଙ୍କର ସମସ୍ତ ସୁନା ଅଲଙ୍କାର ତଥା ୧୦୦୦୦ ଟଙ୍କା ଥିଲା। ସେ ରାତିରେ ସୋହେଲା ଥାନାକୁ ଆସି ଜଣାଇଥିଲେ।

## ମେ' ୨୩ରେ ନବରଙ୍ଗପୁର, ଜଟଣୀ, ସୁନ୍ଦରଗଡ଼ ବାର୍ ଆସୋସିଏଶନ ନିର୍ବାଚନ

କଟକ,୧୭।୪(କାର୍ତ୍ତିକ ସାହୁ)

ନବରଙ୍ଗପୁର ବାର୍ ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ ଏବଂ ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନର ନିର୍ବାଚନ ଆସନ୍ତା ମେ' ୨୩ରେ ଅନୁଷ୍ଠିତ ହେବ। ନିର୍ବାଚନ ସ୍ଥଗିତ ରଖାଯାଇଥିବା ଉପରୋକ୍ତ ୩ଟି ବାର୍ ଆସୋସିଏଶନର ନିର୍ବାଚନ ବିଧିବଦ୍ଧ ଭାବେ କରାଯିବାକୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିଷ୍ପତ୍ତି ନେଇଛି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏନେଇ ପ୍ରେସ ବିଜ୍ଞପ୍ତିରେ ଶୁକ୍ରବାର ଜଣାଇଛନ୍ତି।

ସୂଚନାନୁସାରେ, ୨୦୧୯ ପରଠାରୁ କାର୍ଯ୍ୟକାରୀ ହୋଇଥିବା ୱାନ୍ ବାର୍ ୱାନ୍ ଭୋଟ ନୀତି ଆଧାରରେ ରାଜ୍ୟର ସମସ୍ତ ଅନୁବନ୍ଧିତ ବାର୍ ଆସୋସିଏଶନର ଚଳିତ ବର୍ଷ ନିର୍ବାଚନ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ଗତ ମାର୍ଚ୍ଚ ୨୮ରେ ସମ୍ପନ୍ନ ହୋଇଛି। ମାତ୍ର ନିର୍ବାଚନ ସଂକ୍ରାନ୍ତୀୟ କିଛି ବିଶୃଙ୍ଖଳାଜନିତ କାରଣରୁ ନବରଙ୍ଗପୁର ବାର ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ ଏବଂ ସୁନ୍ଦରଗଡ ଜିଲା ବାର୍ ଆସୋସିଏଶନର ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ତେବେ ନିର୍ବାଚନ ନିମନ୍ତେ ପରିଷଦର ନିଷ୍ପତ୍ତି ଅନୁଯାୟୀ ଉକ୍ତ ତିନୋଟି ବାର୍ ଆସୋସିଏଶନର ନିର୍ବାଚନ କରାଇବାକୁ ବାର୍ ଆସୋସିଏଶନଗୁଡ଼ିକର ପ୍ରେସିଡେଣ୍ଟ ଏବଂ ସେକ୍ରେଟାରିମାନଙ୍କୁ ଜଣାଇ ଦିଆଯାଇଛି। ସେମାନେ ତୁରନ୍ତ ବାର୍ ଆସୋସିଏଶନର ସାଧାରଣ ବୈଠକ ଆହୁତ ପୂର୍ବକ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେବେ। ଏଥିସହ ଏପ୍ରିଲ ୨୭ ପୂର୍ବରୁ ଉକ୍ତ ସମ୍ପର୍କିତ ସୂଚନା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦକୁ ଜଣାଇବେ। ତତ୍‌ପରେ ନିର୍ବାଚନ ସଂକ୍ରାନ୍ତୀୟ ପରବର୍ତ୍ତୀ କାର୍ଯ୍ୟସୂଚୀ ଘୋଷଣା କରାଯିବ ବୋଲି ପରିଷଦର ଅଧ୍ୟକ୍ଷ ଦ୍ୱିବେଦୀ ଜଣାଇଛନ୍ତି।

## ଅଗ୍ନି ନିର୍ବାପନ, ସୁରକ୍ଷା ମକ୍‌ଡ୍ରିଲ୍ ସଚେତନତା

ଲହୁଣୀପଡା,୧୭।୪(ଦାଶରଥି ପଣ୍ଡା)



ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଅଗ୍ନି ନିର୍ବାପନ ଓ ସୁରକ୍ଷା ମକଡ୍ରିଲ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଓ ଅଗ୍ନି ଯୋଦ୍ଧାଙ୍କ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ମୁକାବିଲା ଜନିତ ମକଡ୍ରିଲରେ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନଙ୍କୁ ସାମାନ୍ୟରୁ ଗୁରୁତର ଧରଣର ସମସ୍ତ ପ୍ରକାରର ଅଗ୍ନିକାଣ୍ଡକୁ ଆୟତ୍ତ କରିବା ତଥା ପାଣି, ଫେଣ ଓ ଗ୍ୟାସ ଦ୍ୱାରା ଅଗ୍ନି ନିର୍ବାପନ କୌଶଳ, ଅଗ୍ନି ନିର୍ବାପକ ଯନ୍ତ୍ରର ସରଳ ବ୍ୟବହାର ପ୍ରଣାଳୀ, ଆଶୁଚିକିତ୍ସା ବ୍ୟବସ୍ଥା, ଆତ୍ମସୁରକ୍ଷା, ସଚେତନତା ସମ୍ବନ୍ଧରେ ପରୀକ୍ଷା ମୂଳକ ତାଲିମ ପ୍ରଦାନ କରିବା ସହିତ ସଚେତନତା ସୃଷ୍ଟି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କୁ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ନିୟମାବଳୀ, ଆପାତ କାଳୀନ ପରିସ୍ଥିତିରେ ମୁକାବିଲା ଓ ଜରୁରୀକାଳୀନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ରେ ବିଜୁବାବୁଙ୍କ ଶ୍ରାଦ୍ଧଦିବସ

ସୁନ୍ଦରଗଡ଼,୧୭।୪(ଜୟ ନାରାୟଣ ମେଣ୍ଡୁଲି)



ବିଜୁ ଜନତା ଦଳ ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଉଛି।

ସୁନ୍ଦରଗଡ଼ଠାରେ ବିଜୁ ଜନତା ଦଳ ତରଫରୁ ଜିଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ଓଡ଼ିଶାର ମହାନ ଜନନାୟକ, ପ୍ରବାଦ ପୁରୁଷ, ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମେ ସ୍ଥାନୀୟ ମହାଦେବ ପଡ଼ା ଇବ ନଦୀ କୂଳରେ ସକାଳ ସାଢେ ୭ଟାରେ ବିଜେଡିର ବରିଷ୍ଠନେତା ଜନ୍ମେଜୟ ମହାପାତ୍ର ଏବଂ ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଦଳୀୟ ସଦସ୍ୟାସଦସ୍ୟଙ୍କ ଉପସ୍ଥିତରେ ତିଳ ତର୍ପଣ କଲା ପରେ ସେଠାରେ ତାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ଥାନୀୟ ରାଣୀବାଗିଚା ବାଇପାସ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହ ଏବଂ ବିଜେଡି ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀଙ୍କ ସମେତ ଶହସ୍ରାଧିକ ଦଳୀୟନେତା ଓ କର୍ମୀଙ୍କ ଉପସ୍ଥିତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସେହିଠାରେ ଜିଲା ବିଜେଡି ସଭାପତି ଯୋଗେଶ ସିଂହଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭାରେ ବକ୍ତାମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ରାଜ୍ୟର ଉନ୍ନତି ପାଇଁ ଆଜୀବନ ଉଦ୍ୟମ କରିଥିବା ରାଜନେତା ଭାବେ ଓଡିଶାବାସୀଙ୍କ ଚିରସ୍ମରଣୀୟ ଓ ନିଜର ଅଦମ୍ୟ ସାହାସ ପାଇ ଚିରସ୍ମରଣୀୟ ରହିଥିବା କହିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଜେଡି ମହିଳା ଶାଖା ତରଫରୁ ସମସ୍ତ ରକ୍ତଦାତା ଓ ଉପସ୍ଥିତ ଲୋକଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା ପରିଷଦ ଅଦକ୍ଷା କୁନ୍ତୀ ପ୍ରଧାନ, ସୁନୀଲ ମହାପାତ୍ର, ପୂର୍ବତନ ନଗରପାଳବେଣୁଧର ତାଣ୍ଡିଆ, ପୂର୍ବତନ ଉପ ନଗରପାଳ ସୁମନ୍ତ ପଣ୍ଡା, ରଞ୍ଜନା ପଣ୍ଡା, ସୁକାନ୍ତ ପତି, ନିର୍ମଳ ବୋଷ, ଅନିଲ ମହାପାତ୍ର, ବରୁନ ବାଗ, ସୁମନ୍ତ ସାହୁ, କୈଳାସ ତନ୍ତିଙ୍କ ସମେତ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲା ପରିଷଦ, ମୁନିସିପାଲିଟି, ପଞ୍ଚାୟତ ସମିତି, ସଦସ୍ୟାସଦସ୍ୟ, ମହିଳା ବିଜେଡି, ଯୁବ ବିଜେଡି, ଛାତ୍ର ବିଜେଡିର ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ପାଟଣାଗଡ଼,(ସଚ୍ଚିଦାନନ୍ଦ ମହାକୁର): ପାଟଣାଗଡ଼ ଏନଏସିସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଦଳ ପକ୍ଷରୁ ଶୁକ୍ରବାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପାଟଣାଗଡ଼ ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ସରୋଜ କୁମାର ମେହେର ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ବିଜୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ପ୍ରଥମେ ପ୍ରବାଦପୁରୁଷ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ଉପାଧକ୍ଷ ଲକ୍ଷ୍ମୀ ମାଝୀ, ଏନଏସି ଅଧକ୍ଷା ମାନବୀ ବିଶାଳ ଉପସ୍ଥିତ ଥିଲେ।

# ଘରୋଇ ଏଲପିଜିର ଅବୈଧ ବ୍ୟବହାର ରୋକିବାକୁ ଚଢ଼ାଉ ନିର୍ଦ୍ଦେଶ

ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲାପାଳ ବୈଠକରେ ସମୀକ୍ଷା କରୁଛନ୍ତି।

ବଲାଙ୍ଗୀର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ସଙ୍କଟ ପରିଚାଳନା ଗୋଷ୍ଠୀ (ଡିସିଏମ୍‌ଜି)ର ସମୀକ୍ଷା ବୈଠକ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ପେଟ୍ରୋଲିୟମ ଉତ୍ପାଦର ଯୋଗାଣ ବ୍ୟବସ୍ଥା ଓ ତଦାରଖ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଘରୋଇ ଏଲପିଜି ସିଲିଣ୍ଡରର ଅବୈଧ ବ୍ୟବସାୟିକ ବ୍ୟବହାରକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ନିୟମିତ ଚଢ଼ାଉ ଜାରି ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଚିକିତ୍ସାଳୟ ଓ ଆଶ୍ରମ ବିଦ୍ୟାଳୟଗୁଡିକରେ ଆବଶ୍ୟକତା ଅନୁସାରେ ଏଲପିଜି ଯୋଗାଣ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘରୋଇ ଏଲପିଜି, ବ୍ୟବସାୟିକ ଏଲପିଜି, ପେଟ୍ରୋଲ ଓ ଡିଜେଲର ଗଚ୍ଛିତ ପରିମାଣ ସହିତ ପେଟ୍ରୋଲ ପମ୍ପଗୁଡ଼ିକରେ ଉପଲବ୍ଧ ଥିବା ୫ କିଲୋଗ୍ରାମ ଏଲପିଜି ସିଲିଣ୍ଡର ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଜିଲାପାଳ ବିସ୍ତୃତ ତଥ୍ୟ ମାଗିଥିଲେ। ବୈଠକରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଡିଆରସିଏସ ପ୍ରମୋଦ କୁମାର ବରିହା, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଡେପୁଟି କଲେକ୍ଟର (ଜରୁରୀକାଳୀନ ବିଭାଗ) ଶୋଭିନା ଭୋଇ, ଜିଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲା କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ନିହାର ରଞ୍ଜନ ପାଣିଗ୍ରାହୀଙ୍କ ସହିତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ପେଟ୍ରୋଲିୟମ ଯୋଗାଣ କମ୍ପାନୀର ଅଧିକାରୀ, ସହାୟକ ଯୋଗାଣ ଅଧିକାରୀ ପୀତବାସ ମଲ୍ଲିକ, ଶରତ କୁମାର ରାଉତ, ଗୋକୁଳ ଚନ୍ଦ୍ର ଭୋଇ ଓ ପ୍ରଣତି ପୃଷ୍ଟି ବୈଠକରେ ଉପସ୍ଥିତ ଥିଲେ।

# ଜୟହିନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଲାଠୋର,୧୭।୪(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ଜୟ ହିନ୍ଦ ପବ୍ଲିକ ସ୍କୁଲରେ ଗୁରବାର ଅଧକ୍ଷ ସୁବଳ ବାଗଙ୍କ ଅଧକ୍ଷତାରେ ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ବାର୍ଷିକ ଉତ୍ସବ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶିକ୍ଷା ସହ ସାହିତ୍ୟ, କ୍ରୀଡ଼ା ଓ ସଂସ୍କୃତିର ଗୁରୁତ୍ୱ ରହିଛି ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ନୂଆପଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଚେୟାରମ୍ୟାନ ଜୟ ଢୋଲକିଆ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆମ ମଧ୍ୟରେ ଏକତା, ସହଯୋଗ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡ଼ିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱନୀ କୁମାର ପ୍ରଧାନ ଯୋଗଦେଇ ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍କୁଲ ଚେୟାରମ୍ୟାନ ଶଙ୍କରଲାଲ ଅଗ୍ରୱାଲ, ଉପସଭାପତି ବଂଶୀଧର ଅଗ୍ରୱାଲ, ସମ୍ପାଦକ ପଙ୍କଜ ଅଗ୍ରୱାଲ ମଞ୍ଚାସୀନ ଥିଲେ। ଷ୍ଟୁଡ଼େଣ୍ଟ ଅଫ ଦି ଇୟର, ସ୍କୁଲ ଟପ୍ପର, ଶିକ୍ଷା, ଶିଷ୍ଟାଚାର, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଏବଂ ଟ୍ରଫି ଦିଆଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ନିହାରିକା ଶିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଧନସାଇ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିଚାଳନା କମିଟି କୋଷାଧକ୍ଷ ସନ୍ତୋଷ ମେହେର, ଦିନେଶ ଅଗ୍ରୱାଲ, ଉମେଶ ଭଇଁଷାଲ, ବିବେକ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ ଆଗରେ ଶ୍ରମିକଙ୍କ ବିକ୍ଷୋଭ



ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବେଲପଡା,୧୭।୪(ମନୋଜ କୁମାର ମିଶ୍ର)

ମଜୁରି ପାଇବାରେ ଅବ୍ୟବସ୍ଥା ଦୂର କରି ସାପ୍ତାହିକ ମଜୁରି ପ୍ରଦାନ କରିବା, ବର୍ଷକୁ ୩୬୫ ଦିନ କାମ ଯୋଗାଇ ଦେବା, ବକେୟା ରହିଥିବା ମଜୁରି ତୁରନ୍ତ ପ୍ରଦାନ କରିବା ଆଦି ଦାବିରେ ଶୁକ୍ରବାର ଭିବି–ଜି ରାମ–ଜି ଶ୍ରମିକ ସଂଘ ବେଲପଡା ବ୍ଲକ କମିଟି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାମମନ୍ଦିର ଛକ ଖେଳପଡିଆରୁ ଏକ ରାଲିରେ ଶତାଧିକ ଶ୍ରମିକ ବ୍ଲକ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡ଼ିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ କମିଟିର ସଭାପତି ଫକୀର ଲୁହା, ସମ୍ପାଦକ ଭୀମ କୁଅଁର, ଗୁଲାପି ମଲ୍ଲିକ, ଲଳିନ ଧରୁଆ, କମିଟିର ଉପଦେଷ୍ଟା ଏସୟୁସିଆଇ(କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର, ମଧୁସୂଦନ ବାଗ, ତାମସ କୁମାର ବେହେରା ବକ୍ତବ୍ୟ ରଖିଥିଲେ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି କମିଟି ତରଫରୁ ଚେତାବନୀ ଦିଆଯାଇଛି।

# ରାଜ୍ୟର ୪ଟି ପ୍ରସ୍ତାବିତ କୃଷିଭିତ୍ତିକ କଲେଜ ପାଇଁ ୫୦ କୋଟି

ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)

- ବଲାଙ୍ଗୀର କୃଷି ବିଜ୍ଞାନ କଲେଜ ପାଇଁ ୧୦ କୋଟି ମଞ୍ଜୁର
- କଲେଜ ସ୍ଥାପନ ପାଇଁ ୧୫ ଏକର ଜାଗା ଆବଶ୍ୟକ
- କେବେ ସୁଦ୍ଧା ଶିକ୍ଷାଦାନ ଆରମ୍ଭ ହେବ ତଥ୍ୟ ଦିଆଯାଇନାହିଁ

ରାଜ୍ୟରେ ୪ଟି ନୂତନ କୃଷି ଭିତ୍ତିକ କଲେଜ ଖୋଲିବା ପାଇଁ ରାଜ୍ୟ ସରକାର ଗତ ବିଧାନସଭା ବଜେଟ ଅଧିବେଶନରେ ଘୋଷଣା କରିଥିଲେ । ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧୀନରେ ବଲାଙ୍ଗୀରରେ କୃଷି ବିଜ୍ଞାନ କଲେଜ, ସୁବର୍ଣ୍ଣପୁରରେ ମତ୍ସ୍ୟ ବିଜ୍ଞାନ, ଚିପିଲିମାରେ ପ୍ରାଣୀ ବିଜ୍ଞାନ ଓ ମୟୁରଭଞ୍ଜରେ ଏକ କୃଷି ବିଜ୍ଞାନ କଲେଜ ପ୍ରତିଷ୍ଠା କରିବା ପ୍ରସ୍ତାବ ରାଜ୍ୟ ବଜେଟରେ ସ୍ଥାନ ପାଇଥିଲା । ଏହାମଧ୍ୟରୁ ବଲାଙ୍ଗୀରରେ ସ୍ଥାପନ ହେବାକୁ ଥିବା କୃଷି ବିଜ୍ଞାନ କଲେଜର ସବିଶେଷ ତଥ୍ୟ ଜାଣିବା ପାଇଁ ବଲାଙ୍ଗୀରର ସୂଚନା କର୍ମୀ ହେମନ୍ତ କୁମାର ପଣ୍ଡା ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବଜେଟ ଓ ଫାଇନାନ୍ସ ସେକ୍ସନ ପକ୍ଷରୁ ଜନ ସୂଚନା ଅଧିକାରୀ ତଥା ଉପ ସଚିବ ଦେବାଶିଷ ସାହୁ ସୂଚନା କର୍ମୀ ପଣ୍ଡାଙ୍କୁ ଜଣାଇଛନ୍ତି ଯେ, ଓୟୁଏଟି, ଭୁବନେଶ୍ୱର ଅଧୀନରେ ନୂତନ ଭାବେ ଘୋଷିତ ୪ଟି କୃଷି ଭିତ୍ତିକ କଲେଜ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ସମୁଦାୟ ୫୦ କୋଟି ଟଙ୍କାରୁ ପ୍ରସ୍ତାବିତ ବଲାଙ୍ଗୀର କୃଷି ବିଜ୍ଞାନ ମହାବିଦ୍ୟାଳୟ ପାଇଁ ୧୦ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି ବୋଲି ତଥ୍ୟରେ କୁହାଯାଇଛି । ଓୟୁଏଟି ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଡିପିଆରରେ ପ୍ରସ୍ତାବିତ କଲେଜ ୧୨୦ ଆସନ ସଂଖ୍ୟା ବିଶିଷ୍ଟ ହେବା ସହ ଅଧ୍ୟାପିକା ଅଧ୍ୟାପକ ସଂଖ୍ୟା ୨୩ ରହିବ ବୋଲି ଉଲ୍ଲେଖ କରାଯାଇଛି । ନନ୍ ଟିଚିଂ ଷ୍ଟାଫ ସଂଖ୍ୟା ୩୭ ରହିବ ଓ ଡିନ୍‌ଙ୍କ କାର୍ଯ୍ୟାଳୟ ସହ ୧୪ ଜଣ କର୍ମଚାରୀ ରହିବେ । ପ୍ରସ୍ତାବିତ ମହାବିଦ୍ୟାଳୟ ଲାଗି ସର୍ବମୋଟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯିବା ସହ ପ୍ରତ୍ୟେକ ବର୍ଷ ୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଡିପିଆରରେ କୁହାଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ, କଲେଜ ସ୍ଥାପନ ପାଇଁ ୧୫ ଏକର ଜାଗା ଆବଶ୍ୟକ । କିନ୍ତୁ କେବେ ସୁଦ୍ଧା ପ୍ରସ୍ତାବିତ କଲେଜରେ ଶିକ୍ଷାଦାନ ଆରମ୍ଭ ହେବ ସେ ବିଷୟରେ କୌଣସି ତଥ୍ୟ ପ୍ରଦାନ କରାଯାଇ ନାହିଁ ବୋଲି ସୂଚନା କର୍ମୀ ପଣ୍ଡା ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

# ସଫେଇ ଓ ଉପକରଣ କିଣା ନେଇ ଲୁଚାଛପାରେ ଟେଣ୍ଡର ଅଭିଯୋଗ




ଲୋଇସିଂହା ଅସ୍ଥାୟୀ ଏନଏସି କାର୍ଯ୍ୟାଳୟ।

ଲୋଇସିଂହା,୧୭।୪(ସୁଶାନ୍ତ ବାରିକ)

ନବଗଠିତ ଲୋଇସିଂହା ଏନଏସି

ବଲାଙ୍ଗୀର ଜିଲାର ନବଗଠିତ ଲୋଇସିଂହା ଏନଏସିରେ ସଫେଇ କାମ ଓ ଉପକରଣ ଯୋଗାଣରେ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ହେଉଛି। ଗତ ଫେବୃୟାରୀ ୨୫ ତାରିଖରେ ଲୋଇସିଂହା ଏନଏସିର ଅସ୍ଥାୟୀ କାର୍ଯ୍ୟାଳୟକୁ ଆଭାସି ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଥିଲେ। ସେହି ସମୟରେ ଏଠାରେ ଉପଜିଲାପାଳ ଆଲୋକ ପଟେଲ ଉପସ୍ଥିତ ଥିଲେ। ଲୋଇସିଂହା ବିଡିଓ ଅକ୍ଷୟ ପାଣି ଉକ୍ତ ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ନବଗଠିତ ଲୋଇସିଂହା ଏନଏସି ଅଞ୍ଚଳରେ ପ୍ରଥମ ଦଫାରେ ମାର୍ଚ୍ଚ ୧୯ ତାରିଖରେ ଏନଏସି ପକ୍ଷରୁ ସଫେଇ ଓ ଉପକରଣ ଯୋଗାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ଦାଖଲର ଶେଷ ତାରିଖ ମାର୍ଚ୍ଚ ୨୬ ଅପରାହ୍ନ ୫ଟା ସୁଦ୍ଧା ରଖାଯାଇଥିଲା। ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ସେହି ମାସ ୩୦ ତାରିଖ ଅପରାହ୍ନ ୩ଟାରେ ଖୋଲାଯିବ ବୋଲି କୁହାଯାଇଥିଲା। ଟେଣ୍ଡର ପେପର ମୂଲ୍ୟ ଜିଏସଟି ସହିତ ୫୯ ହଜାର ଟଙ୍କା ନିର୍ଦ୍ଧାରିତ ହୋଇଥିଲା। ସଫେଇ କାମ ପାଇଁ ପ୍ରତି ମାସରେ ପ୍ରାୟ ୧୩ ଲକ୍ଷ ୯୦ ହଜାର ୪୨୨ ଟଙ୍କା ନିର୍ଦ୍ଧାରିତ ହୋଇଛି । ଚୁକ୍ତି ସମୟ ସୀମା ୩ ବର୍ଷ ରହିଛି। ଟେଣ୍ଡରରେ ଭାଗ ନେବା ପାଇଁ ୩୦ ହଜାର ଟଙ୍କା ଜମା କରିବାକୁ କୁହାଯାଇଥିଲା। ଏହାସହିତ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ସିକ୍ୟୁରିଟି ବାବଦକୁ ପଇଠ କରିବାକୁ କୁହାଯାଇଥିଲା। ଏହାପୂର୍ବରୁ ୨୪ ମାର୍ଚ୍ଚରେ ବିଡିଓ ତଥା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ୀ, ବିଏଫଓ ସଚ୍ଚିଦାନନ୍ଦ ଭୂଏ, ଏମଆଇଏସ ଏହି ୪ ଜଣଙ୍କୁ ନେଇ ଚୟନ କମିଟି ଗଠନ କରାଯାଇଥିଲା। ବିଡ଼ିଓଙ୍କୁ ବାଦ ଦେଲେ ବାକି ୩ ଜଣ ଅଧିକାରୀ ଏହି କମିଟି ସମ୍ପର୍କରେ ଏବଂ ଟେଣ୍ଡର ପ୍ରକ୍ରିୟା ନେଇ ଅବଗତ ନ ଥିବା କହିଛନ୍ତି। ଏପରି କି ଏନଏସି କାର୍ଯ୍ୟାଳୟରେ ଟେଣ୍ଡର ବାବଦକୁ ନୋଟିସ ମଧ ହୋଇନଥିବା କୁହାଯାଉଛି। ଲୁଚାଛପାରେ ଟେଣ୍ଡର ସଂକ୍ରାନ୍ତରେ ବିଜ୍ଞାପନ ହୋଇଥିବାରୁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଓ ଠିକେଦାର ଏ ବାବଦରେ ଜାଣିପାରି ନ ଥିଲେ । ଭୁବନେଶ୍ୱର ଅଞ୍ଚଳର ଜଣେ ଠିକେଦାର ଏହି ଟେଣ୍ଡର ପାଇଥିବା ଆଲୋଚନା ହେଉଛି। ଏ ନେଇ ବିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତଙ୍କୁ ପଚାରିବାରେ ମୁଖ୍ୟ ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଏହାର ନିରପେକ୍ଷ ତଦନ୍ତ କରାଗଲେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଏନଏସିବାସୀ ଦାବି କରିଛନ୍ତି।

# ବେଆଇନ ଜମି ଅଧିଗ୍ରହଣ, ପୋଲିସ ଦମନ ପ୍ରତିବାଦରେ ପଥପ୍ରାନ୍ତ ସଭା

ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ରାୟଗଡା ଜିଲାର ସିଜିମାଳି, କେନ୍ଦୁଝର ଜିଲାର ପାଟଣା ଓ ସୁନ୍ଦରଗଡ ଜିଲା ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ପାନୀ ସ୍ୱାର୍ଥରେ ଜମି ଅଧିଗ୍ରହଣ ଓ ସାଧାରଣ ଲୋକଙ୍କୁ ପୋଲିସ ଦମନ କରାଯିବା ପ୍ରତିବାଦରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ ଓ ପଥପ୍ରାନ୍ତ ସଭା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏସୟୁସିଆଇ (କମ୍ୟୁନିଷ୍ଟ) ବଲାଙ୍ଗୀର ଜିଲା କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ଶୁକ୍ରବାର ସନ୍ଧ୍ୟାରେ କଲେଜ ଛକ ଠାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ସଭାରେ ଜିଲା କମିଟି ସଭ୍ୟ ମଧୁସୂଦନ ବାଗ, ପ୍ରଭାସିନୀ ଭୋଇ, ନିମାଁଇ କୁମ୍ଭାର, ଏସୟୁସିଆଇ (କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ରଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। କମ୍ପାନୀ ସ୍ୱାର୍ଥ ପାଇଁ ଜମି ଜୋର ଜବରଦସ୍ତି ଅଧିଗ୍ରହଣ ବନ୍ଦ କରିବା ଏବଂ ସଧାରଣ ଲୋକଙ୍କ ଉପରେ ପୋଲିସ ଦମନ ବନ୍ଦ କରିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ), ସିପିଆଇ (ଏମଏଲ) ରେଡ଼ଷ୍ଟାର, ସିପିଆଇ (ଏମଏଲ) ଓ ସିପିଆଇ (ଏମଏଲ) ନିଉ ଡ଼େମୋକ୍ରାସି ପକ୍ଷରୁ ମିଳିତ ଭାବେ ସାରା ଓଡିଶାରେ ପ୍ରତିବାଦ ଦିବସ ଡାକରା ଦିଆଯାଇଥିବା ସୂଚନା ଦିଆଯାଇଛି।




ବଲାଙ୍ଗୀର କଲେଜ ଛକ ଠାରେ ପଥପ୍ରାନ୍ତ ସଭା କରାଯାଉଛି।

# ସଡ଼କ ସୁରକ୍ଷା, ଅଗ୍ନି ନିରାପତ୍ତା ସଚେତନତା

ଲୋଇସିଂହା,୧୭।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଏନ୍‌ଏସି ଅନ୍ତର୍ଗତ ବୁର୍ଡା ପଞ୍ଚାୟତ ହାଇସ୍କୁଲରେ ଶୁକ୍ରବାର ଜାତୀୟ ସଡ଼କ ସୁରକ୍ଷା , ଜୀବନ ରକ୍ଷା ଓ ଅଗ୍ନି ନିରାପତ୍ତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ମେହେର ଅଧକ୍ଷତା କରି ସଡକ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅପରପକ୍ଷେ ଉକ୍ତ କାର୍ଯ୍ୟକ୍ରମରେ ବୁର୍ଡା ଅଗ୍ନିଶମ କର୍ମଚାରୀ ଯୋଗଦେଇ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ସମୟରେ ସତର୍କତା ଅବଲମ୍ବନ ସମ୍ପର୍କରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ସଚେତନ କରିଥିଲେ। ଏହାଛଡା ବିଭିନ୍ନ ବିପଦ ସମୟରେ ଆତ୍ମରକ୍ଷା ଓ ସୁରକ୍ଷା କୌଶଳ ବତାଇଥିଲେ। ବିଦ୍ୟାଳୟର କନିଷ୍ଠ ସହାୟକ ରମେଶଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଛାତ୍ରୀଛାତ୍ରମାନେ ବୁର୍ଡା ଗ୍ରାମରେ ଏକ ସଚେତନତା ଶୋଭାଯାତ୍ର କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର,ଶିକ୍ଷକ ଓ ଅଗ୍ନିଶମ କର୍ମଚାରୀ।

# ବଲାଙ୍ଗୀରରେ ପୌର ପରିଷଦ ପକ୍ଷରୁ ଜନଗଣନା ଆରମ୍ଭ

ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)



ଜନଗଣନା ଟିମ୍ ଜିଲାପାଳଙ୍କୁ ଭେଟି ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ଗୁରୁବାରଠାରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ଠାରୁ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବା ଜଣାପଡିଛି। ପୌର ପରିଷଦର ଜନଗଣନା ଟିମ୍ ପ୍ରଥମେ ଜିଲାପାଳଙ୍କ ବାସଭବନରେ ପହଞ୍ଚି ଜିଲାପାଳଙ୍କ ଠାରୁ ଜନଗଣନା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ପୌର ପରିଷଦ ଜନଗଣନା ଭାରପ୍ରାପ୍ତ ଅଧିକାରୀ ସୁନୀଲ ମିଶ୍ର ରାଜ୍ୟରୁ ଆସିଥିବା ଜନଗଣନା ପ୍ରଶିକ୍ଷକ ଲଲାଟେନ୍ଦୁ ପଣ୍ଡା, ଜିଲା ଜନଗଣନା ନୋଡାଲ ଅଫିସର ଅନୁସୟା ପ୍ରଧାନଙ୍କ ସମେତ ସୁପରଭାଇଜର ଉପସ୍ଥିତ ଥିଲେ। ବଲାଙ୍ଗୀର ପୌର ପରିଷଦରେ ୩୬ଟି ସୁପରଭାଇଜର ସର୍କଲ ପାଇଁ ୩୬ ଜଣ ସୁପରଭାଇଜର ଏବଂ ୨୦୮ ଜଣ ଇନ୍ୟୁମେରେଟର ନିଯୁକ୍ତ ହୋଇଥିବା ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଘର ସଂଖ୍ୟାକରଣ କାର୍ଯ୍ୟ ଚାଲିଥିବା କୁହାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଘର ତାଲିକାକରଣ କାର୍ଯ୍ୟ ସମ୍ପାଦନା କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ୨ ଗିରଫ

ସୋନପୁର,୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରାଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ହୋଇଥିଲା। ପଡାରେ ଦଣ୍ଡନୃତ୍ୟ ଚାଲିଥିଲା ବେଳେ ଅଭିଯୁକ୍ତମାନେ ନାବାଳିକାଙ୍କୁ ବାଇକ୍‌ରେ ବସାଇ ମହାନଦୀ ବ୍ରିଜ୍ ଘାଟ ନିକଟକୁ ନେଇ ଗଣବଳାତ୍କାର କରିଥିଲେ। ଏଥିରେ କେତେଜଣ ନାବାଳକଙ୍କ ସମ୍ପୃକ୍ତି ଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ସୋନପୁର ଥାନାରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ପୋଲିସ ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ସହର ଝୁପୁଡିପଡା ଅଞ୍ଚଳର ମଣ୍ଟୁ ଓରଫ ବନବାସ ବାରିକ(୪୩) ଓ ଡି କଲୋନିର ସରୋଜ ଓରଫ ରବିଚନ୍ଦ୍ର ବାଗ(୩୦)। ବିଚାରପତି ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଅଛି। ସେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅଛନ୍ତି। ପୀଡିତାଙ୍କୁ ଗୁରୁତର ଅବସ୍ଥାରେ ଅଭିଯୁକ୍ତମାନେ ତାଙ୍କ ଘର ସମ୍ମୁଖରେ ଛାଡି ଚାଲି ଯାଇଥିଲେ। ସେ ପରିବାର ଲୋକଙ୍କ ସମ୍ମୁଖରେ ସବୁ କଥା କହିଥିଲେ। ପୀଡିତାଙ୍କ ବାପା ଏ ନେଇ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ମଣ୍ଟୁ ଓ ସରୋଜଙ୍କୁ ପୀଡିତା ଚିହ୍ନଟ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସସ୍ମିତା ଭୁତିଆ କହିଛନ୍ତି। ଡାକ୍ତରୀ ପରୀକ୍ଷା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୀଡିତାଙ୍କ ମାନସିକ ସ୍ଥିତି ଠିକ୍ ନାହିଁ, ସେ ସୁସ୍ଥ ହେଲା ପରେ ତଦନ୍ତ ଆଗକୁ ବଢିବ ବୋଲି କୁହାଯାଉଛି । ପୋଲିସ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି।


ଗିରଫ ଅଭିଯୁକ୍ତ ବନବାସ ବାରିକ ଓ ରବିଚନ୍ଦ୍ର ବାଗ।

**ଚିକିତ୍ସିତ ହେଉଛନ୍ତି ପୀଡିତା**

# ‘ବିଜୁବାବୁ ବୌଦ୍ଧକୁ ଦେଇଥିଲେ ସ୍ୱତନ୍ତ୍ର ପରିଚୟ’

ବୌଦ୍ଧ,୧୭।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ବୁଧବାର ଦିନ ପାଳିତ ହୋଇଯାଇଛି। ସକାଳୁ ବୌଦ୍ଧ ବ୍ରିଜ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ମୃତ୍ୟୁଞ୍ଜୟ ମିଶ୍ର, ଆଇନଜୀବୀ ଅଶୋକ କୁମାର ସାହୁ, ପୂର୍ବତନ ଏନଏସି ଅଧକ୍ଷ ବସନ୍ତ ସ୍ୱାଇଁ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଟାଉନହଲ ଠାରେ ଆଇନଜୀବୀ ସାହୁଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ମନ୍ତ୍ରୀ ଅମାତ, ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଅବକାଶ ସାହୁ, ସୁବୋଧ ପ୍ରଧାନ, ପ୍ରଦୀପ କୁମାର ସାହୁ, ଦିପ୍ତିପ୍ରଭା ସ୍ୱାଇଁ, ଭାଗୀରଥି ମଲିକ, ସୁମନ୍ତ ସାହୁ, ପଙ୍କଜ ସାହୁ ମଞ୍ଚାସୀନ ଥିଲେ। ବକ୍ତାମାନେ ନୂଆ ଓଡିଶା ଗଠନରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ କହିଥିଲେ । ବିଶେଷ କରି ବୌଦ୍ଧକୁ ଜିଲାର ମାନ୍ୟତା ଦେଇ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ ବୋଲି କହି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିପୁର ମହାକୁଡ, ଅଶ୍ୱିନୀ ପ୍ରଧାନ, ଜସ୍ମିନ ପ୍ରଧାନ, ଅଶୋକ ମେଣ୍ଡୁଲି, ରବୀନ୍ଦ୍ର ପାତ୍ର, ବିଜୟ ମାହର, ସର୍ବେଶ୍ୱର ମହିଶାଲ, ମାନସ ପୁରୋହିତ, ଅସିତ ପ୍ରଧାନ, ସନ୍ତୋଷ ନାୟକ, ସୁଜ୍ଞାନ କର୍ଣ୍ଣ, ଦୋଳଗୋବିନ୍ଦ ପ୍ରଧାନ, ପ୍ରତିଭା ସାହୁ, କାର୍ତ୍ତିକ ବେହେରାଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ ।



ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନେ ।

**ବୌଦ୍ଧ ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ**

# ବୀରମହାରାଜପୁରରେ ଗୁଳିକାଣ୍ଡ, ଯୁବକ ମୃତ

ସୋନପୁର,୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ରାତିରେ ଗୁଳିକାଣ୍ଡ ଘଟିଛି। ଏଥିଯୋଗୁ ବୀରମହାରାଜପୁର ଥାନା ଚମ୍ପାମାଳ ଗାଁର ରବି ମହାରଣାଙ୍କ ପୁଅ ବିକ୍ରମ ମହାରଣା ଓରଫ ବିକି(୨୪)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ବେକରେ ଗୁଳିମାଡ ହୋଇଛି। ବିକିଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ ରାତିରେ ଗ୍ରାମର କେତେଜଣ ଯୁବକ ଏକାଠି ବସିଥିଲେ। କୌଣସି କଥାକୁ ନେଇ ଯୁକ୍ତିତର୍କ ପରେ ଗୁଳିକାଣ୍ଡ ଘଟିଛି। ବୀରମହାରାଜପୁର ପୋଲିସ ଘଟଣାର ତଦନ୍ତ ଜାରିରଖିଛି। ଖବରପାଇ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।



# ସିଦ୍ଧପୁର ଗ୍ରାମରେ ଚୋରି

ବୌଦ୍ଧ,୧୭।୪(ଅଜିତ କୁମାର ବାରିକ)

ବୌଦ୍ଧ ଥାନା ଅନ୍ତର୍ଗତ ସିଦ୍ଧପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରେମଶୀଳ ବଡମାଳିଙ୍କ ଘରୁ ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରେମଶୀଳଙ୍କ ପରିବାର ରାତିରେ ଶୋଇଥିବା ସମୟରେ କେହି ଦୁର୍ବୃତ୍ତ ବାରିପଟୁ କବାଟ ଭାଙ୍ଗି ଘର ମଧ୍ୟକୁ ପଶି ସମସ୍ତ ଜିନିଷପତ୍ର ଲୁଟି ନେଇଛି। ସକାଳ ହେବା ପରେ କୂଅ ନିକଟରେ ବାକ୍ସ ଓ ଆଟାଚ ପଡିଥିବା ପରିବାର ଲୋକେ ଦେଖି ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଘରୁ ନଗଦ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ଗୋଟିଏ ସୁନାହାର , ଦୁଇଟି ପେଣ୍ଡି ଫୁଲ, ଦୁଇଟି ଲକେଟ, ଦୁଇଟି ସୁନା ଚୁଡି ସହିତ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଅଭିଯୋଗ ପାଇଲା ପରେ ବୌଦ୍ଧ ପୋଲିସ ତଦନ୍ତ ଚଳାଇଛି ।

# ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ


ବୀରମହାରାଜପୁର ଠାରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନରେ ବିଜେଡି ନେତା କର୍ମୀ ।

ବୀରମହାରାଜପୁର,୧୭।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁରଜିଲା ବୀରମହାରାଜପୁରଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଥମେ ବିଜୁ ଜନତା ଦଳ (ବିଜେଡି)କର୍ମୀମାନେ ବୀରମହାରାଜପୁର ଡାକ୍ତରଖାନାକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ବୀରମହାରାଜପୁର ବସଷ୍ଟାଣ୍ଡରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବୀରମହାରାଜପୁର ବିଜୁ ଜନତା ଦଳ ବ୍ଲକ ସଭାପତି ସୁରୁ ନାରାୟଣ ମହାକୁର, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲା ବିଜେଡି ଉପସଭାପତି କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ଲଳିତ ମୋହନ ପାତ୍ର, ସମ୍ପାଦକ ସଞ୍ଜୀବ ଦେହୁରୀ, ପ୍ରଦୀପ ମିଶ୍ର, ମଧୁସୂଦନ ପଣ୍ଡା, ଶ୍ରୀକାନ୍ତ କର୍ମୀ, କଲ୍ଲୋଳ ମିଶ୍ର, ମହେନ୍ଦ୍ର ଜଗଦଲା,ପର୍ଶୁରାମ ଦେହୁରୀ, ଭଗବାନ କର୍ଣ୍ଣ, ଶେଷଦେବ ବାରିକ, ବେଲାରସେନ ପାତ୍ର, କୃଷ୍ଣଚନ୍ଦ୍ର ମେହେର ରଞ୍ଜିତ ଚାନ୍ଦ, ଆଲୋକ ଦେହୁରୀ, କାହ୍ନୁ ମହାକୁର ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ପରେ ଏକ ଶୋଭାଯାତ୍ରାରେ ବୀରମହାରାଜପୁର ଠାରୁ ସୁବର୍ଣ୍ଣପୁର ଅଭିମୁଖେ ଯାତ୍ରା କରିଥିଲେ।

# ଗଦ୍ୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଭୁବନେଶ୍ୱର ବେହେରା



ସୁବର୍ଣ୍ଣପୁରରେ ଶ୍ରାଦ୍ଧୋତ୍ସବରେ ମଞ୍ଚାସୀନ ଅତିଥି ଓ ଆଲୋଚକ ବୃନ୍ଦ ।

ସୋନପୁର,୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

**ଗଦ୍ୟ ଶିଳ୍ପୀଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ**

ସୁବର୍ଣ୍ଣପୁର ସଂସ୍କୃତି ଭବନରେ ଓଡ଼ିଆ ସାହିତ୍ୟର ପ୍ରଖର ଗଦ୍ୟଶିଳ୍ପୀ ଭୁବନେଶ୍ୱର ବେହେରାଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମହାନଦୀ ସାହିତ୍ୟ ସଂସଦର ମିଳିତ ପ୍ରୟାସରେ ଏହି ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ.ପବନ କୁମାର ଅଗ୍ରୱାଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ବେହେରାଙ୍କ ଗଳ୍ପ ସାହିତ୍ୟ, ଗଦ୍ୟଶୈଳୀ ଓ ସମାଜଜୀବନ ସହିତ ତାଙ୍କ ରଚନାର ଗଭୀର ସମ୍ପର୍କକୁ ଉଲ୍ଲେଖ କରିଥିଲେ। ଭୁବନେଶର ବେହେରା ଗଦ୍ୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା ବୋଲି ଡ. ଅଗ୍ରୱାଲ ମତପ୍ରକାଶ କରିଥିଲେ । ପ୍ରଫେସର ସୁଦର୍ଶନ ପଣ୍ଡା ଆଲୋଚକ ଭାବେ ଯୋଗଦେଇ ବେହେରାଙ୍କ ସାହିତ୍ୟରେ ଗ୍ରାମୀଣ ଜୀବନ, ସାମାଜିକ ବିରୋଧାଭାସ ଓ ମନୁଷ୍ୟର ଆନ୍ତରିକ ଭାବନାର ସମ୍ବେଦନଶୀଳ ପ୍ରତିଛବିକୁ ଉଚ୍ଚ ସ୍ଥାନ ଦେଇଥିଲେ ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲାପାଳ ତଥା ସାହିତ୍ୟିକ ଡ଼ ନୃପରାଜ ସାହୁ କହିଥିଲେ, ଗ୍ରାମୀଣ ଜୀବନ ସହ ସାହିତ୍ୟ ରଚନାର ବୈଶିଷ୍ଟ୍ୟ ତାଙ୍କୁ ଓଡ଼ିଆ ଗଦ୍ୟ ସାହିତ୍ୟରେ ସ୍ୱତନ୍ତ୍ର ପରିଚୟ ଦେଇଛି। ଉଲୁଣ୍ଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ଡ. ଦେବାଶିଷ ପଣ୍ଡିଆ ଓ ଡ. ସୌରଭ ରଞ୍ଜନ ଖମାରୀ ଅନ୍ୟତମ ଆଲୋଚକ ଭାବେ ଯୋଗଦାନ କରି ନବପିଢ଼ୀଙ୍କୁ ବେହେରାଙ୍କ ସାହିତ୍ୟ ଧାରାକୁ ଆଗକୁ ବଢ଼ାଇବା ପାଇଁ ପ୍ରେରିତ କରିଥିଲେ। ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ବୃହତ୍ତର ଅଭିବ୍ୟକ୍ତି ହେଉଛନ୍ତି ଗଦ୍ୟ ଶିଳ୍ପୀ ଭୁବନେଶ୍ୱର ବେହେରା ବୋଲି ମତପ୍ରକାଶ ପାଇଥିଲା।ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, କବି, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବୌଦ୍ଧରେ ଯୋଗ ଦେଲେ ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ

ବୌଦ୍ଧ,୧୭।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ବୁଧବାର ଦିନ ବିଦ୍ୟାପତି ପଣ୍ଡା ଯୋଗ ଦେଇଛନ୍ତି । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଣ୍ଡା ବିଦାୟୀ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ । କାର୍ଯ୍ୟଭାର ଗ୍ରହଣ କରିବା ପରେ ଜିଲା ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ।


ବିଦାୟୀ ଅଧିକାରୀଙ୍କ ଠାରୁ କାର୍ଯ୍ୟଭାର ନେଉଛନ୍ତି।

# ଓଡ଼ିଶା ରାଜନୀତିର ଉତ୍ତୁଙ୍ଗ ପୁରୁଷ ବିଜୁବାବୁ

ସୋନପୁର,୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜଣେ ସ୍ୱାଭିମାନୀ ଓଡିଆ ଥିଲେ। ଓଡ଼ିଶା ରାଜନୀତିରେ ସେ ଉତ୍ତୁଙ୍ଗ ପୁରୁଷ ଥିଲେ। ଶିକ୍ଷା, ନାରୀ ସଶକ୍ତିକରଣ ସହ ଆଧୁନିକ ଓଡିଶା ଗଠନରେ ତାଙ୍କର ବଡ ଅବଦାନ ରହିଛି। ସୁବର୍ଣ୍ଣପୁର ଜିଲା ଗଠନର ସେ ବିନ୍ଧାଣୀ ଥିଲେ। ବିଜୁ ଜନତା ଦଳ ପକ୍ଷରୁ ମଝିପଡାସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଜିଲାସ୍ତରୀୟ ୨୯ତମ ତିରୋଧାନ ଦିବସ ଅବସରରେ ଏହି ମତପ୍ରକାଶ ପାଇଛି। ବିଜେଡି ଜିଲା ସଭାପତି ସରୋଜ କର୍ମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇଥିଲେ। ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଦେଶ, ରାଜ୍ୟ ଓ ଜିଲା ପାଇଁ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ସୋନପୁର ବିଧାୟକ ତଥା ଓଡିଶା ବିଧାନସଭା ପବ୍ଲିକ୍ ଆକାଉଣ୍ଟସ୍ କମିଟି ଅଧକ୍ଷ ନିରଞ୍ଜନ ପୂଜାରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କୁ ଓଡିଶାର ବରପୁତ୍ର ବୋଲି ବର୍ଣ୍ଣନା କରିଥିଲେ। ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ପୂର୍ବତନ ନଗରପାଳ କଇରୁ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ହିମାଂଶୁ ବିଶ୍ୱାଳ, ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ମିତା ନାୟକ, ଉପାଧକ୍ଷା ମଲ୍ଲିକା ଦାନୀ, ପ୍ରହ୍ଲାଦ ନାୟକ, ମଧୁସୂଦନ ହୋତା, ଅଶୋକ ନନ୍ଦ, ମକରଧ୍ୱଜ ସାହୁ, ଗଣେଷ ଭୋଇ, ପ୍ରକାଶ ସାହୁ, ହେମନ୍ତ ସାହୁ, ଅମୀୟ ରଞ୍ଜନ ଦାଶ, ଅଭିଶେକ ଶର୍ମା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ମାନଭଞ୍ଜନ ମିଶ୍ର ସଭାକୁ ସଂଯୋଜନା କରିଥିଲେ।


ତିରୋଧାନ ଦିବସରେ ଦଳୀୟ ନେତୃବୃନ୍ଦ।

**ସୁବର୍ଣ୍ଣପୁରରେ ୨୯ତମ ତିରୋଧାନ ଦିବସ**

# ମଦ ବିକ୍ରି ବନ୍ଦ କରିବା ଦାବିରେ ଥାନାର ଦ୍ୱାରସ୍ଥ

ତରଭା,୧୭।୪(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନସ୍ତ ମେଣ୍ଡା ଗ୍ରାମରେ ବେଆଇନ ମଦ ବନ୍ଦ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ ନେଇ ତରଭା ଥାନାର ଦ୍ୱାରସ୍ତ ହୋଇଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ମିଳିଥିବା ସୂଚନା ମୁତାବକ ବେଆଇନ କୁଚିଆ ମଦବିକ୍ରି ବନ୍ଦ କରିବାକୁ ଗ୍ରାମରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମେଣ୍ଡାରେ ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଠୋସ ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପକ୍ଷରେ ବିଗତ ଦୁଇଦିନ ତଳେ ମେଣ୍ଡା ଫାଣ୍ଡିକୁ ଯାଇ କୁଚିଆ ମଦବିକ୍ରି ବନ୍ଦ କରିବାକୁ ଦାବି କରିଥିଲେ ସମ୍ପୃକ୍ତ ମହିଳାମାନେ। ଅଭିଯୋଗକୁ ଭିତ୍ତିକରି ବେଆଇନ ମଦ ବିକ୍ରି କରୁଥିବା ଜନୈକ ବ୍ୟକ୍ତି ଗୁରୁବାର ସନ୍ଧ୍ୟାରେ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କାହିଁକି ପୋଲିସରେ ଅଭିଯୋଗ କରିଛନ୍ତି ବୋଲି କହି ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ମହିଳାମାନେ ମେଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିବା ସହ ତଦନ୍ତ ଚାଲିଥିବା କହିଛନ୍ତି ତରଭା ଥାନା ଆଇଆଇସି ଅନିତା କିଡୋ। ଶୁକ୍ରବାର ୧୭ଜଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ତରଭା ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିବେଦନ କରିଛନ୍ତି। ଅଭିଯୋଗକାରିଣୀ ମହିଳାମାନେ ହେଲେ ମାଧବୀ ଆଡସୁଲିଆ, ଲିଲି, ପାର୍ବତୀ, ମିନା, ରିନା, ବ୍ରଜେଶରୀ, ବନିତା, ସଞ୍ଜୁ, ଲକ୍ଷ୍ମୀ, ଅଞ୍ଜନା, ପଦ୍ମାବତୀ, ତପସ୍ୱୀନୀ, ରଶ୍ମୀତା, ସଂଯୁକ୍ତାଙ୍କ ସହ ବହୁ ମହିଳା ଉପସ୍ଥିତ ଥିଲେ।


ପୋଲିସ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

# ବାଲ୍ୟ ବିବାହ ରୋକିବାକୁ ସଚେତନତା ସଭା

ବୀରମହାରାଜପୁର,୧୭।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବୀରମହାରାଜପୁର ଶିଶୁ ବିକାଶ ପ୍ରକଳ୍ପ ବିଭାଗ ତରଫରୁ ବାଲ୍ୟବିବାହ ରୋକିବା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ସିଡ଼ିପିଓ ଝରଣା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ସୁବର୍ଣ୍ଣପୁର ଜିଲା ପୋଲିସ ତରଫରୁ ଆଇସିଏଡବ୍ଲ୍ୟୁ ଡେପୁଟି ସୁପରିଟେଣ୍ଡେଣ୍ଟ ରେଣୁକା ସୁନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଲ୍ୟ ବିବାହ ରୋକିବା ପାଇଁ ଜନ ସଚେତନତାର ଆବଶ୍ୟକତା ରହିଛି। ବିଶେଷ ଭାବରେ ଅକ୍ଷୟ ତୃତୀୟାରେ ଆମେ ସମସ୍ତେ ଏହି ଦିନ ସବୁ ପ୍ରକାର ଶୁଭକାର୍ଯ୍ୟକ୍ରମ କରିଥାଉ। ଏହି ଦିନ ଅନେକ ଗୁଡ଼ିଏ ବିବାହ ଲଗ୍ନ କରିଥାନ୍ତି। ଏହି ଦିନ ବାଲ୍ୟ ବିବାହର ଆଶଙ୍କା ରହିଛି। ଏଣୁ ନିର୍ବାଚିତ ପ୍ରତିନିଧି, ମନ୍ଦିର ପରିଚାଳନା କମିଟି, ବିବାହ କରୁଥିବା ପଣ୍ଡିତ, ରୋଷେୟା,ଟେଣ୍ଟ ହାଉସ, ନିମନ୍ତ୍ରଣ କାର୍ଡ ଚାଲୁଥିବା ବ୍ୟକ୍ତି ବିଶେଷ ଯେତେବେଳେ ବି କାହାର ବିହାର କାର୍ଯ୍ୟ କରୁଛନ୍ତି ବା ଅନୁମତି ଦେଇଛନ୍ତି ତା'ହେଲେ ଉଭୟ ପୁଅ ଝିଅଙ୍କ ବୟସ ପ୍ରମାଣପତ୍ର ଦେଖି ତାପରେ ବିବାହ କରନ୍ତୁ ନହେଲେ ଆଇନ ଅନୁସାରେ ଏମାନେ ସମସ୍ତେ ଦଣ୍ଡିତ ହେବେ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ବାଲ୍ୟ ବିବାହ ରୋକିବା ପାଇଁ ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ ଓ ୱାର୍ଡ ମେମ୍ବରମାନେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ଏବିଡିଓ ପୁରୁଷୋତ୍ତମ ଧରୁଆ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟନାରାୟଣ ନନ୍ଦ, ଯୁଗଳ କିଶୋର ମିଶ୍ର, ସିଡ଼ିପିଓ ଅଫିସର ରୁଦ୍ରପ୍ରଶ୍ନ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧି, ସଚେତନ ନାଗରିକ, ଅଙ୍ଗନୱାଡ଼ି କର୍ମୀ ଯୋଗଦେଇଥିଲେ।



ବୀରମହାରାଜପୁର ବ୍ଲକ ସଭାଗୃହରେ ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା ସଭାରେ ଅତିଥି ।

**ଖଲିଆକାନୀରେ ମହାଯଜ୍ଞ, କଳସ ଯାତ୍ରା**

ବ୍ରଜରାଜନଗର,(ବିଜୟ ବରାଡ଼): ରାଧାକୃଷ୍ଣ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଖଲିଆକାନୀଠାରେ ୨୪ ପ୍ରହର ନାମ ସଂକୀର୍ତ୍ତନ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଇରାବତୀ ନଦୀର ଗଣ୍ଡଘୋରା ଘାଟରୁ ଶତାଧିକ ଭକ୍ତ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ମହାଯଜ୍ଞରେ କ୍ଷୀରୋଦ କୁମାର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ମିଳି ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ଲରେନ୍ସ କୁମାର ପ୍ରଧାନ, ଦିଲୀପ ପ୍ରଧାନ, କାହ୍ନୁ ଚରଣ ସେଠ, ରବିନ ପ୍ରଧାନ, ସରୋଜ ବଡ଼େଇ, ହେମନ୍ତ ପ୍ରଧାନ ଷଡ଼ ବୈଷ୍ଣବ ଭାବରେ ଅଛନ୍ତି। ପୂଜକ ଭ୍ରମର ଦାସ ଥିବାବେଳେ କିରିମାଲ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅଖଣ୍ଡ ନାମ ଉଚ୍ଚାରଣ ଚାଲିବ ବୋଲି ପରିଷଦର ମୁଖ୍ୟ ସଂଯୋଜକ ମହେନ୍ଦ୍ର ନାଏକ କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୧୭।୪(ଆଶିଷ ରଞ୍ଜନ ଦାଶ)

ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ବଡ଼ମାଲ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ସୁଧୀର ରଞ୍ଜନ ପଟ୍ଟନାୟକ (୪୮)। ତାଙ୍କ ନିକଟରୁ ୪ କିଲୋ ୨୦୦ ଗ୍ରାମ୍ ଗଞ୍ଜେଇ ଓ ଏକ ସ୍କୁଟି ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ବେହେରାପାଳି ରାସ୍ତା କଡ଼ରେ ଅଭିଯୁକ୍ତ ଛିଡା ହୋଇଥିବାବେଳେ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ସିବିଏସ୍‌ଇ ଦଶମ ପରୀକ୍ଷାରେ ଲଖନପୁର ଆଦର୍ଶ ବିଦ୍ୟାଳୟର ସଫଳତା

ଲଖନପୁର,୧୭।୪(ଗୌତମ ସାହୁ)

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଉତ୍ତମ ପ୍ରଦର୍ଶନ କରିଛନ୍ତି। ଛାତ୍ରୀ ଅନ୍ୱେଷା ବିଶ୍ୱାଳ ୯୭% ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଥିବାବେଳେ ଅମନ ପଧାନ ୯୫.୬%, ହରିଶ କୁମାର ମୁଣ୍ଡା ୯୪.୪%, ସୌମ୍ୟରଞ୍ଜନ ପାଣ୍ଡେ ୯୩.୨%, ପ୍ରିୟଙ୍କା ସା ୯୦.୨% ମାର୍କ ରଖି ଦ୍ୱିତୀୟ, ତୃତୀୟ, ଚତୁର୍ଥ, ସ୍ଥାନ ଅଧିକାର କରିଛନ୍ତି। ମୋଟ ୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୮୦ ଜଣ ପାସ୍ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ଏମ୍‌ଡି ଅତଉଲ୍ଲା ଖାନ୍ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ବିଜେଡି ପକ୍ଷରୁ ରକ୍ତଦାନ ଶିବିର

ଦେବଗଡ଼,୧୭।୪(ଶଶାଙ୍କ ଶେଖର ଝାଙ୍କର)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଦେବଗଡ଼ ଜିଲା ବିଜେଡି ପକ୍ଷରୁ ବାରକୋଟ ବ୍ଲକ୍ ଅଧୀନ ରାଇତାବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଛନ୍ତି, ବିଜୁବାବୁ ସମାଜ ପାଇଁ ସବୁବେଳେ ଚିନ୍ତା କରୁଥିଲେ। ରକ୍ତଭଣ୍ଡାରରେ ରକ୍ତର ଅଭାବ ଦୂର କରିବା ପାଇଁ ବିଜୁବାବୁଙ୍କ ତିରୋଧାନ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ମୋଟ ୩୬ଜଣ ବିଜେଡି ନେତା, କର୍ମୀ ଓ ଜନସାଧାରଣ ରକ୍ତଦାନ କରିଥିଲେ। ଏହି ଅବସରରେ ବିଧାୟକ ବିଶ୍ୱାଳ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

### ଅଭିନେତା ପ୍ରକାଶ ଦେବତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଦେବଗଡ଼,୧୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଜଣାଶୁଣା ମଞ୍ଚ ଅଭିନେତା ତଥା ଦେବଗଡ଼ସ୍ଥିତ 'ଫ୍ରେଣ୍ଡ୍ସ କ୍ଲବ୍'ର ସଦସ୍ୟ ପ୍ରକାଶ ଦେବତାଙ୍କ ବିୟୋଗରେ ଫ୍ରେଣ୍ଡ୍ସ କ୍ଲବ୍ କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ରାଜେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କ୍ଲବ୍ ସମ୍ପାଦକ ଅନୁପମ ପାଣିଗ୍ରାହୀ, ସଦସ୍ୟ ଫକୀର ମୋହନ ମହାପାତ୍ର, ଦେବାଶିଷ କର, ପଞ୍ଚାନନ ଆଚାର୍ଯ୍ୟ, କ୍ଷୀରୋଦ ବିହାରୀ ବେହେରା, ଆଶିଷ ଦେବତାଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ପ୍ରକାଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୬ ମାସରେ ୨୪୦ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ବ୍ରଜରାଜନଗର,୧୭।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳର ବିକାଶ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ପାଇଁ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭୁବନେଶ୍ୱରସ୍ଥିତ ନିଜ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ବ୍ରଜରାଜନଗରର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏଥିସହ ବ୍ରଜରାଜନଗରରେ ନିର୍ମାଣାଧୀନ ଥିବା ସମସ୍ତ ୨୪୦ଟି ପ୍ରକଳ୍ପକୁ ଆସନ୍ତା ୬ ମାସ ମଧ୍ୟରେ ଶେଷ କରିବାକୁ ମନ୍ତ୍ରୀ ପୂଜାରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କାମରେ ଅବହେଳା କରୁଥିବା କିମ୍ବା ସମୟାନୁବର୍ତ୍ତୀ ହେଉ ନ ଥିବା ଠିକାଦାର ଓ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି। ଏଥିସହ ସୁପର


ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ମାର୍କେଟ, ନଦୀତଟ ସୌନ୍ଦର୍ଯ୍ୟକରଣ, ଚଣ୍ଡୀ ମନ୍ଦିରର ବିକାଶ, ପାଠାଗାର, କଲ୍ୟାଣମଣ୍ଡପ ଏବଂ ଅଟଳ ବସ୍‌ଷ୍ଟାଣ୍ଡ ଭଳି ବଡ଼ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଛି। ଇବ୍ ନଦୀତଟରେ ନୂତନ ରିଂରୋଡ ଏବଂ କୁତାବଗା ନିକଟରେ ନୂତନ ପୋଲ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବ୍ରଜରାଜନଗର ଓ ବେଲପାହାଡ଼ରେ ୨୪ ଘଣ୍ଟିଆ ଜଳଯୋଗାଣ ସୁନିଶ୍ଚିତ

**ଠିକାଦାର କାର୍ଯ୍ୟରେ ଅବହେଳା କଲେ ହେବ କାର୍ଯ୍ୟାନୁଷ୍ଠାନ**

କରିବାକୁ ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି। ସମସ୍ତ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ସାମିଲ କରି ସେମାନଙ୍କ ପାଇଁ ଜୀବିକା ଓ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସିତାନୀ ଏବଂ ଆଭାସୀ ମାଧ୍ୟମରେ ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ଥିଲେ। ଏହି ପଦକ୍ଷେପ ଦ୍ୱାରା ବ୍ରଜରାଜନଗର ଅଞ୍ଚଳରେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହେବ ବୋଲି ଆଶା କରାଯାଉଛି।

# ସହରରେ ଭାରିଯାନ ଚଳାଚଳ ଉପରେ କଟକଣା

ଝାରସୁଗୁଡ଼ା,୧୭।୪(ଆଶିଷ ରଞ୍ଜନ ଦାଶ)

ସହରର କେତେକ ପ୍ରମୁଖ ରାସ୍ତାରେ ବଢୁଥିବା ଦୁର୍ଘଟଣା ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୋଟରଯାନ ଅଧିନିୟମ, ୧୯୮୮ର ଧାରା ୧୧୫ ଅନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଅରଡ଼ା ଛକରୁ ସର୍କିଟ ହାଉସ୍ ଛକ ମଧ୍ୟରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ, ନୂତନ ବସ୍‌ଷ୍ଟାଣ୍ଡ, ଡିପିଓ ଛକ ଏବଂ ଓଏମ୍‌ପି ଛକ ଦେଇ ଯାଉଥିବା ଭାରିଯାନ ଚଳାଚଳକୁ ସୀମିତ କରାଯାଇଛି। ଏହି ରାସ୍ତା ଅତ୍ୟଧିକ ଦୁର୍ଘଟଣା ପ୍ରବଣ ହୋଇପଡ଼ିଥିବାରୁ ଏବଂ ନୂତନ ବସ୍‌ଷ୍ଟାଣ୍ଡର ସୁପରିଚାଳନା ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯାତାୟାତରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିୟମ ଅନୁସାରେ, ୧୬,୨୦୦ କିଲୋଗ୍ରାମ କିମ୍ବା ତା'ଠାରୁ ଅଧିକ ଓଜନ ବିଶିଷ୍ଟ ସମସ୍ତ ଭାରିଯାନ ଉପରୋକ୍ତ ରାସ୍ତାରେ ଚଳାଚଳ କରିପାରିବ ନାହିଁ। ଏହି କଟକଣା ୨୦୨୬ ଏପ୍ରିଲ ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଏହି ଭାରିଯାନଗୁଡ଼ିକ ଅରଡ଼ା ଛକରୁ ସର୍କିଟ ହାଉସ୍ ଛକ ପର୍ଯ୍ୟନ୍ତ ରାଜ୍ୟ ରାଜପଥ-୧୦ ଏବଂ ନୂତନ ଷ୍ଟାଡିୟମ ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରକ୍ଷୀ ଅଧୀକ୍ଷକ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଯାଇଛି। ଟ୍ରାଫିକ୍ ବ୍ୟବସ୍ଥା ଶୃଙ୍ଖଳିତ କରିବା ପାଇଁ ଜନସାଧାରଣ ଓ ଗାଡ଼ି ମାଲିକମାନେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ମହାକାଶ ବିଜ୍ଞାନ ଉପରେ ଅନୁସନ୍ଧାନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଦେବଗଡ଼,୧୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅଧୀନ ରେଙ୍ଗାଲବେଡ଼ା ଗ୍ରାମରେ ଥିବା ପିଏମ୍‌ଶ୍ରୀ ଗୋହିରା ନୋଡାଲ ହାଇସ୍କୁଲରେ ମହାକାଶ ବିଜ୍ଞାନ ଅନୁସନ୍ଧାନ ଶୀର୍ଷକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ମନୋରଞ୍ଜନ ବାରିକ ଯୋଗଦେଇ ମହାକାଶ, ଅନ୍ତରୀକ୍ଷ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହରାଶି, ଉପଗ୍ରହ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ମହାକାଶ ବିଜ୍ଞାନକୁ ନେଇ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ବିଘ୍ନେଶ କୁମାର ନାୟକ, ବିଶ୍ୱଜିତ୍ ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ବିକାଶ ମାହାର ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ବର୍ଣ୍ଣାଳି ସାହୁ ଧନ୍ୟବାଦ ଦେଇଥିଲେ।

# ସେଣ୍ଟ ଭିନ୍‌ସେଣ୍ଟ ପାଲୋଟି, ଏମ୍‌ଜେୱାଇସି ବିଜୟୀ



କାର୍ଯ୍ୟକ୍ରମରେ ଖେଳାଳିଙ୍କ ଗହଣରେ ଅତିଥି, ରେଫରି ।

**ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

ଝାରସୁଗୁଡ଼ା,୧୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍‌ଏପି ପଡିଆରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅଷ୍ଟମ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗର ଏକ ମ୍ୟାଚ୍ ସେଣ୍ଟ ଭିନ୍‌ସେଣ୍ଟ ପାଲୋଟି ଇଂଲିଶ ମିଡିୟମ ସ୍କୁଲ ଏବଂ କିର୍ମିରା ଆଦିବାସୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସେଣ୍ଟ ଭିନ୍‌ସେଣ୍ଟ ପାଲୋଟି ଦଳ କିର୍ମିରା ଆଦିବାସୀ କ୍ଲବ୍‌କୁ ୫-୦ ଗୋଲରେ ପରାସ୍ତ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି, ସମ୍ମାନିତ ଅତିଥି ଭାବେ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ବିଜୟ ବକ୍ସି, ମନୋଜ ପଟେଲ, ପ୍ରଜ୍ୱଳ ପଟେଲ, ସୁଶାନ୍ତ ମାଲି, ସୂରଜ ପ୍ରଧାନ, ରାମବିଳାସ ବିଶ୍ୱକର୍ମା, ସାଗର ଥାପା ଯୋଗଦେଇଥିଲେ। ସଞ୍ଜୟ କିଷାନ, ଶରତ କିଷାନ, ଅମିତ୍ ବାଗ ଏବଂ ସଞ୍ଜୟ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ବାଳକ ବିଭାଗର ଏକ ମ୍ୟାଚ୍ ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ଏବଂ ବେହେରାପାଟ ଏମ୍‌ଜେୱାଇସି ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମ୍‌ଜେୱାଇସି ଟିମ୍ ୬-୦ ଗୋଲରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଭଗବାନ ଡିଲା, ସଞ୍ଜୟ ରାୟ, ସୁଜିତ୍ କୁଜୁରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମ୍ୟାଚଟିକୁ ଅରୁଣ ପ୍ରଧାନ, ରତ୍ନାକର ସାଏ, ଅଗସ୍ତ ହାତିପଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।

### ଗ୍ରୀଷ୍ମପ୍ରବାହ, ଜନଜୀବନ ଅସ୍ତବ୍ୟସ୍ତ

ଝାରସୁଗୁଡ଼ା,୧୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅସହ୍ୟ ଗୁଳୁଗୁଳି ଓ ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ପ୍ରବଳ ତାତି ଯୋଗୁ ମଧ୍ୟାହ୍ନରେ ସହରର ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଥିବା ଦେଖିବାକୁ ମିଳିଛି। ବିଶେଷକରି ବାହାରୁ ଆସୁଥିବା ଯାତ୍ରୀମାନେ ବସ୍ ଓ ଅଟୋଷ୍ଟାଣ୍ଡରେ ଛିଡ଼ା ହୋଇ ହଇରାଣ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ବିଶେଷକରି ପଶୁପକ୍ଷୀଙ୍କ ପାଇଁ ପୃଥକ୍ ଭାବେ ଜଳକୁଣ୍ଡର ବ୍ୟବସ୍ଥା କରାଯାଇଛି। ଝାରସୁଗୁଡ଼ା ଏକ ଜନବହୁଳ ସହର ହୋଇଥିବାରୁ ଏଠାରେ ଗରମର ପ୍ରଭାବ ଅଧିକ ରହୁଛି। ତେଣୁ ବିଭିନ୍ନ ବସ୍‌ଷ୍ଟାଣ୍ଡ ଓ ସର୍ବସାଧାରଣ ଆଶ୍ରୟସ୍ଥଳରେ ବିଶ୍ରାମ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପୌର ପରିଷଦ ନିକଟରେ ସହରବାସୀ ଦାବି କରିଛନ୍ତି।

### ବିଭିନ୍ନ ଘଟଣାରେ ୩ ଅଭିଯୁକ୍ତ ଗିରଫ

ଲଖନପୁର,୧୭।୪(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ପୋଲିସ ବିଭିନ୍ନ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ପୋଲିସ ବଡ଼ିମାଲ ଛକ ନିକଟରେ ଚଢ଼ାଉ କରି ୮୦ ଲିଟର ଚୋରା ଦେଶୀ ମଦ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ବଡ଼ିମାଲ ଗ୍ରାମର ରମେଶ ଖଡ଼ିଆଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧୦/୨୬) ରୁଜୁ ହୋଇଛି। ସେହିପରି ଆକ୍ରମଣ ଘଟଣାରେ ପୋଲିସ ଅତାବିରା ଅଞ୍ଚଳର ମିତ୍ର ମୁଣ୍ଡାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏନେଇ ତାଙ୍କ ବିରୋଧରେ ଏକ ମାମଲା(ନଂ.୧୦୮/୨୬) ରୁଜୁ ହୋଇଥିଲା। ଅପରପକ୍ଷେ ଦୀର୍ଘଦିନ ଧରି ଫେରାର ଥିବା ଜଣେ ଏନବିଡବ୍ଲ୍ୟୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସାଗରପାଲି ଗ୍ରାମର ଅକ୍ଷୟ ଜଗଦଲା। ତାଙ୍କ ନାମରେ ପୂର୍ବରୁ ଅପହରଣ ଓ ବଳାତ୍କାର ଅଭିଯୋଗ ହୋଇଥିଲା।

# କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟକ

## ଝାରସୁଗୁଡ଼ା-ଭୁବନେଶ୍ୱର ଷ୍ଟାର ଏୟାର ବିମାନ ସେବା ବନ୍ଦ ପ୍ରସଙ୍ଗ

ଝାରସୁଗୁଡ଼ା,୧୭।୪(ଆଶିଷ ରଞ୍ଜନ ଦାଶ)

ଷ୍ଟାର ଏୟାର ବିମାନ ସେବା ପକ୍ଷରୁ ଝାରସୁଗୁଡ଼ା ଓ ଭୁବନେଶ୍ୱର ମଧ୍ୟରେ ବିମାନ ସେବା ବନ୍ଦ ହେବା ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାର ସମାଧାନ ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜରୁରୀ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଏହି ଚିଠିରେ ଉଲ୍ଲେଖ କରାଯାଇଛି, ଷ୍ଟାର୍ ଏୟାର ବିମାନ ସେବା ପକ୍ଷରୁ ହଠାତ୍ ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ ସେବା ପ୍ରତ୍ୟାହାର କରିନିଆଯାଇଛି। ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପ ଓ ପ୍ରଶାସନିକ କେନ୍ଦ୍ର ହୋଇଥିବାରୁ ଏହି ବିମାନ ସେବା ଉପରେ ଶିଳ୍ପପତି, ବ୍ୟବସାୟୀ, ସରକାରୀ ଅଧିକାରୀ, ଛାତ୍ରୀଛାତ୍ର ନିର୍ଭର କରୁଥିଲେ। ହେଲେ ଏହି ସେବା ବନ୍ଦ ହେବା ଦ୍ୱାରା ସେମାନଙ୍କ ଯାତ୍ରା ସମୟ ଓ ଖର୍ଚ୍ଚ ବୃଦ୍ଧି ପାଇଛି। ବିମାନ ସେବା ବିଚ୍ଛିନ୍ନ ହେବା ଦ୍ୱାରା ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ବିକାଶ ଏବଂ ପୁଞ୍ଜିନିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଷ୍ଟାର ଏୟାର କର୍ତ୍ତୃପକ୍ଷ ଏବଂ ଏୟାରଲାଇନ୍ସ ଅପରେଟରଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଏହି ବିମାନ ସେବାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବିଧାୟକ ତ୍ରିପାଠୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ବିମାନ ସେବା ପୁନଃ ପ୍ରଚଳନ ହେଲେ ଝାରସୁଗୁଡ଼ା ଏବଂ ଏହାର ଆଖପାଖ ଜିଲାର ଜନସାଧାରଣ ବହୁମାତ୍ରାରେ ଉପକୃତ ହେବେ ଚିଠିରେ ଉଲ୍ଲେଖ କରାଯାଇଛି।

# ଦେବଗଡ଼ ଜିଲା ଗଠନରେ ବିଜୁବାବୁଙ୍କ ଅବଦାନ ମନେରହିବ



କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଅନ୍ୟମାନେ।

ଦେବଗଡ଼,୧୭।୪(ଶଶାଙ୍କ ଶେଖର ଝାଙ୍କର)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଦେବଗଡ଼ ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ପ୍ରଧାନପାଟ ଶିଶୁ ଉଦ୍ୟାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡିର ବହୁ ନେତା ଓ କର୍ମୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଦେବଗଡ଼ ବିଧାୟକ ତଥା ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ପୂର୍ବତନ ଜିଲା ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, କାମାକ୍ଷା ଗଙ୍ଗଦେବ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ ପ୍ରମୁଖ ଯୋଗଦେଇ କହିଛନ୍ତି, ଦେବଗଡ଼ ଜିଲା ଗଠନରେ ବିଜୁବାବୁଙ୍କ ଅବଦାନ ସବୁଦିନ ପାଇଁ ମନେ ରହିବ। ଏହି ସଭାରେ ଭବାନୀ ଶଙ୍କର ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ଚନ୍ଦ୍ରଶେଖର ଭୁକ୍ତା, ରାଜକିଶୋର ସାହୁ, ରତ ମେହେର, ମାନସ ପ୍ରଧାନ, ପ୍ରଶାନ୍ତ ଭଞ୍ଜ ଓ ସୁବ୍ରତ ପାତ୍ରଙ୍କ ସମେତ ବହୁ ସଦସ୍ୟା, ସଦସ୍ୟ ସାମିଲ ହୋଇଥିଲେ।

# ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ

ଝାରସୁଗୁଡ଼ା/ବ୍ରଜରାଜନଗର,୧୭।୪
(ଆଶିଷ ରଞ୍ଜନ ଦାଶ/ବିଜୟ ବରାଡ଼)

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ବଡ଼ମାଲସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ଜିଲା ବିଜେଡି ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ହରିଶ ଗଣତ୍ରା, ପୌରାଧ୍ୟକ୍ଷା ରାନୀ ହାତୀ, ବିଜେଡି ଜିଲା ସମ୍ପାଦକ ପିଣ୍ଟୁ ପାଢ଼ୀ, ଜିଲା ଯୁବ ବିଜେଡି ସଭାପତି ରବିନ ପାଣ୍ଡେ, ଦିଗାମ୍ବର ଭୋଇ, ଦାମୋଦର ନାଥ, ତାପସ ରାୟ ଚୌଧୁରୀ, ରବି ସିଂଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଓ ଜନସାଧାରଣ ଯୋଗଦେଇଥିଲେ। ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଗଠନରେ ସହଯୋଗ କରିବା ପାଇଁ ଜିଲା ବିଜେଡି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ କର୍ମୀମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ବିଜେଡି ନେତା ଅବ୍‌ତାର ସିଂଙ୍କ ନେତୃତ୍ୱରେ କର୍ମୀମାନେ ଏକତ୍ରିତ ହୋଇ ବିଜୁ ପଟ୍ଟନାୟକଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଜଗବନ୍ଧୁ ବେହେରା, ସୁରଜ କଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।



ବଡ଼ମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ସନ୍ଦେହଘେରରେ ଜିଲା ପ୍ରଶାସନ

**ଶିକ୍ଷା ବିଭାଗରେ ଅନିୟମିତତା, ଶିକ୍ଷକଙ୍କୁ ଡେପୁଟେଶନ କରାଯାଇଥିବା ପ୍ରସଙ୍ଗ**

**ଅନିୟମିତତାରେ ସମ୍ପୃକ୍ତ ଶିକ୍ଷା ବିଭାଗ ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ**

ଦେବଗଡ଼,୧୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ଅନିୟମିତତା କରାଯାଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡେପୁଟେଶନ କରାଯାଇଥିବା ଜଣାପଡ଼ିବା ପରେ ୪୮ଜଣଙ୍କ ଡେପୁଟେଶନ ବାତିଲ କରାଯାଇଛି। ସେମାନଙ୍କୁ ମୂଳ ସ୍କୁଲକୁ ଫେରାଇ ଆଣିବା ଲାଗି ଜିଲାପାଳ ଶିକ୍ଷା ବିଭାଗକୁ ଚିଠି କରିଛନ୍ତି। ଯେଉଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନିୟମିତତା କରାଯାଇ ଡେପୁଟେଶନ କରାଯାଇଥିଲା, ସେମାନଙ୍କୁ ମୂଳ ସ୍କୁଲକୁ ଫେରାଇ ଆଣିବା ଲାଗି ଜିଲାପାଳ ଚିଠି କରିଛନ୍ତି, ମାତ୍ର ଶିକ୍ଷା ବିଭାଗର ଯେଉଁ ଅଧିକାରୀ, କର୍ମଚାରୀ ଅନିୟମିତତା କରି ଅର୍ଥ ନେଇ ଡେପୁଟେଶନ କରାଇଥିଲେ ସେହି ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏପ୍ରିଲ ୧୦ ତାରିଖ ଶିକ୍ଷା ବିଭାଗର ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଶିକ୍ଷା ବିଭାଗର ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସନ୍ଦେହ ଘେରରେ ଜିଲା ପ୍ରଶାସନ ବୋଲି ଆଲୋଚନା ସମାଲୋଚନା ହେଉଛି। ଦେବଗଡ଼ ଜିଲା ଶିକ୍ଷା ବିଭାଗ ଅଧିନରେ ୭୦ରୁ ଅଧିକ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଟଙ୍କା କାରବାର କରାଯାଇ ନିଜର ସୁବିଧା ସ୍ଥାନ, ମନପସନ୍ଦର ସ୍କୁଲକୁ ଡେପୁଟେଶନ କରାଯାଇଥିଲା। ଏହି ଘଟଣା ଉପରେ ଧରିତ୍ରୀ ଖବର କାଗଜରେ ଖବର ପ୍ରକାଶ ହେଲା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଜିଲାପାଳଙ୍କ ପାଖକୁ ତଦନ୍ତ ରିପୋର୍ଟ ଆସିବା ପରେ ଜିଲାପାଳ ବେଆଇନ ଭାବେ ହୋଇଥିବା ଡେପୁଟେସନ ରଦ୍ଦ କରି ୪୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଜର ପୂର୍ବ ସ୍କୁଲକୁ ଫେରିବା ପାଇଁ ୩ବ୍ଲକ ବିଭାଗୀୟ କାର୍ଯ୍ୟାଳୟଙ୍କୁ ଚିଠି କରି ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏମିତି କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ପାତ୍ର ହୋଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ସୁଦ୍ଧା ଅନିୟମିତତାରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେଣୁ ଜିଲା ପ୍ରଶାସନର ଏପରି କାର୍ଯ୍ୟକୁ ସନ୍ଦେହ ଘେରରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ସମାଲୋଚନା ହେଉଛି। ଜିଲା ଶିକ୍ଷା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ କେବେ ନେବେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

**ସ୍କାଉଟ ଗ୍ରୁପ୍ ପକ୍ଷରୁ ଥଣ୍ଡା ପାଣି, ସର୍ବତ ବଣ୍ଟନ**

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ନେତାଜୀ ସ୍କାଉଟ ଗ୍ରୁପ୍ ପକ୍ଷରୁ ପଥଚାରୀଙ୍କୁ ଥଣ୍ଡା ପାଣି, ସର୍ବତ, ତରଭୁଜ ବଣ୍ଟନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପଶାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ଲାମୁଣ୍ଡାର ବିଭିନ୍ନ ଛକରେ ସ୍କାଉଟ ପିଲାମାନେ ସାଇକେଲ, ବାଇକ୍‌ରେ ଯାଉଥିବା ଯାତ୍ରୀଙ୍କୁ ସର୍ବତ ବଣ୍ଟନ କରିଥିଲେ। ଏହାସହ ବଜ୍ରପାତ ଓ ଅଂଶୁଘାତ ସତର୍କ ସୂଚନା ପାଇଁ ପୋଷ୍ଟର ଛାପି ସଚେତନ କରିଥିଲେ।

# କଂଗ୍ରେସ ପରେ ବିଜେଡିର ଆନ୍ଦୋଳନ ଚେତାବନୀ

## ୭ ମାସ ହେଲା ଡୁର୍କେଲ ପୋଲରେ ଯାତାୟାତ ବନ୍ଦ

ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)



ବ୍ରିଜ ପରିଦର୍ଶନ ଅବସରରେ ବିଧାୟକ ଓ ଅନ୍ୟମାନେ।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଡୁର୍କେଲ ତେଲନଦୀ ଉପରେ ପୋଲ ନିର୍ମାଣ ଦାବି ତେଜିବାରେ ଲାଗିଛି। କଂଗ୍ରେସ ପରେ ଏବେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଛି। ଗତ ସେପ୍ଟେମ୍ବର ମାସରେ ପ୍ରବଳ ବର୍ଷା ଯୋଗୁ ଭବାନୀପାଟଣାରୁ ନୂଆପଡ଼ା ଜିଲାକୁ ସଂଯୋଗ କରୁଥିବା ଡୁର୍କେଲ ତେଲନଦୀ ବ୍ରିଜ ଗୋଟିଏ ପଟେ ଦବିଯାଇଥିଲା। ଏହାପରେ ଲୋକଙ୍କ ସୁରକ୍ଷା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଅକ୍ଟୋବର ୬ରେ ବ୍ରିଜ ଉପରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଫଳର ପ୍ରାୟ ୭ମାସ ହେଲା ଏହି ପୋଲରେ ଯାତାୟାତ ଠପ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ହସ୍ତକ୍ଷେପ କରୁ ନ ଥିବାରୁ ମିଳକୀ ଅଞ୍ଚଳବାସୀ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ୧୬ ନମ୍ବର ରାଜ୍ୟ ରାଜପଥରେ ଡୁର୍କେଲର ତେଲନଦୀ ଉପରେ ୧୯୭୦ ମସିହାରେ ପୋଲ ନିର୍ମାଣ ହୋଇଥିଲା। ବହୁ ପୁରୁଣା ହୋଇଥିବାରୁ ବ୍ରିଜର ଗୋଟିଏ ସ୍ଥାନରେ ସମ୍ପ୍ରସାରଣ ଜଏଣ୍ଟରେ ପାଣି ଜମୁଥିବାରୁ ଗତ ଜାନୁୟାରୀରେ ସେଣ୍ଟ୍ରାଲ ରୋଡ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଶନ ଟିମ୍ ସର୍ଭେ ପାଇଁ ଆସିଥିଲା। ବର୍ତ୍ତମାନ ଅଞ୍ଚଳରେ କପା, ଧାନ ଅମଳ ହୋଇ ସାରିଥିବା ବେଳେ ବିକ୍ରି ପାଇଁ ମଣ୍ଡିକୁ ଆଣିବା ଓ ବାହାରକୁ ପଠାଇବା ଲାଗି ଚାଷୀ ହଇରାଣ ହେଉଛନ୍ତି। ସେହିପରି ଛାତ୍ରୀଛାତ୍ର ସ୍କୁଲ କଲେଜ ଯିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅଞ୍ଚଳର ବ୍ୟବସାୟ ଠପ ହୋଇଛି। ଏହି ସମସ୍ୟାକୁ ନେଇ ଗତ ଜାନୁୟାରୀରେ ସଦର ବିଧାୟକ ସାଗର ଚରଣ ଦାସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହାସହ କଂଗ୍ରେସ ୭ଦିନ ଧରି ଅହୋରାତ୍ର ଧାରଣା ଦେଇଥିଲା। ଅଞ୍ଚଳବାସୀଙ୍କ ସମସ୍ୟାକୁ ନେଇ ଗତ ବିଧାସଭାରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ପ୍ରଶ୍ନ ଉଠାଇବା ପରେ ଏକ ସ୍ୱତନ୍ତ୍ର ଟିମ ଆସି ଡୁର୍କେଲ ପୋଲ ପରିଦର୍ଶନ କରିଥିଲେ। ହେଲେ ପୋଲ ନିର୍ମାଣ ହୋଇପାରି ନାହିଁ। ବିଧାୟକ ମିଶ୍ର ଗୁରୁବାର ଡୁର୍କେଲ ସେତୁ ପରିଦର୍ଶନ କରି ରାଜ୍ୟ ସରକାର ପଦକ୍ଷେପ ନେଇ ତୁରନ୍ତ ଶର୍ଟ ଟେଣ୍ଡର ମାଧ୍ୟମରେ ସେତୁ କାର୍ଯ୍ୟ କରିବାକୁ ଦାବି କରିଛନ୍ତି। ସରକାର ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ନ କଲେ ଜିଲାବ୍ୟାପୀ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ପୋଲ ପାଇଁ ପୂର୍ତ୍ତ ବିଭାଗ ତତ୍ପରତା ପ୍ରକାଶ କରି ଡିପିଆର୍ ପ୍ରସ୍ତୁତ କରିବା ସହିତ ଖର୍ଚ୍ଚ ଅଟକଳ ସରକାରଙ୍କ ନିକଟକୁ ପଠାଇସାରିଛି। କିନ୍ତୁ ଫାଇଲ ଉପରେ ମୋହର ବାଜିନାହିଁ। ୪୮୦ମିଟର ଡୁର୍କେଲ ବ୍ରିଜ ନିର୍ମାଣ ଲାଗି ୧୬କୋଟି ୨୦ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିବା ଜଣାପଡ଼ିଛି।

# ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହରେ ନୂଆପଡ଼ା ଜିଲା ପ୍ରଥମ



କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଉଛି।

## ଡୁଡା ସମୀକ୍ଷା ବୈଠକରେ ଜିଲାପାଳଙ୍କ ପ୍ରଶଂସା

ନୂଆପଡ଼ା,୧୭।୪ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ସମୀକ୍ଷା ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ଏନ୍ଏସି ନୂଆପଡ଼ା, ଖଡିଆଳ ଓ ଖରିଆର ରୋଡ୍‌ର କାର୍ଯ୍ୟାବଳୀ ସମୀକ୍ଷା କରାଯାଇଥିଲା। ରାଜସ୍ୱ ସଂଗ୍ରହ, ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ, ପିଏମ୍ଏୱାଇ (ନଗର) ଓ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ଏନ୍ଏସିର କାର୍ଯ୍ୟ ପ୍ରଗତି ଓ ଆର୍ଥିକ ତଥ୍ୟ ଉପସ୍ଥାପନ କରିଥିଲେ। ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ କ୍ଷେତ୍ରରେ ନୂଆପଡା ଏନ୍ଏସି ରାଜ୍ୟରେ ପ୍ରଥମ ଓ ଖଡିଆଳ ଏନ୍ଏସି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ନୂଆପଡା ଜିଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ନୂଆପଡ଼ା ଏନ୍ଏସିର ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ ୩୯.୧୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୫୪.୧୬ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି, ଯାହା ଧାର୍ଯ୍ୟ ଲକ୍ଷ୍ୟର ୧୩୮ ପ୍ରତିଶତ। ସେହିପରି ଖରିଆର ଏନ୍ଏସିର ୩୫.୮୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୪୮.୫୮ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି, ଯାହା ଧାର୍ଯ୍ୟ ଲକ୍ଷ୍ୟର ୧୩୫ ପ୍ରତିଶତ। ଖରିଆର ରୋଡ୍ ଏନ୍ଏସି ମଧ୍ୟ ୬୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି। ବୈଠକରେ ନୂଆପଡା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନ୍ଏସିର ସ୍ୱାଧୀନ ମହାରଣାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାପାଳ ଚଳିତ ଆର୍ଥିକ ବର୍ଷରେ ଅଧିକ ପ୍ରୟାସ କରି ଜିଲାର ସମ୍ମାନକୁ ଆହୁରି ବଢ଼ାଇବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ବୈଠକରେ ୩ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ନଗର ଉନ୍ନୟନ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

# ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ

**ଖଡ଼ିଆଳ,୧୭।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହରସ୍ଥିତ ମହାମାୟା ପବ୍ଲିକ ସ୍କୁଲ ଓ ଜ୍ୟୋତି ହାୟର ସେକେଣ୍ଡାରୀ ସ୍କୁଲର ମିଳିତ ଉଦ୍ୟମରେ ସଭାଗୃହ ପରିସରରେ ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମହାମାୟା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସୁନିତା ତିୱାରୀ ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରିନ୍ସିପାଲ ଡିଏଭି କଲେଜ ଟିଟିଲାଗଡ଼ର ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଓ ମହାମାୟା ପବ୍ଲିକ ସ୍କୁଲର ସମ୍ପାଦକ ଡ. ଟଙ୍କଧର ସାହୁ, ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାହୁ, ଯୁକ୍ତ ୨ ପ୍ରିନ୍ସିପାଲ ସାଗରିକା ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହାମାୟା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ତିୱାରୀ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ଅଧ୍ୟାପିକା ଇପ୍ସିତା ମହାପାତ୍ର ଅତିଥି ପରିଚୟ ଓ କଲେଜ ଅଧ୍ୟକ୍ଷା ପ୍ରଧାନ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ମହାମାୟା ଆଇନ ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ. ଅନିଲ କୁମାର ତାଣ୍ଡି, ମହାମାୟା ନର୍ସିଂ ବିଭାଗର ପ୍ରିନ୍ସିପାଲ ଖ୍ରୀଷ୍ଟ ଦାସ ଯୋଗଦେଇଥିଲେ।

# ବିଜୁ ବାବୁଙ୍କ ତିରୋଧାନ ଦିବସ

**ଖଡ଼ିଆଳ,୧୭।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବିଜେଡ଼ି କାର୍ଯ୍ୟାଳୟଠାରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବକ୍ତାମାନେ ତାଙ୍କ ସ୍ମୃତି ଚାରଣ କରିବା ସହିତ ନୂତନ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସଭାରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଚିତ୍ତରଞ୍ଜନ ବେହେରା, ସନ୍ତୋଷ ପଟ୍ଟନାୟକ, ସନ୍ତୋଷିନି ସଲମା, ୟାସିନ ମହମ୍ମଦ, ଅକ୍ଷୟ ନନ୍ଦଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସିବିଏସ୍‌ଇ ପରୀକ୍ଷା: ୧୦ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




ଅଧିକାରୀଙ୍କ ଗହଣରେ ସଫଳ ଛାତ୍ରୀଛାତ୍ର।

ନୂଆପଡ଼ା,୧୭।୪ (ମକାରୁ ବେମାଲ)

ସିବିଏସ୍‌ଇ ୧୦ମ ଶ୍ରେଣୀ ୨୦୨୬ ପରୀକ୍ଷାରେ ନୂଆପଡ଼ା ଜିଲାର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏହି ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ପରୀକ୍ଷାରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖରିଆରର ଛାତ୍ରୀ ଆରୁଷୀ ଶୁକ୍ଲା ୪୯୧ ମାର୍କ (୯୮.୨%) ସହ ଜିଲା ଟପ୍ପର ହୋଇଥିବାବେଳେ ଉକ୍ତ ବିଦ୍ୟାଳୟର ମଧୁସ୍ମିତା ମହାନ୍ତି ଓ ପ୍ରତୀକ୍ଷା କୁମ୍ଭାର ୪୮୭ ମାର୍କ (୯୭.୪%) ସହ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ତରବୋଡ଼ର ସମୀକ୍ଷା ପି.ଶବର ୪୮୨ (୯୬.୩୩%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନେଗିପାଲିର ଯୋଗେଶ କେଉଟ ୪୮୨ (୯୬.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଦିର ପ୍ରିୟାଂଶୀ ସାହୁ ୪୮୭ (୯୭.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝିଗ୍ରାହୀ ପ୍ରାଚୀ ଜୈନ ୪୭୫ (୯୫%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟିମନପୁରର କୁମ୍‌କୁମ୍ ତାଣ୍ଡି ୪୭୭ (୯୫.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେଶରାଜପୁରର ଶୁଭ୍ରାନ ଶେଖର ପଣ୍ଡା ୪୬୯ (୯୩.୮%) ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ନୂଆପଡ଼ାର ପ୍ରେରଣା ସେଠ ୪୫୦ (୯୦%) ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସମଗ୍ର ଶିକ୍ଷା ନୂଆପଡ଼ା ଆନୁକୂଲ୍ୟରେ ମୁଖ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ର ନିଜ ସଫଳତାର ଯାତ୍ରା ବର୍ଣ୍ଣନା କରିବା ସହ ଶିକ୍ଷକମାନଙ୍କ ମାର୍ଗଦର୍ଶନ ଓ ଅଭିଭାବକଙ୍କ ପ୍ରେରଣା ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ଏହି ସମ୍ବର୍ଦ୍ଧନା ସେମାନଙ୍କୁ ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ। ଏହା ସହ ଜିଲାରେ ଶିକ୍ଷାର ଗୁଣାତ୍ମକ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ।

# ବାନର ସେନା ପକ୍ଷରୁ ଗ୍ରାମ ଉଦୟ କାର୍ଯ୍ୟକ୍ରମ

**ନୂଆପଡ଼ା,୧୭।୪ (ମକାରୁ ବେମାଲ) :** ନୂଆପଡ଼ା ଜିଲା କୋମନା ବ୍ଲକ ପେଣ୍ଡରାବନଠାରେ ଶୁକ୍ରବାର ବାନର ସେନା ସାମାଜିକ ଅନୁଷ୍ଠାନ ପକ୍ଷରୁ ଗ୍ରାମ ଉଦୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶେଷଦେବ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଯୁବ ନେତା ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରାରେ ବାହାରି ପେଣ୍ଡରାବନ ପଞ୍ଚାୟତର ଚାନ୍ଦୋପଲା, ଧରମସାଗର, ଖଲକୁସୁମ, ପଲସିପାଣିଆଦି ଗାଁ ବୁଲି ଲୋକଙ୍କୁ ସଚେତନ କରିଥିଲା। ଗ୍ରାମଗୁଡିକରେ ଦିବ୍ୟାଙ୍ଗ ସେବା ଓ ଦିବ୍ୟାଙ୍ଗଙ୍କୁ ନେଇ ଗ୍ରୁପ ଗଠନ, ଫାର୍ମର ପ୍ରଡ୍ୟୁସର ଗ୍ରୁପ ଗଠନ କରି ଚାଷୀମାନେ ଉପକୃତ ହୋଇପାରିବେ ତାହା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ବ୍ଲକ, ପଞ୍ଚାୟତ ଓ ଗାଁରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ପ୍ରଧାନୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସତ୍ୟବ୍ରତ ସାମଲ, ପୁରନ୍ଦର ରଣା, ଫକୀର ରାଉତ ପ୍ରମୁଖଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଗ୍ରାମବାସୀ ଓ ମଦର ଟେରେସା ସେବା ସଂଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ୧୮ରୁ ୨୧ ସ୍କୁଲ ଛୁଟି ଘୋଷଣା

ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)

ପ୍ରବଳ ଖରା ଓ ଅସହ୍ୟ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଶୁକ୍ରବାର କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ କଲେଜ ସମେତ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରିଛନ୍ତି। ଏ ନେଇ ଏକ ବିଜ୍ଞପ୍ତି ମାଧ୍ୟମରେ ସେ ସୂଚନା ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ରାଜ୍ୟର କେତେକ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିପାଇଁ ବଲାଙ୍ଗୀର, କଳାହାଣ୍ଡି ପ୍ରଭୃତି ଜିଲାକୁ ରେଡ ୱାର୍ନିଂ ଜାରି ହୋଇଛି। ଜିଲାରେ ଗୁରୁବାର ୪୨ଡିଗ୍ରୀ ତାପମାତ୍ରା ଥିବାବେଳେ ଶୁକ୍ରବାର ୪୧ଡିଗ୍ରୀ ଥିଲା।

# ନୂଆପଡ଼ାରେ ଗୃହ ଗଣନା ଆରମ୍ଭ

ନୂଆପଡ଼ା,୧୭।୪ (ମକାରୁ ବେମାଲ)



ବୋଡେ଼ନ ବ୍ଲକ୍‌ର ଏକ ଘର ତାଲିକା କରାଯାଉଛି।

ନୂଆପଡ଼ା ଜିଲାରେ ସ୍ୱଗଣନା ପ୍ରକ୍ରିୟା ସମାପ୍ତି ପରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଗୁରୁବାର ଆରମ୍ଭ ହୋଇଛି। ଏହି ଅଭିଯାନରେ ମୋଟ ୧,୧୩୮ ଗଣନାକାରୀ ଓ ୧୯୪ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଗୁରୁବାର ଅପରାହ୍ନ ୪ଟା୩୦ ମିନିଟ୍ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ମୋଟ ୧୪,୬୮୪ଟି ଗୃହ ତାଲିକାଭୁକ୍ତ ହୋଇଥିବା ବେଳେ ୧୬,୬୪୭ଟି ଜନଗଣନା ଘର ଚିହ୍ନଟ କରାଯାଇଛି। ଏହି ପ୍ରକ୍ରିୟା ମେ ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଚାଲିବ। ଏହି ସମୟରେ ଗଣନାକାରୀ ଘରକୁ ଯାଇ ଗୃହ ସ୍ଥିତି, ପରିବାର ବିବରଣୀ, ଉପଲବ୍ଧ ସୁବିଧା ଓ ସମ୍ପତ୍ତି ସମ୍ପର୍କିତ ୩୩ଟି ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ଏଥର ପ୍ରଥମଥର ପାଇଁ ସ୍ୱଗଣନା ବ୍ୟବସ୍ଥା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁ ପରିବାର ସ୍ୱଗଣନା କରିଛନ୍ତି ସେମାନେ ନିଜର ଗଣନାକାରୀଙ୍କୁ ତଥ୍ୟ ପ୍ରଦାନକରି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ। ଯେଉଁମାନେ ଏହି ବିକଳ୍ପ ବ୍ୟବହାର କରିନାହାନ୍ତି ସେମାନଙ୍କ ତଥ୍ୟ ଘରେ ଘରେ ସଂଗ୍ରହ କରାଯିବ। ଏହି ଜନଗଣନା ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ ସମ୍ପାଦିତ ହେଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୧ରୁ ୫ ମାର୍ଚ୍ଚ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ। ୨୦୨୭ ମାର୍ଚ୍ଚ ୧ ରାତି ୧୨ଟାକୁ ଆଧାର ମୁହୂର୍ତ୍ତ ଭାବେ ଗ୍ରହଣ କରାଯିବ। ଜନଗଣନା ଆଇନ ୧୯୪୮ ଅନୁସାରେ ସଂଗୃହୀତ ସମସ୍ତ ତଥ୍ୟ ଗୋପନୀୟ ରହିବ ଏବଂ କେବଳ ପରିସଂଖ୍ୟାନ ଓ ବିକାଶମୂଳକ ଯୋଜନା ପ୍ରସ୍ତୁତି ପାଇଁ ବ୍ୟବହୃତ ହେବ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଏହି ଅଭିଯାନରେ ଭାଗନେଇ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।



କୃଷି ବିଭାଗ କର୍ମଚାରୀ ଚାଷୀଙ୍କ ସହ ପଦ୍ମଲୋଚନ।

# ରବିଋତୁରେ ଲାଭଦାୟକ ଚାଷ ସୂର୍ଯ୍ୟମୁଖୀ

**କର୍ଲାମୁଣ୍ଡା,୧୭।୪(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଙ୍ଗା ଗ୍ରାମପଞ୍ଚାୟତ ସାନ ଡୁଙ୍ଗୁରିଗୁଡ଼ା ଗ୍ରାମର ଚାଷୀମାନେ ବର୍ଷତମାମ ବିଭିନ୍ନ ପ୍ରକାର ଚାଷକରି ଲାଭବାନ୍ ହୋଇଥାନ୍ତି। ଧାନଚାଷ ସହ ପନିପରିବା, ଡାଲି ଜାତୀୟ, ତୈଳବୀଜ ପ୍ରଭୃତି ଚାଷକରି କମ୍ ଖର୍ଚ୍ଚରେ ଅଧିକ ଆୟ କରୁଥିବା ଦେଖିବାକୁ ମିଳିଛି। ଏହି ଗାଁର ଚାଷୀ ପଦ୍ମଲୋଚନ ପଧାନ ଧାନ ଅମଳ ପରେ ପ୍ରାୟ ୨ ଏକର ଜାଗାରେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି। ଏଥିପାଇଁ କର୍ଲାମୁଣ୍ଡା କୃଷି ବିଭାଗରୁ ସେ ୫ କେଜି ହାଇବ୍ରିଡ୍ ବିହନ ପାଇଥିଲେ। ସେ ୨ରୁ ୩ ହଜାର ଟଙ୍କା ଖର୍ଚ୍ଚକରି ୨୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲାଭ ପାଇବେ ବୋଲି କହିଛନ୍ତି। ଜାନୁଆରୀରେ ସୂର୍ଯ୍ୟମଖୀ ଚାଷ ଆରମ୍ଭ କରିଥିବାବେଳେ ମେ' ମାସରେ ଅମଳ କରିବେ।

# ନୂଆପଡ଼ା, ଲାଞ୍ଜିଗଡ଼ରେ ବିଜୁବାବୁଙ୍କ ତିରୋଧନ ଦିବସ

ନୂଆପଡ଼ା,୧୭।୪ (ମକାରୁ ବେମାଲ)

ନୂଆପଡ଼ା ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଏନ୍ଏସି ବହୁମୁଖୀ କେନ୍ଦ୍ରଠାରେ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଭାଟିପଡା ବିଜୁ ଏକ୍ସପ୍ରେସ ୱେ ଏବଂ ଖରିଆର ରୋଡଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଏନ୍ଏସି ବହୁମୁଖୀ କେନ୍ଦ୍ର ଠାରେ ଏକ ସଭା ଆୟୋଜନ କରାଯାଇଥିଲା । ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ପୂର୍ବତନ ଜିଲା ସଭାପତି ମନୋଜ କୁମାର ମିଶ୍ର, ବରିଷ୍ଠ ନେତା କ୍ଷମାସିଂ ନିଆଲ, ଜିଲା ପରିଷଦ ସଭ୍ୟା ଉମା ଠାକୁର, ମୁରଲିଧର ଭୋଇ, ଭାନୁ ପ୍ରତାପ ସିଂ ମାଝି, ଟିଙ୍କୁ ପଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ବିଜୁ ବାବୁ ଥିଲେ ଜଣେ ପ୍ରବାଦ ପୁରୁଷ, ମହାନ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦେଶର ବରପୁତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ଲାଞ୍ଜିଗଡ(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀର ସମସ୍ତ ଜନ ପ୍ରତିନିଧି ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ତଥା ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଉପସଭାପତି ପ୍ରଦୀପ ମୁଣ୍ଡ, ଧର୍ମେନ୍ଦ୍ର ନାଏକ, ଜିଲା ସାଧାରଣ ସମ୍ପାଦକ ମାଣିକ୍ୟ ଚନ୍ଦ୍ର ନାଏକ, ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଲାଞ୍ଜିଗଡ ଜୋନ ୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝୀ, ଲାଞ୍ଜିଗଡ ଜୋନ ୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସରସ୍ୱତୀ ମୁଣ୍ଡା, ଥୁଆମୂଳ ରାମପୁର ବ୍ଲକ ସଭାପତି କପିଳାସ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଜୟପାଟଣା ଯୁବ ସଭାପତି ଅମ୍ବୁଜ ଧଙ୍ଗ ସଭା ପରିଚାଳନା କରିଥିବାବେଳେ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଧନ୍ୟବାଦ ଦେଇଥିଲେ।

# ପାନୀୟଜଳ ସମସ୍ୟା ନେଇ ବିଡିଓଙ୍କ ଦ୍ୱାରସ୍ଥ

ଲାଞ୍ଜିଗଡ଼,୧୭।୪(ରମେଶ ଚନ୍ଦ୍ର ନାୟକ)



ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ସିନ୍ଦିଭଟା ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଶୁକ୍ରବାର ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ସିନ୍ଦିଭଟାରେ ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରିଆସୁଛନ୍ତି। ଗାଁରେ ତିନିଟି ନଳକୂପ ରହିଥିଲେ ମଧ୍ୟ ସେଥିମଧ୍ୟରୁ ଦୁଇଟି ନଳକୂପରେ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନ ଥିବାରୁ ଗୋଟିଏ ନଳକୂପ ଉପରେ ୬୦ ପରିବାର ନିର୍ଭର କରୁଛନ୍ତି। ତେବେ ଏହା ଲୋକଙ୍କ ଆବଶ୍ୟକତା ମେଣ୍ଟାଇପାରୁ ନାହିଁ। ଏ ନେଇ ପୂର୍ବରୁ ଗାଁ ଲୋକେ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ଏହାପରେ ଗାଁରେ ଗୋଟିଏ କୂଅ ଖୋଳାଯାଇଥିଲେ ହେଁ ସେଥିରୁ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରି ନ ଥିଲା। ଏହି ସମସ୍ୟା ନେଇ ଗ୍ରାମର ପଦ୍ମଲୋଚନ ହରିଜନ, ଇନ୍ଦ୍ର ମାଝୀ, ବଳଭଦ୍ର ମାଝୀ, ସୁନା ମାଝୀ, ମଣି ମାଝୀ, ସବିତା ସାହୁ, ଜୟମତି ମାଝୀ, ସାଣେ ମାଝୀ, ଯମୁନା ମାଝୀ, ସସ୍ମିତା ମାଝୀ ପ୍ରମୁଖ ହାଣ୍ଡି, ଡ଼େକଚି, ଗରା, ବାଲ୍‌ଟି ଧରି ବିଡିଓଙ୍କୁ ସାକ୍ଷାତ କରି ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ସିନ୍ଦିଭଟା ଗ୍ରାମରେ ପାଣି ଅଭାବ ଯୋଗୁ ଶନିବାରଠାରୁ ସମସ୍ୟା ଦୂର ହେବ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ଯଶବନ୍ତ ମାଝୀ ମଧ୍ୟ ସମାନ ପ୍ରତିକ୍ରିୟା ରଖିଛନ୍ତି। ତେବେ କେବେ ଗାଁର ପାନୀୟଜଳ ସମସ୍ୟା ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ତେନ୍ତୁଳିପାଲିକୁ ପ୍ରସ୍ତାବିତ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଜନଶୁଣାଣି

**ବାଡଶୁଣୀ,୧୭।୪(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବହିରା ମୌଜାର ପଡା ଗ୍ରାମ ତେନ୍ତୁଳିପାଲିକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ବହିରା ବନ୍ୟା ଆଶ୍ରୟସ୍ଥଳୀ ଠାରେ ପ୍ରଶାସନ ପକ୍ଷରୁ ଜନଶୁଣାଣି କରାଯାଇଥିଲା । ତହସିଲଦାର ଅନୀତା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ବହିରା ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ । ପ୍ରସ୍ତାବିତ ତେନ୍ତୁଳିପାଲି ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଜନଶୁଣାଣିରେ ଅତିରିକ୍ତ ତହସିଲଦାର କୁମୁଦଚନ୍ଦ୍ର ଦଳ ବେହେରା, ରାଜସ୍ୱ ସୁପରଭାଇଜର୍, ବାଡଶୁଣୀ ରାଜସ୍ୱ ନିରୀକ୍ଷକ, ବହିରା ଗ୍ରାମ ପଞ୍ଚାୟତର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଘଣ୍ଟାପଡ଼ା,୧୭।୪ (ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତ ତିନି ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୋଜ କୁମାର ଭୁକ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ପୌଲସ୍ତି ପ୍ରଧାନ, ସୁଶ୍ରୀ ଅମ୍ରିତା ସାହୁ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସମୀର ମେହେର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ବିକାଶ ରଣା, ଆଶୁତୋଷ ରଣା, ପ୍ରୀତମ ଗୁରୁଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ପିଡବ୍ଲୁଡି କର୍ମଚାରୀଙ୍କ ବିୟୋଗରେ ଶୋକ

**ଅତାବିରା,୧୭।୪(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବାସ୍ଥିତ ଅମସ୍ତଲା ନିବାସୀ ରଜନୀ କାନ୍ତ ପ୍ରଧାନଙ୍କ ୭୫ ବର୍ଷ ବୟସରେ ବୁଧବାର ଦେହାନ୍ତ ହୋଇଯାଇଛି। ସମ୍ବଲପୁରସ୍ଥିତ ରାଜଘାଟଠାରେ ଗୁରୁବାର ସନ୍ଧ୍ୟାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ ୧୫ରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ



ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ତିନି ପୁତ୍ର, ପୁତ୍ରବଧୂ ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ପ୍ରଧାନ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଥିଲେ। ୨୦୦୯ ମସିହାରେ ସେବାରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ନିଜ ଗ୍ରାମ ଲରମ୍ବାଠାରେ ସପରିବାର ରହୁଥିଲେ। ତାଙ୍କ ବିୟୋଗ ଖବର ପାଇ ଡ. ଧୀରେନ୍ଦ୍ର ପଣ୍ଡା, ରବୀନ୍ଦ୍ର ବଡପଣ୍ଡା, ସନ୍ତୋଷ ପଣ୍ଡା ଓ ଅନ୍ୟ ବନ୍ଧୁବାନ୍ଧବ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ବଡ଼ ପୁଅ ଦିବ୍ୟ କିଶୋର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚାଷୀଙ୍କୁ ମିଳିନି ବୀମା କ୍ଷତିପୂରଣ

- କ୍ଷେତ୍ର ପରିଦର୍ଶନ ଓ ଚୂଡ଼ାନ୍ତ ରିପୋର୍ଟରେ ନାହିଁ ତାଳମେଳ
- ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ଫେରାଦ

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**



କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ବରଗଡ଼ ଜିଲାରେ ଚାଷୀଙ୍କ ସମସ୍ୟା ଲାଗି ରହିଛି। ଏଠାରେ ଧାନବିକ୍ରି ସମସ୍ୟା ସାଧାରଣରେ ପରିଣତ ହୋଇଥିବାବେଳେ ଅଦିନିଆଁ ବର୍ଷା, କରାମାଡ଼, ରୋଗପୋକ ଉପଦ୍ରବରୁ ଫସଲକ୍ଷତି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଅନ୍ୟପଟେ ଜିଲାର ଚାଷୀମାନେ ଫସଲବୀମା କରିଥିଲେ ମଧ୍ୟ ସେମାନଙ୍କୁ ବର୍ଷ ବର୍ଷ ଧରି କ୍ଷତିପୂରଣ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। ଜିଲାର ପାଇକମାଳ ବ୍ଲକ ଅନ୍ତର୍ଗତ ବୁକ୍ରାମୁଣ୍ଡା, ମହୁଲପାଲି, ବାଦିକଟା ଆଦି ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ କହିଛନ୍ତି। ଏ ନେଇ ଶୁକ୍ରବାର କ୍ଷତିଗ୍ରସ୍ତ ଚାଷୀମାନେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ କ୍ଷତିପୂରଣ ସହାୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଗତବର୍ଷ ଅକ୍ଟୋବର ମାସରେ ଅଦିନିଆଁ ବର୍ଷା ହେବା ଯୋଗୁ ଉପରୋକ୍ତ ଗ୍ରାମର ଚାଷୀମାନଙ୍କ ଖରିଫ ଧାନ ଫସଲ ନଷ୍ଟ ହୋଇଥିଲା। କ୍ଷେତରେ ଅମଳ ଏବଂ ଅମଳ ଅପେକ୍ଷାରେ ରହିଥିବା ଧାନ ଫସଲ ଉଜୁଡ଼ି ଯାଇଥିଲା। ସେତେବେଳେ ସମ୍ପୃକ୍ତ ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ପାଇକମାଳ ତହସିଲଦାର ଏବଂ ପଦ୍ମପୁର ଉପଜିଲାପାଳଙ୍କୁ ଅବଗତ କରିବା ପରେ ବିଭାଗୀୟ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି ଫସଲକ୍ଷତି ଆକଳନ କରିଥିଲେ। ତେବେ ବିଭାଗୀୟ କର୍ମଚାରୀମାନେ ୩୩ପ୍ରତିଶତରୁ ଅଧିକ ଫସଲକ୍ଷତି ହୋଇଥିବା ସେହି ସମୟରେ ଆକଳନ କରିଥିଲେ ବୋଲି ଚାଷୀମାନେ କହିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଚାଷୀମାନଙ୍କୁ ବୀମା କ୍ଷତିପୂରଣ ମିଳିନାହିଁ।

ଅନ୍ୟପଟେ ସ୍ଥାନୀୟ ବିଭାଗୀୟ କର୍ମଚାରୀମାନଙ୍କୁ କ୍ଷତିଗ୍ରସ୍ତ ଚାଷୀମାନେ ଭେଟିଲେ ସେମାନେ ଫସଲକ୍ଷତି କିମ୍ବା ବୀମା କ୍ଷତିପୂରଣ ନେଇ ସେଭଳି ରିପୋର୍ଟ ଆସି ନ ଥିବା ସେମାନଙ୍କୁ କହିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଚାଷୀମାନେ ସେ ସମ୍ପର୍କରେ ଜାଣିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସମ୍ପୃକ୍ତ ଅଞ୍ଚଳରେ ସେତେବେଳେ କିଛି ଫସଲକ୍ଷତି ହୋଇ ନ ଥିବା ନେଇ ବିଭାଗୀୟ କର୍ମଚାରୀମାନେ ଆକଳନ ରିପୋର୍ଟ ଦେଇଥିବା ଜାଣି ସେମାନେ ଚକିତ ହୋଇପଡ଼ିଛନ୍ତି ବୋଲି ଚାଷୀମାନେ କହିଛନ୍ତି। ତେବେ କ୍ଷେତ୍ର ପରିଦର୍ଶନ ସମୟରେ ଯେଉଁ ବିଭାଗୀୟ କର୍ମଚାରୀମାନେ ୩୩ ପ୍ରତିଶତରୁ ଅଧିକ ଫସଲକ୍ଷତି ହୋଇଥିବା ନେଇ ଚାଷୀମାନଙ୍କୁ କହିଥିଲେ, ସମ୍ପୃକ୍ତ କର୍ମଚାରୀମାନେ କିଛି ଫସଲକ୍ଷତି ହୋଇ ନ ଥିବା ନେଇ କିଭଳି ଆକଳନ ରିପୋର୍ଟ ଦେଲେ ବୋଲି ଚାଷୀମାନେ ପ୍ରଶ୍ନ କରି ଏହାର ତଦନ୍ତ ଦାବି କରିଛନ୍ତି। ବୈଲୋଚନ ପ୍ରଧାନ, ରଙ୍କମଣି ବାରିକଙ୍କ ସମେତ ଅନେକ ଚାଷୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ସିବିଏସ୍‌ଇ ପରୀକ୍ଷାରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ସଫଳତା

**ବରପାଲି,୧୭।୪( ଚିତ୍ତରଞ୍ଜନ ସାହୁ)**



ଅର୍ପିତ ପରିଡା

ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ସଫଳତାରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ସଭାପତି ଡା. ସୁବ୍ରତ କୁମାର ମୁଣ୍ଡ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୋଟ ୧୨୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ୩୧ ଜଣ କୃତକାର୍ଯ୍ୟ ହୋଇଛନ୍ତି, ୮୦% ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ୩୫ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଅର୍ପିତ ପରିଡା ସର୍ବୋଚ୍ଚ ୯୮.୬ ପ୍ରତିଶତ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗଣିତରେ ଶ୍ରେୟଶ୍ରୀ ସାହୁ, ଇଂଲିଶରେ ଆଦିଶ୍ରୀ ବେହେରା, ହିନ୍ଦୀରେ ଇପସାନା ବାଗ, ଓଡ଼ିଆରେ ଅର୍ପିତ ପରିଡା, ସ୍ନେହିଲପି ପଧାନ, ପ୍ରିୟମ ପଧାନ, ଓଡ଼ିଆ ଓ ସାମାଜିକ ବିଜ୍ଞାନ ବିଷୟରେ ସୁପ୍ରିତ ପୂଝାରୀ ୧୦୦ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଧକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମକର୍ତ୍ତାଗଣ ଓ ଅଞ୍ଚଳର ବହୁ ଶିକ୍ଷାବିତ ଶୁଭେଚ୍ଛା ଜଣାଇଛନ୍ତି ।

## ମଣ୍ଡି ନିର୍ମାଣ ତ୍ୱରାନ୍ୱିତ କରିବାକୁ ଦାବି



ମଣ୍ଡି ନିର୍ମାଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧି।

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲି ବ୍ଲକ କୁମ୍ଭାରୀ ପଞ୍ଚାୟତର ଆଦର୍ଶ ଧାନ ମଣ୍ଡି ନିର୍ମାଣ କାର୍ଯ୍ୟରେ ଶିଥିଳତାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ଧାନ ମଣ୍ଡିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରି ଶୁକ୍ରବାର ଅଞ୍ଚଳର ଚାଷୀ ପ୍ରତିନିଧି ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ, କୁମ୍ଭାରୀ ପଞ୍ଚାୟତର ମଣ୍ଡିରେ ଉଭୟ ରବି ଓ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସମୁଦାୟ ୧ଲକ୍ଷ ୨୩ହଜାର କୁଇଣ୍ଟାଲ ଧାନ ବିକ୍ରିକରିବା ବ୍ୟବସ୍ଥା ରହିଛି। ତେବେ ୯୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ମଣ୍ଡିକୁ ଆଦର୍ଶ ମଣ୍ଡି ଭାବେ ନିର୍ମାଣ କରାଯାଉଛି। ମାତ୍ର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବା ଚାଷୀ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଫଳରେ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏହି ମଣ୍ଡି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆଶା କ୍ଷୀଣ ବୋଲି ଚାଷୀମାନେ କହିଛନ୍ତି। ଏହି ଦୃଷ୍ଟିରୁ ମଣ୍ଡି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲେ ସେମାନେ ଉପକୃତ ହେବେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ରାଧେଶ୍ୟାମ ନାୟକଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ତାମିଲନାଡୁରୁ ଫେରିଲେ ୧୬ ଯୁବତୀ

**ନିଯୁକ୍ତି ଆଳରେ ନିର୍ଯାତନା ଅଭିଯୋଗ**

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**



ତାମିଲନାଡୁରୁ ଘରକୁ ଫେରିଥିବା ଯୁବତୀ।

ବରଗଡ଼ ଜିଲା ସୋହେଲା ବ୍ଲକ ଅଞ୍ଚଳରୁ ତାମିଲନାଡୁ ତିରପୁରର ଏକ କମ୍ପାନୀରେ ନିଯୁକ୍ତି ଆଳରେ ଯାଇ ସେଠାରେ ବନ୍ଧା ପଡିଥିବା ୧୬ ଯୁବତୀ ଶୁକ୍ରବାର ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି। ସେମାନେ ଘରକୁ ପହଞ୍ଚିବା ପରେ ପରିବାରରେ ଖୁସି ଦେଖାଯାଇଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବତୀମାନେ ସୋହେଲା ବ୍ଲକ୍ ଅଧୀନ କନାପାଲି ପଞ୍ଚାୟତର ବାରୁପାଲି ଓ କନାପାଲି ଅଞ୍ଚଳର ଅଟନ୍ତି। ସେମାନଙ୍କୁ ଦକ୍ଷତା ବିକାଶ ତାଲିମ ସହିତ କମ୍ପାନୀରେ ନିଯୁକ୍ତି ପାଇଁ କିଛି ଲୋକ ତିରପୁରକୁ ନେଇଥିଲେ। ସେଠାରେ ସେମାନଙ୍କୁ ତାଲିମ କିମ୍ବା ନିଯୁକ୍ତି ଦେବା ବଦଳରେ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଯୁବତୀମାନେ ଫୋନ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ। ଫଳରେ ସେମାନଙ୍କୁ ଉଦ୍ଧାର ପାଇଁ ପରିବାର ଲୋକେ ପ୍ରଶାସନର ସହଯୋଗ ଲୋଡିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଶ୍ରମ ବିଭାଗର ଏକ ଟିମ୍ ତିରପୁର ଯାଇଥିଲେ। ସେଠାକାର ପ୍ରଶାସନ ସହଯୋଗରେ ଯୁବତୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଯୁବତୀମାନେ ହାଟିଆ ସୁପର ଫାଷ୍ଟ ଯାତ୍ରୀବାହୀ ଟ୍ରେନ ଯୋଗେ ଆସି ବରଗଡ ରୋଡ୍ ରେଳ ଷ୍ଟେଶନରେ ମଧ୍ୟାହ୍ନରେ ପହଞ୍ଚିଥିଲେ। ଅନ୍ୟପକ୍ଷେ ମିଳିଥିବା ସୂଚନା ମୁତାବକ, ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଅଧୀନରେ ମାଗଣା ଟେଲରିଂ ତାଲିମ ପାଇଁ ଯୁବତୀମାନଙ୍କୁ ପ୍ରଥମେ କଟକ ନିଆଯାଇଥିଲା। ସେଠାରେ ୪୫ଦିନ ତାଲିମ ପରେ ଯୁବତୀମାନେ ଘରକୁ ଫେରିବାର ଥିଲା। ମାତ୍ର ତାଲିମ ଅବଧି ସରିବା ପରେ ସେମାନେ ଘରକୁ ଫେରି ନ ଥିଲେ। ଯୁବତୀମାନଙ୍କୁ କଟକରୁ ତାମିଲନାଡୁ ପଠାଇ ଦିଆଯାଇଥିଲା। ସେଠାରୁ ଯୁବତୀମାନେ ଘରକୁ ଫେରିବା ପାଇଁ ଚାହୁଁଥିଲେ ସୁଦ୍ଧା ସେମାନଙ୍କୁ ସୁଯୋଗ ଦିଆ ନ ଯାଇ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା।

## ହଜି ଯାଇଥିବା ପର୍ସ ଫେରାଇଲେ ଅଟୋ ଚାଳକ

**ସୋହେଲା,୧୭।୪ (ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ମାଧବନଗରରେ ରହୁଥିବା ସବିତା ସେନାପତି ତାଙ୍କ ମା'ଙ୍କ ଘର ପଦ୍ମପୁରକୁ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେ ତାଙ୍କ ଘରକୁ ଏକ ବସ ଯୋଗ ଆସିଥିଲେ। ପର୍ସରେ ସୁନା ଗହଣା ଓ ୧୦୦୦୦ ଟଙ୍କା ରଖିଥିଲେ। ସେ ସୋହେଲା ଗାନ୍ଧୀ ଛକରେ ଓହ୍ଲାଇ ଥିଲେ। ସେଠାରୁ ଅଟୋରେ ଘରକୁ ପହଞ୍ଚିଥିଲେ। ଘରେ ପହଞ୍ଚି ୨ ଘଣ୍ଟା ପରେ ଜାଣିବାକୁ ପାଇଥିଲେ ଯେ ସେ ତାଙ୍କର ପର୍ସକୁ ଭୁଲରେ ଅଟୋରେ ଛାଡି ଦେଇଛନ୍ତି। ଯେଉଁଥିରେ ତାଙ୍କର ସମସ୍ତ ସୁନା ଅଳଙ୍କାର ତଥା ୧୦୦୦୦ ଟଙ୍କା ଥିଲା। ସେ ରାତିରେ ସୋହେଲା ଥାନାକୁ ଆସି ଜଣାଇଥିଲେ। ପୋଲିସ ଶୁକ୍ରବାର ସକାଳେ ଅଟୋକୁ ଚିହ୍ନଟ କରିଥିଲେ। ଅଟୋ ଚାଳକ ମହିଳାଙ୍କ ପର୍ସ ଥାନାରେ ଜିମା ଦେଇଥିଲେ। ମହିଳା ତାଙ୍କ ପର୍ସରେ ସମସ୍ତ ସୁନା ଗହଣା ତଥା ଟଙ୍କା ସୁରକ୍ଷିତ ଜାଣି ଅଟୋ ଚାଳକ ବୁଦ୍ଧଦେବ ପରଡ଼ିଆଙ୍କୁ ଧନ୍ୟବାଦ ଜଣାଇବା ସହ ସୋହେଲା ପୋଲିସକୁ ମଧ ଧନ୍ୟବାଦ ଜଣାଇଥିଲେ।

## ପଥଚାରୀଙ୍କୁ ଥଣ୍ଡା ପାନୀୟ ବଣ୍ଟନ



ବରଗଡ଼ ଥାନା ଛକରେ ଥଣ୍ଡା ପାନୀୟ ବଣ୍ଟନ କରାଯାଉଛି।

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ତାତି, ଗୁଳୁଗୁଳି ଅସହ୍ୟ ହୋଇପଡିଛି। ଏଥିପାଇଁ ଲୋକଙ୍କୁ ଅସ୍ତବ୍ୟସ୍ତ ହେବାକୁ ପଡୁଛି। ଏଭଳି ସ୍ଥିତିରେ ଶୁକ୍ରବାର ବରଗଡ଼ ସହରସ୍ଥିତ ଥାନା ଛକରେ ସ୍ଥାନୀୟ ସ୍ୱର୍ଣ୍ଣ, ରୌପ୍ୟ ଶିଳ୍ପୀ ସଂଘ ତରଫରୁ ଥଣ୍ଡା ପାନୀୟ ତଥା ଦହି ସରବତ ବଣ୍ଟନ କରାଯାଇଥିଲା। ସଂଘ ସଭାପତି ପ୍ରମୋଦ ବରାଳ, ସୁରେଶ ସାହୁ, ଅଶୋକ ସରାଫ, ନେତ୍ରାନନ୍ଦ ସରାଫ, ସରୋଜ ସରାଫ, ସୁରେନ୍ଦ୍ର ସାହୁ, ବିଷ୍ଣୁ ସାହୁ, ଅନନ୍ତ ସାହୁ, ଅଚ୍ୟୁତା ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରଥମ ମ୍ୟାଚ୍ ଅମୀମାଂସିତ, ଦ୍ୱିତୀୟରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ୍ ବିଜୟୀ

**ବରଗଡ,୧୭।୪(ପ୍ରେମାନନ୍ଦ ଖମାରୀ)**

**ସିଏମ୍ ଟ୍ରଫି ଫୁଟ୍‌ବଲ**

ଓଡିଶା ରାଜ୍ୟ ସରକାର, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତାର ଶୁକ୍ରବାର ସପ୍ତମ ଦିବସରେ ବାଳିକାମାନଙ୍କ ମଧ୍ୟରେ ହୋଇଥିବା ପ୍ରଥମ ମ୍ୟାଚ୍ ଅମୀମାଂସିତ ରହିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ୍ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ୍ ବ୍ଲୁ ଡାଇମଣ୍ଡ କ୍ଲବ ଓ ସୁପର ଜିମ୍ନାସିୟମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହିଆ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ପ୍ରଶାନ୍ତ ବେହେରା ଖେଳ ପରିଚାଳନା କରିଥିବା ବେଳେ ପିଙ୍କି ହଂସ ଓ ଆଦିତ୍ୟ ନାୟକ ଲାଇନ୍‌ରେ ସହଯୋଗ କରିଥିଲେ। ପଞ୍ଚାନନ ପାତ୍ର ଚତୁର୍ଥ ରେଫରି ଥିଲେ। ବରଗଡ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ଓ ଲେଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ୟୁନାଇଟେଡ୍ ଦଳ ୬-୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ନିରଞ୍ଜନ ମହାକୁର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ରାଜେନ୍ଦ୍ର ଭୁଏ ଓ ଝସକେତନ ସାହୁ ସହଯୋଗ କରିଥିଲେ। ଉମାକାନ୍ତ ସାହୁ ଚତୁର୍ଥ ରେଫରି ଥିଲେ ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ଆନନ୍ଦ ଆଚାର୍ଯ୍ୟଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ରଥମେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଯାଇଥିଲା। ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ମିତ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ସୁଶାନ୍ତ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଜିଲା ଉପ ସଭାପତି କିଶୋର ମିଶ୍ର, ଟାଉନ ବିଜେଡି ସଭାପତି ଅନୁପ ଶତପଥି, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ଯୁବ ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲା ଛାତ୍ର ବିଜେଡି ସଭାପତି କରନ ସିକନ୍ଦର ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ।



ଶିବିରରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ରକ୍ତଦାନ କରୁଛନ୍ତି।

# ବୋଲେରୋ ଓଲଟି ୨ ଯବାନ ଗୁରୁତର

- ବୋଲେରୋର ୨ଟି ନମ୍ବର ପ୍ଲେଟ ଯୋଗୁ ଦ୍ୱନ୍ଦ୍ୱ
- ଯବାନ କହିଲେ ଗୁପ୍ତ ଅପରେଶନ

**ଅତାବିରା,୧୭।୪(ଯୁଧିଷ୍ଠିର ମହାପାତ୍ର )**



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

ସମ୍ବଲପୁର-ବରଗଡ଼ ୫୩ ନଂ. ଜାତୀୟ ରାଜପଥର ଅତାବିରା ଦମଦମା ପୋଲ ଉପରେ ଶୁକ୍ରବାର ସକାଳ ୭ଟାରେ ଭାରସାମ୍ୟ ହରାଇ ସିଆର୍‌ପିଏଫ୍ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ଥିବା ଡ୍ରାଇଭର ଓ ସୁରକ୍ଷା କର୍ମୀ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ଛତିଶଗଡ଼ ୨୧୭ ବାଟାଲିୟନର ୱାକ ସାଗର (୩୨) ଓ ରୁପେଶ କୁମାର (୩୬) ବୋଲି ଜଣାପଡ଼ିଛି । ମିଳିଥିବା ସୂଚନାରୁ ପ୍ରକାଶ, ସମ୍ବଲପୁର ଜିଲା ଗୋଶାଳାସ୍ଥିତ ସିଆର୍‌ପିଏଫ୍ ବାଟାଲିଅନ ସମ୍ବଲପୁର କ୍ୟାମ୍ପରୁ ବାହାରି ଛତିଶଗଡ ଜଗଦଲପୁରକୁ ଯାଉଥିଲେ। ସମ୍ବଲପୁର-ବରଗଡ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ଆଦର୍ଶ ଶ୍ମଶାନ ଘାଟ ପାଖ ଦମଦମା ପୋଲ ଉପରେ କୌଣସି କାରଣରୁ ଭାରସାମ୍ୟ ହରାଇ ବ୍ରିଜରେ ବାଡେଇ ହୋଇଯାଇଥିଲା। ଫଳରେ ବୋଲେରୋଟି ସମ୍ପୂର୍ଣ୍ଣ ଭାଙ୍ଗି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ୨ଜଣ ସିଆର୍‌ପିଏଫ୍ କର୍ମଚାରୀ ଆହତ ହୋଇଥିଲେ । ସ୍ଥାନୀୟ ଗ୍ରାମବାସୀ ଓ ପଥଚାରୀମାନେ ଉଦ୍ଧାର କରିବା ସମୟରେ ଅନ୍ୟ ସିଆର୍‌ପିଏଫ୍ ଯବାନମାନେ ପହଞ୍ଚି ଅତାବିରା ପୋଲିସ ସହ ଆହତଙ୍କୁ ପ୍ରଥମେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଏହାପରେ ତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ବୁର୍ଲା ଭିମସାରକୁ ପଠାଯାଇଛି । ପ୍ରାରମ୍ଭରେ ଦୁର୍ଘଟଣାଗ୍ରସ୍ତ ବୋଲେରୋର ପଞ୍ଜୀକରଣ ସଂଖ୍ୟା ପଛରେ ଏମ୍‌ଏଚ୍୪୦ବିଇ/୭୪୯୯ ଥିବାବେଳେ ଆଗରେ ସିଜି୧୮ଏଲ/୪୧୯୪ ଦୁଇଟି ନମ୍ବରକୁ ନେଇ ଲୋକଙ୍କ ମଧ୍ୟରେ ଅନେକ ସନ୍ଦେହ ସୃଷ୍ଟି ହୋଇଥିଲା । ତେବେ ଜଣୈକ ସିଆର୍‌ପିଏଫ୍ ଯବାନ କହିଛନ୍ତି, ଗୁପ୍ତ ଅପରେଶନରେ କାର୍ଯ୍ୟ କରୁଥିଲେ। ଏପରି ନମ୍ବର ପ୍ଲେଟ ବଦଳାଯାଇଥାଏ ବୋଲି କହିଥିଲେ । ଅତାବିରା ପୋଲିସ ମଧ ଏପରି ଘଟଣାକୁ ସ୍ୱୀକାର କରିଥିଲେ ମଧ ଏ ନେଇ ଅଧିକ ତଦନ୍ତ ଚଳାଇଥିବା କହିଛନ୍ତି ।

## ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**

ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ଆନୁକୂଲ୍ୟରେ ଶୁକ୍ରବାର ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ବରଗଡ଼ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତି ଏବଂ ଗୁରୁ ଭଗବାନ ସାହୁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଦଧିବାବନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପ ସଭାପତି ସର୍ଦ୍ଦାର ପ୍ରିତମ ସିଂହ ସଂଯୋଜନା କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ମୁଖ୍ୟ ଅତିଥି, ଅଧ୍ୟାପକ ଡଃ ନାରାୟଣ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କଳା ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଗୁରୁ ଭଗବାନ ସାହୁଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସବୁ ଶିକ୍ଷାନୁଷ୍ଠାନରେ ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର ଏବଂ ପ୍ରତିଯୋଗିତା ପାଇଁ ସେ ମତାମତ ଦେଇଥିଲେ। ଏଥିରେ ସ୍କୁଲର ସମସ୍ତ ଛାତ୍ରୀ ଯୋଗଦେଇ ଶୃଙ୍ଖଳା ସହିତ ଗୁରୁଙ୍କ ଜୀବନୀ ସମ୍ପର୍କରେ ଶ୍ରବଣ କରିଥିଲେ। ଅଚ୍ୟୁତାନନ୍ଦ ବାରିକ, ସମାଜସେବୀ ଶିବାନନ୍ଦ ମଟାରୀ, ସଂଘମିତ୍ରା ପଟେଲ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜୟଶ୍ରୀ ପଣ୍ଡା ଗୁରୁ ବନ୍ଦନା କରିଥିବା ବେଳେ ସମ୍ପାଦକ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଗଣ।

# ୧୯ରେ ରାଜ୍ୟ କରାଟେ ଚାମ୍ପିୟନଶିପ୍ ଦଳ ଚୟନ

ରାଉରକେଲା,୧୭।୪(ଦିନେଶ ମିଶ୍ର)

ଓଡ଼ିଶା ରାଜ୍ୟ କରାଟେ ଡୋ–ଆସୋସିଏଶନ ଓସ୍କା ପକ୍ଷରୁ ଏପ୍ରିଲ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ୩୭ତମ କ୍ୟାଡେଟ ଜୁନିୟର ଓ ୩୮ତମ ସବ୍ ଜୁନିୟର କରାଟେ ଚାମ୍ପିୟନଶିପ୍ ଭୁବନେଶ୍ୱର ସ୍ଥିତ କରାଟେ ସ୍କୁଲଠାରେ ଅନୁଷ୍ଠିତ ହେବ। ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶୈଳୀର କରାଟେ ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷାର୍ଥୀମାନେ ନିଜ ଜିଲା କରାଟେ ସଂଘ ମାଧ୍ୟମରେ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଓସ୍କା ସ୍ୱୀକୃତିପ୍ରାପ୍ତ ରାଉରକେଲା କରାଟେ ସଂଘ ପକ୍ଷରୁ ବାସନ୍ତୀ କଲୋନୀସ୍ଥିତ ବାସନ୍ତୀ ସାଂସ୍କୃତିକ ପରିଷଦରେ ଥିବା ଉତ୍କଳ କରାଟେ ସ୍କୁଲରେ ଆସନ୍ତା ୧୯ ତାରିଖ ସକାଳ ୯ଟାରେ ଏକ ଚୟନ ଶିବିର ଅନୁଷ୍ଠିତ ହେବ। ରାଉରକେଲାରେ ଥିବା ସ୍ୱୀକୃତିପ୍ରାପ୍ତ ଶୈଳୀର କରାଟେ ଶିକ୍ଷାର୍ଥୀମାନେ ଏହି ଶିବିରରେ ଅଂଶଗ୍ରହଣ କରିପାରିବେ ଓ ଚୟନ ହୋଇଥିବା କରାଟେ ଶିକ୍ଷାର୍ଥୀମାନେ ରାଜ୍ୟ କରାଟେ ଚାମ୍ପିୟନଶିପ୍‌ରେ ରାଉରକେଲାକୁ ପ୍ରତିନିଧିତ୍ୱ କରିବେ ବୋଲି କରାଟେ ଆସୋସିଏଶନର ସାଧାରଣ ସମ୍ପାଦକ ରାଜୀବ ସିଂ ସୂଚନା ପ୍ରଦାନ କରିଛନ୍ତି।



ଶୁକ୍ରବାର ଏସ୍‌ୟୁସିଆଇ ପକ୍ଷରୁ ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏଡିଏମ୍‌ଙ୍କୁ ଦାବିପତ୍ର ଦେଲା ଏସ୍‌ୟୁସିଆଇ

ରାଉରକେଲା,୧୭।୪(ଦିନେଶ ମିଶ୍ର)

**ଆଦିବାସୀଙ୍କ ଉପରେ ଦମନଲୀଳାକୁ ବିରୋଧ**

ରାୟଗଡା ଜିଲାର ସିଜିମାଳି, କେଉଁଝର ଜିଲାର ପାଟଣା ଏବଂ ସୁନ୍ଦରଗଡ ଜିଲାର ଲାଞ୍ଜିବର୍ଣ୍ଣା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ ଜଙ୍ଗଲ, କୃଷି ଜମି ଓ ଭିଟାମାଟିରୁ ଉଚ୍ଛେଦ ବିରୋଧରେ ସ୍ଥାନୀୟ ଅଧିବାସୀଙ୍କ ଗଣତାନ୍ତ୍ରିକ ଆନ୍ଦୋଳନ ସମୟରେ ପୋଲିସ ପ୍ରଶାସନର ଦମନଲୀଳାକୁ ଏସ୍‌ୟୁସିଆଇ ପକ୍ଷରୁ ଶୁକ୍ରବାର ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲା କମିଟି ସଦସ୍ୟ ବିଷ୍ଣୁ ପଣ୍ଡାଙ୍କ ସଭାପତିତ୍ୱରେ ଏଡିଏମ୍‌ଙ୍କ ଅଫିସ୍ ଆଗରେ ଆୟୋଜିତ ପ୍ରତିବାଦ ସଭାରେ ବହୁ କର୍ମୀ ଯୋଗଦେଇ ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଦୋଷୀ ପୋଲିସ ଓ ଅଫିସରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆନ୍ଦୋଳନକାରୀଙ୍କ ବିରୋଧରେ ମିଥ୍ୟା ଓ ମାନଗଢ଼ା ମାମଲା ପ୍ରତ୍ୟାହାର, ଗିରଫଙ୍କୁ ବିନା ସର୍ତ୍ତରେ ଖଲାସ କରିବା, ଲୋକଙ୍କ ଭିଟାମାଟିର ସୁରକ୍ଷା ଓ ଜୀବନ ଜୀବିକା ପାଇଁ ଦାବି କରାଯାଇଥିଲା। ଏହି ଅମାନବିକତା ଘଟଣାରେ ହସ୍ତକ୍ଷେପ କରି ସ୍ଥାନୀୟ ଅଧିବାସୀମାନଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍ ଦୀନା ଦସ୍ତଗୀରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ଛବି ମହାନ୍ତି, ଜିଲା ସମ୍ପାଦକ ଅଜିତ ନାୟକ, ଶ୍ରୀନିବାସ ସେଠୀ, ବିଦ୍ୟୁତ୍ ମହନ୍ତ, କ୍ଷେତ୍ରବାସୀ ସେଠୀ, ଲିଲି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁରୁ ସୁରକ୍ଷା ପାଇଁ ସଚେତନତା କର୍ମଶାଳା

ରାଉରକେଲା,୧୭।୪(ବିପ୍ଲବ ରଞ୍ଜନ ଦାଶ)

ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ସେକ୍ଟର–୨୦ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶୁକ୍ରବାର ଆର୍‌ଏସ୍‌ପି ପକ୍ଷରୁ ନିଆଁରୁ ସୁରକ୍ଷା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆର୍‌ଏସ୍‌ପି ଅଗ୍ନି ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ଅକସ୍ମାତ ନିଆଁ ଲାଗିଲେ ସେଥିରୁ କିପରି ନିଜକୁ ସୁରକ୍ଷିତ ରଖିବେ ଓ ଅନ୍ୟକୁ ସୁରକ୍ଷା ଦେଇପାରିବେ ତା'ର ବିଭିନ୍ନ କଳାକୌଶଳ ପ୍ରଦର୍ଶିତ ହୋଇଥିଲା। ଅଗ୍ନି ଦୁର୍ଘଟଣାରେ ତିନି ତାଲା ଛାତରୁ କିପରି ଆହତଙ୍କୁ ଉଦ୍ଧାର କରାଯାଇପାରିବ, ନିଆଁ ଲିଭାଇବା କୌଶଳ ପ୍ରଦର୍ଶନ କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ନିଜେ ଏହାର ପ୍ରୟୋଗ ଶିଖିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଗିରିଜା ଶଙ୍କର ଦାସଙ୍କ ଅଧ୍ୟକ୍ଷତା, ଅଧ୍ୟକ୍ଷା ଡ. ଖୁସୁବୁ ଜ୍ୟୋତିଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ଅଗ୍ନି ନିର୍ବାପକ ସଂସ୍ଥାର ମୁଖ୍ୟ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର, ମହାପ୍ରବନ୍ଧକ ପି. ଏସ୍ ଠାକରେ, ଡେପୁଟି ମ୍ୟାନେଜର ଶୁଭବ୍ରତ ସାହୁ, ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂ, ଟିମ୍ ଲିଡର ଆର୍. ସି. ମହନ୍ତ ପ୍ରମୁଖ ଯୋଗଦେଇ ଅଗ୍ନି ବିପ୍ୱତରୁ ସୁରକ୍ଷା ସମ୍ପର୍କରେ ପ୍ରତ୍ୟକ୍ଷ କୌଶଳ ପ୍ରଦର୍ଶନ କରାଇଥିଲେ। ଏହି କର୍ମଶାଳାରେ ବିଦ୍ୟାଳୟର ବରିଷ୍ଠ ଅଧିକାରୀ ସୁଚିନ୍ଦ୍ରମ ସେନଗୁପ୍ତ, ଯଶବିନ୍ଦର କୌର, ମୀନାକ୍ଷୀ ପାଢ଼ୀ, ମନପ୍ରିତ କୌର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅମ୍ରିତା ନିଲମ ଧନ୍ୟବାଦ ଅର୍ପଣ କରିଥିଲେ।


ନିଆଁକୁ ଆୟତ୍ତ କରିବା କୌଶଳ ପ୍ରଦର୍ଶନ କରାଯାଉଛି।

# ଆର୍‌ଏସ୍‌ପିର ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପନ୍ନ

ରାଉରକେଲା,୧୭।୪(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପଦକ୍ଷେପ ଅଧୀନରେ ଗଠିତ ସ୍ୱଚ୍ଛତା ସ୍ୱାଭିମାନ ଦଳ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପ୍ରାଙ୍ଗଣରେ ସ୍ୱଚ୍ଛତା ଅଭିଯାନରେ ସଫେଇ କରିଛନ୍ତି। ନଗର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡକ୍ଟର ଦୀପା ଲାଭାଙ୍ଗରେ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ତିନୋଟି ସ୍ୱଚ୍ଛତା ସ୍ୱାଭିମାନ ଦଳ ଯଥା ଏସ୍‌ସି/ଏସ୍‌ଟି ଫେଡେରେଶନ ସ୍ୱଚ୍ଛତା ସ୍ୱାଭିମାନ, ସେକ୍ଟର–୧୬ର କ୍ଲିନ୍ ଆଣ୍ଡ ଗ୍ରୀନ୍ ଟିମ୍ ଏବଂ ସେକ୍ଟର–୧୮ର ସମଲେଶ୍ୱରୀ ସ୍ୱଚ୍ଛତା ଟିମ୍‌ର ପ୍ରାୟ ୫୦ ଜଣ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ଏକତ୍ରିତ ହୋଇଥିଲେ। ଏହି ଅଭିଯାନରେ ଡକ୍ଟର ଲାଭାଙ୍ଗରେ ଏବଂ ନଗର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନଙ୍କ ଦ୍ୱାରା ମିଳିତ ଭାବେ ସ୍ୱଚ୍ଛତା ଉପରେ ଏକ ଆଲୋଚନା କରାଯାଇଥିଲା। ଏଥିରେ ଡକ୍ଟର ଦୀପା ଲାଭାଙ୍ଗରେ ଏକ ସୁସ୍ଥ ସମାଜ ପାଇଁ ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅଭିଯାନରେ ପାର୍କ ଭିତର ଏବଂ ବାହାରେ ସ୍ୱଚ୍ଛତା କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଥିଲା। ଯେଉଁଥିରେ ରାସ୍ତା, ଲନ୍, ଉଦ୍ୟାନ ଏବଂ ଆଖପାଖ ଅଞ୍ଚଳ ସଫାସୁତୁରା କରାଯାଇଥିଲା। ଅଂଶଗ୍ରହଣକାରୀମାନେ ନିକଟସ୍ଥ ଦୋକାନଗୁଡ଼ିକୁ ପରିଦର୍ଶନ କରିବା ସହିତ ସେମାନଙ୍କ ଆଖପାଖ ପରିସର ସଫା ରଖିବାର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ।


ସ୍ୱଚ୍ଛତା ଅଭିଯାନରେ ରାସ୍ତାକଡ଼ ସଫେଇ କରାଯାଉଛି।

# ଅଗ୍ନିଶମ ସୁରକ୍ଷା ସପ୍ତାହରେ ବିବିଧ କାର୍ଯ୍ୟକ୍ରମ


ଅଗ୍ନିଶମ କର୍ମଚାରୀ ନିଆଁ ଲିଭା କୌଶଳ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା,୧୭।୪(ବିପ୍ଲବ ରଞ୍ଜନ ଦାଶ)

ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ଆର୍‌ଏସ୍‌ପିର ଏସ୍‌ଏମ୍‌ଏସ୍–୧ ବିଭାଗରେ ଏକ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର, ଏସ୍‌ଏମ୍‌ଏସ୍ –୧ ବିଭାଗର ସିଜିଏମ ବି. ସୁନିଲ କାର୍ଥା, ଅଗ୍ନିଶମ ସେବା ବିଭାଗର ଜିଏମ୍ ପି. ଏସ୍. ଠାକରେ, ଏସ୍‌ପିପି ବିଭାଗର ଜିଏମ ଡ. ପି. କେ ପାଢ଼ୀଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କୁ ବିଭିନ୍ନ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ସହିତ ବିଭିନ୍ନ ଅଗ୍ନି ନିର୍ବାପନ ଉପକରଣର ବ୍ୟବହାର ତଥା ପ୍ରୟୋଗ ବିଷୟରେ ଅବଗତ କରାଯାଇଥିଲା। ଏସ୍‌ଏମ୍‌ଏସ୍ –୧ ବିଭାଗର ଏଜିଏମ ଏବଂ ଡିଏସ୍‌ଓ ପି. କେ. ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ସ୍କୁଲ ପିଲାମାନଙ୍କ ପାଇଁ ଏସଏସଆରଭିଏମ, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର–୨୦ରେ ଶୁକ୍ରବାର ଅନୁରୂପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଜିଏମ, ସୁରକ୍ଷା ଓ ଅଗ୍ନିଶମ ହିରାଲାଲ ମହାପାତ୍ର ଏବଂ ଏସଏସଆରଭିଏମ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନିର୍ଦ୍ଦେଶକ ଜି.ଏସ୍. ଦାସ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନଗୁଡ଼ିକ ପି. ଏସ୍. ଠାକରେଙ୍କ ମାର୍ଗଦର୍ଶନରେ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂହଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ଦଳ ଦ୍ୱାରା ସମ୍ପାଦନ କରାଯାଇଥିଲା। ଗତ ୧୧ ତାରିଖରେ ଆର୍‌ଏସ୍‌ପିର ମୁଖ୍ୟ ଫାଟକରୁ ଡିଜାଇନ୍ ବିଲ୍ଡିଂ ପର୍ଯ୍ୟନ୍ତ ଏକ ମାନବଶୃଙ୍ଖଳ କରାଯାଇଥିଲା। ୨୦୦ରୁ ଅଧିକ କର୍ମଚାରୀ ପ୍ଲାକାର୍ଡରେ ଅଗ୍ନି ସୁରକ୍ଷା ବାର୍ତ୍ତା ନେଇ ମାନବ ଶୃଙ୍ଖଳ କରିଥିଲେ।

# ବ୍ରିଜମୋହନ ଅଗ୍ରୱାଲ ସିଏଆଇଟି ଅଧ୍ୟକ୍ଷ

ରାଉରକେଲା,୧୭।୪(ବିପ୍ଲବ ରଞ୍ଜନ ଦାଶ)

କନଫେଡରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି)ର ବାର୍ଷିକ ସାଧାରଣ ବୈଠକ ଗତ ଗୁରୁବାର ନୂଆଦିଲ୍ଲୀର ହୋଟେଲ ବେଲ୍–ଲା ମୋଣ୍ଟେଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଚିବ ପ୍ରବୀଣ ଖଣ୍ଡେଲୱାଲ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିବା ପରେ ୨୦୨୬–୨୦୨୮ ବର୍ଷ ପାଇଁ ସିଏଆଇଟି ଜାତୀୟ ପରିଷଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଦସ୍ୟମାନେ ସର୍ବସମ୍ମତିକ୍ରମେ ରାଉରକେଲାର ବ୍ରିଜମୋହନ ଅଗ୍ରୱାଲଙ୍କୁ ଜାତୀୟ ଅଧ୍ୟକ୍ଷ, ନାଗପୁରର ବାଳକୃଷ୍ଣ ଭାରତୀୟଙ୍କୁ ଜାତୀୟ ସଭାପତି ଏବଂ ପ୍ରବୀଣ ଖଣ୍ଡେଲୱାଲ (ଦିଲ୍ଲୀ ଚାନ୍ଦିନୀଚୌକ ଏମ୍‌ପି)ଙ୍କୁ ଜାତୀୟ ମହାସଚିବ ଭାବେ ମନୋନିତ କରିଥିଲେ। ସେହିପରି ଓଡ଼ିଶାରୁ ନିର୍ବାଚିତ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଅନୁଗୋଳର ଆର. କେ. ଶୁକ୍ଲାଙ୍କୁ ଜାତୀୟ ଉପାଧ୍ୟକ୍ଷ, ଭୁବନେଶ୍ୱରର ସୁଧାକର ପଣ୍ଡାଙ୍କୁ ଜାତୀୟ ସଙ୍ଗଠନ ସମ୍ପାଦକ ଏବଂ ଝାରସୁଗୁଡାର ହୀରାଲାଲ ଲୋକଚନ୍ଦାନୀଙ୍କୁ ଜାତୀୟ ସମ୍ପାଦକ ଭାବେ ପୁନଃନିର୍ବାଚିତ କରାଯାଇଥିଲା। ସମଗ୍ର ଦେଶର ୯ କୋଟି ବ୍ୟବସାୟୀଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ନିର୍ବାଚିତ ନେତାମାନେ ସେମାନଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।


ସିଏଆଇଟିର ନୂତନ କାର୍ଯ୍ୟକର୍ତ୍ତା।

# ମା' ତୋ ବିନା ଓ ଅଭୁଲା ସ୍ମୃତି କାର୍ଯ୍ୟକ୍ରମ

ରାଉରକେଲା,୧୭।୪(ବିପ୍ଲବ ରଞ୍ଜନ ଦାଶ)

ସାଇ ସରଗମ୍ ମ୍ୟୁଜିକାଲ ଆଣ୍ଡ ସୋସିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ସିଭିକ ସେଣ୍ଟର୍‌ରେ ଗୁରୁବାର ମା' ତୋ ବିନା ଓ ଅଭୁଲା ସ୍ମୃତି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଶୋବନ୍ତ ମହାନ୍ତି ଓ ଶୁଭଶ୍ରୀ ଦାସଙ୍କ କାର୍ଯ୍ୟକ୍ରମ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ବ୍ରଜବଲ୍ଲଭ ନାୟକ ଓ ଲୋଭା ବିଶ୍ୱାଳ, ବ୍ରହ୍ମପୁରରୁ ସନ୍ତୋଷ ଡୋରା ଓ ବଲାଙ୍ଗୀରରୁ ସହଦେବ ପୁଟେଲ ତଥା ରାଉରକେଲାରୁ ଝୁନୁ ନାୟକ, ସ୍ୱର୍ଣ୍ଣରେଖା ମହନ୍ତ, ପିଙ୍କି ପ୍ରିୟଦର୍ଶିନୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ୱର୍ଗତ ଅକ୍ଷୟ ମହାନ୍ତି ଓ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସମ୍ମାନିତ ଅତିଥି ଭାବେ ହ୍ୟୁମାନ ସାଗରଙ୍କ ମା' ଶେଫାଳୀ ସୁନା ତଥା ବିଶିଷ୍ଟ ଅତିଥି ଭାବେ ଡ. କଲ୍ୟାଣୀ ମିଶ୍ର, ଡା. ଭାଗିରଥ ଯୋଶୀ, ଡା. ଅରୁଣ କୁମାର ନାୟକ, ଏନ୍‌ଆଇଟି ପ୍ରଫେସର ଡ. ସବିତା ପଟେଲ, ଜୟଶ୍ରୀ ପାଣିଗ୍ରାହୀ, ଜେଏମଡିର ପ୍ରତିଷ୍ଠାତା ବାସୁଦେବ ସ୍ୱାଇଁ, ଇଂ. ମହେନ୍ଦ୍ର କୁମାର ଦାସ, ଗୁରିନ୍ଦର ସିଂ କାମ୍ବୋଜ ପ୍ରମୁଖ ଯୋଗ ଦେଇଥିଲେ। ଉପଦେଷ୍ଟା ଦିଲୀପ କୁମାର ମହାନ୍ତି, ଅଞ୍ଜଳି ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

# ରନ୍ଧନ ଗ୍ୟାସ୍ ଯୋଗୁ ଦୁର୍ଘଟଣା, ଆର୍‌ଏସ୍‌ପି ଠିକା ଶ୍ରମିକ ମୃତ

ରାଉରକେଲା,୧୭।୪(ସଙ୍ଗୀତା ଜେନା)

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ଗ୍ୟାସ୍ ଯୋଗୁ ଅଗ୍ନିକାଣ୍ଡ ଘଟି ଜଣେ ଆର୍‌ଏସ୍‌ପି ଠିକା ଶ୍ରମିକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ମୃତ୍ୟୁ ହୋଇଛି। ମୃତକ ହେଲେ ବିହାରର ମୂଳବାସିନ୍ଦା ତଥା ଜଗଦା ଘର ନଂ. ଜେବି ୬୭ରେ ଭଡାରେ ରହୁଥିବା ଗଣେଶ ଚୌବେ(୨୬)। ଅପରପକ୍ଷେ, ଉକ୍ତ ଘରକୁ ସଂଯୋଗ ହୋଇଥିବା ଗ୍ୟାସ୍ ପାଇପ ଲାଇନ୍‌ରେ ଲିକେଜ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି। ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୮ଟା) ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗଣେଶ ଉକ୍ତ ବିଲ୍‌ଡିଂର ଉପର ମହଲାରେ ଏକାକୀ ରହୁଥିଲେ। ଗତ ବୁଧବାର ଅପରାହ୍ନ ୨ଟା ୩୦ରେ ସେ ଅଣ୍ଡା ଆମଲେଟ୍ ତିଆରି କରିବାକୁ ଦିଆସିଲି ଜାଳିବା ସମୟରେ ଏକ ଭୟଙ୍କର ଶବ୍ଦ ହୋଇଥିଲା। ଏହା ଶୁଣି ଆଖପାଖରେ ରହୁଥିବା ଲୋକେ ସେଠାକୁ ଧାଇଁଯାଇଥିଲେ। ଏହି ସମୟରେ ଉକ୍ତ ଘରର ଝରକା ଭାଙ୍ଗି ଯାଇଥିବା ସହ ଜୀବନ ବିକଳରେ ଗଣେଶ ବାହାରକୁ ଦୌଡ଼ି ଆସୁଥିବା ଦେଖାଯାଇଥିଲା। ତାଙ୍କୁ ଉଦ୍ଧାର କରି ତୁରନ୍ତ ଜଗଦାସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଆଇଜିଏଚ୍ ବର୍ନ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ପାଖ ପଡୋଶୀଙ୍କ କହିବା ଅନୁସାରେ ଘରକୁ ଘର ଆସୁଥିବା ପାଇପ ଲାଇନ୍‌ରେ କିଛି ଆବଶ୍ୟକ ସରଞ୍ଜାମ ଲାଗି ନ ଥିଲାବେଳେ ଗ୍ୟାସ୍ ଯୋଗାଣ ହେଉଥିଲା। ସମ୍ଭବତଃ ଉକ୍ତ ଗ୍ୟାସ ବ୍ୟାପିଯାଇଥିବା ଯୋଗୁ ଏପରି ଦୁର୍ଘଟଣା ହୋଇଛି। ଏହି ଦୁର୍ଘଟଣା ପରେ ପଡୋଶୀ ଲୋକେ ତୁରନ୍ତ ନିଜ ନିଜ ଘରର ଗ୍ୟାସ୍ ପାଇପ୍ ଲାଇନ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ସେହିପରି ଗଣେଶଙ୍କୁ ଉଦ୍ଧାର କରିଥିବା କିଛି ଯୁବକ କହିଛନ୍ତି, ଗଣେଶ ରୋଷେଇ ପାଇଁ ଛୋଟ ଏଲ୍‌ପିଜି ସିଲିଣ୍ଡର ରଖିଥିଲେ। ହେଲେ ବିସ୍ଫୋରଣ ପରେ ଉକ୍ତ ସିଲିଣ୍ଡର କ୍ଷତି ହୋଇ ନ ଥିବା ଦେଖାଯାଇଥିଲା। ଅନ୍ୟପକ୍ଷେ ଘଟଣାର ତଦନ୍ତ ପରେ ସତ୍ୟତା ପଦାକୁ ଆସିବ ବୋଲି ଥାନାଧିକାରୀ ପ୍ରଦୀପ ନାଏକ ସୂଚନା ଦେଇଛନ୍ତି।

# ବିଶ୍ରା ଛକରେ ଜଳଛତ୍ର ଉଦ୍‌ଘାଟିତ

ରାଉରକେଲା,୧୭।୪(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ସଭାପତି ଅରୁଣ ସିଂଙ୍କ ଅଧ୍ୟକ୍ଷତାରେ ରାଉରକେଲା ବିଶ୍ରା ଛକରେ ଶୁକ୍ରବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ରବି ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଜଳଛତ୍ର ଆସନ୍ତା ଜୁନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବାଟୋଇଙ୍କୁ ଥଣ୍ଡା ପାନୀୟ ଯୋଗାଇ ଦେବ ବୋଲି ପରିଷଦ ସଭାପତି ସିଂ କହିଥିଲେ। ଜଳଛତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପରିଷଦର ସାଧାରଣ ସମ୍ପାଦକ ଦେବୁ ସିଂ, କୋଷାଧ୍ୟକ୍ଷ ଅଭିଷେକ ସିଂ, କ୍ରିଷ୍ଣା ପ୍ରସାଦ, ରବୀନ୍ଦ୍ର ଶର୍ମା, ତସିଆ ପ୍ରସାଦ, ସଞ୍ଜୟ ସିଂ, ସଚ୍ଚିଦାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଜଳଛତ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

# ଫାଇନାଲରେ କଳିଙ୍ଗ ସ୍ପୋର୍ଟିଂ, ଆର୍‌ଏସ୍‌ପି

## ସିଏମ୍ ଟ୍ରଫି ଲିଗ୍ ମ୍ୟାଚ୍

ରାଉରକେଲା,୧୭।୪(ସଙ୍ଗୀତା ଜେନା)

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫିର ଲିଗ୍ ମ୍ୟାଚ୍ ଶେଷ ହୋଇଛି। ୧୪ ବର୍ଷରୁ କମ୍ ବର୍ଗରେ ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଫୁଟବଲ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ଆୟୋଜିତ ଲିଗ୍ ମ୍ୟାଚ୍‌ରେ 'ଏ' ଗ୍ରୁପ୍‌ର କଳିଙ୍ଗ ସ୍ପୋର୍ଟିଂ ୧୨ ପଏଣ୍ଟ ହାସଲ କରି ଚାମ୍ପିୟନ୍ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି 'ବି' ଗ୍ରୁପ୍‌ର ଆରଏସ୍‌ପି ଦଳ ମଧ୍ୟ ୧୨ ପଏଣ୍ଟ ହାସଲ କରି ଫାଇନାଲକୁ ଉନ୍ନୀତ ହୋଇଛି। ଗୁରୁବାର ଆଇକନିକ ଟର୍ଫ ଓ ୱେଲଫେୟାର ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆଇକନିକ ଦଳ ୬ ଗୋଲ କରି ବିଜୟୀ ହୋଇଥିଲା। ସେହିପରି ଆର୍‌ଏସ୍‌ପି ଓ ବିରମିତ୍ରପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ପି ଦଳ ୭ଟି ଗୋଲ କରି ବିଜୟୀ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଅତିଥି ଭାବେ ଜାତୀୟ କୋଚ୍ ଖସରୁ ବାବୁଟା, ଧନେଶ୍ୱର ତିର୍କୀ, ବନମାଳି ଜମକିଆର, କେଶବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକଙ୍କ ଅଧ୍ୟକ୍ଷତାରେ ଡିଏଏର ବିଶ୍ୱନାଥ ବେହେରା, ଭଲିବଲ କୋଚ ଜ୍ଞାନରଞ୍ଜନ ପ୍ରହରାଜ ଉପସ୍ଥିତ ଥିଲେ। ରେଫରୀ ଭାବେ ରୋଶନ ଖାନ୍, ରାଜକୁମାର ପାଣିଗ୍ରାହୀ, ସନିକା ତିର୍କୀ, ଡମରୁ କିଷାନ, ଗୀତା କିଷାନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଡିଏଏର ଉପସଭାପତି ରାଧାମୋହନ ନାୟକ, ବିଭୁଦତ୍ତ ବେହେରା, କାଉନସିଲ୍ ମେମ୍ବର ଗୋପୀନାଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକ ସୂଚନା ପ୍ରଦାନ କରିଛନ୍ତି।


ଆୟୋଜକଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

## ସଂକ୍ଷେପରେ

### ନିଖୋଜ ନାବାଳକ ଉଦ୍ଧାର: ପରିବାରକୁ ହସ୍ତାନ୍ତର

**ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର):** ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ଚକଲିଆବାହାଲ ଆଶ୍ରମ ସ୍କୁଲ ହଷ୍ଟେଲରୁ ନିଖୋଜ ହୋଇଯାଇଥିବା ଜଣେ ୧୨ ବର୍ଷର ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଚାନ୍ଦିନୀମାଲ ଗ୍ରାମର ନାବାଳକ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ କାହାରିକୁ କିଛି ନ ଜଣାଇ ହଷ୍ଟେଲରୁ କେଉଁଆଡେ ଚାଲିଯାଇଥିଲେ। ପରେ ମୁରା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକାକୀ ବୁଲୁଥିବାର ଦେଖି ସ୍ଥାନୀୟ ଯୁବକ ବିକୁ କୋଡ଼ିଆ, ଦେବାନନ୍ଦ ବାଗ ଓ ଗୋପୀନାଥ ରୋହିଦାସ ତାକୁ ଉଦ୍ଧାର କରିଥିଲେ। ସେମାନେ ତାଙ୍କୁ ସୁରକ୍ଷିତ ଭାବେ ଶାସନ ଥାନାରେ ଜିମା ଦେବା ସହ ତା'ଠାରୁ ମିଳିଥିବା ମୋବାଇଲ ନମ୍ବର ସାହାଯ୍ୟରେ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ। ଖବରପାଇ ବାପା ଓ ମା' ଥାନାରେ ପହଞ୍ଚିବା ପରେ ପୋଲିସ ପୁଅକୁ ସେମାନଙ୍କୁ ହସ୍ତାନ୍ତର କରିଛି।

### ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘର ବୈଠକ

**ସମ୍ବଲପୁର,୧୭।୪(ବି.ଶଙ୍କର):** ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘର ଜରୁରୀ ବୈଠକ ଧନକଉଡା ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ରାତିରେ ଆୟୋଜିତ ହୋଇଥିଲା। ମହାସଂଘ ସଭାପତି ଡ.ସପନ ମିଶ୍ର ଏବଂ ସମ୍ପାଦକ ଭୋଲା ଶଙ୍କର ମହନ୍ତମଙ୍କ ପରିଚାଳନାରେ କଳାକାରମାନଙ୍କର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କଳାକାର ଭତ୍ତା କିପରି ପାଇବେ, ଦୁର୍ଘଟଣା ବୀମା ଇତ୍ୟାଦି ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ଚାଲୁଥିବା କମିଟିକୁ ଭଙ୍ଗ କରାଯାଇଥିଲା। ଚଳିତ ମାସ ଏପ୍ରିଲ ୩୦ରେ ନୂତନ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଗୁରୁ ରଞ୍ଜନ ସାହୁ, ଡ.ମୋହିତ ସ୍ୱାଇଁ, ଗୁରୁ ଦୁର୍ଗା ପ୍ରସାଦ ଦାସ, ଗୁରୁ ଆଲୋକ ପାଣ୍ଡା, ଗୁରୁ ମହେଶ ପଟେଲ, ଗୁରୁ ଶଶାଙ୍କ ଶେଖର ଦୁବେ, ଗୁରୁ ସୂର୍ଯ୍ୟ ଗୁରୁ, ଗୁରୁ ରଞ୍ଜିତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ନୃତ୍ୟଗୁରୁ କୃଷ୍ଣଚନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

**କୁଚିଣ୍ଡା,୧୭।୪(ବିରଞ୍ଚି ଦର୍ଗା):** ସମ୍ବଲପୁର ଜିଲା କୁଚିଣ୍ଡା ଶ୍ରମିକ ଭବନଠାରେ ଶୁକ୍ରବାର ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ୍ କୁମାର ମହାନ୍ତି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ତନୟା ଧୂରୁଆ, କୃଷ୍ଣଚନ୍ଦ୍ର ଟପ୍ପୋ, ପୂର୍ବତନ ଜିଲା ପରିଷଦ ସଭାପତି ଶୋଭାରମ ପଧାନ, ମହେନ୍ଦ୍ର ବାଘ, କୁଚିଣ୍ଡା ଟାଉନ ସଭାପତି ନବୀନ ହୋତା, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବାହ୍ନ ୮ଟାରେ କୁଚିଣ୍ଡା ବିଜୁ ପାଠାଗାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ବିର୍ସା ମୁଣ୍ଡା ହାଇସ୍କୁଲ ଜମିକୁ ନେଇ ବିବାଦ

**ଖେଳପଡ଼ିଆକୁ ବିରୋଧ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ**

ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)



ବିର୍ସା ମୁଣ୍ଡା ସ୍କୁଲ୍ ପଡ଼ିଆ ବିବାଦକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ଭାଲୁପାଲି ଗ୍ରାମବାସୀ।

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଶର୍ଙ୍କମା ଭାଲୁପାଲି ଗ୍ରାମରେ ଥିବା ବିର୍ସା ମୁଣ୍ଡା ହାଇସ୍କୁଲ ଜମିକୁ କେନ୍ଦ୍ର କରି ଏକ ଗୁରୁତର ବିବାଦ ଦେଖାଦେଇଛି। ଏହାକୁ ଖେଳପଡ଼ିଆ ଭାବେ ବ୍ୟବହାର କରିବାକୁ ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ଜଣେ ସ୍ଥାନୀୟ ମହିଳା ବିରୋଧ କରୁଛନ୍ତି। ଏହା ବିରୋଧରେ ଗ୍ରାମବାସୀ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ମହିଳା ଜଣକ ଗ୍ରାମବାସୀଙ୍କ ନିଷ୍ପତ୍ତିର ବିରୋଧ କରି ଥାନାରେ ଗ୍ରାମବାସୀଙ୍କ ନାମରେ ମିଥ୍ୟା ଏତଲା ଦେଇ ଭୟଭୀତ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ମକରଧ୍ୱଜ ମୁଣ୍ଡାଙ୍କ ନେତୃତ୍ୱରେ ଗ୍ରାମର ବହୁ ପୁରୁଷ ଓ ମହିଳା ଏକତ୍ରିତ ହୋଇ ଜିଲାପାଳଙ୍କୁ ସାକ୍ଷାତ କରି ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ପୂର୍ବପୁରୁଷ ନିଜର ଚାଷ ଜମି ଦାନ କରି ଏହି ସ୍କୁଲ ନିର୍ମାଣ କରିଥିଲେ। କିନ୍ତୁ ବର୍ତ୍ତମାନ କୌଣସି କାରଣରୁ ସ୍କୁଲଟି ବନ୍ଦ ରହିଥିବାରୁ ଗ୍ରାମବାସୀ ଏହାକୁ ଖେଳପଡ଼ିଆ ଭାବେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇ ଏହାର ଉନ୍ନତିକରଣ କାର୍ଯ୍ୟ ମଧ୍ୟ କରୁଛନ୍ତି। ଆର୍‌ଆଇଙ୍କୁ ଡାକି ଖୁଣ୍ଟ ପୋତି ସୀମା ନିର୍ଦ୍ଧାରଣ କରୁଥିବା ସମୟରେ ଜଣେ ମହିଳା ସେଠାରେ ପହଞ୍ଚି ଜେସିବି ଲଗାଇ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ନେଇ ପୂର୍ବରୁ ମଧ୍ୟ ଗ୍ରାମବାସୀ ଜିଲାପାଳ, ତହସିଲଦାର, ଆରଆଇ ଅଫିସ ଏବଂ ଓକିଲ ସଂଘକୁ ଅବଗତ କରି ସାରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇପାରି ନାହିଁ। ତେବେ ଜଣେ ମହିଳାଙ୍କ ପାଇଁ ସମଗ୍ର ଗ୍ରାମବାସୀ ହଇରାଣ ହେଉଥିବାରୁ ଗ୍ରାମବାସୀ ଏହାର ଉଚିତ ତଦନ୍ତ ସହ ସେମାନଙ୍କ ସୁରକ୍ଷା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ତେବେ ଜିଲାପାଳ ଉପଯୁକ୍ତ ତଦନ୍ତ ପୂର୍ବକ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି।

# ବରଗଡ଼ ଯିବାବେଳେ ବସ୍‌ରେ ଯାତ୍ରୀଙ୍କ ମୃତ୍ୟୁ

**ସମ୍ବଲପୁର/ବରଗଡ଼,୧୭।୪ (ପ୍ରମୋଦ ବହିଦାର/ପ୍ରେମାନନ୍ଦ ଖମାରୀ):** ସମ୍ବଲପୁର ଅଇଁଠାପାଲି ବସଷ୍ଟାଣ୍ଡରେ ଗୁରୁବାର ସନ୍ଧ୍ୟାରେ ବସ୍ ଭିତରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଯାତ୍ରୀ ଜଣକ ହେଲେ ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ କରଣ୍ଡୁଲା ଦାମପାଲି ଗ୍ରାମର କୁଳମଣି କୁମ୍ଭାର(୩୦)। ଗୁରୁବାର ସନ୍ଧ୍ୟାରେ କୁଳମଣି ବରଗଡ଼ ଯିବା ପାଇଁ ଅଇଁଠାପାଲି ନୂଆଁବସ୍‌ଷ୍ଟାଣ୍ଡରେ ଏକ ଘରୋଇ ବସ୍‌ରେ ବସିଥିଲେ। ଏହି ସମୟରେ ସେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ଏହାଦେଖି ସହଯାତ୍ରୀମାନେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଅଇଁଠାପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କୁଳମଣିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତାଙ୍କ ଆଧାରକାର୍ଡରୁ ତାଙ୍କ ପରିଚୟ ପାଇ ଏସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରିବାର ଲୋକ ଖବର ପାଇ ରବିବାର ସମ୍ବଲପୁର ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତକ କୁଳମଣିଙ୍କ ଭଉଣୀ ମମତା ଅଗ୍ରୱାଲ ତାଙ୍କ ଭାଇଙ୍କୁ ଅତ୍ୟଧିକ ମାଡ଼ ମରାଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ଏକ ଗୁରୁତର ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି, ତାଙ୍କ ଭାଇ କୁଳମଣି ବରଗଡ଼ ଜିଲା ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ବାନ୍ଧୁଟିକରାର ଜଣେ ବ୍ୟକ୍ତିଙ୍କ ନିକଟରେ ପିକ୍‌ଅପ୍ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ତେବେ ୨ଦିନ ତଳେ ଅନ୍ୟଜଣେ ଚାଳକଙ୍କ ସହ ସେ ବରଗଡ଼ ଜିଲା ଆମ୍ଭାଭୋନା ଯାଇଥିବାବେଳେ ତାଙ୍କ ଗାଡ଼ି ଦୁର୍ଘଟଣା ହୋଇଥିଲା। ଖବରପାଇ ଗାଡ଼ି ମାଲିକ ଘଟଣାସ୍ଥଳରେ ପହଞ୍ଚି କୁଳମଣିଙ୍କୁ ମାଡ଼ ମାରିଥିଲେ। ଏପରିକି ସେ ଅସୁସ୍ଥତା ଅନୁଭବ କରୁଥିଲେ ସୁଦ୍ଧା ଗାଡ଼ି ମାଲିକ ତାଙ୍କୁ ଘରକୁ ଛାଡ଼ି ନ ଥିଲେ ଓ ଅନ୍ୟଜଣେ ଚାଳକଙ୍କ ସହିତ ତାଙ୍କୁ ଉକ୍ତ ଗାଡ଼ିରେ ରାଉରକେଲା ପଠାଇଥିଲେ। ସେଠାରେ ପହଞ୍ଚି କୁଳମଣି ଗୁରୁବାର ଏକାକୀ ଟ୍ରେନ୍‌ରେ ସମ୍ବଲପୁର ଆସି ବରଗଡ଼ ଯିବା ପାଇଁ ଏଠାରେ ଉକ୍ତ ବସ୍‌ରେ ବସିଥିଲେ। ମାତ୍ର ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି ତାଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଇଁଠାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।



କୁଳମଣି କୁମ୍ଭାର



ପଲ୍ଲୀ ଭାରତୀ ୟୁଥ କ୍ଲବ ଦ୍ୱାରା ସମ୍ବଲପୁରୀ ପ୍ରାଚୀନ ନୃତ୍ୟ କଳା ପ୍ରଦର୍ଶନ।

# ସମ୍ବଲପୁରୀ ପ୍ରାଚୀନ ନୃତ୍ୟ କଳା ପ୍ରଦର୍ଶନ

**ଜମନକିରା, ୧୭।୪(ରବୀନ୍ଦ୍ର ଦାନୀ)**

ସମ୍ବଲପୁର ଜିଲା ରେଙ୍ଗଲୋଇ ଡିପିଏ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ସମ୍ବଲପୁର ପଲ୍ଲୀ ଭାରତୀ ୟୁଥ କ୍ଲବ ଦ୍ୱାରା ସମ୍ବଲପୁରୀ ପ୍ରାଚୀନ ନୃତ୍ୟ କଳା ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉପମା ପଟେଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କୁଚିଣ୍ଡା ଏସଡିଏମଓ ଡ଼ା. ସୁବୋଧ କୁମାର ନାୟକ ଯୋଗଦେଇ ନୃତ୍ୟ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ତିଳୋତ୍ତମା ସୋହେଲା, ସହକାରୀ ଶିକ୍ଷକ ପ୍ରଫୁଲ୍ଲ ନାୟକ, ଶ୍ୟାମ ସୁନ୍ଦର ପଟେଲ, ପ୍ରଶାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପଲ୍ଲୀ ଭାରତୀ ୟୁଥ କ୍ଲବ ସମ୍ବଲପୁର ଜିଲାର ଏକ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ହୋଇଥିବା ବେଳେ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ପ୍ରାଚୀନ ନୃତ୍ୟ କଳା ସଂସ୍କୃତି ଓ ନୃତ୍ୟ କଳାର ପ୍ରଦର୍ଶନ, ପ୍ରସାର ଓ ପ୍ରଚାର ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠାନ ତରଫରୁ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରେଙ୍ଗୋଲୋଇ ଉଚ୍ଚ ବିଦ୍ୟାଳୟରେ ବଡ ଧୁମଧାମରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଲ୍ଲୀ ଭାରତୀ ୟୁଥ କ୍ଲବର ଡ୍ୟାନ୍ସ ମାଷ୍ଟର୍ ଦିନେଶ କୁମାର ନାଏକଙ୍କ ତତ୍ତ୍ୱାବଧାନ ତଥା ପ୍ରଶିକ୍ଷଣରେ ଶୁଭ୍ରା ସୁମନ ଦୋରା, ମମତା କିସାନ, ସୁରଭି ସୁହୁଲା, ବୀଣା ଦେହୁରୀ ଏବଂ ଆଲୋକ ନାଗ ପ୍ରମୁଖ ସମେତ ବହୁ କଳାକାର ନୃତ୍ୟ ପରିବେଷଣ କରିଥିଲେ।

# କଫ୍ ସିରପ୍, ମଦ ଜବତ

ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)

ବୁର୍ଲା ଥାନା ଅନ୍ତର୍ଗତ ଜାମପାଲି ଅଞ୍ଚଳରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ଗିରଫ ମହିଳା ଜଣକ ହେଲେ ଜାମପାଲି ଗ୍ରାମର ବିନୋଦିନୀ ସେଠ(୪୨)। ତାଙ୍କ ନିକଟରୁ ପୋଲିସ ଶହେ ମିଲିଲିଟର ବିଶିଷ୍ଟ ୪୪ ବୋତଲ ସିଲ୍ଡ ନିଶା କଫ ସିରପ୍, ୪ଟି ନିଶା ବଟିକା ଏବଂ ଦୁଇଶହ ମିଲିଲିଟ୍‌ର ବିଶିଷ୍ଟ ୨୩ଟି ମଦ ପାଉଚ ଜବତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ବୁର୍ଲା ପୋଲିସର ଏକ ସ୍ୱତନ୍ତ୍ର ଦଳ ପାଟ୍ରୋଲିଂ କରୁଥିବା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜାମପାଲିସ୍ଥିତ ଏକ ଖୋଲା ପଡ଼ିଆରେ ଚଢ଼ାଉ କରି ନିଶାଦ୍ରବ୍ୟ ସହିତ ମହିଳାଙ୍କୁ ଗିରଫ କରିଛି। ଏହାକୁ ନେଇ ବୁର୍ଲା ଥାନାରେ କେସ୍ ନମ୍ବର ୧୬୨/୨୦୨୬ରେ ଏକ ଅବକାରୀ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ଏହାସହ ମହିଳା ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ରେମେଡ଼ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ସମ୍ବଲପୁର ରେମେଡ଼ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ଜିଲା ବିଜେଡି ନେତୃବୃନ୍ଦ।

**ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)**

**ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ**

ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀମାନେ ସମ୍ମିଳିତ ହୋଇ ସମ୍ବଲପୁର ଉପକଣ୍ଠ ରେମେଡ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ନେତା ବସନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ନେତୃବୃନ୍ଦ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ ପୂର୍ବକ ଓଡ଼ିଶା ଗଠନରେ ଥିବା ଅବଦାନ ଓ ତାଙ୍କର ସାହସିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନେତା ସୁରୁବାବୁ ମେହେର, ବେଣୁଧର ଦାସ, ଯୁବ ବିଜେଡି ଜିଲା ସଭାପତି ପ୍ରଦୋଷ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ୍ ମରେଇ, ରୁଦ୍ର ଷଡ଼ଙ୍ଗୀ, ବିକାଶ ଖେତି, ମଞ୍ଜୁ ଓରାମ, ଉତ୍ତମ ବାଗ ଓ ସମୀର ପଟ୍ଟନାୟକ ମଧ୍ୟ ସାମିଲ ହୋଇଥିଲେ। ସେହିପରି ମହିଳା ବିଜେଡି ପକ୍ଷରୁ ରାଜ୍ୟ ଉପସଭାନେତ୍ରୀ ଉଷା ପ୍ରଧାନ, ଜିଲା ସଭାନେତ୍ରୀ ସଂଯୁକ୍ତା ମେହେରଙ୍କ ସମେତ ତ୍ରିବେଣୀ ପଣ୍ଡା, ନନ୍ଦିନୀ

# ୨୪୦ ପ୍ରକଳ୍ପ ୧୮୦ଦିନରେ ସାରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭।୪(ରବିନାରାୟଣ ଜେନା)**

**ବ୍ରଜରାଜନଗର ନିର୍ମାଣାଧୀନ ପ୍ରକଳ୍ପ ସମୀକ୍ଷା ବୈଠକ**

ବ୍ରଜରାଜନଗର ପୌରାଞ୍ଚଳରେ ନିର୍ମାଣାଧୀନ ୨୪୦ଟି ପ୍ରକଳ୍ପକୁ ଆଗାମୀ ୬ ମାସ ମଧ୍ୟରେ ତୁରନ୍ତ ସାରିବାକୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଶୁକ୍ରବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ କହିଛନ୍ତି, ଯେଉଁ ଠିକାଦାର ଅଥବା ସଂସ୍ଥାମାନେ କାମ କରୁନାହାନ୍ତି କିମ୍ବା ବିଭିନ୍ନ କ୍ଷେତ୍ରରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଦିଗରେ ବିଭାଗୀୟ ଅଧିକାରୀମାନେ କଠୋର ହେବାକୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ସୁପର୍ ମାର୍କେଟ୍, ନଦୀତଟର ସୌନ୍ଦର୍ଯ୍ୟକରଣ, ଚଣ୍ଡୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପାଠାଗାର ଆଦିର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏଥିସହିତ କଲ୍ୟାଣ ମଣ୍ଡପ, ଅଡିଟୋରିୟମ୍, ଅଟଳ ବସ୍ ଷ୍ଟାଣ୍ଡ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଇବ୍ ନଦୀତଟରେ ନୂତନ ରିଂ ରୋଡ୍ ତଥା ନଦୀବନ୍ଧ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ମନ୍ତ୍ରୀ ପୂଜାରୀ ଆଲୋଚନା କରିଛନ୍ତି। ସେହିପରି ସାଧାରଣ ଲୋକଙ୍କ ମତାମତ ନେଇ ଯଥାଶୀଘ୍ର ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଖସଡ଼ା ପ୍ରସ୍ତୁତି ପୂର୍ବକ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଦାମରୁ ଲକ୍ଷେ ଟଙ୍କାର ମସଲା ଚୋରି: ୨ କର୍ମଚାରୀ ଗିରଫ

**ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)**

ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ଜଲାନ ଗଳିରେ ଥିବା ଜଣେ ମସଲା ବ୍ୟବସାୟୀଙ୍କ ଗୋଦାମରୁ ପ୍ରାୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ମସଲା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ବ୍ୟବସାୟୀଙ୍କ ଅଭିଯୋଗକୁ ଭିତ୍ତିକରି କ୍ଷେତରାଜପୁର ପୋଲିସ ନଂ. ୮୪/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜ ଏବଂ ଅନ୍ୟାନ୍ୟ ପ୍ରମାଣକୁ ଯାଞ୍ଚ କରି ପୋଲିସ ସେହି ଗୋଦାମରେ କାମ କରୁଥିବା ୨ କର୍ମଚାରୀଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ କୁମ୍ଭାରପଡା ନିବାସୀ ପ୍ରଥମ ମେହେର(୧୯) ଏବଂ ଅମରିପଡା ନିବାସୀ ଅର୍ଜୁନ ସିଂ(୩୦)। ପୋଲିସ ସେମାନଙ୍କ ନିକଟରୁ ଚୋରି ହୋଇଥିବା ସମସ୍ତ ମସଲା ସାମଗ୍ରୀ ଜବତ କରିଛି। ଶୁକ୍ରବାର ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ଓବିସି ବର୍ଗଙ୍କ ସ୍ୱତନ୍ତ୍ର ଗଣନା କର

**ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)**



ସାମ୍ବାଦିକ ଭବନରେ ଓବିସି ମଞ୍ଚର ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ମଞ୍ଚର କର୍ମକର୍ତ୍ତାବୃନ୍ଦ।

- ୨୨ରେ ରାଜଧାନୀରେ ଓବିସି ମଞ୍ଚର ବିକ୍ଷୋଭ
- ଜନଗଣନାର ୧୩ ନମ୍ବର ସ୍ତମ୍ଭରେ ଏସ୍‌ସି ଓ ଏସ୍‌ଟି ସହ ଓବିସିଙ୍କୁ ସ୍ଥାନିତ କରିବାକୁ ଦାବି

ଜନଗଣନା ପ୍ରକ୍ରିୟାରେ ଅନ୍ୟାନ ପଛୁଆ ବର୍ଗ(ଓବିସି)ମାନଙ୍କୁ ଚରମ ଉପେକ୍ଷା କରାଯାଇଛି। ତେଣୁ ଓବିସି ମଞ୍ଚ ପକ୍ଷରୁ ଏହାର ପ୍ରତିବାଦରେ ଆସନ୍ତା ୨୨ରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଓବିସି ମଞ୍ଚର ସଭାପତି ଶଙ୍କର କୁମାର ପାତ୍ର ଏହି ସୂଚନା ଦେଇଛନ୍ତି। ସେ ଚଳିତ ଜନଗଣନାରେ ଓବିସିଙ୍କ ପାଇଁ ସ୍ୱତନ୍ତ୍ର ଗଣନାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଜନଗଣନାର ୧୩ ନମ୍ବର କଲମରେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗ ସହିତ ଓବିସି ବର୍ଗଙ୍କୁ ଉଲ୍ଲେଖ କରିବାକୁ ଓବିସି ମଞ୍ଚ ପକ୍ଷରୁ ସେ ଦୃଢ଼ ଦାବି କରିଛନ୍ତି। ସଭାପତି ପାତ୍ର କହିଛନ୍ତି, ଦେଶର ପ୍ରାୟ ୭୫ କୋଟି ଏବଂ ଓଡ଼ିଶାର ପ୍ରାୟ ୨ କୋଟି ୩୦ ଲକ୍ଷରୁ ଅଧିକ ଓବିସି ବର୍ଗଙ୍କୁ ବାଦ୍ ଦେଇ 'ବିକଶିତ ଭାରତ'ର ପରିକଳ୍ପନା ସମ୍ପୂର୍ଣ୍ଣ ଭିତ୍ତିହୀନ। ଆସନ୍ତା ୨୨ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଓବିସି ମଞ୍ଚର ସଦସ୍ୟ ଓ କର୍ମୀ ଭୁବନେଶ୍ୱରରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବେ। ଯଦି ସରକାର ଏହି ଦାବି ପ୍ରତି କର୍ଣ୍ଣପାତ ନ କରନ୍ତି, ତେବେ ଆଗାମୀ ଦିନରେ ଲୋକଙ୍କୁ ସଚେତନ କରାଯାଇ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ଏହି ଅବସରରେ ଚେତାବନୀ ଦେଇଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଏବଂ ସମ୍ବଲପୁର ଜିଲା ଆବାହକ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମିଷ୍ଟର, ମିସ୍ ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀଙ୍କୁ ସମ୍ବର୍ଦ୍ଧନା

**ଉର୍ମିଳା ବେହେରାଙ୍କ ମିସ୍ ଇଣ୍ଡିଆ ଟାଇଟଲ ହାସଲ**

**ସମ୍ବଲପୁର,୧୭।୪(ବି.ଶଙ୍କର)**




ସମ୍ବଲପୁର ବଡି ବିଲଡର ଆଣ୍ଡ ଫିଟନେସ ଆସୋସିଏଶନ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ।

ସମ୍ବଲପୁର ବଡି ବିଲଡର ଆଣ୍ଡ ଫିଟନେସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଜୟ ମାତାଦି ଜିମଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ରାତି ୮ଟାରେ ଅନୁଷ୍ଠିତ ହୋଇଥିଲା। ବିହାର ରାଜ୍ୟର ଗୟାଠାରେ ଚଳିତ ମାସ ୧୨ ଓ ୧୩ ତାରିଖ ହୋଇଥିବା ମିଷ୍ଟର ଏବଂ ମିସ୍ ଇଣ୍ଡିଆ-୨୦୨୬ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ୨୩୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତେବେ ଓଡ଼ିଶା କଳିଙ୍ଗ ବଡି ବିଲଡିଂ ଆସୋସିଏଶନର ସମ୍ପାଦକ ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ୧୭ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ସମ୍ବଲପୁରରୁ ୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ତେବେ ଏହି ପ୍ରତିଯୋଗିତାରେ ସମ୍ବଲପୁରର ଉର୍ମିଳା ବେହେରା ମହିଳା ବର୍ଗରେ ମିସ୍ ଇଣ୍ଡିଆ ଟାଇଟଲ ହାସଲ କରିଛନ୍ତି। ସେହିପରି ୮୦ କେଜି ବର୍ଗରେ ଶଙ୍କର ମେହେର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଜୟନ୍ତ ବାଗ ୬୫ କେଜି ବର୍ଗରେ ତୃତୀୟ ସ୍ଥାନ ହାସଲ କରି ସମ୍ବଲପୁରକୁ ଗର୍ବିତ କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜର୍ମାନୀଠାରେ ଅନୁଷ୍ଠିତ ହେବାକୁ ଥିବା ମିଷ୍ଟର ୱାର୍ଲ୍ଡ ଓ ମିସ ୱାର୍ଲ୍ଡ ପ୍ରତିଯୋଗିତାରେ ଉର୍ମିଳା ବେହେରା ଓ ଶଙ୍କର ମେହେର ଭାଗ ନେବେ ବୋଲି ଶୁକ୍ରବାର ସମ୍ବଲପୁର ବଡି ବିଲଡର ଆଣ୍ଡ ଫିଟନେସ ଆସୋସିଏଶନ କର୍ମକର୍ତ୍ତାମାନେ ଖବରଦାତାଙ୍କୁ ସୂଚିତ କରିଛନ୍ତି। ସମ୍ବଲପୁର ବଡି ବିଲଡିଂ ଆଣ୍ଡ ଫିଟନେଶ ଆସୋସିଏଶନ ସଭାପତି ସତୀଶ ବିଶିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ଅମିତାଭ ପରିଡା, ରାଜ୍ୟ ସମ୍ପାଦକ ନିଶାନ୍ତ ବହିଦାର, କାର୍ଯ୍ୟକାରିଣୀ ସଦସ୍ୟ ଭୋଲାଶଙ୍କର ମହନ୍ତମ, ଅଶ୍ୱନୀ ପାଢ଼ୀ, ସନ୍ୟାସୀ ବାରିକ, ଦୁଲାଲ ଚନ୍ଦ୍ର ରାୟ, ଅନିଲ ଦାସ, ଆୟୁଷ ବହିଦାର, କପିଳ ତାଣ୍ଡି, ଚିତ୍ତରଞ୍ଜନ କୁମ୍ଭାର, ବିଷ୍ଣୁ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।



ବିଏସ୍ଇ ସେନ୍ସେକ୍ସ
୭୮,୪୯୩ (+୫୦୪.୮୬)



୧ ଡଲାର = ୯୨.୪୮ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୮୨.୯୦ ଡଲାର

# ଅକ୍ଷୟ ତୃତୀୟା ପୂର୍ବରୁ ସୁନାରୁପା ଆମଦାନୀରେ ଅନିଶ୍ଚିତତା

**ନୂଆଦିଲ୍ଲୀ,୧୭।୪**

ଅକ୍ଷୟ ତୃତୀୟା ପର୍ବ ଆସୁଥିବା ସମୟରେ ଭାରତର ସୁନା ଓ ରୁପା ବଜାରରେ ଉତ୍ସାହ ଦେଖାଯାଉଥିବା ବେଳେ ଆମଦାନୀ ନେଇ ଏକ ବଡ଼ ଅନିଶ୍ଚିତତା ସୃଷ୍ଟି ହୋଇଛି। ଭାରତୀୟ ବ୍ୟାଙ୍କଗୁଡ଼ିକ ବିଦେଶରୁ ସୁନା ଓ ରୁପା ଆମଦାନୀରେ ଅସ୍ଥାୟୀ ରୋକ ଲଗାଇଛନ୍ତି। ଏହାଦ୍ୱାରା ପ୍ରାୟ ୫ ଟନ୍ ସୁନା ଓ ୮ ଟନ୍ ରୁପା କଷ୍ଟମରେ ଫସି ରହିଛି। ଏହି ପରିସ୍ଥିତି ଅକ୍ଷୟ ତୃତୀୟା ପର୍ବକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅକ୍ଷୟ ତୃତୀୟାରେ ସୁନାରୁପା କିଣିବା ଅତ୍ୟନ୍ତ ଶୁଭ ବିବେଚନା କରାଯାଉଥିବାବେଳେ ଯଦି ଆମଦାନୀ ପ୍ରତିବନ୍ଧକ ଜାରି ରହେ ତେବେ ଘରୋଇ



ବଜାରରେ ଯୋଗାଣ କମିବ ଏବଂ ଦର ବଢ଼ିପାରେ। ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଥିବା ବିଦେଶ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍ଟି) ପ୍ରତି ଆର୍ଥିକ ବର୍ଷର ଆରମ୍ଭରେ ସୁନାରୁପା ଆମଦାନୀ ପାଇଁ ଅଧିକୃତ ବ୍ୟାଙ୍କଗୁଡ଼ିକର ତାଲିକା ପ୍ରକାଶ କରେ। ପୂର୍ବ ଆଦେଶ ୨୦୨୫ରେ ଜାରି ହୋଇ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୈଧ ଥିଲା। ନୂଆ ଆର୍ଥିକ ବର୍ଷ ଆରମ୍ଭ ହୋଇଥିବାରୁ ବ୍ୟାଙ୍କଗୁଡ଼ିକ ନୂଆ ଡିଜିଏଫ୍ଟି ନିର୍ଦ୍ଦେଶର ଅପେକ୍ଷା କରିଛନ୍ତି। ଏହି ବିଳମ୍ବ ଯୋଗୁ ନୂଆ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଆମଦାନୀ ସ୍ଥଗିତ ରହିଛି। ଭାରତ ସୁନା, ରୁପାର ଏକ ବଡ଼ ଉପଭୋକ୍ତା ହୋଇଥିବାରୁ ଆମଦାନୀ ରୋକ ଘରୋଇ ବଜାରକୁ ପ୍ରଭାବିତ କରିପାରେ। ଏହା ଯୋଗୁ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଦର ପ୍ରଭାବିତ ହେବା ଆଶଙ୍କା ରହିଛି। ଯଦି ପରିସ୍ଥିତି ଶୀଘ୍ର ସମାଧାନ ନ ହୁଏ ତେବେ ଅକ୍ଷୟ ତୃତୀୟା ଦିନ ସୁନାରୁପା ଦର ବଢ଼ିପାରେ। ଏହା କେବଳ ବଜାର ଉପରେ ନୁହେଁ, ସାଧାରଣ ଲୋକଙ୍କ ପକେଟ ଉପରେ ମଧ୍ୟ ଚାପ ପକାଇପାରେ। ତେବେ ସରକାରୀ ସ୍ତରରେ ଶୀଘ୍ର ନିର୍ଦ୍ଦେଶ ଜାରି ହେବା ଆଶା କରାଯାଉଛି।

# ନିୟମ ପାଳନ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ରହିଛି

**କଳିଙ୍ଗ ବାୟୋମେଡିକାଲର ପ୍ରତିଷ୍ଠାତା ଇଂ. ମନୋଜ କୁମାର ନାୟକ ଭଦ୍ରକ ଜିଲାରେ ଜନ୍ମଗ୍ରହଣ କରିଥିଲେ ଏବଂ ରାଉରକେଲାରେ ସ୍କୁଲ ପଢ଼ା ସାରିଥିଲେ। ପରେ ବ୍ରହ୍ମପୁରର ୟୁସିପିଇଏସ୍‌ରେ ଯୋଗଦେଇ ବାୟୋଟେକ୍‌ରେ ଡିପ୍ଲୋମା କରିଥିଲେ ଏବଂ ଭୁବନେଶ୍ୱରର ଏମ୍ଆଇଇଟିରୁ ବାୟୋମେଡିକାଲ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। କ୍ରମେ ଉଦ୍ୟୋଗ ଜଗତରେ ପାଦ ଦେଇ ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିବା ଇଂ. ନାୟକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**




ଇଂ. ମନୋଜ କୁମାର ନାୟକ

**ପ୍ର- ମେଡିକାଲ ଇକ୍ୱିପ୍‌ମେଣ୍ଟ ବ୍ୟାପାର ଓ ବଣ୍ଟନ ଶିଳ୍ପ କେଉଁ କେଉଁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି?**

ଉ- ନିୟମାବଳୀ ପାଳନ କ୍ଷେତ୍ରରେ ବିଭିନ୍ନ ଚ୍ୟାଲେଞ୍ଜ ଥାଏ ବିଶେଷକରି ଏମ୍ସ୍, ଓଏସ୍ଏମ୍ସିଏଲ, ଜିଇଏମ୍ ଆଦିରେ କ୍ରୟ କ୍ଷେତ୍ରରେ ଏହି ସବୁ ଚ୍ୟାଲେଞ୍ଜ ଦେଖାଯାଏ। ୟୁଏସ୍ଏଫ୍ଡିଏ, ମେକ୍ ଇନ୍ ଇଣ୍ଡିଆ ଧାରା, ସିଡିଏସ୍ସିଓ ଲାଇସେନ୍ସ ଆଦି ମଧ୍ୟ ଗୋଟିଏ ଗୋଟିଏ ଚ୍ୟାଲେଞ୍ଜ । ନିୟମାବଳୀ ଓ ପାଳନ ଦୃଷ୍ଟିରୁ ମେଡିକାଲ ଇକ୍ୱିପମେଣ୍ଟଗୁଡ଼ିକ ବୃତ୍ତିଗତ ବ୍ୟକ୍ତିଙ୍କ ଦ୍ୱାରା କାରବାର ହେବା ଉଚିତ୍, ଯାହା ରୋଗୀଙ୍କ ସୁରକ୍ଷା ପାଇଁ ଜରୁରୀ। ମୂଲ୍ୟ କଥା କହିଲେ, ନୂଆ ଜିଏସ୍ଟି ନିୟମ ଅନୁଯାୟୀ ଟ୍ୟାକ୍ସ ସ୍ଲାବ୍ ୧୮% ରୁ ୫%କୁ କମିଥିବାରୁ ଏହା ବର୍ତ୍ତମାନ ଅଧିକ ସୁବିଧାଜନକ ହୋଇଛି।

**ପ୍ର- କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ସେବା ବଢ଼ିବା ଫଳରେ କ୍ରିଟିକାଲ କେୟାର ଓ ଘରେ ବ୍ୟବହାର ହେଉଥିବା ଜିନିଷଗୁଡ଼ିକର ଚାହିଦା ବଢ଼ିଛି କି ?**

ଉ- ହଁ। କୋଭିଡ୍ ମହାମାରୀ କ୍ରିଟିକାଲ କେୟାର ଏବଂ ଘରେ ବ୍ୟବହାର ହେଉଥିବା ଜିନିଷଗୁଡ଼ିକର ଗୁରୁତ୍ୱ ଦେଖାଇଦେଲା । ବିଶେଷ କରି ଅକ୍ସିଜେନ କନ୍‌ସେଣ୍ଟ୍ରେଟର, ମାସ୍କ, ପଲ୍ସ ଅକ୍ସିମିଟର ଆଦି । ଅନେକ ଅଣ-ମେଡିକାଲ କମ୍ପାନୀ ମଧ୍ୟ ଏସବୁ ଆମଦାନି କରି ଏବେ ସଫଳ ମେଡିକାଲ କମ୍ପାନୀ ହୋଇଗଲେ।

**ପ୍ର- ଏକ ପ୍ରତିଯୋଗିତାମୂଳକ ଡାଇଗ୍ନୋଷ୍ଟିକ୍ ଏବଂ କ୍ରିଟିକାଲ୍ କେୟାର ଉପକରଣ ଶିଳ୍ପରେ ଆପଣ ଆପଣଙ୍କର ଉପକରଣଗୁଡ଼ିକ କିପରି ସ୍ୱତନ୍ତ୍ର କରିପାରିଛନ୍ତି?**

ଉ-ଆମେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ଉପକରଣ ଯୋଗାଇବା ପାଇଁ ଏକ ଦୃଷ୍ଟିକୋଣ ସହିତ କଳିଙ୍ଗ ବାୟୋମେଡିକାଲ୍ ଆରମ୍ଭ କରିଥିଲୁ। ପ୍ରଫେସନାଲ ବାୟୋମେଡିକାଲ୍ ଇଞ୍ଜିନିୟରମାନଙ୍କ ଏକ ଟିମ୍ ଦ୍ୱାରା ପରିଚାଳିତ ହୋଇ ଆମେ ପାରମ୍ପରିକ ଯୋଗାଣକାରୀମାନଙ୍କଠାରୁ ଅଧିକ ଭଲ ପ୍ରଦର୍ଶନ କରିପାରିଛୁ। ମାନବ ଶରୀର ଗଠନ ବିଷୟରେ ଆମର ଜ୍ଞାନକୌଶଳ, ଡାକ୍ତର ଏବଂ ହସ୍ପିଟାଲ ମାଲିକଙ୍କ ସମେତ ଆମର ଗ୍ରାହକମାନଙ୍କୁ ପ୍ରଭାବଶାଳୀ, କଷ୍ଟମାଇଜ୍ ସମାଧାନ ପ୍ରଦାନ କରିବାରେ ସକ୍ଷମ କରିଥାଏ।

**ପ୍ର- ଆଗକୁ ଓଡ଼ିଶାରେ ବିକ୍ରି ବୃଦ୍ଧି କରିବେ ନା ରାଜ୍ୟ ବାହାରକୁ ବ୍ୟବସାୟ ସମ୍ପ୍ରସାରଣ କରିବେ?**

ଉ- କେବଳ ରାଜ୍ୟ ଭିତରେ ସାରା ଦେଶରେ ବ୍ୟବସାୟ ସମ୍ପ୍ରସାରଣ କରିବା ଆମର ଦୀର୍ଘକାଳୀନ ଯୋଜନା ରହିଛି। ଅନ୍ୟ ରାଜ୍ୟଗୁଡ଼ିକୁ ଅଧିକ ଓଡ଼ିଶାରେ ଉତ୍ପାଦନ ହୋଇଥିବା ମେଡିକାଲ ଉପକରଣ ଯୋଗାଇବା ଲକ୍ଷ୍ୟ ରହିଛି।

**ପ୍ର- ଆପଣଙ୍କର ଔଦ୍ୟୋଗିକ ଯାତ୍ରା କିପରି ଆରମ୍ଭ ହୋଇଥିଲା ଓ ଏହି କ୍ଷେତ୍ରରେ ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଯେତେବେଳେ ମୁଁ ଅନ୍ୟ ଯୋଗାଣକାରୀ କମ୍ପାନୀ ଓ ଏମ୍ଏନ୍ସି କମ୍ପାନୀରେ କାମ କରୁଥିଲି, ମୁଁ ଦେଖିଲି ଯେ ମେଡିକାଲ ଯନ୍ତ୍ର ବ୍ୟବସାୟରେ ବୃତ୍ତିଗତତା କମ୍ ଅଛି । ଗ୍ରାହକଙ୍କୁ ଯନ୍ତ୍ର ବିଷୟରେ ଠିକ୍ ଜ୍ଞାନ ଦେବା ଦରକାର, ଯାହା ପାଇଁ ସେ ଟଙ୍କା ଖର୍ଚ୍ଚ କରନ୍ତି। ଏହା ମୋତେ ପ୍ରେରଣା ଦେଲା ଯେ ମୋର ବାୟୋମେଡିକାଲ ଜ୍ଞାନ ବ୍ୟବହାର କରି ସେହି ଅଭାବ ପୂରଣ କରି ଅଧିକ ଲୋକଙ୍କୁ ସାହାଯ୍ୟ କରିବା । ଯୁବୋଦ୍ୟୋଗୀଙ୍କୁ ମୋର ପରାମର୍ଶ ହେଉଛି ଯଦି ଆପଣ ମେଡିକାଲ ଡିଭାଇସ୍ ଏବଂ ହ୍ୟୁମାନ୍ ଆନାଟୋମିକୁ ଭଲ ପାଆନ୍ତି ତେବେ ଏହି କ୍ଷେତ୍ରରେ ଆପଣ ଆପଣଙ୍କ ସ୍ୱପ୍ନର ବଡ଼ କମ୍ପାନୀ ତିଆରି କରିପାରିବେ ।

# ଯାତ୍ରୀସେବାରେ ପୂର୍ବତଟ ରେଳପଥର ପ୍ରଗତି

**ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଅନେକ ପ୍ରଗତି କରିଛି। ଟ୍ରାକ୍ ସୁରକ୍ଷିତ କରିବା, ଟ୍ରେନ୍ ଗତି ବଢ଼ାଇବା ଏବଂ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧା ଯୋଗାଇବା କ୍ଷେତ୍ରରେ ଏହି ଜୋନ୍ ରେକର୍ଡ ସ୍ତରର କାର୍ଯ୍ୟ କରିଛି। ଯାତ୍ରୀଙ୍କ ସୁବିଧା ବଢ଼ାଇବା ପାଇଁ ୭୩ଟି ପ୍ଲାଟ୍‌ଫର୍ମରେ କଂକ୍ରିଟ ପୃଷ୍ଠ ଲଗାଯାଇଛି। ଏହି ଅବଧି ମଧ୍ୟରେ ୬୯ଟି ଉଚ୍ଚସ୍ତରୀୟ ପ୍ଲାଟ୍‌ଫର୍ମ ନିର୍ମାଣ କରାଯାଇଛି, ଯାହା ଯାତ୍ରୀଙ୍କୁ ଟ୍ରେନ୍‌ରେ ସହଜରେ ଚଢ଼ିବା ଓ ଓହ୍ଲାଇବାରେ ସାହାଯ୍ୟ କରିବ। ଏଥିସହ ୩୮ଟି ଷ୍ଟେଶନରେ ଆଶ୍ରୟସ୍ଥଳୀ ବଢ଼ାଯାଇଛି ଏବଂ



୧,୦୭୩ଟିରୁ ଅଧିକ ବେଞ୍ଚ ଲଗାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ୨୦ଟି ନୂଆ ଫୁଟ୍ ଓଭର ବ୍ରିଜ୍ ତିଆରି ହୋଇଛି। ଅମୃତ ଭାରତ ଷ୍ଟେଶନ ଯୋଜନା ଅନ୍ତର୍ଗତ ୪ଟି ଷ୍ଟେଶନକୁ ଆଧୁନିକ ଓ ସୁନ୍ଦର କରାଯାଇଛି। ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ସମାବେଶୀ ବ୍ୟବସ୍ଥା ମଧ୍ୟ ବଢ଼ାଯାଇଛି। ୪୧ଟି ଷ୍ଟେଶନକୁ ଦିବ୍ୟାଙ୍ଗ ସ୍ୱାବଲମ୍ବୀ କରାଯାଇଛି। ସେମାନଙ୍କ ପାଇଁ ର୍‍ୟାମ୍ପ, ସ୍ୱର୍ଶିତ ପଥ ଏବଂ ସୁଗମ ଶୌଚାଳୟ ନିର୍ମାଣ କରାଯାଇଛି। ଟ୍ରେନ୍ ଚଳାଚଳକୁ ଶୀଘ୍ର ଓ ସୁଗମ କରିବା ପାଇଁ ଅନେକ କାମ ହୋଇଛି। ୨୩୬ କିଲୋମିଟର ରେଳପଥକୁ ୧୩୦ କି.ମି. ପ୍ରତି ଘଣ୍ଟା ବେଗରେ ଚଳାଯିବା ପାଇଁ ଉନ୍ନତ କରାଯାଇଛି ଏବଂ ୨୬୬ କିଲୋମିଟର ରେଳପଥ ୧୧୦ କି.ମି. ପ୍ରତି ଘଣ୍ଟା ବେଗ ପାଇଁ ପ୍ରସ୍ତୁତ କରାଯାଇଛି। ଏଥି ସହ ୯ଟି ଷ୍ଟେଶନରେ ଲୁପ୍ ଲାଇନ ଗତି ବଢ଼ାଯାଇଛି ଏବଂ ୨୨ଟି ସ୍ଥାୟୀ ଗତି ପ୍ରତିବନ୍ଧକ ହଟାଯାଇଛି। ସୁରକ୍ଷା କ୍ଷେତ୍ରରେ ବହୁ ଧ୍ୟାନ ଦିଆଯାଇଛି। ୨୮,୧୪୬ ଟ୍ରାକ୍ କିଲୋମିଟରରେ ଅଲ୍ଟ୍ରାସୋନିକ ପରୀକ୍ଷା କରାଯାଇଛି। ୩୯୦ କି.ମି. ରେଳ, ୫୬୭ କି.ମି. ସ୍ଲିପର ଏବଂ ୫୪୪ କି.ମି. ଫାଷ୍ଟେନିଂ ନୂଆ କରାଯାଇଛି। ଏହା ବ୍ୟତୀତ ୨୩୯ଟି ସେତୁ ମରାମତି ଏବଂ ୬୪ଟି ସେତୁ ଆପ୍ରୋଚ୍ ସୁଦୃଢ଼ କରାଯାଇଛି। କର୍ମଚାରୀ ଓ ପରିବେଶ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି। ୧୦୩ଟି ନୂଆ କ୍ୱାର୍ଟର ନିର୍ମାଣ କରାଯାଇଛି, ୧,୩୫୪ କର୍ମଚାରୀଙ୍କ ପାଇଁ ପିରିଅଡିକ୍ ମେଡିକାଲ ଚେକ୍-ଅପ୍ କରାଯାଇଛି। ୬୫ଟି ସ୍ଥାନରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଏହା ସହ ୩୯,୦୦୦ ମେଟ୍ରିକ ଟନ ସ୍କ୍ରାପ୍ ବିକ୍ରିକରି ୬୭.୩୦ କୋଟି ଟଙ୍କା ଆୟ ହୋଇଛି।

# ସିଟି ଜୁଏଲର୍ସରେ ସ୍ୱତନ୍ତ୍ର ଅଫର




**ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)**

ଭୁବନେଶ୍ୱର ରାଜମହଲସ୍ଥିତ ସିଟି ଜୁଏଲର୍ସ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ୧୦ ଗ୍ରାମ୍ ସୁନା ଦର ଉପରେ ଫ୍ଲାଟ୍ ୨୦୦୦ ଟଙ୍କାର ରିହାତି ସହ ୨୦% ମୂଲ୍ୟ ଦେଇ ସୁନା ଦର ଲକ୍ କରିବାର ସୁଯୋଗ ରହିଛି । ସେହିପରି ସୁନା ଅଳଙ୍କାର ଗଢ଼ା ମଜୁରି ୪.୯%ରୁ ଆରମ୍ଭ ହୋଇଛି। ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ରହିଛି। ହୀରା ଗହଣାର ଗଢ଼ା ମଜୁରିରେ ମଧ୍ୟ ଫ୍ଲାଟ୍ ୫୦ % ରିହାତି ରହିଛି। ଏହି ଅଫରଗୁଡ଼ିକ ଏପ୍ରିଲ ୨୬ ପର୍ଯ୍ୟନ୍ତ ଉପଲବ୍ଧ ହେବ। ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସାହୁ କହିଛନ୍ତି, ସିଟି ଜୁଏଲର୍ସରେ ପ୍ରଥମଥର ପାଇଁ ଗ୍ରାହକ ଇଟାଲିୟନ୍ ବ୍ୟାଙ୍ଗେଲ, ଦୁବାଇ ନେକ୍‌ଲେଶ୍, ଆଣ୍ଟିକ୍ ଓ ପାରମ୍ପରିକ ବିବାହ ଗହଣା ପାଇପାରିବେ। ସୁନାଗହଣାର ସୁନାର ମାନ ପରଖିବା ତଥା ପୁରୁଣା ଗହଣାର ଉଚିତ ମୂଲ୍ୟ ଦେବା ପାଇଁ ଗୋଲ୍ଡ ଟେଷ୍ଟିଂ ମେଶିନ ବ୍ୟବହାର କରାଯାଉଛି। ସେହିପରି ଗହଣା ଉପରେ ଲାଇଫ୍ ଟାଇମ୍ ରିପ୍ୟାରିଂ ସେବା ପ୍ରଦାନ କରାଯାଉଥିବା ସଞ୍ଜୀବ କହିଛନ୍ତି।

# ଆକୃଷ୍ଟ କରୁଛି ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା



**ଭୁବନେଶ୍ୱର, ୧୭।୪ (ଅନୁରାଧା ମହାରଣା)**

ଭୁବନେଶ୍ୱର ଜନତା ମଇଦାନଠାରେ ଚାଲିଥିବା ୧୩ ତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି । ଏଥର ଅଧିକାଂଶ ଜିନିଷ ଉପରେ ୩୦-୭୦% ପର୍ଯ୍ୟନ୍ତ ରିହାତି ମିଳୁଛି । ବାଣିଜ୍ୟ ମେଳାରେ ବିଭିନ୍ନ ଡିଜାଇନର କଲେକ୍ସନ ଯେମିତିକି ହସ୍ତତନ୍ତ, ହ୍ୟାଣ୍ଡଲୁମ୍‌ର ଶାଢ଼ି ଏବଂ ଡ୍ରେସ୍ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରି, ଆଣ୍ଟିକ୍ ସାମଗ୍ରୀ ଆଦିର ସମ୍ଭାର ଲାଗିଛି। ଆଧୁନିକ ଘରସଜା ଜିନିଷ ପ୍ରତି ଗ୍ରାହକ ରୁଚି ପ୍ରକାଶ କରୁଛନ୍ତି। ପ୍ରଦର୍ଶକ ଏବଂ ଗ୍ରାହକଙ୍କ ସୁବିଧା ପାଇଁ ସିସିଟିଭି ସହ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସବୁ ତିଆରି କରା ଯାଇଛି। ପ୍ରତ୍ୟେକ ଦିନ ୧୫ ହଜାରରୁ ଅଧିକ ଲୋକ କିଣାକିଣି କରୁଛନ୍ତି। ବିଭିନ୍ନ ସ୍ଥାନର ଖାଦ୍ୟ ସହ ଚମ୍ପାରନ୍ ମଟନରେ ବିଶେଷ ଭିଡ଼ ଦେଖିବାକୁ ମିଳିଛି। ଅଟୋମୋବାଇଲ ଏବଂ ବିଲ୍‌ଡର ପାଭିଲିଆନ ଗ୍ରାହକଙ୍କୁ ବିଶେଷ ଭାବରେ ଆକର୍ଷିତ କରୁଛି।

# ମହାରାଷ୍ଟ୍ରରେ ଏକୀକୃତ ଷ୍ଟିଲ୍ ପ୍ଲାଣ୍ଟ କରିବ ଶ୍ୟାମ ଷ୍ଟିଲ୍



**ଭୁବନେଶ୍ୱର,୧୭।୪ (ଅନୁରାଧା ମହାରଣା)**

କୋଲକାତାର ଶ୍ୟାମ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ମହାରାଷ୍ଟ୍ର ସରକାରଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ଗୋଣ୍ଡପିମ୍ପରୀ ତାଲୁକାରେ ଏକ ବିଶାଳ ଏକୀକୃତ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରାଯିବ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୦,୧୧୫ କୋଟି ଟଙ୍କାର ବିନିଯୋଗ କରାଯିବ ବୋଲି ଜଣାପଡ଼ିଛି। ଏହା ମହାରାଷ୍ଟ୍ରର ଔଦ୍ୟୋଗିକ କ୍ଷେତ୍ରରେ ଏକ ବଡ଼ ଉନ୍ନତି ଆଣିବ ଏବଂ ଆଞ୍ଚଳିକ ଅର୍ଥନୀତିକୁ ବଳବତ୍ତର କରିବ। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ପ୍ରାୟ ୮,୦୦୦ରୁ ଅଧିକ ଲୋକଙ୍କୁ ସିଧାସଳଖ ରୋଜଗାର ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସଙ୍କ ଉପସ୍ଥିତିରେ ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛ। ଏହି ଅବସରରେ ଶ୍ୟାମ୍ ଷ୍ଟିଳ ପକ୍ଷରୁ ପ୍ରିନ୍ସିପାଲ୍ ସେକ୍ରେଟାରୀ (ଉଦ୍ୟୋଗ, ବିନିଯୋଗ ଓ ସେବା)ଡ଼. ପି. ଅନବଲଗନ ଡାଇରେକ୍ଟର ପୁରୁଷୋତ୍ତମ୍ ବେରିୱାଲା, ଡାଇରେକ୍ଟର ସିଦ୍ଧାର୍ଥ ବେରିୱାଲା, ପ୍ରେସିଡେଣ୍ଟ ଦୀପକ୍ ଚୌଧରୀ ଓ ସିଇଓ ୟୁ.କେ. ରାଣା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ବିଆଇ କାର୍ଯ୍ୟାଳୟରେ ଫାୟାର ଇଭାକ୍ୟୁଏଶନ ଡ୍ରିଲ୍

**ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଭୁବନେଶ୍ୱରସ୍ଥିତ ପ୍ରଧାନ କାର୍ଯ୍ୟାଳୟ ଦ୍ୱାରା ନ୍ୟାଶନାଲ ବିଲ୍ଡିଂ କୋଡ୍ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଫାୟାର ସେଫ୍ଟି ନିୟମ ଅନୁଯାୟୀ ଫାୟାର ଇଭାକ୍ୟୁଏଶନ ଡ୍ରିଲ୍ କରାଯାଇଛି। ଏଥିରେ ଫ୍ଲୋର ମାର୍ଶାଲ ଏବଂ ରେସ୍କ୍ୟୁ ଟିମ୍ ସଦସ୍ୟଙ୍କ ସାହାଯ୍ୟରେ ମକ୍ ଡ୍ରିଲ୍ କରାଯାଇଥିଲା। ଏହି ଅବସରରେ ମହାପ୍ରବନ୍ଧକ ବନ୍ଦନା ଅଗ୍ରୱାଲ ଅଗ୍ନି ନିରାପତ୍ତା ପଦକ୍ଷେପ ଇଭାକ୍ୟୁଏଶନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଲ୍ଡିଂରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ପାଇଁ ଏହି ଡ୍ରିଲ୍ ଅତ୍ୟନ୍ତ ଉପଯୋଗୀ ବୋଲି ସେ କହିଥିଲେ। ବ୍ୟାଙ୍କର ଉପ ମହାପ୍ରବନ୍ଧକ ତଥା ମଣ୍ଡଳ ବିକାଶ ଅଧିକାରୀ ଶ୍ୟାମଦେନ୍ ଦୋର୍ଜୀ ଲାମା ଏବଂ ସହାୟକ ମହାପ୍ରବନ୍ଧକ ଆଲୋକ କୁମାର ନାଗ, ମଣ୍ଡଳ ଅଗ୍ନିଶମ ଅଧିକାରୀ କୁଳଦୀପ ଶ୍ରୀବାସ୍ତବ (ଏସ୍‌ବିଆଇ) ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାଏମ୍ଫ୍ ୩୫୦ ସିସି ବାଇକ୍‌ର ବଜାର ପ୍ରବେଶ

**ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)**




ଟ୍ରାଏମ୍ଫ୍ ଇଣ୍ଡିଆ ପକ୍ଷରୁ ୩୫୦ ସିସି କ୍ଷମତା ବିଶିଷ୍ଟ ବାଇକ୍‌ର ବଜାର ପ୍ରବେଶ କରାଯାଇଛି। ଶୁକ୍ରବାର କଟକ ଗଣ୍ଡରପୁରସ୍ଥିତ ଏମ୍ଏସ୍‌ବି ଟ୍ରାଏମ୍ଫ୍ ଶୋ'ରୁମ୍‌ରେ ଟ୍ରାକ୍‌ର ୪୦୦, ସ୍ପିଡ୍ ୪୦୦,ସ୍ପିଡ୍ ଟି ୪, ସ୍କ୍ରାମ୍ବଲର ୪୦୦ ଏବଂ ଥ୍ରକସ୍‌ଟନ୍ ୪୦୦ ମଡେଲର ବଜାର ପ୍ରବେଶ କରାଯାଇଛି। ଟ୍ରାଏମ୍ଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏଏସ୍ଏମ୍ (ସର୍ଭିସ୍) ଆଶିଷ ଷଡ଼ଙ୍ଗୀ, ଜିଏମ୍ (ସେଲ୍‌ସ) ରାଜେନ୍ଦ୍ର ମିଶ୍ର, ଜିଏମ୍ (ସର୍ଭିସ୍) ଦୀପକ ମହାପାତ୍ର, ଶୋ'ରୁମ୍ ପରିଚାଳକ ପ୍ରସନ୍ନଜିତ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମାଲାବାରର ଅକ୍ଷୟ ତୃତୀୟା ଅଫର ଘୋଷଣା



**ଭୁବନେଶ୍ୱର,୧୭।୪ (ଅନୁରାଧା ମହାରଣା)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଗହଣା କଲେକ୍ସନ 'ଚିତ୍ରାଙ୍ଗୀ'ର ଉନ୍ମୋଚନ କରାଯାଇଛି। ଶୁକ୍ରବାର ସମ୍ବଲପୁରସ୍ଥିତ ଷ୍ଟୋରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ ସହ ଅକ୍ଷୟ ତୃତୀୟା ଅଫର ମଧ୍ୟ ଘୋଷଣା କରାଯାଇଛି। ପୂର୍ବ ଭାରତୀୟ ଐତିହ୍ୟରୁ ଅନୁପ୍ରାଣିତ 'ଚିତ୍ରାଙ୍ଗୀ' କଲେକ୍ସନରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଅଳଙ୍କାର ରହିଛି। ଓଡ଼ିଶା ଓ ପଶ୍ଚିମବଙ୍ଗର ପାରମ୍ପରିକ ଓ ଆଧୁନିକ ଛାପ ଏହି ଅଳଙ୍କାରରେ ଦେଖିବାକୁ ମିଳୁଛି। ସୁନାଗହଣା, ଅନ୍‌କଟକ ଏବଂ ଜେମ୍‌ଷ୍ଟୋନ୍ ଜୁଏଲେରିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଥିବାବେଳେ ଡାଇମଣ୍ଡ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ରହିଛି। କାର୍ଯ୍ୟକ୍ରମରେ ଷ୍ଟୋରର ଏସ୍ଏମ୍ ଆଶୁତୋଷ ସୁନା ଏବଂ ମାର୍କେଟିଂ ଏକ୍ସିକ୍ୟୁଟିଭ୍ ଲିଙ୍କନ୍ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଦିନ ରେଳରେ ୨ କୋଟି ଯାତ୍ରୀ ପରିବହନ

**ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)**

ଭାରତୀୟ ରେଳପଥ ପ୍ରତିଦିନ ବିଶ୍ୱର ସର୍ବବୃହତ ଏବଂ ସବୁଠାରୁ ଜଟିଳ ରେଳ ନେଟୱାର୍କରେ ଦୁଇ କୋଟିରୁ ଅଧିକ ଯାତ୍ରୀ ପରିବହନ କରିଥାଏ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଜାତୀୟ ପ୍ରକାଶନରେ ଲେଖିଛନ୍ତି ଯେ ବିଶ୍ୱ ସ୍ତରରେ, ରେଳ ସୁରକ୍ଷାକୁ ପ୍ରତି ବିଲିୟନ ଯାତ୍ରୀ-କିଲୋମିଟରରେ ମୃତ୍ୟୁ କିମ୍ବା ଦୁର୍ଘଟଣା ମାଧ୍ୟମରେ ମାପ କରାଯାଏ। ସୁରକ୍ଷା ପ୍ରଥମେ ଏବଂ ୨୦୧୪ ମସିହାରୁ, ଭାରତୀୟ ରେଳବାଇ ଏହାର ସୁରକ୍ଷା ଇକୋସିଷ୍ଟମରେ ଏକ ବ୍ୟାପକ, ବୈଷୟିକ ନେତୃତ୍ୱାଧୀନ, ନିରନ୍ତର ପାଣ୍ଠି ଯୋଗାଣ ପରିବର୍ତ୍ତନ କରିଛି । କେନ୍ଦ୍ରମନ୍ତ୍ରୀ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ୟୁରୋପୀୟ ୟୁନିଅନରେ, ଯାହାକୁ ବ୍ୟାପକ ଭାବେ ଏକ ମାନଦଣ୍ଡ ଭାବେ ବିବେଚନା କରାଯାଏ।




ବଲିଉଡ୍ ଅଭିନେତ୍ରୀ ଏବଂ ବ୍ରାଣ୍ଡ ଆମ୍ବାସାଡର କାଜଲ ଦେବଗନ ଅଷ୍ଟ୍ରେଲିଆର ମେଲ୍‌ବୋର୍ନରେ ଜୟଆଲୁକ୍କାସ୍ ଶୋ'ରୁମ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଦକ୍ଷିଣ-ପୂର୍ବ ମେଟ୍ରୋପଲିଟନ୍ ଅଞ୍ଚଳ ପାଇଁ ଲେବର ସଦସ୍ୟ ଲି ଟାର୍ଲାମିସ୍, ଭାରତର କନ୍‌ସୁଲ ଜେନେରାଲ ଅନିଶ୍ ରାଜନ, କାସାନ୍ଦ୍ରା ଫର୍ନାଣ୍ଡୋ, ଜିମ୍ ମେମେଟିଙ୍କ ସମେତ ଜୟଆଲୁକ୍କାସ୍‌ର ସିଇଓ ଜନ୍ ପଲ୍ ଆଲୁକ୍କାସ୍ ଓ ନିର୍ଦ୍ଦେଶକ(ଇଣ୍ଟନ୍ୟାଶନାଲ ଅପରେଶନନ୍ସ)ର ଆଲୁକ୍କାସ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲିପ୍ସା, କାଜଲଙ୍କ ଅର୍ଦ୍ଧଶତକ: ଯାଜପୁରର ସହଜ ବିଜୟ

**ଆନ୍ତଃଜିଲ୍ଲା ମହିଳା ଟି୨୦**

କଟକ,୧୭।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଯାଜପୁର ୧୨୨ରନରେ ବୌଦ୍ଧକୁ ପରାସ୍ତ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଟସ୍ ଜିତି ଯାଜପୁର ପ୍ରଥମେ ବ୍ୟାଟିଂ କରିଥିଲା। ଅଲିପ୍ସା ବିଶ୍ୱାଳ ୪୫ବଲରୁ ୯୩ ଏବଂ କାଜଲ ଜେନା ୩୦ବଲରୁ ୫୩ରନର ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଯାଜପୁର ୩ ଉଇକେଟ ବିନିମୟରେ ୨୧୦ରନ କରିଥିଲା। ବୌଦ୍ଧର ରଶ୍ମିତା ପ୍ରଧାନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୨୧୧ରନର ବିଜୟ ଲକ୍ଷ୍ୟକୁ ପିଛା କରି ବୌଦ୍ଧ ୯ ଉଇକେଟ ହରାଇ ମାତ୍ର ୮୮ରନ ସଂଗ୍ରହ କରିପାରିଥିଲା। ଶତକରୁ ବଞ୍ଚିତ ହୋଇଥିବା ଅଲିପ୍ସା ୪ରନ ବ୍ୟୟ କରି ଗୋଟିଏ ଉଇକେଟ ଦଖଲ କରିବା ସହ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ଲୋସ୍କୋରିଂ ମ୍ୟାଚ୍‌ରେ ଭୁବନେଶ୍ୱର ୧୦ ଉଇକେଟରେ ପାରାଦୀପକୁ ହରାଇଛି। ପାରାଦୀପ ୩୭ରନରେ ଅଲଆଉଟ ହୋଇଥିବା ବେଳେ ଭୁବନେଶ୍ୱର ୫.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟୀ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୋନପୁର ୧୨ରନରେ କେନ୍ଦ୍ରାପଡ଼ାକୁ, ବାଲେଶ୍ୱର ୯ ଉଇକେଟରେ ଖୋର୍ଦ୍ଧାକୁ, ଢେଙ୍କାନାଳ ୫ ଉଇକେଟରେ ପୁରୀକୁ, ଝାରସୁଗୁଡ଼ା ୭୧ରନରେ ସମ୍ବଲପୁରକୁ ପରାସ୍ତ କରିଛି।

# କିଟ୍‌ରେ ପିକଲବଲ କୋର୍ଟ ଉଦ୍‌ଘାଟିତ


ପିକଲବଲ୍ କୋର୍ଟ ଉଦ୍‌ଘାଟନ ଅବସରରେ ଖେଳାଳି ଓ ଅନ୍ୟମାନଙ୍କ ସହ ଅତିଥିବୃନ୍ଦ।

ଭୁବନେଶ୍ୱର, ୧୭।୪ (ତପନ ସ୍ୱାଇଁ)

ଭାରତରେ ପିକଲବଲ୍‌ର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ପିକଲବଲ୍ କୋର୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଟାଇମ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭିନିତ ଜୈନ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କ୍ୟାମ୍ପସ-୮ରେ ଏହି କୋର୍ଟକୁ ଉଦ୍‌ଘାଟନ କରିଛନ୍ତି। ଫେମିନା ମିସ୍ ଇଣ୍ଡିଆର ୬୧ତମ ସଂସ୍କରଣରେ ଯୋଗ ଦେବାପାଇଁ ଭିନିତ ଜୈନ ସମ୍ପ୍ରତି ଓଡ଼ିଶାରେ ଅଛନ୍ତି। ଏହି ଅବସରରେ ସେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଛନ୍ତି। କ୍ରୀଡ଼ାର ବିକାଶ ପାଇଁ ଅଚ୍ୟୁତଙ୍କ ଦୃଷ୍ଟିଭଙ୍ଗୀକୁ ସେ ପ୍ରଶଂସା କରିଛନ୍ତି। ପିଲାମାନଙ୍କ ସହ ଭାବ ବିନିମୟ କରିବା ସହ କିଟ୍‌ର ଛାତ୍ରଙ୍କ ସହ ପିକଲବଲ୍ ଖେଳିଛନ୍ତି।

କ୍ରିକେଟ ପରେ ପିକଲ୍ ବଲ୍‌କୁ ଭାରତର ସବୁଠାରୁ ଲୋକପ୍ରିୟ ଖେଳ ମଧ୍ୟରୁ ଗୋଟିଏ କରିବା ପାଇଁ ତାଙ୍କର ଦୃଷ୍ଟିକୋଣ ଉପରେ ଜୈନ ଆଲୋକପାତ କରିଥିଲେ। ସଂରଚିତ ଲିଗ୍, ଗଣମାଧ୍ୟମ ସମର୍ଥନ, ଫ୍ରାଞ୍ଚାଇଜ୍ ଅଂଶଗ୍ରହଣ ଏବଂ ତୃଣମୂଳ ସ୍ତରରେ ପଦକ୍ଷେପ ମାଧ୍ୟମରେ ଏହି ଖେଳ ସାରା ଦେଶରେ ବିଶେଷକରି ଯୁବପିଢ଼ି ଏବଂ ସ୍କୁଲ ପିଲାମାନଙ୍କ ମଧ୍ୟରେ ଦ୍ରୁତ ଲୋକପ୍ରିୟତା ହାସଲ କରିପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଅଚ୍ୟୁତ କହିଛନ୍ତି ଯେ, ଭାରତରେ ଦ୍ରୁତ ବିକଶିତ ହେଉଥିବା କ୍ରୀଡ଼ା ମଧ୍ୟରୁ ପିକଲବଲ ଅନ୍ୟତମ। ଏହାକୁ ସମସ୍ତ ବୟସବର୍ଗରେ ଖେଳାଯାଇପାରୁଛି। କିଟ୍‌ରେ ଉଦ୍‌ଘାଟିତ ୮ଟି ପିକଲବଲ୍ କୋର୍ଟ ଓଡ଼ିଶାର ଯୁବ ପ୍ରତିଭାଙ୍କ ପାଇଁ ଉପାଦେୟ ହେବ ଏବଂ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଭଲ ପ୍ରଦର୍ଶନ କରିପାରିବେ। ନିକଟ ଅତୀତରେ ଓଡ଼ିଶାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପିକଲବଲ ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

# ହାଭିଶ-ସ୍ୱପ୍ନିଲଙ୍କୁ ଡବଲ୍ସ ଟାଇଟଲ

**ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ**

ଭୁବନେଶ୍ୱର, ୧୭।୪ (ତପନ ସ୍ୱାଇଁ)

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ରିସର୍ଟରେ ଚାଲିଥିବା ୧୬ ବର୍ଷରୁ କମ୍ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ବାଳକ ଡବଲ୍ସ ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଯୋଡ଼ି ହାଭିଶ ବଂଶଲ ଓ ସ୍ୱପ୍ନିଲ ଘୋଷ ଚାମ୍ପିୟନ ହୋଇଛନ୍ତି। ଏହି ଯୋଡ଼ି ଫାଇନାଲରେ ଆସାମର ସମ୍ମିତ ବୋରା ଓ କର୍ଣାଟକର ଅର୍ଜୁନ ଶାସ୍ତ୍ରୀଙ୍କୁ ୬-୨, ୭-୬ (୭/୪) ସେଟ୍‌ରେ ପରାସ୍ତ କରିଛନ୍ତି। ସ୍ୱର୍ଗତ ସନ୍ଦୀପଙ୍କ ବାପା ଜଗଦାନନ୍ଦ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବାଳିକା ଓ ବାଳକ ବିଭାଗର ସିଙ୍ଗଲ୍ସ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ବାଳିକା ଫାଇନାଲରେ ଓଡ଼ିଶାର ସଂରଚନା ଦାସ ଉତ୍ତର ପ୍ରଦେଶର ଆଶି ଶମଶେରୀଙ୍କୁ ଭେଟିବେ। ସେହିପରି ବାଳକ ବର୍ଗରେ ଦୁଇ ପଶ୍ଚିମବଙ୍ଗ ଖେଳାଳି ରିଶବ କୁମାର ପ୍ରସାଦ ଓ ହାଭିଶ ବଂଶଲ ପରସ୍ପରର ସମ୍ମୁଖୀନ ହେବେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ହାଭିଶ ବଂଶଲ ଓ ସ୍ୱପ୍ନିଲ ଘୋଷ।


# Classified Everyday

0674-2580101, 9692975378


**REAL ESTATE**

**SALE**

**Plot Sale Near Sundarpada OEC College with Boundary wall- 6372670155.** D-30

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

**3BHK Flat 1500sqft., 500 meter from Gate-1, Kalinga Stadium, 3years 6 months old, North facing, 2 Balcony with Pujaroom for sale. Price- 1.45 crores (Negotiable). 8984896487. Brokers not allowed.** D-139

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250




All types of physiotherapy and massage. Contact: 9556924059 / 7656969134. D-109

Newly opening full body massage. Best therapist, Good Looking: 7205888795. D-135

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308


## AFFIDAVIT

By virtue of an affidavit before Notary Public, Khariar, dtd.- 23.08.2025 that before marriage I known as Game Parabhue, D/o.- Tunku Parabhue of Village- Pakhanmunda, P.O.- Kuibahal, P.S.- Turekela, Dist.- Bolangir which is mentioned in my S.B. Account of Bank of Baroda, Kantabanji branch and Aadhaar Card but after marriage to Duryodhan Lohar of Village/P.O.- Duajhar, P.S.- Khariar, Dist.- Nuapada I known as Game Lohar, W/o.- Duryodhan Lohar which is mentioned in my S.B. Account of SBI, Khariar Azad Chowk Branch whereas Game Parabhue and Game Lohar, W/o.- Duryodhan Lohar is same and one person. D-136

By virtue of an affidavit sworn before the Executive Magistrate, Nuapada, No.271, Dtd.- 15.4.26, I, SETBAI PANDEY, W/o.- NIMICHAND PANDEY, R/o. At/P.O.- Amalidadar, P.S.- Jonk, Dist.- Nuapada, Odisha, PIN- 766104 declare that I have changed my name from CHHEDABAI PANDEY to SETBAI PANDEY. Henceforth, I shall be known as SETBAI PANDEY for all purposes.
SETBAI PANDEY D-132

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Kaibal Patel, At- Biramal, P.O.- Mahichala, Dist.- Kalahandi, Odisha- 766023 declare by this affidavit No.- 74AA 623672, dated 21.08.2025 that now onwards I shall be known as KAIBALYA PATEL for all future purposes. D-134

By virtue of an affidavit sworn before Executive Magistrate Bhubaneswar, dated 02.02.2026, I, Banjit Rout, Address: At- Plot No. 433, Raghunathpur, Nandankanan Road, P.O.- KIIT, P.S.- Nandankanan, Bhubaneswar- 751024 declare that I have changed the name of my son from Biswarup Rout to Tanmaya Rout. Henceforth, he shall be known as Tanmaya Rout for all purposes.
Banjit Rout D-131

By virtue of an affidavit in the Court of Executive Magistrate, Khaira I declare that in my Aadhaar card & Bank Passbook my name has been mentioned as Dibakar Barik. But in LIC certificate (Policy No. 586551361) my name has been recorded as Pratap Kumar Barik. Both the above names belongs to one & same person. D-140

I, Prativa Ranjan Samantara, S/o- Late Jayahari Samantara, born on 10.01.1953, residing at Andarpur, Dula Dei Road, P.O.- Kalyani Nagar, P.S.- Madhupatna, Dist.- Cuttack- 753013 have changed my name to Prativa Ranjan Samantaray vide affidavit dated 10.04.2026 at Cuttack. D-138

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

Letter No.- 599, dtd.- 15.04.2026

ଅତିରିକ୍ତ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍., ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର ୨୯୬/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ପ୍ରବୋଧ କୁମାର ସାମନ୍ତରାୟ ଏବଂ ଶ୍ରୀ ମିହିରକାନ୍ତ ସାମନ୍ତରାୟ .........ବାଦୀ

ବନାମ

ଗୋକୁଳାନନ୍ଦ ମିଶ୍ର ଏବଂ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ୩. ବ୍ରଜମୋହନ ପରିଡ଼ା, ପିତା- ଦୀନବନ୍ଧୁ ପରିଡ଼ା, ଗ୍ରାମ- ବିରିବାଡିଆ, ପି.ଓ./ପି.ଏସ୍.- ବ୍ରହ୍ମପୁର, ଗଞ୍ଜାମ, ୪. ଲକ୍ଷ୍ମଣ ମାଝି, ପିତା- ଧୋବେଇ ମାଝି, ୫. କୁମୁଦିନୀ ବେୱା, ସ୍ୱାମୀ- ଶତ୍ରୁଘ୍ନ ମାଝୀ, ୬. ପଞ୍ଚାନନ ମାଝି, ପିତା- ଦିଗମ୍ବର ମାଝୀ, ପ୍ରତିବାଦୀ ୪ ରୁ ୬ଙ୍କ ଠିକଣା: ଗ୍ରାମ- ଚକେଇସିଆଣି, ପି.ଏସ୍.- ସହିଦନଗର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୫।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ନୂତନ କ୍ୟାପିଟାଲ୍, ମୌଜା: ଗାଡ଼କଣ
ସାବକ: ଖାତା ନମ୍ବର- ୭୦୪, ୭୦୫, ପ୍ଲଟ୍ ନମ୍ବର- ୩୩୩୮/୫୧୭୭, ୩୩୩୯, ରକବା- ମୋଟ ଏ ୦.୯୧ ଡି., ମୋଟ ଏ ୧.୫୫ ଡି., ସ୍ୱତ୍ୱ- ସ୍ଥିତିବାନ୍, ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୩୧୮୭, ପ୍ଲଟ୍ ନମ୍ବର- ୬୦୭୮, ରକବା- ମୋଟ ଏ୦.୧୩୫ଡି.ରୁ ଏ୦.୦୪୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.୧୫।୦୪।୨୦୨୬ ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୧୨୯

Letter No.- 617, dtd.- 17.04.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର ୨୧୮/୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନିବାଶ ଶ୍ରୀଚନ୍ଦନ ଓ ଅନ୍ୟମାନେ ..........ବାଦୀ

ବନାମ

ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ ..........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.୪. ରାମଚନ୍ଦ୍ର ନାୟକ, ପିତା- ସ୍ୱର୍ଗତ ମୁଳି ନାୟକ, ଗ୍ରାମ/ପୋଷ୍ଟ- ସିନାପାଦ, ଥାନା- ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼, ୫. ପ୍ରତାପ କୁମାର ବେହେରା, ପିତା- ଉଗ୍ରସେନ ବେହେରା, ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬. କୃଷ୍ଣ ଶ୍ରୀଚନ୍ଦନ, ୭. ବ୍ରହ୍ମଚାରୀ ଶ୍ରୀଚନ୍ଦନ, ୮. ରାମଚନ୍ଦ୍ର ଶ୍ରୀଚନ୍ଦନ, ପ୍ରତିବାଦୀ ନଂ. ୬ ରୁ ୮ଙ୍କ ପିତା- ସ୍ୱର୍ଗତ ଅନାଥବନ୍ଧୁ ଶ୍ରୀଚନ୍ଦନ, ୯. ହୃଷୀକେଶ ଶ୍ରୀଚନ୍ଦନ, ୧୦. ବିଚିତ୍ରା ଶ୍ରୀଚନ୍ଦନ, ୧୧. ସୁଚିତ୍ରା ଶ୍ରୀଚନ୍ଦନ, ୧୨. ସୁରେଖା ଶ୍ରୀଚନ୍ଦନ, ପ୍ରତିବାଦୀ ନଂ. ୯ ରୁ ୧୨ଙ୍କ ପିତା- ସ୍ୱର୍ଗତ ବାଜା ଶ୍ରୀଚନ୍ଦନ, ୧୩. ପ୍ରୀତି ପରମିତା ଶ୍ରୀଚନ୍ଦନ, ପିତା- ସ୍ୱର୍ଗତ ପିତବାସ ଶ୍ରୀଚନ୍ଦନ, ୧୪. ରଜନୀ ଶ୍ରୀଚନ୍ଦନ, ୧୫. ସୁବଶ୍ରୀ ଶ୍ରୀଚନ୍ଦନ, ସମସ୍ତଙ୍କର ଗ୍ରାମ- ଯୁଝାଗଡ଼ା, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୮।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ, ସାବକ ଖାତା ନମ୍ବର- ୨୩୦, ପ୍ଲଟ୍ ନମ୍ବର- ୮୯୨, ରକବା ଏ୦.୫୬୦ଡେସିମିଲରୁ ଏ୦.୦୪୦ଡେସିମିଲ, ହାଲ୍ ଖାତା ନମ୍ବର- ୯୯୫, ପ୍ଲଟ୍ ନମ୍ବର- ୩୯୭୭, ରକବା ଏ୦.୧୦୦ଡେସିମିଲରୁ ଏ୦.୦୪୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୪୧

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**√ମଞ୍ଜୁଳା ମହାନ୍ତି**

ବୈଶାଖ ଶୁକ୍ଳପକ୍ଷ ପ୍ରତିପଦ

ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ସବୁ ସମୟରେ ତୁମର ଅନୁପସ୍ଥିତି ଆମ୍ଭେମାନେ ଅନୁଭବ କରୁଅଛୁ। ଆମର ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା।

-:ଶୋକସନ୍ତପ୍ତ:-
ନନା, ନୂଆବୋଉ, ଅପା, ଭାଇ, ଅଞ୍ଜୁ, ଶୋଭନ, ରମା, ସଞ୍ଜୁ, ବାପି, ପାପୁ, ତପୁ, ଟିଟି, ପାପୁ, ଡୁଡୁଲୁ, ଆନିଆ।
ଧ-୧୩୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**18.04.26**



**√Prasant Kumar Barik**
**Satya Nagar, BBSR**

ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପୁତ୍ର- ଗୁଡୁଲ, ସୁଡୁଲ ଏବଂ ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୩

**ଏକାଦଶାହ ଉପଲକ୍ଷେ**



**√ସୁମିତ୍ରା ମିଶ୍ର(ଝୁଲି)**

ସ୍ୱାମୀ-ସ୍ୱର୍ଗତ ସୁରେଶ ଚନ୍ଦ୍ର ମିଶ୍ର
ଆବିର୍ଭାବ: ୨୯.୦୭.୧୯୫୦
ତିରୋଧାନ : ୦୯.୦୪.୨୦୨୬

ଆଜି ତୁମର ଏହି ଏକାଦଶାହ ପୁଣ୍ୟତିଥି ଅବସରରେ, ଆମେ ସମସ୍ତ ପରିବାରବର୍ଗ ଓ ଆତ୍ମୀୟ-ସ୍ୱଜନ ଭାରାକ୍ରାନ୍ତ ହୃଦୟରେ ତୁମକୁ ସ୍ମରଣ କରୁଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ଏତିକି ପ୍ରାର୍ଥନା, ତୁମର ପବିତ୍ର ଆତ୍ମାକୁ ଚିର ଶାନ୍ତି ଓ ସଦ୍‌ଗତି ମିଳୁ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସତ୍ୟଜିତ୍, ଶ୍ରାବଣୀ, ସୁସ୍ମିତ୍, ଚିନ୍ମୟୀ, ପାର୍ଥ, ବିନ୍ଦୁ ଓ ମିଶ୍ର ପରିବାରବର୍ଗ
ଧ-୩୧

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# କିଛି କ୍ଲେଶ, କିଛି କୃତଜ୍ଞତା: ଅରୁନ୍ଧତୀ ରାୟଙ୍କ ସ୍ମୃତିକଥା



୨୦୨୫ରେ ପ୍ରକାଶିତ ବୁକର୍ ବିଜୟିନୀ ଅରୁନ୍ଧତୀ ରାୟଙ୍କ ସ୍ମୃତିକଥା "Mother Mary Comes To Me" ଆତ୍ମଜୀବନୀ ବର୍ଗରେ ଲାଭ କରିଛି ୨୦୨୬ର ସମ୍ମାନଜନକ "ନ୍ୟାଶନାଲ୍ ବୁକ୍ କ୍ରିଟିକ୍ସ ସର୍କଲ (ଏନ୍‌ବିସିସି) ଆୱାର୍ଡ। ଏହି ବହି ପାଇଁ ପୁଣି ଅରୁନ୍ଧତୀଙ୍କୁ ମିଳିଛି ୨୦୨୬ର 'ମାତୃଭୂମି ବୁକ୍ ଅଫ୍ ଦ ଇୟର୍ ପୁରସ୍କାର'। 'ମହିଳା ଅଣକଥା ପୁରସ୍କାର-୨୦୨୬' ପାଇଁ ବହିଟି ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଛି। 'ନ୍ୟୁୟର୍କ ଟାଇମ୍ସ', 'ଗାର୍ଡିଆନ୍' ଓ 'ନ୍ୟୁୟୋର୍କର' ସମେତ ବିଶ୍ୱର ଆଗଧାଡ଼ିର ପତ୍ରପତ୍ରିକା ବହିଟିର ଭୂୟସୀ ପ୍ରଶଂସା କରିଛନ୍ତି। ଅରୁନ୍ଧତୀ କହିଛନ୍ତି: "ମୁଁ ଆଜି ପର୍ଯ୍ୟନ୍ତ ଲେଖିଥିବା ବହିଗୁଡ଼ିକ ମଧ୍ୟରେ ଏହା ହେଉଛି ମୋର ସବୁଠୁଁ ଶ୍ରମସାଧ ରଚନା'। ଅରୁନ୍ଧତୀଙ୍କ ସ୍ମୃତିକଥାକୁ ନେଇ ଏଇ ଆଲେଖ୍ୟ।

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

"ମଦର ମେରୀ କମ୍‌ସ ଟୁ ମି"ର ମୁଖ୍ୟ ଚରିତ୍ର ମେରୀ ରାୟ, ଅରୁନ୍ଧତୀଙ୍କ ମାଆ। ଆମ ସମାଜ ବ୍ୟବସ୍ଥା 'ମା' ଶବ୍ଦଟି ସହ ଆତ୍ମତ୍ୟାଗକୁ ମିଶାଇ ଯେଉଁ ଦେବୀର ରୂପ ଦିଏ, ଅରୁନ୍ଧତୀ ତାଙ୍କ ବହିରେ ସେପରି କୌଣସି ଦେବୀର ଆରାଧନା କରିନାହାନ୍ତି, ବରଂ ଆଙ୍କିଛନ୍ତି ରକ୍ତମାଂସର ବିସ୍ମୟକର ଚିତ୍ର। ମେରୀ ରାୟ ପିତୃତନ୍ତ୍ରର ଶିକୁଳି କାଟି ଆକାଶ ଛୁଇଁବାକୁ ଚାହିଁଛନ୍ତି ଯେତିକି, ବିଦ୍ରୋହର ନିଆଁରେ ସ୍ୱଜନ-ପରିବାରକୁ ସିଝାଇଛନ୍ତି ସେତିକି। ଆଲୋଚ୍ୟ ପୁସ୍ତକରେ ଅରୁନ୍ଧତୀ ପାଠକଙ୍କୁ ପାଛୋଟି ନେଇଛନ୍ତି ତାଙ୍କ ବ୍ୟକ୍ତିଗତ ଜୀବନର ନିଭୃତ କକ୍ଷକୁ। ମା' ମେରୀ ରାୟ ଯେତିକି କରୁଣାମୟୀ, ସେତିକି କରାଳ। ଖାଲି ମା'ଙ୍କ କଥା ନୁହେଁ, ବହିରେ ରହିଛି କେରଳରେ ବିତିଥିବା ଅସ୍ୱଚ୍ଛନ୍ଦ ଶୈଶବରୁ ଆରମ୍ଭ କରି ସାହିତ୍ୟିକ ଖ୍ୟାତି ଓ ସାମାଜିକ କ୍ରିୟାଶୀଳତା ଯାଏଁ ଲେଖିକାଙ୍କ ଜୀବନଯାତ୍ରାର କ୍ଲେଶ ଓ କାରୁଣ୍ୟମିଶା କାହାଣୀ। ଗୋଟିଏ ଝିଅ ତା' ମାଆକୁ ନୂଆ କରି ଚିହ୍ନିବାର ଉଦ୍ୟମ, ପିତୃତାନ୍ତ୍ରିକ କଟକଣା ବିରୁଦ୍ଧରେ ଆଜୀବନ ସଂଗ୍ରାମର ଦଲିଲ୍ ଏ ସ୍ମୃତିକଥା।

ମେରୀ ରାୟଙ୍କ ଉଦ୍ଦାମଚଡ଼କା ଜୀବନର ସୂତ୍ର ଧରି ବହିଟିର ଘଟଣାବଳୀ ଗତିଶୀଳ। ୧୯୩୦ ଦଶକରେ କେରଳର ଏକ ରକ୍ଷଣଶୀଳ ସିରିୟାନ୍ ଖ୍ରୀଷ୍ଟିଆନ୍ ପରିବାରରେ ତାଙ୍କର ଜନ୍ମ ଓ ଲାଳନ। ସେତେବେଳର ସମାଜ ଥିଲା ଚରମ ପୁରୁଷକେନ୍ଦ୍ରିକ। କୀଟତତ୍ତ୍ୱବିତ୍ ମାତାଲୀ ବାପାଙ୍କର ଅତ୍ୟାଚାର କବଳରୁ ତ୍ରାହି ପାଇବା ପାଇଁ ମେରୀ ବିବାହ କରନ୍ତି ଜଣେ ବଙ୍ଗାଳୀ ହିନ୍ଦୁ ଯୁବକଙ୍କୁ। ଆସାମ ଚା' ବଗିଚାର ସେ ପଦାଧିକାରୀ, କର୍ମ ଅବଳକୁ ସେ ବି ମଦ୍ୟପ। ସୁତରାଂ ଅଳ୍ପଦିନରେ ମେରୀଙ୍କ ବୈବାହିକ ଜୀବନର ଅନ୍ତ ଘଟେ। ପୁଅ ଲଲିଥ ଓ ଝିଅ ଅରୁନ୍ଧତୀଙ୍କୁ ନେଇ ମେରୀ ଫେରିଯା'ନ୍ତି ବାପଘର କେରଳକୁ। ଅରୁନ୍ଧତୀ ମାଆଙ୍କ କଥା କହିବାକୁ ଯାଇ କହିଛନ୍ତି କିପରି ଜଣେ ନିଃସଙ୍ଗ ନାରୀକୁ ନିଜ ପରିବାର ଓ ସମାଜର ଗଞ୍ଜଣା ସହିବାକୁ ପଡ଼େ। ମଥା ଗୁଞ୍ଜିବାକୁ ଜାଗା ଟିକେ ପାଇଁ ବାର ହିନସ୍ତା ହେବାକୁ ହୁଏ। 'ଗୃହହୀନତାବୋଧ' ମେରୀଙ୍କୁ ଜଣେ ଲ ଢ଼ୁ ଆ। ମଣିଷରେ ପରିଣତ କରିଛି।

**ଭାରତ-ଭାରତୀ**

ବହିର ସିଂହଭାଗ ଦଖଲ କରି ବ୍ୟାପୀ ରହିଛି ମେରୀ ରାୟଙ୍କର ସେହି ଐତିହାସିକ ଲଢ଼େଇ, ଯାହା ଭାରତର ଆଇନ ଇତିହାସରେ 'ମେରୀ ରାୟ ମାମଲା' (୧୯୮୬) ଭାବେ ଜଣାଶୁଣା।

କେରଳରେ ସେତେବେଳେ ରୀତି ଥାଏ ବାପଘର ସମ୍ପତ୍ତିରେ ଝିଅ ପାଇବ ନାହିଁ ଅଧିକାର। ମେରୀ ରାୟ ଏହି ବୈଷମ୍ୟପୂର୍ଣ୍ଣ ବ୍ୟବସ୍ଥା ବିରୁଦ୍ଧରେ ଲଢ଼ି କୋର୍ଟରେ ଜିତାପଟ ନେଲେ। ଅରୁନ୍ଧତୀ ଦର୍ଶାଇଛନ୍ତି, ମୋ' ମାଆଙ୍କର ଏ ଲଢ଼େଇ କେବଳ ଅର୍ଥ ପାଇଁ ବା ଆପଣା ସ୍ୱାର୍ଥ ସିଦ୍ଧି ପାଇଁ ଲଢ଼େଇ ନ ଥିଲା, ଥିଲା ନାରୀର ଅସ୍ତିତ୍ୱ ଓ ମର୍ଯ୍ୟାଦାର ପ୍ରତିଷ୍ଠା। ବହିର ସବୁଠାରୁ ଶକ୍ତିଶାଳୀ ଦିଗଟି ହେଉଛି ମାଆ-ଝିଅ-ସମ୍ପର୍କର ପକ୍ଷପାତହୀନ ଅବତାରଣା। ଅରୁନ୍ଧତୀ କହିଛନ୍ତି- "ତାଙ୍କ ମାଆ ଆଧିପତ୍ୟକାମୀ, ଖାମଖିଆଲି ଓ ଆଶାତୀତ ଭାବେ କଠୋର।" ପିଲାବେଳେ କିପରି ସେ ଏକ ପକ୍ଷରେ ମାଆଙ୍କ ତାଡ଼ନାରେ ଜଡ଼ ପାଲଟି ଯାଉଥିଲେ ଓ ଅନ୍ୟ ପକ୍ଷରେ ମାଆଙ୍କ ସାହସିକତାରୁ ଲେଖକ-ସତ୍ତା ପାଇଁ ରସଦ ସଂଗ୍ରହ କରୁଥିଲେ, ସେହି ଦ୍ୱୈତ ସ୍ଥିତିର ଅକୁଣ୍ଠ ଅବତାରଣା କରିଛନ୍ତି ଲେଖିକା।

ବହିଟିକୁ ମନଲଗେଇ ପଢ଼ିଲେ ସବୁଠୁଁ ବିଚିତ୍ର ଓ ବିସ୍ମୟକର ଯେଉଁ ଚରିତ୍ରଟି ପାଠକଙ୍କୁ ବିବ୍ରତ କରେ, ସେ ମେରୀ ରାୟ। ମହିଳାଙ୍କ ସଶକ୍ତୀକରଣ ପାଇଁ ତେଣେ କମରସମୁଟା ଯୁଦ୍ଧ, ଏଣେ ନିଜ ଘରେ ଜନ୍ମିତ ସନ୍ତାନଙ୍କୁ ଦୂର୍‌ଦୂର୍, ଫିଙ୍ଗ୍‌ଫିଙ୍ଗ୍। ଘରୁ ମନମରା ଝିଅଟି ଅକୁହା ଅବୋଲା ପଳେଇଯାଏ ଦିଲ୍ଲୀ, ଅଥଚ ବର୍ଷବର୍ଷ ଧରି ତା'ର ଖୋଜ୍ ନିଏ ନାହିଁ ମାଆ। ଜୀବନରେ ବାପଘର କି ଶାଶୁଘର ସୁଖ ଚାଖିନଥିବା ନାରୀଟିଏ କିପରି ଧୀରେଧୀରେ ସ୍ୱଜନ-ପୀଡ଼ନର ପୁତ୍ତଳିକା ପାଲଟିଯାଏ, ମାଆଙ୍କର ସେହି ଦୁଃଖଦ ଗାଥା ଅରୁନ୍ଧତୀଙ୍କ ଆତ୍ମକଥାରେ ପିଞ୍ଜି ହେଇ ରହେ। ଦିନରେ ତାଣ୍ଡବ ରଚି, ରାତିରେ ଏକାକିନୀ-ମାଆଟି ଯେଉଁ କାନ୍ଦ କାନ୍ଦେ, ତାକୁ କ'ଣ ଖାଲି ଆଖିରେ ଦେଖିହୁଏ? ଅରୁନ୍ଧତୀଙ୍କ ସ୍ମୃତିକଥା ବିଶ୍ଳେଷଣ ଅବସରରେ ବହୁ ବିଶିଷ୍ଟ ସମୀକ୍ଷକ ତାଙ୍କ ସମୀକ୍ଷାଦୃଷ୍ଟିକୁ ଗୋଟିପଣେ ମେରୀ ରାୟଙ୍କ ନିଷ୍ଠୁରତାରେ ନିବଦ୍ଧ ରଖିଛନ୍ତି, ଫଳରେ ମାଆର ଯେଉଁ ରୁଦ୍ର ସୁନ୍ଦର ସାମଗ୍ରିକ ରୂପଟିକୁ ମାଆଙ୍କ ମୃତ୍ୟୁପରେ ଅରୁନ୍ଧତୀ ତାଙ୍କ ମାନସଲୋକରେ ଆଙ୍କିଛନ୍ତି, ତାହା ସେମାନଙ୍କ ଆଖିରୁ ଖସିଯାଇଛି।

ଦିଲ୍ଲୀରେ ବାସ୍ତୁକଳା ଅଧ୍ୟୟନର ତୃତୀୟ ବର୍ଷ। ମାଆଙ୍କ ସହ ଅରୁନ୍ଧତୀଙ୍କର ପୂରା ଛାଡ଼ବାଡ଼ ହୋଇଯାଇଥାଏ। ଜୀବନରେ କେବେ ଆଉ ମା'ମୁହଁକୁ ଅନେଇବେ ନାହିଁ, ମନେମନେ ଏହି ସଂକଳ୍ପ ନେଇ ସାରିଥା'ନ୍ତି ସେ। ଲେଖିଛନ୍ତି ଅରୁନ୍ଧତୀ: "I left my mother not because I didn't love her, but inorder to be able to continue to love her." ମା' ସହ ମୋର ସମ୍ପର୍କକୁ ନେଇ କେବେ କେବେ ଭାବିଛି ଓ ଏଇ ସିଦ୍ଧାନ୍ତରେ ପହଞ୍ଚିଛି ଯେ, ଯେମିତି ମା'ଙ୍କ ସହ ବିତିଥିବା ମୋର ଦିନଗୁଡ଼ିକ ଥିଲା ଖଣ୍ଡାଧାରରେ ବାଟ ଚାଲିବା। ସେ ଏପରି ଏକ ସମ୍ପର୍କ, ଯେଉଁଠି ପ୍ରଶ୍ନ ପଚାରିବା ମନା, କେବଳ ଚୁପ୍‌ଚାପ୍ ଆଜ୍ଞାପାଳନ।

ବାସ୍ତବରେ ଖୁବ୍ ଅଜବ ଅରୁନ୍ଧତୀଙ୍କ ମାଆ! ଝିଅକୁ ଶିଖାନ୍ତି ଉଚ୍ଚ ଭାବନା, ଅଥଚ ଭାବି ବସିଲେ ମୁହଁ ଫୁଲାନ୍ତି। ସ୍ୱାଧୀନ ଚଳଣି ଶିଖାନ୍ତି, ଅଥଚ ସ୍ୱାଧୀନ ହେଇ ଉଠିଲେ ଗରଗର ହୁଅନ୍ତି। ଲେଖିବା ଶିଖାନ୍ତି, ଅଥଚ ଲେଖିବସିଲେ ଛାଟି ଦିଅନ୍ତି ମୁହଁ। ନିଜ ହାତଗଢ଼ା ପ୍ରୋଜେକ୍ଟ-ସ୍କୁଲ୍ ପ୍ରତି ଅତି ମମତା ନିଜ ପିଲାଙ୍କ ସହ ଶ୍ରୀମତୀ ରାୟଙ୍କ ସମ୍ପର୍କକୁ ତିକ୍ତ କରିଦିଏ। ଅରୁନ୍ଧତୀ ଲେଖନ୍ତି: "ମୋତେ ଲାଗେ ଯେ ମୁଁ ଯେମିତି ମୋ' ମାଆର ଝିଅ ନୁହେଁ, ଛାତ୍ରୀ।" ଢେର୍ ଦିନ ପରେ ମୋର ଜ୍ଞାନ ପଶିଲା ଯେ, ମୋ' ମାଆର ଆମେ ଦୁଇ ନୁହେଁ, ତିନୋଟି ସନ୍ତାନ। ମଝିଆଁ ମୁଁ। ମୋ' ଉପରେ ମୋ' ବଡ଼ ଭାଇ ଓ ମୋ' ତଳେ ଆଉ ଗୋଟିଏ ଭାଇ, ମୋ' ମାଆର ସ୍କୁଲ୍।

ବହିର ଶେଷ ଅଂଶରେ ଅରୁନ୍ଧତୀ ବର୍ଣ୍ଣନା କରୁଛନ୍ତି ମାଆଙ୍କ ବାର୍ଦ୍ଧକ୍ୟ ଓ ଅସୁସ୍ଥତାର କଥା। ଲୁହ ଛଳଛଳ ଆଖି। ଜଣେ ପ୍ରଚଣ୍ଡ ଶକ୍ତିଶାଳୀ ନାରୀ ସ୍ମୃତିଭ୍ରଂଶର ଶିକାର। ନିଜ ଦେହ ପାଖରେ ନିଜେ ନାଚାର। ସରିସରି ଆସୁଥାଏ ଜୀବନଦୀପରୁ ତେଲ। ମେରୀ ଝିଅ ପାଖକୁ ମନକଥା ଲେଖି ପଠାନ୍ତି: "ଏ ଦୁନିଆରେ ମୋର ଆଉ କିଏ ଅଛି ଯେ ଯାହାକୁ ମୁଁ ତୋ'ଠୁଁ ବଳି ଭଲପାଆନ୍ତି!" ଏଥିରୁ ଅବୁଝା ରହେନାହିଁ ଅରୁନ୍ଧତୀ କାହିଁକି କହନ୍ତି: "ମାଆ ମୋର ଯେତିକି ଝଡ଼, ସେତିକି ଆଶ୍ରୟ।" ଜର୍ମାନ୍ ଦାର୍ଶନିକ ଫ୍ରେଡ୍‌ରିକ୍ ନୀତ୍‌ସେ କହିଥିଲେ: "Live dangerously" ଓ ଫରାସୀ ଲେଖକ ଆଲ୍‌ବେୟାର୍ କାମ୍ୟୁ କହିଥିଲେ: "Create dangerously". ଅରୁନ୍ଧତୀ ଓ ତାଙ୍କ ମା' ମେରୀ ରାୟଙ୍କ ଜୀବନ ଏଇ ଦୁଇ କଥାର ଅସାମାନ୍ୟ ସମନ୍ୱୟ।

ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

### ମହାମନ୍ତ୍ର




**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ପେନ୍ ଇନ୍ ବୁକ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୯/-

୧/୮ ଡିମେଇ ସାଇଜ୍‌ରେ ବହିର ପାଠ୍ୟାଂଶ ୧୧୪ ପୃଷ୍ଠା। କଳେବର ଦୃଷ୍ଟିରୁ ଉପନ୍ୟାସଟିକୁ ଛୋଟ ବା ବଡ଼ ଉପନ୍ୟାସ କହିହେବ ନାହିଁ। ଉପନ୍ୟାସଟି ଆକାର ଦୃଷ୍ଟିରୁ ପାଠକଙ୍କ ମନମାଫି। କ୍ଷୀରୋଦଙ୍କ ପ୍ରାୟ ଲେଖା ଯେପରି ଆକସ୍ମିକତାରୁ ଆରମ୍ଭ ହୁଏ, ଏ ଉପନ୍ୟାସ ମଧ୍ୟ ସେହିପରି ଆରମ୍ଭ ହୋଇଛି। ସୁନୟନା ଗୋଟିଏ ବାସି ଫୁଲତୋଡ଼ା ଝରକା ସେପଟକୁ ଫିଙ୍ଗି ଦେଉଛନ୍ତି, ଯାହାକୁ ତାଙ୍କ କବି-ସ୍ୱାମୀ ସତ୍ୟବ୍ରତ ଏକ ସଭାକୁ ଅତିଥିଭାବେ ଯାଇ ଆଣିଥିଲେ। ସ୍ୱାମୀ କବିତା ଲେଖନ୍ତୁ, ସଭା ସମିତି ଯା'ନ୍ତୁ- ଏହା ହୁଏତ ସୁନୟନାଙ୍କ ପସନ୍ଦ ନୁହେଁ। ସେ ତାଙ୍କ ପୁଅଝିଅଙ୍କୁ ବାପାଙ୍କର ଏ ସାହିତ୍ୟ-ଝୁଙ୍କ୍ ବିଷୟରେ ନକାରାତ୍ମକ ଧାରଣା ଦିଅନ୍ତି। ସବୁ ଗୃହସ୍ଥଙ୍କ ପରି ସତ୍ୟବ୍ରତ ଘର କରନ୍ତି, ସଂସାର ପାଳନ୍ତି। ଅବସରର ଦେଢ଼ବର୍ଷ ପରେ ସୁନୟନାଙ୍କ ପରଲୋକ ହୁଏ। ପିଲାମାନେ ଯେ ଯୁଆଡ଼େ ଚାଲିଯା'ନ୍ତି। ସତ୍ୟବ୍ରତଙ୍କ ଜୀବନରେ ଶୁକଦେବ ଆସନ୍ତି, ଯାହାଙ୍କୁ ଆତ୍ମହତ୍ୟା ମୁହୂର୍ତ୍ତରେ ସତ୍ୟବ୍ରତ କହନ୍ତି: 'ଯିବ ମୋ ସାଙ୍ଗରେ!' ସତ୍ୟବ୍ରତଙ୍କର ଏଇ କଥାପଦକ ଶୁକଦେବଙ୍କୁ ମନ୍ତ୍ରଧ୍ୱନି ପରି ଲାଗେ। ଅପୂର୍ବ ବୟନକଳାର ଉପଯୋଗ କରି ଉପନ୍ୟାସର ପ୍ରତିଟି ଚରିତ୍ରକୁ ଲେଖକ ଗଢ଼ିଛନ୍ତି। ପ୍ରତିଭା ଅନୁଷ୍ଠାନର ସ୍ୱତ୍ୱାଧିକାରୀ ବ୍ରଜକିଶୋର ହୁଅନ୍ତୁ କି ଡାକ୍ତର ଶିଶିରକାନ୍ତ ମହାପାତ୍ର ହୁଅନ୍ତୁ, ସବୁ ଚରିତ୍ର ଉପନ୍ୟାସରେ ସମାନ ନ୍ୟାୟ ପାଇଛନ୍ତି। ଜୀବନର ବିବିଧ ଅନୁଭୂତି, ଆଶା ଓ ଆଶା ଭଙ୍ଗର ରୂପକାର କ୍ଷୀରୋଦଙ୍କୁ ଜୀବନର ଗଭୀରତମ ବିଷାଦ ଦୃଶ୍ୟ ହୁଏ। ଦଶମୀ ତିଥିର ବୁଡ଼ିଯାଉଥିବା ଜହ୍ନ ତାଙ୍କୁ କାନ୍ଦୁରା ଦିଶେ ଓ ସେ କହନ୍ତି: "ସବୁ ବିଦାୟର ବେଳା ବୋଧହୁଏ ଦୁଃଖଦ" (ପୃ:୫୭)। 'ମୃତ୍ୟୁର ଉପତ୍ୟକା'ରେ 'ଜୀବନର ସଂଗୀତ' ଶୁଣାଏ "ମହାମନ୍ତ୍ର"।

### ଜଣେ ଅସ୍ପୃଶ୍ୟର ଦିନଲିପି




**କବି:** ଦେବେନ୍ଦ୍ରନାଥ କର
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୭୫/-

ଶ୍ରୀୟା ଚଣ୍ଡାଳୁଣୀଙ୍କ ଜୀବନକୁ ଆଧାର କରି ଆଲୋଚ୍ୟ 'କାବ୍ୟ' ବା 'ଖଣ୍ଡକାବ୍ୟ'ର ପରିକଳ୍ପନା। କାବ୍ୟରେ ମୋଟ ୬୫ଟି ଭାଗ। 'କୃତି ତର୍ପଣ' ଗଦ୍ୟଲେଖ (ଯାହା ପୁସ୍ତକର ଆଦ୍ୟରେ ସଂଯୋଜିତ)ରେ କବି ଲେଖିଛନ୍ତି- "ବଳରାମ ଦାସ 'ଲକ୍ଷ୍ମୀ ପୁରାଣ'ରେ ଶ୍ରୀୟା ବିଷୟରେ ତା'ର ପରିସ୍ଥିତି ସମ୍ବନ୍ଧରେ, ମା' ଲକ୍ଷ୍ମୀ ମନ୍ଦିରରୁ ବହିଷ୍କାର ହେବା ଶ୍ରୀୟା ଉପରେ ପକାଇଥିବା ପ୍ରଭାବ, ନୀଚ ଜାତିର ଲୋକଙ୍କୁ ମନ୍ଦିର ପ୍ରବେଶ ନିଷେଧ ଦ୍ୱାରା ହତୋତ୍ସାହିତ ମହିଳାଙ୍କ ସମ୍ବନ୍ଧରେ ବିଶେଷ କିଛି ଲେଖିନାହାନ୍ତି।" ସୁତରାଂ ଶ୍ରୀୟାର ମନସ୍ତତ୍ତ୍ୱକୁ ନେଇ ଆଲୋଚ୍ୟ କାବ୍ୟର ନିର୍ମାଣ କରିଛନ୍ତି କବି। ଲକ୍ଷ୍ମୀତଦ୍‌ଗତା ଶ୍ରୀୟାଙ୍କ ମନକଥା: "ସଂସାରର ସବୁ ଦୁଃଖ ମୋତେ ତ ଦେଇଛ/ ଆଉ ଯାହା ଆଗକୁ ଘଟିବ ତାକୁ ଏବେ/ ଦେଇଦିଅ, ସବୁ ସୁଖ ଯାହା ସମୟ ପେଡ଼ିରେ/ ମୋ' ପାଇଁ ରଖିଛ,/ ମୋ' ଅଜ୍ଞାତେ ଛଡ଼ାଇ ବି ନିଅ/ ଆଉ କିଛି ଚାହେଁ ନାହିଁ, ପ୍ରତିବଦଳରେ/ ସବୁବେଳେ ତୁମେ ମୋର/ ପାଖେ ପାଖେ ଥାଅ।" (ପୃ:୯୭)। ଲକ୍ଷ୍ମୀ ଶ୍ରୀମନ୍ଦିରକୁ ଫେରି ଆସିଛନ୍ତି। ଜାତି ନିର୍ବିଶେଷରେ ଏକା ପଙ୍ଗତରେ ବସି ଏଣିକି ମହାପ୍ରସାଦ ଖାଇବେ ଭକ୍ତ। ଶ୍ରୀୟା ମନରେ ସଂଶୟ: "ପରମ୍ପରା ବାହାନାରେ/ ଯେତେ ସବୁ ବେଡ଼ି ସତେ କ'ଣ ଖୋଲିଯିବ?" ସଂଶୟ ବି ସ୍ଥାୟୀ ହେଉନି। ଶ୍ରୀୟା ପୁଣି କହୁଚି: "ବହଳ ନିଦରେ ଯେବେ ଦୁନିଆ ଶୋଇବ/ କିଏ ତାକୁ ଉଠାଇବ ତୁମ ବିନା ଆଉ/ ଆସିଲାଣି ସେଇମିତି ଦିନ/ ସବୁ ବଦଳି ତ ଯିବ ସମୟ ସୁଅରେ/ ଦେଖିବାକୁ ଯାହା ମୁଁ ନଥିବି/ ତୁମେ ରହିଥିବ।" (ପୃ:୧୧୭)। 'ଲକ୍ଷ୍ମୀ ପୁରାଣ'ର ଅକୁହା କଥା "ଜଣେ ଅସ୍ପୃଶ୍ୟର ଦିନଲିପି"। ଆଶା, ବହିଟିର ଭିନ୍ନ ଦୃଷ୍ଟିକୋଣକୁ ପାଠକେ ମୂଲ୍ୟ ଦେବେ।

## କବିତା

### ଏଇମିତି ବିତୁଥାଉ

ପ୍ରତିଭା ପରିଡ଼ା

ଆଲୁଅରେ ତୁ,
ଅନ୍ଧାରରେ ତୁ,
ମୋର ବିଶ୍ୱାସରେ ତୁ,
ମୋର ବଞ୍ଚନାରେ ତୁ-
ମୋର ବେସାହାରାପଣର ସାକ୍ଷୀ ତୁ,
ମୋର ମାହେନ୍ଦ୍ର ଲଗ୍ନର ପୂର୍ଣ୍ଣ କଳସ ତୁ-
ତୁ ବେଢ଼ିଯାଇଛୁ ମୋର ଅନନ୍ତ ସମୟକୁ...
ପୁଣି ମୋର ଟଳମଟଳ ନୀଳସ୍ୱପ୍ନର ମାଟିକୁ-

ଭଙ୍ଗା ଦେହଟେ ମୁଁ,
ଦଣ୍ଡେ ନିରେଖିବାକୁ ତୋତେ,
ପ୍ରାଣାନ୍ତକ ହୋଇପଡୁଛି...
ଆଉ ଲୁହ ରକ୍ତ ଝାଳରେ
ଫେଣ୍ଟି ହୋଇଯାଉଛି-
ଖରା ଗଡ଼ିଲାଣି...
ନଈ ମଝିରେ
ଆଖିଯାଏ ପାଣି ଚରିଲାଣି-
ପଦ୍ମ ଘୁଞ୍ଚିଯାଉଛି ଦୂରକୁ ଦୂରକୁ...
ତୁ' ଖସିଯାଉଛୁ ହାତପାହାନ୍ତାରୁ
ଆହୁରି ଦୂରକୁ,
ଅପହଞ୍ଚ ଲଗ୍ନକୁ-

କଣ୍ଟାରେ ଲହୁଲୁହାଣ ହେବାରେ
ସ୍ୱାଦ ଥାଏ ନା!
ରାସ୍ତା ମଝିରେ ଝୁଣ୍ଟିପଡ଼ିବାରେ
ମୋହ ଥାଏ ନା!

କେତେ ଜନ୍ମରେ ମାପ ହୁଏ ଜୀବନ?
କେତୋଟି ମୃତ୍ୟୁରେ ଗଢ଼ାହୁଏ ମରଣ?

ଏଇମିତି ବିତୁଥାଉ...
ଏଇମିତି ସବୁକାଳେ ଖୋଜା ଚାଲିଥାଉ...
ଏଇମିତି ତୋର ଟିକେ ଛୁଆଁ ପାଇଁ
ମୋର ଦେହ ମନ
ବାରବାର ବାଟ ହୁଡୁଥାଉ...।

ମୋ: ୮୯୧୭୬୦୩୪୪୨

### ଜୀବନର ପରିଭାଷା

ବ୍ରହ୍ମମୟୀ ମିଶ୍ର

ସେଇ ସାମାନ୍ୟ କଥନରୁ ଆରମ୍ଭ
ଜୀବନର ଜଟିଳ ଉପପାଦ୍ୟ
ଯାହାର ଶେଷ ସିଦ୍ଧାନ୍ତ ସେବେଠୁ ନିରୁଦ୍ଦିଷ୍ଟ।
ତଥାପି ଖୋଜିବାର କେଉଁ ଏକ ଅଦମ୍ୟ ପ୍ରଚେଷ୍ଟା
ଯାହା ତୋତେ ମୋତେ ଉନ୍ମୁକ୍ତ କରେ
ସେହି ନିଦ୍ରାବିହୀନ ରାତିର ଗାଢ଼ ଅନ୍ଧାରରେ
ସେହି ରଙ୍ଗବିହୀନ ସ୍ୱପ୍ନର ପ୍ରଜାପତି ଡେଣାରେ
ଅଶ୍ରୁଜ୍ୱାଳା ଯନ୍ତ୍ରଣାର ପରିବ୍ୟାପ୍ତିରେ
ଆଉ ଆକାଶେ ଅଭିମାନର ଆନ୍ତରିକ ଅଭିବ୍ୟକ୍ତିରେ।

ନା ଥାଏ କେବେ କିଛି ପାଇବାର ଆଶା
ନିରାଶା ବି କେବେ ପଥରୋଧ କରେ ନାହିଁ
ପଢ଼ିବାକୁ ଏକ ବ୍ୟର୍ଥ ମନର ପରିଭାଷା।
ପୃଥିବୀରେ ଯୁଦ୍ଧ ପରି ଅହରହ ଚାଲିଥାଏ
ଜୀବନର ବାଲୁକା ଶଯ୍ୟାରେ ଦୁଃଖର କ୍ଷେପଣାସ୍ତ୍ର ମାଡ଼
ଆଖିର ଆଳତିରେ ନିତି ଦିଶିଯାଏ ଚାରିଆଡ଼େ
ବିଚ୍ଛୁରିତ ସେଇ ପ୍ରେମ ଫଗୁଣର ମାଂସ ଆଉ ହାଡ଼
ନିଦାଘର ଦାଉରେ ଦାହ ହେଉହେଉ ବଞ୍ଚିଯାଏ ଦେହ
ତଣ୍ଟି ପାଟି ଅଠାଅଠା ତଥାପି ବି ମରେନାହିଁ
ବାଟରେ ପଡୁଥିବା ସେଇ ମନୋହାରୀ ଦୋକାନର ମୋହ।
ପାଣି ଟୋପେ ଖୋଜୁ ଖୋଜୁ ମିଳିଯାଏ ଜଳଭର୍ତ୍ତି କୂଅ
ମନ ଭରିଗଲା ପରେ ସବୁ ମୂଲ୍ୟହୀନ
ବିଧବା ନଈପଠାର ସେ ଧାରେ ମାତ୍ର ସୁଅ
ତେବେ ଚୁପ୍ ରୁହ ନାହିଁ ଥରେମାତ୍ର ମୁହଁ ଖୋଲି କୁହ!

ସହିବାକୁ ଏତେ ଶକ୍ତି କୋଉଠୁ ପାଇବି
ଯଦି ଯନ୍ତ୍ରଣା ଚୁଇରେ ନିତି ମୁଁ ଜଳିବି...
କେଉଁ ଶବ୍ଦକୋଷରୁ ଶବ୍ଦ ଖୋଜିବି
ଯଦି ନିତି ନୂଆ କବିତାର ପଂକ୍ତି ମୁଁ ଲେଖିବି।

- ଜଗତ୍‌ସିଂହପୁର
ମୋ: ୯୪୩୭୮୫୩୬୩୭

### ଗୀତି-କବିତା

### ଜିଇଛି

ସୁଜିତ୍ କୁମାର ମିଶ୍ର

ବୟସ ବନକୁ ଫଗୁଣ ଛୁଉଁନି
ପଛକୁ ଫେରିବି କାହିଁ?
ସ୍ମୃତି ଲେଉଟାଇ ସମୟକୁ କ'ଣ
ପାରିବି କି ନ୍ୟାୟ ଦେଇ?

ଝରକା କବାଟ ବନ୍ଦ କୋଠରିରେ
ବନ୍ଦ ଏଠି ଜହ୍ନରାତି,
ଭାବନା ନଈରେ ଭାବ ଆଉ ନାହିଁ
ବଢ଼ି ବଇଶାଖ ତାତି।

ପୁରୁଣା ସହର ବଦଳିଯାଇଛି
ପ୍ଲାଷ୍ଟିକ ଫୁଲର ବାସେ,
ଦିନସବୁ ଏଠି ପାସୋରା ପ୍ରବଣ
ପାଶ୍ଚାତ୍ୟର ଉଗ୍ର ରସେ।

ହଜିଛି ବୋଲି ତ ହୃଦୟରୁ ମୋର
ସୁନା ହରିଣୀର ଗପ,
ଜିଇଛି ଛୁଇଁକି ନବଜାତକକୁ
ଆପଣେଇ ଅଭିଶାପ।

ମୋ: ୭୬୮୩୮୬୭୭୪୨

## କାଳକାଳକୁ



"ଅନ୍ଧାର ଅନ୍ଧାରକୁ ଦୂରେଇପାରେନା,
ଦୂରାଏ ଆଲୁଅ।
ଘୃଣା ଘୃଣାକୁ ହଟାଇପାରେନା,
ହଟାଏ ପ୍ରେମ।"

- ସାର୍ଲୋଟ୍ ବ୍ରୋଣ୍ଟି

ସାର୍ଲୋଟ୍ ବ୍ରୋଣ୍ଟିଙ୍କ ଜନ୍ମ ୨୧ ଏପ୍ରିଲ ୧୮୧୬ରେ ଓ ପରଲୋକ ୩୧ ମାର୍ଚ୍ଚ ୧୮୫୫ରେ, ଇଂଲଣ୍ଡରେ। ସେ ଏକାଧାରରେ କବିତା ଓ ଉପନ୍ୟାସ ଲେଖନ୍ତି। 'Jane Eyre'(୧୮୪୭) ବ୍ରୋଣ୍ଟିଙ୍କ ସବୁଠୁଁ ପ୍ରସିଦ୍ଧ ଉପନ୍ୟାସ। 'କୁରେର୍ ବେଲ୍' ଛଦ୍ମନାମରେ ଏହା ପ୍ରଥମେ ପ୍ରକାଶ ପାଇଥିଲା। 'ଶିର୍ଲେ' (୧୮୪୯), 'ଭିଲେଟ୍ଟେ' (୧୮୫୩) ଓ 'ଦ ପ୍ରଫେସର' (୧୮୫୭) ତାଙ୍କର ଅନ୍ୟ ଚର୍ଚ୍ଚିତ ରଚନା। 'Jane Eyre'କୁ ଇଂଲିଶ୍ ସାହିତ୍ୟରେ ଧ୍ରୁପଦ ସୃଷ୍ଟି ଭାବେ ବିବେଚନା କରାଯାଏ। ବ୍ରୋଣ୍ଟି କହନ୍ତି: "ମୋତେ ରାତି ଭଲଲାଗେ, କାରଣ ରାତିରେ ହିଁ ତାରାମାନେ ଦେଖାଯା'ନ୍ତି।"

## ମାଆ

**ଲଘୁଗଳ୍ପ**

ସନ୍ତୋଷ ମିଶ୍ର

ସୁବୋଧ ପରିବା ଓ ସଉଦାପତ୍ର ଦେଇସାରିବା ପରେ ମାଆ କହିଲେ- ଚାଉଳ ପାଛୁଡ଼ା ହୋଇ ରହିଛି। ନବା ପାଇଁ ବ୍ୟାଗ୍ ଆଣିଚୁ ତ। ସୁବୋଧ କହିଲା- ହଁ, ଅରୁଆ, ଉଷୁନା ଅଲଗା ଅଲଗା ନେବା ପାଇଁ ଦୁଇଟା ବ୍ୟାଗ୍ ଆଣିଚି। ମାଆ ବ୍ୟାଗ୍‌ରେ ଚାଉଳ ଭର୍ତ୍ତି କରିସାରିବା ପରେ ସୁବୋଧ ପଚାରିଲା- ମା' ଚାଉଳ ଏମିତି ଭାଙ୍ଗିଯାଇଛି କାହିଁକି? ମାଆ ହସିହସି କହିଲେ- ଆରେ, ସେଗୁଡ଼ା ଅରୁଆଚାଉଳ। ପିଠା କରିବା ପାଇଁ ଦେଇଛି। ଅଭଙ୍ଗା ଚାଉଳ ଉଷୁନା ଭାତ ରାନ୍ଧି ଖାଇବା ପାଇଁ। ଛାଡ଼, ତୁ ସେ କଥା ବୁଝିପାରିବୁ ନାହିଁ। ବୋହୂକୁ କହିବୁ। ସେ ବୁଝେଇଦେବ। ସୁବୋଧ କହିଲା- ତୁ କହିଲୁ ପରା! ମୁଁ କ'ଣ ବୁଝିପାରୁନି! ଗୋଟାଚାଉଳ ହେଲା ଉଷୁନା। ଆଉ ଭଙ୍ଗାଚାଉଳ ଅରୁଆ। ପିଠା ପାଇଁ।

ଥରେ ବଡ଼ଭାଇ ପୁଅର ବ୍ରତୋପନୟନ ଉପଲକ୍ଷେ ସପରିବାର ବାରିପଦା ଯାଇଥିଲା ସୁବୋଧ। ଲକ୍ଷ୍ୟକଲା ବ୍ରତଘର ବେଦି ଉପରେ ବସି ବ୍ରାହ୍ମଣ ଅରୁଆଚାଉଳ ବରାଦ କରନ୍ତେ ଭାଉଜ ଗୋଟାଚାଉଳ ଦେଉଛନ୍ତି। ବେଦି ପାଖରୁ ଭାଉଜ ଚାଲିଯିବା ପରେ ସୁବୋଧ ପଚାରିଲା- ଭାଉଜ! ତୁମେ ଅରୁଆଚାଉଳ ବଦଳରେ ବ୍ରାହ୍ମଣକୁ ଉଷୁନାଚାଉଳ ଦେଉଛ କାହିଁକି? ଭାଉଜ ହସିଲେ। କହିଲେ- ସେଗୁଡ଼ାକ ଅରୁଆଚାଉଳ। ମାଆ ଗାଁରୁ ପଠାଇଛନ୍ତି।

ଭାଉଜଙ୍କୁ ଅନାଇ ନିର୍ବୋଧଙ୍କ ଭଳି ହସୁଥିଲା ସୁବୋଧ।

(ଦୁଇ)

ବେଳେବେଳେ ମାଆ ଛାତିରେ ହାତ ପିଟି କହୁଥିଲେ- ମୋର ଦୁଇ ଆଖି ହେଲେ ଦୁଇ ପୁଅ। ଛେଳିବିକା ଟଙ୍କାଠୁଁ ଧାନବିକା ଟଙ୍କା, ସବୁ ଦୁଇଭାଗ ହେବ। ହେଲେ ମାଡ଼କୁ ମହାଦେବଙ୍କ ଡର। କିଛିଦିନ ପରେ ମାଆ, ବଡ଼ଭଉଣୀ, ବଡ଼ପୁଅ ଗାଁକୁ ଆସି ମାଆଙ୍କ ନାଁରେ ଗ୍ରାମ୍ୟ ବ୍ୟାଙ୍କ୍‌ରେ ଗଚ୍ଛିତ ଥିବା ସମସ୍ତ ଟଙ୍କା କାଢ଼ିନେଇ ଚାଲିଗଲେ।

ପୁଅ କହିଲା- ମାଆର ଚିକିତ୍ସା ବାବଦକୁ ଖର୍ଚ୍ଚ ମିଳିଗଲା।

ମାଆ କହିଲେ- ଜମିବାଡ଼ି ବିକି, ଘର ବନ୍ଧାପକେଇ ପୁଅକୁ ଡାକ୍ତରକଲି। ଭଲ ଫଳ ମିଳିଲା। ଆଉ ଗୋଟେ ପୁଅ ପ୍ରତି ଯୋଉ ଅନ୍ୟାୟ, ଅବିଚାର କଲି; ତା'ର ଫଳ ଭୋଗିବାକୁ ପଡ଼ିବ। ତା'ପରେ ଈଶ୍ୱରଙ୍କୁ ପ୍ରଣିପାତ କରି କହିଲେ- ପ୍ରଭୁ! ମୋତେ କ୍ଷମା କର!

(ତିନି)

ମାଆଙ୍କ ଅସୁସ୍ଥତା ଖବର ପାଇ ଡାକ୍ତରଖାନାରେ ପହଞ୍ଚିଲା ସୁବୋଧ। ଦେଖିଲା ଆଖିବୁଜି ନିଶ୍ଚଳ ହୋଇ ଶୋଇ ରହିଛନ୍ତି ମାଆ। ପୁଅ, ବୋହୂ ଆଉ ବଡ଼ଝିଅ ଟିକିଏ ଦୂରରେ ବସିଥିଲେ। ମାଆ ପାଖରେ ବସି ସୁବ୍ରତ ଡାକିଲା- ମାଆ! ଯେମିତି ଅପେକ୍ଷା କରି ରହିଥିଲେ ମାଆ। ସାମାନ୍ୟ ଆଖି ଖୋଲି ଚାହିଁଲେ। ସୁବ୍ରତ କହିଲା- ମାଆ, ଭଲ ଲାଗୁଚି ତ! ମାଆ କିଛି କହିଲେନି। ସୁବ୍ରତ ଲକ୍ଷ୍ୟ କଲା ମାଆ ଗାଲରେ ରକ୍ତାକ୍ତ ନଖଚିହ୍ନ। ଆଶ୍ଚର୍ଯ୍ୟ ହୋଇ ପଚାରିଲା- ଆରେ, ମାଆ ଗାଲରେ ରକ୍ତ କେମିତି ଲାଗିଲା। ସମସ୍ତେ ନିରୁତ୍ତର। ତା'ପରେ ଦେଖିଲା ମାଆ ପିନ୍ଧିଥିବା ସୁନା ଗହଣା- ହାର, କାନଫୁଲ, ଚୁଡ଼ି ଇତ୍ୟାଦି କିଛି ହେଲେ ନାହିଁ। କେବଳ ହାତରେ ଦୁଇଟି ମୁଦି। ପଚାରିଲା- ମାଆର ଗହଣା କୁଆଡ଼େଗଲା। ସମସ୍ତେ ମୂକ, ନିର୍ବାକ୍। ସୁବ୍ରତ ମାଆ ମୁହଁକୁ ଚାହିଁଲା। ମାଆର ଆଖି ଦୁଇଟି ବନ୍ଦ ହୋଇଯାଇଛି। ଆଖିକୋଣ ଦେଇ ବହିଆସୁଚି ଧାରଧାର ଲୁହ। ସୁବ୍ରତ ପୁଣି ଡାକିଲା- ମାଆ, ମାଆ... କ'ଣ ହେଲା ଆଖି ଖୋଲୁନି କାହିଁକି।

କିଛି ଦୂରରେ ବସିଥିବା ଡାକ୍ତର ପୁଅ ଦୌଡ଼ି ଆସି ମାଆକୁ ପରୀକ୍ଷା କରି କହିଲା- ମାଆ ଆଉ ନାହିଁ।

ସୁବ୍ରତ କହିଲା- ମାଆ ତ ଏଇ କିଛି ସମୟ ଆଗରୁ ଚାହିଁଥିଲା। ନାହିଁ ପୁଣି କ'ଣ!

ଡାକ୍ତର ପୁଅ ଗମ୍ଭୀର ହୋଇ କହିଲା- ତା' ଦେହ ସିନା ଏଠି। ହେଲେ ଆତ୍ମା ଆରପାରିରେ।



ବଡ଼ବୋହୂ ବ୍ୟସ୍ତ ହୋଇ ଉଠିଆସିଲା। ମାଆ ଡାହାଣ ହାତ ଆଙ୍ଗୁଠିରୁ ସୁନାମୁଦି କାଢ଼ି ନେଇ କହିଲା- ମାଆଙ୍କର ବହୁତ ସେବା କରିଥିଲି ତ। କହିଥିଲେ- ମଲା ପରେ ମୋ' ମୁଦିଟା ତୁ ନେବୁ। ସୁବ୍ରତ ମନେମନେ ଭାବୁଥିଲା- ତମେ ତ ସେବା କରିବା କଥା ଆମେ ଦେଖିନୁ, ଜାଣିନୁ କିମ୍ବା ଶୁଣିନୁ। ତା'ଛଡ଼ା ସେବା ପାଇଁ ସାମାନ୍ୟ ମୁଦି କ'ଣ ତମେ ତ ନୋବେଲ ପ୍ରାଇଜ୍ ପାଇବା କଥା। ତା'ପରେ ବଡ଼ଝିଅ ମାଆ ହାତରୁ ଆଉ ଗୋଟିଏ ମୁଦି କାଢ଼ିନେଇ କହିଲା- ଏଇଟା ମୋ' ମାଆର ସନ୍ତକ। ସ୍ମୃତି ଚିହ୍ନ!

ସୁବ୍ରତ ଚିତ୍କାର କରିବାକୁ ଯାଉଥିଲା- ଆରେ ଲୋକଟା ଠିକ୍‌ରେ ମରିନାହିଁରେ। ଟିକେ ଅପେକ୍ଷା କର। ଭଲଭାବେ ମରିସାରୁ। ତା'ପରେ ନବ। ତା'ର ସବୁ ଟଙ୍କା, ସୁନା ଗହଣା ତ ହଡ଼ପ କରିସାରିଚ। ଆଉ ଯାହା ଅବଶେଷ... ତମେ ନବନି ତ ଆଉ ନବ କିଏ? ଯେତେ ଚେଷ୍ଟା କଲେ ବି ଆଉ କ'ଣ କେହି ନେଇପାରିବ! ତମେ ପରା ମଲାବେଳେ ସବୁ ସାଙ୍ଗରେ ନେଇକି ଯିବ! ହେଲେ ସୁବୋଧ ପାଟିରୁ ପଦଟିଏ ବି କଥା ବାହାରିଲାନି। ସବୁ ପେଟ ଭିତରେ ମିଳେଇ ଗଲା!

- ଉଦଳା, ମୟୂରଭଞ୍ଜ
ମୋ: ୯୪୩୯୨୯୫୦୦୯




**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ଦିଲ୍ଲୀ**
**ସ୍ଥାନ: ବେଙ୍ଗାଲୁରୁ**
**ସମୟ: ଅପରାହ୍ଣ ୩.୩୦**

**ହାଇଦ୍ରାବାଦ ବନାମ ଚେନ୍ନାଇ**
**ସ୍ଥାନ: ହାଇଦ୍ରାବାଦ**
**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଆରମ୍ଭ

**ଭୁବନେଶ୍ୱର, ୧୭।୪ (ତପନ ସ୍ୱାଇଁ)**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାର ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଆରମ୍ଭ ହୋଇଛି। ଆସୋସିଏଶନ ସମ୍ପାଦକ ସମୀର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ୬ ପକେଟ୍ସ କ୍ଲବ ମାଲିକ ଚେତନ ଆନନ୍ଦ ଏବଂ ଖେଳାଳିଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୩୬ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଟ୍ରଫି ସହ ଚାମ୍ପିୟନଙ୍କୁ ୧୫୦୦୦, ରନରଅପ୍‌ଙ୍କୁ ୭୫୦୦, ସେମିଫାଇନାଲିଷ୍ଟଙ୍କୁ ୫୦୦୦ ଓ ସର୍ବାଧିକ ବ୍ରେକ୍ ପଏଣ୍ଟ ପାଇଁ ୨୫୦୦ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ମଧ୍ୟରେ ରାକେଶ ରୋଶନ ପ୍ରଧାନ ୨-୦ରେ ନସରୁର ରହିମ, ଶିବପ୍ରସାଦ ସେଠୀ ୨-୦ରେ ସୁଦୀପ୍ତ ଦାଶ, ଜ୍ଞାନ ଦାସ ୨-୦ରେ ଆଦିତ୍ୟ ନାରାୟଣ, ନିଶାନ୍ତ ବିଶ୍ୱାଳ ୨-୦ରେ ଶୁଭାଶିଷ ସେଠୀ, ଚେତନ ଆନନ୍ଦ ୨-୦ରେ ନିଶି ପ୍ରକାଶ ଦାସ, ସମୀର ମିଶ୍ର ୨-୦ରେ ଚିରଞ୍ଜୀବ ସିଂ, ଆରୋନ ଆନିୟାନ ୨-୦ରେ ଅମିତ ସିଂ, ଗୋବିନ୍ଦ ଶର୍ମା ୨-୧ରେ ସାଇ କ୍ରିଷ୍ଣା ଲେଙ୍କା, ଶ୍ୟାମ ଅଗ୍ରୱାଲ ୨-୦ରେ ସୟଦ ଅଲତାଫ ଅଲୀ, ଜୀତେଶ ଷଡ଼ଙ୍ଗୀ ୨-୦ରେ ଅବିନାଶ ମହାପାତ୍ର ଏବଂ ବିଶେଷ ସିଂହଲ ୨-୦ରେ ଉଦୀପ୍ତ ରଥଙ୍କୁ ପରାସ୍ତ କରିଛନ୍ତି।

# ଓଡ଼ିଶା ଏଫ୍‌ସି-ମହମ୍ମଡ଼ାନ ମ୍ୟାଚ ଡ୍ର

**ଭୁବନେଶ୍ୱର, ୧୭।୪ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଏବଂ ମହମ୍ମଡ଼ାନ ଏସ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଏକ ମ୍ୟାଚ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ ବଲ୍‌କୁ ଅଧିକାଂଶ ସମୟ ନିଜ ଅକ୍ତିଆରରେ ରଖିଥିବା ଓଡ଼ିଶା ଦଳ ଭି.ପି. ସୁହେର (୪୦ତମ ମିନିଟ)ଙ୍କ ଗୋଲ୍ ବଳରେ ୧-୦ରେ

**ଇଣ୍ଡିଆନ ସୁପର ଲିଗ୍**

ଅଗ୍ରଣୀ ଲାଭ କରିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ମହମ୍ମଡ଼ାନ ଏସ୍‌ସି ମ୍ୟାଚକୁ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ୫୭ତମ ମିନିଟରେ ଆଡିସନ ସିଂଙ୍କ ଗୋଲ୍‌ରେ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚରେ ଓଡ଼ିଶା ଦଳକୁ ୮ ଏବଂ ମହମ୍ମଡ଼ାନ ଏସ୍‌ସିକୁ ୨ କର୍ଣ୍ଣର ସୁଯୋଗ ମିଳିଥିଲା। ଶୁକ୍ରବାରର ଏହି ମ୍ୟାଚ ପରେ ଓଡ଼ିଶା ୭ଟି ମ୍ୟାଚରୁ ୬ ପଏଣ୍ଟ ସହ ଟେବୁଲର ଦ୍ୱାଦଶ ସ୍ଥାନରେ ରହିଥିବା ବେଳେ ମହମ୍ମଡ଼ାନ ଏସ୍‌ସି ୮ଟି ମ୍ୟାଚରୁ ମାତ୍ର ୧ ପଏଣ୍ଟ ସହ ପଏଣ୍ଟ ଟେବୁଲ ଅନ୍ତିମ ଅର୍ଥାତ ୧୪ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଚେନ୍ନାଇଠାରେ ଖେଳାଯାଇଥିବା ଆଇଏସ୍‌ଏଲ୍‌ର ଅନ୍ୟ ଏକ ମ୍ୟାଚରେ ଚେନ୍ନାଇନ ଏଫ୍‌ସି ୧-୦ ଗୋଲ୍‌ରେ ଏସ୍‌ସି ଦିଲ୍ଲୀକୁ ହରାଇ ଦେଇଛି। ଦଳ ତରଫରୁ ଫାରୁଖ ଚୌଧରୀ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଚେନ୍ନାଇନ ଦଳ ୮ ପଏଣ୍ଟ ସହ ୧୦ମ ସ୍ଥାନରେ ରହିଥିବା ବେଳେ ଦିଲ୍ଲୀ ସମାନ ୮ ପଏଣ୍ଟ ସହ ଗୋଲ୍ ବ୍ୟବଧାନ ଭିତ୍ତିରେ ୯ମ ସ୍ଥାନରେ ଅଛି।



ଗୋଲ ସ୍କୋର ପରେ ଭି.ପି. ସୁହେର। (ଫଟୋ: ବିକାଶ ନାୟକ)

# ଗୁଜରାଟକୁ ଜିତାଇଲେ ଗିଲ୍

**ଅହମଦାବାଦ, ୧୭।୪**

ଅଧିନାୟକ ଶୁବମନ ଗିଲ୍ ଚମତ୍କାର ବ୍ୟାଟିଂ କରି ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସକୁ ବିଜୟୀ କରିଛନ୍ତି। ଗିଲ୍‌ଙ୍କ ୮୬ (୫୦ ବଲ, ୮ ଚୌକା, ୪ ଛକା) ରନ ବଳରେ ଗୁଜରାଟ ୫ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। କାମେରନ ଗ୍ରୀନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ କୋଲକାତା ୨୦ ଓଭରରେ ୧୮୦ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଗୁଜରାଟ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ନେଇଥିଲା। ୫ ମ୍ୟାଚରୁ ଗୁଜରାଟର ଏହା ତୃତୀୟ ବିଜୟ ହୋଇଥିବାବେଳେ ୬ ମ୍ୟାଚରୁ କୋଲକାତାର ୫ମ ପରାଜୟ। ଟସ୍ ଜିତି ବ୍ୟାଟିଂ ନେଇଥିବା କୋଲକାତା ମାତ୍ର ୩୨ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। କାଗିସୋ ରାବାଡ଼ା ଓ ମହମ୍ମଦ ସିରାଜ ଆରମ୍ଭରେ ଚମତ୍କାର ବୋଲିଂ କରି ଏହି ବିପର୍ଯ୍ୟୟ ଘଟାଇଥିଲେ। ମଧ୍ୟଭାଗରେ ବ୍ୟାଟରମାନେ ଭଲ ବ୍ୟାଟିଂ କରିଥିଲେ। ତେବେ ଗୋଟିଏ ପଟରେ କାମେରନ ଗ୍ରୀନ୍ ଲଢ଼େଇ ଜାରି ରଖିଥିଲେ ମଧ୍ୟ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ନାଇଟ ରାଇଡର୍ସ ସ୍କୋର ୧୮୦ରେ ସୀମିତ ରହି ଯାଇଥିଲା। ଥରେ ଜୀବନଦାନ ପାଇଥିବା ଗ୍ରୀନ୍ ୫୫ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୪ ଛକା ସହାୟତାରେ ୭୯ ରନକରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। କୋଲକାତାର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ରୋଭମାନ ପାୱେଲ ୨୭ ରନର ଯୋଗଦାନ ଦେଇଥିଲେ। ଗୁଜରାଟ ଦଳ ପକ୍ଷରୁ କାଗିସୋ ରାବାଡ଼ା ସର୍ବାଧିକ ୩ଟି, ମହମ୍ମଦ ସିରାଜ ଓ ଅଶୋକ ଶର୍ମା ୨ଟି ଲେଖାଏ ଏବଂ ପ୍ରସିଦ୍ଧ କ୍ରିଷ୍ଣା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୮୦/ଅଲ୍‌ଆଉଟ (କାମେରନ ଗ୍ରୀନ୍-୭୯, ରୋଭମାନ ପାୱେଲ-୨୭, କାଗିସୋ ରାବାଡ଼ା-୩/୨୯, ମହମ୍ମଦ ସିରାଜ-୨/୨୩, ଅଶୋକ ଶର୍ମା-୨/୪୫, ପ୍ରସିଦ୍ଧ କ୍ରିଷ୍ଣା-୧/୩୨, ରଶିଦ ଖାଁ-୧/୪୪)। ଗୁଜରାଟ ଟାଇଟନ୍ସ ୧୯.୪ ଓଭରରେ ୧୮୧/୫ (ଶୁବମନ ଗିଲ୍-୮୬, ଜୋଶ ବଟଲର-୨୫, ବରୁଣ ଚକ୍ରବର୍ତ୍ତୀ-୨/୩୪, ସୁନୀଲ ନାରିନ-୧/୨୮, ବୈଭବ ଆରୋରା-୧/୩୫, ରମଣଦୀପ ସିଂ-୧/୫)।



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

# ତଦନ୍ତ କରୁଛି ଆଇସିସିର ଦୁର୍ନୀତି ନିବାରଣ ଶାଖା

**ନୂଆଦିଲ୍ଲୀ, ୧୭।୪ (ପି.ଟି.)**

କ୍ରିକେଟ କାନାଡା ଦୁର୍ନୀତି ନିବାରଣ ଆଚରଣ ସଂହିତାର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୁର୍ନୀତି ନିବାରଣ ଶାଖା (ଏସିୟୁ) ତରଫରୁ ଏହାର ତଦନ୍ତ କରାଯାଉଛି। ଫେବୃଆରୀ ୧୭ରେ ଚେନ୍ନାଇରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଏହି ଦଳର ପରାଜୟକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଚେପକ୍‌ରେ ଅନୁଷ୍ଠିତ ଏହି ମ୍ୟାଚରେ କାନାଡା ୮ ଉଇକେଟରେ ପରାଜିତ ହୋଇଥିଲା। ସଦ୍ୟ ପ୍ରସାରିତ ଏକ ଡକ୍ୟୁମେଣ୍ଟାରିରେ

**ନ୍ୟୁଜିଲାଣ୍ଡ-କାନାଡା ଟି୨୦ ବିଶ୍ୱକପ୍ ମ୍ୟାଚ**

ଦୁର୍ନୀତି ଅଭିଯୋଗ ଆସିବା ପରେ ଆଇସିସିର ଦୁର୍ନୀତି ନିବାରଣ ଶାଖା ଦ୍ୱାରା ଯାଞ୍ଚ ପରିସରକୁ ଆସିଛି। ମ୍ୟାଚରେ କାନାଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫.୧ ଓଭରରେ ୭ ଉଇକେଟ ବିନିମୟରେ ୧୭୩ ରନ କରିଥିଲା। ଗ୍ଲେନ ଫିଲିପ୍ସ (୩୯ ବଲ୍‌ରୁ ୫୯ ନଟଆଉଟ) ଓ ରାଚିନ ରବୀନ୍ଦ୍ର ୩୬ ବଲ୍‌ରୁ ଅପରାଜିତ ୭୬ ରନ) ଚମତ୍କାର ବ୍ୟାଟିଂ କରି ସୁପର-୮ରେ ନ୍ୟୁଜିଲାଣ୍ଡର ସ୍ଥାନ ପକ୍କା କରିଥିଲେ। କ୍ରିକେଟ କାନାଡା ବିପକ୍ଷରେ ବିରୋଧରେ ଆଗତ ଏକାଧିକ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଛି। କେବଳ ଅନ୍ତର୍ଜାତୀୟ ସ୍ତରରେ ନୁହେଁ ଘରୋଇ ସ୍ତର କ୍ରିକେଟରେ ମଧ୍ୟ ଦୁର୍ନୀତି ଚାଲିଛି। ଗତ ଶୁକ୍ରବାର କାନାଡିଆନ ବ୍ରଡକାଷ୍ଟିଂ ସର୍ଭିସ (ସିବିଏସ୍)ରେ ' ଦି ଫିଫ୍ଥ ଇଷ୍ଟେଟ' ଶୀର୍ଷକ ଏକ ୪୩ ମିନିଟର ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହୋଇଥିଲା। ଏଥିରେ କ୍ରିକେଟ କାନାଡା କିପରି ଦୁର୍ନୀତିରେ ବୁଡ଼ି ରହିଛି ସେ ବିଷୟରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହକୁ ଭିତ୍ତିକରି ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍‌ମ୍ୟାଚ୍‌ରଯାଞ୍ଚକରାଯାଉଛି।

# ରେକର୍ଡ ଲକ୍ଷ୍ୟରେ ୭ ବର୍ଷୀୟ ଇଶାଙ୍କ

**ରାଞ୍ଚି, ୧୭।୪**

ରାଞ୍ଚିର ୭ ବର୍ଷୀୟ ବାଳକ ଇଶାଙ୍କ ଶ୍ରୀଲଙ୍କାରୁ ଭାରତ ପର୍ଯ୍ୟନ୍ତ ପହଁରି ବିଶ୍ୱ ରେକର୍ଡ ସ୍ଥାପନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ୩୦ କିଲୋମିଟର ସମୁଦ୍ର ଯାତ୍ରା କରିବା ପାଇଁ ସେ ପ୍ରତିଦିନ କଠିନ ପରିଶ୍ରମ କରି ଅଭ୍ୟାସ କରୁଛନ୍ତି। ରାମେଶ୍ୱରମ୍‌ରୁ ଆରମ୍ଭ ହେଉଥିବା ଏହି ମିଶନ ମାଧ୍ୟମରେ

**ଶ୍ରୀଲଙ୍କାରୁ ପହଁରି ଭାରତ ଫେରିବେ**

ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲିପିବଦ୍ଧ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୭ ବର୍ଷ ବୟସରେ ସମୁଦ୍ର ତରଙ୍ଗକୁ ଜୟ କରିବାର ସ୍ୱପ୍ନ ସାଧାରଣତଃ ଦୁରୂହ ବ୍ୟାପାର। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଦ୍ୱାରା ଇଶାଙ୍କ ଶ୍ରୀଲଙ୍କାର ତଲାଇମନ୍ନାରରୁ ଭାରତକୁ ପହଁରିବା ପାଇଁ ଏକ ମିଶନ ଆରମ୍ଭ କରିଛନ୍ତି। ତାଙ୍କର ଲକ୍ଷ୍ୟ କେବଳ ଏହି କଷ୍ଟକର ସମୁଦ୍ର ପଥକୁ ଜୟ କରିବା ନୁହେଁ ବରଂ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ପାଇଁ ସ୍ଥାନ ସୁରକ୍ଷିତ କରିବା। ସେ ସମ୍ପ୍ରତି ଡିଏଭି ଶ୍ୟାମଳୀରେ ତୃତୀୟ ଶ୍ରେଣୀର ଛାତ୍ର। ଲକ୍ଷ୍ୟ ହାସଲ ପାଇଁ କଠୋର ତାଲିମ ନେଉଥିବା ଇଶାଙ୍କ ପାଣିରେ ଘଣ୍ଟା ଘଣ୍ଟା ଅଭ୍ୟାସ କରୁଛନ୍ତି। ତାଙ୍କର ଦୁଃସାହସିକ ଯାତ୍ରା ଏପ୍ରିଲ ୨୯ରେ ରାମେଶ୍ୱରମ୍‌ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ଅଛି। ଏଥିପାଇଁ ସେ ଏପ୍ରିଲ ୨୨ରେ ରାମେଶ୍ୱରମ୍ ଯିବେ। ଏପ୍ରିଲ ୩୦ରେ ତାଙ୍କ ପରିବାର ଏବଂ ସୁଇମିଂ ଟିମ୍ ରାମେଶ୍ୱରମ୍‌ରୁ ଶ୍ରୀଲଙ୍କାର ତଲାଇମନ୍ନାର ଅଭିମୁଖେ ଜାହାଜରେ ଯାତ୍ରା କରିବେ। ସେହି ୩୦ ତାରିଖରେ ଆନୁଷ୍ଠାନିକ ଭାବରେ ତଲାଇମନ୍ନାରରୁ ଅଭିଯାନ ଆରମ୍ଭ କରିବେ ଇଶାଙ୍କ। ୨୭ କିଲୋମିଟର ଦୂରତା ଅତିକ୍ରମ କରି, ଇଶାଙ୍କ ସମୁଦ୍ର ପାର ହୋଇ ଭାରତର ଧନୁଷକୋଡିରେ ପହଞ୍ଚିବେ। ବଡ଼ ଲକ୍ଷ୍ୟ ହାସଲ ପାଇଁ ଇଶାଙ୍କ ସମ୍ପ୍ରତି ଧୁରୱା ଡ୍ୟାମ୍‌ରେ ୪ରୁ ୫ ଘଣ୍ଟା ଅଭ୍ୟାସ କରୁଛନ୍ତି। ଏହି ଅବସରରେ ସେ ପ୍ରତିଦିନ ୧୫ ରୁ ୨୦ କିଲୋମିଟର ଦୂରତା ପହଁରୁଥିବା ତାଙ୍କ ମା' ମନୀଷା ପ୍ରକାଶ କରିଛନ୍ତି। ଇଶାଙ୍କଙ୍କ ପ୍ରଶିକ୍ଷକ ଅମନ କୁମାର ଜୟସୱାଲ ଓ ବଜରଙ୍ଗ କୁମାର ତାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ବାପା ସୁନୀଲ କୁମାରଙ୍କ ମାର୍ଗ ଦର୍ଶନରେ ଇଶାଙ୍କ ଅଢ଼େଇ ବର୍ଷରୁ ପହଁରି ଆସୁଥିବା ମନୀଷା କହିଛନ୍ତି। ଇଶାଙ୍କ ପୂର୍ବରୁ ଅନେକ ଜାତୀୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରମାଣିତ କରିସାରିଛନ୍ତି। ଫେବୃଆରୀ ୨୨ରେ 'ଗେଟୱେ ଅଫ୍ ଇଣ୍ଡିଆ' ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେଠାରେ ସେ ଆରବ ସାଗରରେ ଅନୁଷ୍ଠିତ ୧ କିଲୋମିଟର ସନ୍ତରଣ ରେସ୍‌ରେ ଭାଗ ନେଇଥିଲେ। ଏହା ବ୍ୟତୀତ ଜିଲା ସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ କ୍ରମାଗତଭାବେ ଉତ୍କୃଷ୍ଟ ପ୍ରଦର୍ଶନ କରି ଆସୁଛନ୍ତି।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ Business queries: <advt@dharitri.com>